ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଫେବୃଆରୀ ୨୦୨୧ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା



Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ବସନ୍ତ ପଞ୍ଚମୀ ଏବଂ ସରସ୍ୱତୀ ପୂଜା ଉପଲକ୍ଷେ ସମସ୍ତ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| କାହାଣୀ ବିଭାଗ | | ୧୭ |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ | ଅଶୋକ ବିଶ୍ୱାଳ | ୧୮ |
| ସେଇ ଅନ୍ଧାର ରାତିରେ | ବିଜୟ କୁମାର ପଣ୍ଡା | ୨୮ |
| ମୁଇଁ ତ ଗରିବ ଛାତ୍ର | ମହେଶ୍ୱର ସାହୁ | ୩୦ |
| ପିକ୍‌ନିକ୍ | ମଞ୍ଜୁରାଣୀ ମିଶ୍ର | ୩୭ |
| ଦୁଃଖିନୀ କପୋତୀ | କବିତା ମିଶ୍ର | ୪୨ |
| ପ୍ରେମର ଅନ୍ୟନାମ ପ୍ରତାରଣା | ସରୋଜ କୁମାର ଜେନା | ୪୫ |
| ସବୁ ନାରୀ କଣ ସମାନ ? | ଗଦାଧର ବଳ | ୫୨ |
| ନବିନା ବା’ | ସତ୍ୟପ୍ରକାଶ ସେଠୀ | ୫୭ |
| ସାଥି ଦେଇଗଲା ଆଖିରେ ଲୁହ | ଦୁଷ୍ମନ୍ତ ବେହେରା | ୬୫ |
| ପ୍ରଥମ ସ୍ପର୍ଶ | ବାସନ୍ତୀଲତା ଜେନା | ୭୦ |
| ଦିବ୍ୟାଲୋକ | ସୂର୍ଯ୍ୟକାନ୍ତ ମଲ୍ଲିକ | ୭୩ |
| ମୋ ମନ କଥା ତୋ ପାଇଁ | ବିରଞ୍ଚି ନାରାୟଣ ମିଶ୍ର | ୭୭ |
| ରେଶମୀ ରୁମାଲ | ମହମ୍ମଦ ହନିଫ୍ ଶାହ୍ | ୭୯ |
| ମୁଖାଗ୍ନି | ନିତ୍ୟରଞ୍ଜନ ନନ୍ଦ | ୮୨ |
| ପରିବର୍ତ୍ତନ | ପୀତବାସ ମାଝୀ | ୮୬ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଛାୟାରାଣୀ | ପ୍ରଦୀପ କୁମାର ଜିଲିକାରା | ୯୮ |
| ତକିଆ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୦୨ |
| କବିତା ବିଭାଗ | | ୧୦୬ |
| ଅମରଜ୍ୟୋତି କାବ୍ୟସ୍ୱୟମ୍ବର | ଦେବଦତ୍ତ ସୁନା | ୧୦୭ |
| ମା ସରସ୍ୱତୀ | ସମ୍ୟଜିତ ପାତ୍ର | ୧୦୯ |
| ମା ସରସ୍ୱତୀ | ରାଜେନ୍ଦ୍ର ବୋଡ଼କିଆ | ୧୧୦ |
| ବିଦ୍ୟାଦାୟିନୀ | ସତ୍ୟନାରାୟଣ ମିଶ୍ର | ୧୧୨ |
| ଦୀପାଳୀ | ଝରଣା ବାରିକ | ୧୧୩ |
| କିଛି ଭଲକାମ କର | ହରେରାମ ପଣ୍ଡା | ୧୧୪ |
| ମୁଁ ନାରୀ | ମଧୁସ୍ମିତା ମାଝୀ | ୧୧୫ |
| ପ୍ରଥମ କବିତା | ଅଜୟ କୁମାର ଜେନା | ୧୧୬ |
| ଦୁଃଖ | ସୁଶୀଳ କୁମାର ଭୋଇ | ୧୧୮ |
| ଏଇ ତ ଆମ ଗାଁ | ଅନନ୍ତ ପଟେଲ | ୧୨୧ |
| ସମ୍ପର୍କ | ରାମଚନ୍ଦ୍ର ପ୍ରଧାନ | ୧୨୨ |
| ଦମନ | ଅଲେଖ ମେହେର | ୧୨୩ |
| ଆଜିର ଜୀବନ | ରୁଦ୍ର ନାରାୟଣ ଦାଶ | ୧୨୪ |
| ଜୀବନେ ଆସିବ ଝଡ଼ | ନରେନ୍ଦ୍ର ପ୍ରସାଦ ବେହେରା | ୧୨୫ |
| ସେ | ଲିପ୍ସାଲୋପା ଜେନା | ୧୨୭ |
| ସେ | ଲୋପାମୁଦ୍ରା ବାରିକ | ୧୨୯ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଭାବେ ମୁଁ ସଙ୍ଗୀତ | ତପନ କୁମାର ସାହୁ | ୧୩୧ |
| ମଣିଷ ଜୀବନ | ଟୋନିସ୍ ରୋହିଦାସ୍ | ୧୩୩ |
| ଝରା ଲୁହ | ଦୁଷ୍ମନ୍ତ ବେହେରା | ୧୩୪ |
| ଅଫେରା ଅତୀତ | ବାସନ୍ତୀଲତା ଜେନା | ୧୩୫ |
| ଅଢ଼େଇ ଦିନ | ରାକେଶ ଷଡ଼ଙ୍ଗୀ | ୧୩୭ |
| ମାଗ | ସତ୍ୟବ୍ରତ ସାହୁ | ୧୩୮ |
| ଆସିଛି କଳ୍କୀ | ଅମରନାଥ ବାରିକ | ୧୩୯ |
| କୁନି ପକ୍ଷୀର ଗୀତ | ଚନ୍ଦ୍ରିକାରାଣୀ ପଣ୍ଡା | ୧୪୦ |
| ନିଷ୍ଠୁର ସମ୍ରାଟ | ପବିତ୍ର ସାହୁ | ୧୪୨ |
| ଅତି ଆପଣାର | ଭାଗିରଥୀ ଯାନୀ | ୧୪୪ |
| ରକ୍ତର ସଳିତା | ଏମ୍ ବିଜୟ କୁମାର | ୧୪୫ |
| ମଧୁମତି | ବିନୟ ମିଶ୍ର | ୧୪୬ |
| ପ୍ରେମ ଆଉ କବିତା | ସିଦ୍ଧେଶ୍ୱର ତ୍ରିପାଠୀ | ୧୪୮ |
| ଜୀବନର ପଥ | ଦମୟନ୍ତୀ ଜେନା | ୧୪୯ |
| ମୋ ଭାଇ | ଶୁଭକାନ୍ତ ସାହୁ | ୧୫୦ |
| ସୁପ୍ରଭାତ | ସେବକ ବସନ୍ତ କୁମାର ମହାପାତ୍ର | ୧୫୧ |
| ତୁମେ ବୁଝିପାରିବନି ଈଶ୍ୱର | ରାଜଲକ୍ଷ୍ମୀ ସାମଲ | ୧୫୨ |
| ସବୁ ତ ବଦଳେ | ଆଞ୍ଚଲ କବି | ୧୫୪ |
| ଭଗ୍ନ କୋଣାର୍କର ଖେଦ | ରୋହିତ ସେଠୀ | ୧୫୫ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଅନ୍‌ଲାଇନ୍‌ରେ ମଣିଷ | ନୂତନ କୁମାର ବେହେରା | ୧୫୬ |
| ଅଭାବୀ ମଣିଷ | ଦୁଷ୍ମନ୍ତ କୁମାର ନାଏକ | ୧୫୭ |
| ବଦଳ | ସନାତନ ମହାକୁଡ଼ | ୧୫୮ |
| ପ୍ରଭାତ | ବାଲାଜୀ ସେଠୀ | ୧୫୯ |
| ଅମୃତ ଧ୍ୱନୀ | ହେମନ୍ତ ନାଏକ | ୧୬୧ |
| ଭାଉଜ ମୋ କାଚ ମାରକା | ଶିଶିର କୁମାର ପଣ୍ଡା | ୧୬୨ |
| ଅପାରଗ | ପୁଷ୍ପାଞ୍ଜଳୀ ପଣ୍ଡା | ୧୬୩ |
| ପ୍ରେମ ସେତ ମିଠା ଜହରର ନାମ | ପଙ୍କଜ କୁମାର ମଙ୍ଗଳ | ୧୬୪ |
| ତୁମକୁ ଖୋଜେ ମୁଁ | ହେମବତୀ ସାହୁ | ୧୬୫ |
| ଗଣତନ୍ତ୍ର ଦିବସ | ଗୌରୀ ପଣ୍ଡା | ୧୬୬ |
| ମନ ଚାହେଁ | ରାଧାମୋହନ ପୂଜାହାରୀ | ୧୬୭ |
| ପ୍ରେମ ଗଭୀରତା | ଅମୂଲ୍ୟ କୁମାର ପଣ୍ଡା | ୧୬୮ |
| ବୋଉ | ବୈଦ୍ୟନାଥ ପଣ୍ଡା | ୧୬୯ |
| ଚକ୍ର ସମୟର | ସଂଜୀବ ଦାସ | ୧୭୧ |
| ମୁଁ ରାୟଗଡ଼ା ଝୁଲାପୋଲ୍ କହୁଛି | କ୍ଷୀରସିନ୍ଧୁ ନାଏକ | ୧୭୩ |
| ପ୍ରେମ ବିରହୀ | ଭାର୍ଗବୀ ମାଝୀ | ୧୭୪ |
| ଜୀବନର ଆଶା | ସ୍ୱାଗତ ମିଶ୍ର | ୧୭୫ |
| ତୁ ଗଲାପରେ | ସନ୍ତୋଷ କୁମାର ସାହୁ | ୧୭୬ |
| ଲେଉଟା ବନ୍ଧୁତ୍ୱ | ହାସ୍ୟମୟୀ ରାଜ | ୧୭୭ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ସତେ କଣ ସେଦିନ ଆସିବ | ଗଦାଧର ମହାପାତ୍ର | ୧୭୮ |
| ସୃଷ୍ଟିର ବିଡ଼ମ୍ବନା | ରଶ୍ମୀରେଖା ମଲିକ | ୧୮୧ |
| ବାପା | ରଞ୍ଜୀତ ଅରେବେଡ଼ିଆ | ୧୮୨ |
| ମୋ ଜୀବନ ନକ୍ସା ତୁମେ | କମଳ ଲୋଚନ ମଲ୍ଲିକ | ୧୮୪ |
| ମନ୍ତ୍ର ଏ ତ ସ୍ୱାଭିମାନ | ପ୍ରତିମା ମେହେର | ୧୮୫ |
| ଜୀବନ | ଆଶୁତୋଷ ମେହେର | ୧୮୬ |
| ଅସରାଏ ଅଶ୍ରୁ | ପବିତ୍ର ଦାସ | ୧୮୭ |
| ଭଗବାନଙ୍କ ସୃଷ୍ଟିରେ ଭେଦଭାବ | ରୀକ୍ଷିରାମ ମେହେର | ୧୮୮ |
| ଦିଅ ହେ ଆଶିଷ | ସରୋଜିନୀ ମିଶ୍ର | ୧୯୧ |
| ସ୍ୱପ୍ନର ଝଙ୍କାର | ପ୍ରାଚୀପ୍ରଭା ନନ୍ଦ | ୧୯୩ |
| ଲହଡ଼ି ଭାଙ୍ଗୁଥିବା ସେଇ ସ୍ମୃତି | ସ୍ମୃତିରଞ୍ଜନ ପାତ୍ର | ୧୯୪ |
| ଶିକ୍ଷା | ସରୋଜ କୁମାର ସାହୁ | ୧୯୫ |
| ଜୀବନଟା ଗୋଟେ ରାସ୍ତା | ଲିଜା ପଟେଲ | ୧୯୬ |
| ଏଇ ଆମ ଦେଶରେ | ଜଗଦୀଶ ସାହୁ | ୧୯୭ |
| ଅନୁଚିନ୍ତା ଗଣତନ୍ତ୍ର ଦିବସର | ନିରଞ୍ଜନ ସାହୁ | ୧୯୮ |
| ସିଏ ଆମ ପ୍ରିୟ | ରାଜକିଶୋର ସ୍ୱାଇଁ | ୨୦୦ |
| ଏଇ ପୃଥିବୀରେ | ଅଭିମନ୍ୟୁ ବେହେରା | ୨୦୨ |
| ତମେ ଆଉ ମୁଁ | ପ୍ରିୟଦର୍ଶୀ | ୨୦୩ |
| ଶାନ୍ତି | ଡଃ ଆଭାଞ୍ଜଳି ଶତପଥୀ | ୨୦୫ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଆ ବୋଲି ଥରେ ତମେ ଡାକ | ଡା ନୀଳମାଧବ କର | ୨୦୭ |
| ସନ୍ଦେହୀ ପ୍ରିୟତମା | ଦୀପକ ଷଡ଼ଙ୍ଗୀ | ୨୦୯ |
| ସତ୍ୟଭାମା | ଅନସୂୟା ପଣ୍ଡା | ୨୧୦ |
| ସ୍ୱାଗତ ନବବର୍ଷ | ଡମ୍ବରୁଧର ଦାଶ | ୨୧୧ |
| ଜୀବନର ସ୍ୱାଦ | ଡଃ ମନୋରଞ୍ଜନ ବିଷୋୟୀ | ୨୧୩ |
| ଏଇ ତ ଜୀବନ ରହସ୍ୟ | ଲକ୍ଷ୍ମୀକାନ୍ତ ପୃଷ୍ଟି | ୨୧୫ |
| ଗୃହଶତ୍ରୁ | କୃଷ୍ଣଚନ୍ଦ୍ର ବାରିକ | ୨୧୬ |
| ବତୀଘର | ଦୁର୍ଗାମାଧବ ମହାରଣା | ୨୧୭ |
| ଛିଃ ଛିଃ ଥୁ | ସହଦେବ ଧରୁଆ | ୨୧୮ |
| ଜପ ହରେକୃଷ୍ଣ ହରେ | କୌଶିକ ସାହୁ | ୨୧୯ |
| ତିରଙ୍ଗାର ଅଶ୍ରୁ | ସୁଧାଂଶୁ ମୋହନ ସାହୁ | ୨୨୦ |
| ଦୃଶ୍ୟାନ୍ତର | ପ୍ରହ୍ଲାଦ ସାହୁ | ୨୨୧ |
| ଶୀତୁଆ ସାୟାହ୍ନ | ଦଣ୍ଡାସି ପ୍ରଧାନ | ୨୨୩ |
| ନାରୀ ଶକ୍ତିର ଉଦୟ କେବେ ? | ପ୍ରଦୀପ କୁମାର ଜିଲିକାରା | ୨୨୮ |
| ସମ୍ବଲପୁରୀ ବିଭାଗ | | ୨୩୪ |
| ମନ୍ତ୍ରୀ ସୁଶାନ୍ତ ସିଂ | ବିଶ୍ୱନାଥ ଭୁଏ | ୨୩୫ |
| ଦରବାରୀ ବେଁଟିଆ | ସୁନୀଲ କୁମାର ଅଗସ୍ତି | ୨୩୭ |
| ମକର ମୋର୍ ମକର | ଅଞ୍ଜଳି ଆଚାର୍ଯ୍ୟ | ୨୩୮ |
| ଶୀକାରୀ | ଦେବଦତ୍ତ ସନ୍ସ | ୨୪୦ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ପ୍ରବନ୍ଧ ବିଭାଗ | | ୨୪୨ |
| ଭଗବତ୍ ଜ୍ଞାନ | ସହଦେବ ପ୍ରଧାନ | ୨୪୩ |
| ଭୀମଭୋଇଙ୍କ ଅମୃତବାଣୀ | ପ୍ରହ୍ଲାଦ ସାହୁ | ୨୫୬ |
| ଅହଂଭାବ | ପଙ୍କଜ କୁମାର ପାଣିଗ୍ରାହୀ | ୨୬୧ |
| ନାରୀ ଶକ୍ତି ସଦା ବନ୍ଦନୀୟା | ବାସନ୍ତୀଲତା ଜେନା | ୨୬୬ |
| ଜନସଂଖ୍ୟା ବିସ୍ଫୋରଣ | ନିଗମ କୁମାର ବେହେରା | ୨୬୯ |
| ଓଡ଼ିଆ ସାହିତ୍ୟର ଇତିହାସ | ପୁଷ୍ପଲତା ସାହୁ | ୨୭୭ |
| ସମୟର ଖେଳ | ପ୍ରଜ୍ଞାଭାରତୀ ପାଣି | ୨୮୦ |
| ନେତାଜୀଙ୍କ ଫାଇଲ୍ ଡି | ଅଭିମନ୍ୟୁ ବେହେରା | ୨୮୨ |
| ଭ୍ରମ ଧାରଣା | ସତ୍ୟନାରାୟଣ ମିଶ୍ର | ୨୮୫ |
| ବିଶେଷ ସୂଚନା | | ୨୮୭ |


ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ଼କାଷ୍ଟ ସେବା ବର୍ତ୍ତମାନ ଅନେକ ପ୍ଲାଟଫର୍ମ ଯଥା ସ୍ପଟିଫାଇ, ଆଙ୍କର୍, ବ୍ରେକର୍, ଓଭରକାଷ୍ଟ, ପକେଟ୍ କାଷ୍ଟ, ରେଡିଓ ପବ୍ଲିକ୍ ଏବଂ ଆପଲ୍ ପୋଡ଼କାଷ୍ଟରେ ଶୁଣିପାରିବେ । ଏଥିରେ ଶହେରୁ ଅଧିକ ଜ୍ଞାନବର୍ଦ୍ଧକ ପଞ୍ଚତନ୍ତ୍ର, ଜହ୍ନମାମୁଁ ଏବଂ ବିକ୍ରମ ବେତାଳ କାହାଣୀ ସମେତ, ଅନେକ କ୍ଷୁଦ୍ରଗଳ୍ପ ମଧ୍ୟ ସ୍ଥାନ ପାଇଛି । ନିଶ୍ଚୟ ଶୁଣନ୍ତୁ ଏବଂ ଆମକୁ ମତାମତ ଜଣାନ୍ତୁ । ଆପଣ ବି ନିଜ ଗଳ୍ପ କିମ୍ବା ପ୍ରବନ୍ଧ ଯଦି ଆମ ପୋଡ଼କାଷ୍ଟରେ ପ୍ରସାରିତ କରିବାକୁ ଚାହୁଁଛନ୍ତି, ତା ହେଲେ ଯୋଗାଯୋଗ କରି ପାରିବେ ।

**http://anchor.fm/aahwaan**

**http://anchor.fm/odia-katha**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ଫେବୃଆରୀ ୨୦୨୧ ସଂସ୍କରଣ ଆପଣଙ୍କୁ ଉପହାର ଦେଉଥିବା ବେଳେ ମୁଁ ମନେ ପକାଏ ବର୍ଷ ୨୦୦୬ର ଏଇ ଫେବୃଆରୀ ମାସକୁ, ଯେତେବେଳେ ଆହ୍ୱାନର ଚିନ୍ତା ମୋ ମାନସକୁ ଆନ୍ଦୋଳିତ କରିଥିଲା । ଦେଖୁ ଦେଖୁ ଷୋହଳ ବର୍ଷ ହୋଇଗଲା । ଯାହା ଦିନେ ଆଠ ପୃଷ୍ଠାର ଏକ ଟାବଲଏଡ୍ ଭାବରେ ପ୍ରକାଶିତ ହୋଇଥିଲା ତାହା ଏବ ଶତାଧିକ ପୃଷ୍ଠାରେ ସମୃଦ୍ଧ ଏକ ମାସିକ ସାହିତ୍ୟ ପତ୍ରିକା ଏବଂ ଏହା ଚଳିତ ସମୟରେ ସମ୍ଭବତଃ ଓଡ଼ିଶାରେ ସର୍ବାଧିକ ପ୍ରସାରିତ ମାସିକ ସାହିତ୍ୟ ପତ୍ରିକା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏବଂ ଏହାର ଶ୍ରେୟ କେବଳ ଆପଣଙ୍କ ଭଳି ଗୁଣୀ ବିଜ୍ଞ ପାଠକ ଏବଂ ଲେଖକ ମାନଙ୍କୁ ମୁଁ ଦେବାକୁ ଚାହେଁ । ସାହିତ୍ୟର ପ୍ରସାର ପାଠକଙ୍କ ଅନୁପସ୍ଥିତିରେ ସମ୍ଭବ ନୁହେଁ, ସେହିଭଳି କର୍ତ୍ତାଙ୍କ ବିହୁନେ କୃତି ସମ୍ଭବ ନୁହେଁ, ତେଣୁ ଉଭୟଙ୍କୁ ମୁଁ ଯଥା ସମ୍ମାନ ଜଣାଉଛି ।

ଷୋହଳ ବର୍ଷର ଅକ୍ଲାନ୍ତ ପରିଶ୍ରମ ଏବଂ ନିରବଚ୍ଛିନ୍ନ ପ୍ରକାଶନର ପ୍ରଚେଷ୍ଟା କଦାପି ସମ୍ଭବ ହୋଇ ପାରିନଥାନ୍ତା ଯଦି ଆପଣଙ୍କ ଭଳି ସାହିତ୍ୟ ପ୍ରେମୀ ଆମ ସହ ନଥାନ୍ତେ । ଆହ୍ୱାନ ଇ-ପତ୍ରିକା କେବଳ ଜଣେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାଳକ, ଆପଣ ଯାତ୍ରାର ପଥିକ । ଆପଣ ମାନେ ନିଜସ୍ୱ ଲେଖା ଓ କୃତି ସବୁକୁ ସଠିକ ସ୍ଥାନରେ ପହଞ୍ଚାଇବା ପାଇଁ ଏହାକୁ ମାଧ୍ୟମ କରିଛନ୍ତି । ଆହ୍ୱାନ ଏକ ନିମିତ୍ତ ମାତ୍ର, ଆପଣ ସମସ୍ତେ ଏହି ଯାତ୍ରାର ମୁଖ୍ୟ । ସାହିତ୍ୟକୁ ଏହାର ସଠିକ ପାଠକ ଏବଂ ସାହିତ୍ୟପ୍ରେମୀଙ୍କ ନିକଟରେ ଉପସ୍ଥାପନ କରିବାର ସର୍ବୋତ୍ତମ ମାଧ୍ୟମ ହେଉଛି ଆହ୍ୱାନ । ଏବଂ ଏହା ଉପରେ ଯେଉଁମାନେ ବିଶ୍ୱାସ କରିଛନ୍ତି ଏବଂ ଏହାକୁ ସମୃଦ୍ଧ କରିବାକୁ ଚେଷ୍ଟା କରିଛନ୍ତି ସେମାନେ ସମସ୍ତେ ନମସ୍ୟ । ଆହ୍ୱାନର ଲେଖକଙ୍କ ତାଲିକା ଦେଖିବା ବେଳକୁ ମନରେ ବେଳେ ବେଳେ ଗର୍ବ ଆସେ, ଯେ ଏହି ପତ୍ରିକା ଅଦ୍ୟବଧି ଛଅ ଶହରୁ ଅଧିକ ଲେଖକଙ୍କ ଲେଖାକୁ ପ୍ରକାଶିତ କରିଛି । ଏହାଠାରୁ ଢେର୍ ଅଧିକ ଲେଖକ ଥାଇପାରନ୍ତି, କାରଣ ପ୍ରାରମ୍ଭିକ ସମୟରେ ଲେଖକ ମାନଙ୍କ ଛବି ପ୍ରକାଶିତ ହେଉନଥିଲା, ତେଣୁ ଅନେକ ଲେଖକଙ୍କ ଛବି ଆମ ନିକଟରେ ମଧ୍ୟ ନାହିଁ । କିଛି ଲେଖକ ବର୍ତ୍ତମାନ ପ୍ରତିଷ୍ଠିତ ହୋଇ ସାରିଛନ୍ତି ଏବଂ କିଛି ଲେଖକ ଇହଧାମ ତ୍ୟାଗ ବି କରି ସାରିଛନ୍ତି । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଯେତେବେଳେ ସମ୍ମାନିତ ସାହିତ୍ୟିକଙ୍କ ନାମ ଗଣନା କରାଯିବ, ସେତେବେଳେ ଆହ୍ୱାନ ଇ-ପତ୍ରିକାର ପୃଷ୍ଠାମଣ୍ଡନ କରିଥିବା ଲେଖକ ଲେଖିକାଙ୍କୁ ପ୍ରାଧାନ୍ୟ ଦିଆଯିବ ଏଥିରେ ଦ୍ୱିମତ ନାହିଁ । ସେ ନବୀନ ହୁଅନ୍ତୁ କି ପ୍ରବୀଣ, ସମସ୍ତଙ୍କ ସାହିତ୍ୟକୁ ସାଦରେ ପ୍ରକାଶିତ କରିଛି ଆହ୍ୱାନ ଇ-ପତ୍ରିକା । ଅନେକ ଲେଖକ ଲେଖିକା ନିଜ ସାହିତ୍ୟିକ ଜୀବନର ପ୍ରଥମ ସୋପାନ ଆହ୍ୱାନ ପୃଷ୍ଠାରେ ପାଦଦେଇ ଆଗେଇଛନ୍ତି ।

ବର୍ଷର ଦ୍ୱିତୀୟ ମାସ । ଭାରତୀୟ ଗଣତନ୍ତ୍ରରେ ଏକ ଉଥୁଳପୃଥୁଳ ଅବସ୍ଥା । ଦେଶ କରୋନା ନାମ୍ନୀ ଭୂତାଣୁ ଦାଉରୁ ରକ୍ଷା ପାଇ ଆସୁଥିବା ବେଳେ କୃଷକ ଆନ୍ଦୋଳନ ଏବେ ସମଗ୍ର ଦେଶକୁ ବ୍ୟଥିତ କରୁଛି । ବିଶ୍ୱ ସ୍ତରରେ ଭାରତକୁ ହୀନ କରି ଦର୍ଶାଇବାର କୁଚକ୍ରାନ୍ତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଉଛି । ଭାରତର ଗର୍ବ ଓ ଗୌରବ ଏହାର ସାଧାରଣତନ୍ତ୍ର ଦିବସରେ ଯେଉଁଭଳି ଭାବରେ କୁଚକ୍ରାନ୍ତକାରୀମାନେ ରାଜଧାନୀସ୍ଥିତ ଲାଲକିଲ୍ଲା ଉପରେ ଭାରତୀୟ ତ୍ରିରଙ୍ଗା ବ୍ୟତିରେକ ଅନ୍ୟ ପତାକାମାନ ଲଗାଇଲେ ତାହା ଦର୍ଶାଉଛି ଯେ ଏହି ଗୋଷ୍ଠୀ ଆଦୌ ଭାରତୀୟତା ଏବଂ ଦେଶପ୍ରେମ ବା ଦେଶଭକ୍ତି ଦ୍ୱାରା ପରିଚାଳିତ ନୁହେଁ । ବିଶ୍ୱସ୍ତରରେ ଅଗଣିତ ସମ୍ବାଦପତ୍ର, ଟିଭି, ଟ୍ୱିଟର୍ ଆଦି ମାଧ୍ୟମରେ ଭାରତର ଅଭ୍ୟନ୍ତରୀଣ ବ୍ୟାପାରକୁ ଅନ୍ତରାଷ୍ଟ୍ରୀୟ ସ୍ତରରେ ପ୍ରକାଶିତ କରି ଏକ ପ୍ରକାରରେ ଭାରତର ସୁନିର୍ବାଚିତ ଶାସନକଳକୁ ନିନ୍ଦିତ କରିବାର ତୁଚ୍ଛ ପ୍ରୟାସ ହେଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଅନେକ ବର୍ଷରୁ ଯେଉଁ ସବୁ ଦାବୀ କୃଷକ ସଂଗଠନମାନେ କରି ଆସୁଥିଲେ, ତାହାକୁ ଚଳିତ ସରକାର ମାନିନେଇ ନୂତନ କୃଷି ଆଇନ ଲାଗୁ କରିବା ସତ୍ତ୍ୱେ କେବଳ ମୁଷ୍ଟିମେୟ ରାଜନୀତିଜ୍ଞ ଦେଶର ଅଶାନ୍ତିର ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟନେଇ ଏହାକୁ ବାଧା ଦେବା ଏବଂ ଏହି ଆଇନକୁ ପ୍ରତ୍ୟାହାର କରିବାର ଦାବୀ କରୁଛନ୍ତି, ଯେତେବେଳେ କି ଏହି ଆଇନ ଦ୍ୱାରା ଦେଶର ଅନେକ ପ୍ରାନ୍ତରେ କୃଷକମାନେ ଲାଭାନ୍ୱିତ ହୋଇଥିବା ଏବଂ ଏହାକୁ ସମର୍ଥନ ଦେଉଥିବା ଜଣାପଡିଛି । ପ୍ରକାରାନ୍ତରେ ଏହି ଆନ୍ଦୋଳନକୁ ଅନେକ ବିଦ୍ରୋହୀ ଗୋଷ୍ଠୀ ଅକ୍ତିଆରକୁ ନେଇ ସରକାରଙ୍କୁ ନିନ୍ଦିତ କରିବାର ପ୍ରଚେଷ୍ଟା କରୁଛନ୍ତି । ଜାନୁଆରୀ ଛବିଶି ତାରିଖରେ ଦିଲ୍ଲୀରେ ଯେଉଁଭଳି ଭାବରେ ତୁମୁଳକାଣ୍ଡ ଏହି ଆନ୍ଦୋଳନକାରୀ ଗୋଷ୍ଠୀ ଭିଆଇଲେ ଏଥିରୁ ସୁସ୍ପଷ୍ଟ ହୋଇଗଲା ଯେ ଏମାନେ ଆଦୌ କୃଷକ ନୁହନ୍ତି, ଏମାନେ ଦେଶଦ୍ରୋହୀ ଗୋଷ୍ଠୀଙ୍କ ଦ୍ୱାରା ପରିଚାଳିତ ଉଦ୍ଭ୍ରାନ୍ତ ଚକ୍ରାନ୍ତକାରୀ ସମୁଦାୟ । ଏହିଭଳି ସମୁଦାୟକୁ ଜନସାଧାରଣ ବିରୋଧ କରିବା ଉଚିତ । ବିଗତ ଏକ ବର୍ଷରେ ଏହିଭଳି ଦୁଇ ଦୁଇଥର ଆନ୍ଦୋଳନ ନାମରେ ଦିଲ୍ଲୀକୁ ସଂଲଗ୍ନ ଅନେକ ରାଷ୍ଟ୍ରୀୟ ରାଜମାର୍ଗଙ୍କୁ ବନ୍ଦ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିଦେଇ ସରକାରଙ୍କୁ ପରୋକ୍ଷରେ ଧମକାଇବାର ପ୍ରଚେଷ୍ଟା ହୋଇଛି । ଏହାକୁ ଆଦୌ ସମର୍ଥନ କରାଯିବା ଉଚିତ ନୁହେଁ ।

ବିରୋଧୀ ଦଳ ଏହା ପ୍ରତି ସମର୍ଥନ ଜୁଟାଇବା ପାଇଁ କୃଷକଙ୍କ ଆଢୁଆଳରେ ରହି ହିଂସାକାଣ୍ଡକୁ ଉସୁକାଉଥିବାର ପ୍ରମାଣ ମିଳି ସାରିଲାଣି । ଭାରତର ଅଭ୍ୟନ୍ତରୀଣ ମାମଲାକୁ ନ ବୁଝି ବିଦେଶରେ ରହୁଥିବା ଦାମୀ ତାରକା ମାନଙ୍କ ଦ୍ୱାରା ଟ୍ୱିଟର ମାଧ୍ୟମରେ ଭାରତ ସରକାରଙ୍କ ବିରୋଧରେ ପ୍ରଚାର କରାଯାଉଛି । ଅନ୍ନଦାତା ଅନ୍ନଦାତା କହି ଲୋକଙ୍କୁ ଭୁଆଁ ବୁଲେଇବାକୁ ଚେଷ୍ଟା ହେଉଛି ।

ହଁ, ଚାଷବାସ କରୁଥିବା ବ୍ୟକ୍ତି ନିଶ୍ଚୟ ଭାବରେ ଅନ୍ନଦାତା, ଏହାର ଅର୍ଥନୁହେଁ ଯେ ସେ ଯାହା ବି ଦାବୀ କରିବ ସବୁକିଛି ମାନି ନିଆଯିବ । ଅନ୍ନଦାତା ବୋଲି ତ ସବୁଜିନିଷରେ ସବସିଡ଼ି ପାଇବା ସତ୍ତ୍ୱେ କେହି ଆମକୁ ମାଗଣାରେ ମୁଠାଏ ଖାଇବାକୁ ଦେଉ ନାହାନ୍ତି । ଆମ ପାଇଁ ଅନ୍ନ ଆମେ ନିଜେ କଷ୍ଟକରି ଉପାର୍ଜନ କରିବା ପରେ ପାଉଛୁ, ତାହେଲେ ଆମେ କାହିଁକି ସେହି ଦଙ୍ଗାସୃଷ୍ଟିକାରିଙ୍କୁ ଅନ୍ନଦାତା ବୋଲି ସମ୍ମାନ ଦେବୁ ? ଆମେ ଖଟିଲେ ତ ଆମ ମୁହଁକୁ ମୁଠାଏ ଅନ୍ନ ମିଳୁଛି ତା ହେଲେ ଅନ୍ନଦାତା ହୁଅନ୍ତୁ ବା ଯେ କେହି, ସେମାନଙ୍କ ଅବାନ୍ତର ଦାବୀଙ୍କୁ ମାନିବା କାହିଁକି ? ରାଷ୍ଟ୍ରୀୟ ଧ୍ୱଜକୁ ଅସମ୍ମାନ କରୁଥିବା ବ୍ୟକ୍ତି ଆମ ଦୃଷ୍ଟିରେ ଦେଶଦ୍ରୋହୀ ଏବଂ ସେହିଭଳି ଲୋକ ଯେ କେହି ବି ହୁଅନ୍ତୁ, ତାଙ୍କୁ ଆଦୌ ସମ୍ମାନ ଦିଆଯିବା ଉଚିତ ନୁହେଁ । ଯେଉଁମାନଙ୍କ ନିର୍ଦ୍ଦେଶରେ ରାଷ୍ଟ୍ରୀୟ ରାଜଧାନୀ କ୍ଷେତ୍ରକୁ ଏକ ଯୁଦ୍ଧ କ୍ଷେତ୍ରରେ ପରିଣତ କରିଦିଆଗଲା, ସେମାନଙ୍କୁ ସମୁଚିତ ଦଣ୍ଡବିଧାନ କରିବା ମଧ୍ୟ ଆମ ସମସ୍ତଙ୍କ ଦାବୀ ହେବା ଉଚିତ ।

ବିଗତ ଦିନରେ କିଛି ବନ୍ଧୁ ଏହି ବିଷୟ ସମ୍ବଳିତ ଆଲେଖ୍ୟ ପ୍ରକାଶନ ହେତୁ ପ୍ରେରଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଥିଲେ, ଯେଉଁ ସବୁ ଲେଖାକୁ ଆମେ ବିନମ୍ରତାର ସହ ପ୍ରତ୍ୟାଖ୍ୟାନ କରି ଦେଇଛୁ । ଏହି ଆନ୍ଦୋଳନ ବର୍ତ୍ତମାନ ଏକ ବିତର୍କର ବିଷୟବସ୍ତୁ ହୋଇଛି, ତେଣୁ ଏହାକୁ ସମର୍ଥନ କରୁଥିବା କୌଣସି ଆଲେଖ୍ୟକୁ ଆମେ ଯଥାଯୋଗ୍ୟ ସମ୍ମାନ ଦେଇ ପାରିବୁ ନାହିଁ । ଯେଉଁଠି ଦେଶର ସର୍ବୋଚ୍ଚ ଧ୍ୱଜକୁ ସମ୍ମାନ ଦିଆଯାଇନାହିଁ, ସେହି ଆନ୍ଦୋଳନ ଯଥାର୍ଥ ଥାଉ ବା ନଥାଉ, ଆମେ ଏହାକୁ ଆଦୌ ସମର୍ଥନ ଦେବୁ ନାହିଁ ।

ବର୍ତ୍ତମାନ ରାଜ୍ୟରେ ଦ୍ୱିତୀୟ ସ୍ତରୀୟ କୋଭିଡ୍ ଟୀକାକରଣ କାର୍ଯ୍ୟକ୍ରମ ଚାଲୁ ରହିଛି । ଅନେକ ଏହି ଟୀକା ଗ୍ରହଣ କରି ସାରିଲେଣି, ଆହୁରି ଅନେକ ନେବାକୁ ଅପେକ୍ଷା କରିଛନ୍ତି । ଟୀକା ନିଅନ୍ତୁ ବା ନ ନିଅନ୍ତୁ, କିନ୍ତୁ ସାମାଜିକ ଦୂରତ୍ୱ, ମାସ୍କର ବ୍ୟବହାର ଏବଂ ବାରମ୍ବାର ହାତ ଧୋଇବାକୁ ଭୁଲନ୍ତୁ ନାହିଁ । ଯେହେତୁ ଏହି ଟୀକା ଏବେ ବିଶ୍ୱର ଅନେକ ଦେଶକୁ ରପ୍ତାନୀ କରାଯାଇଛି ଏବଂ ଏହାର ପ୍ରଭାବ ଉପରେ କୌଣସି ପ୍ରଶ୍ନବାଚୀ ସୃଷ୍ଟି ହେଉନାହିଁ, ତଥାପି ଭୂତାଣୁର ପ୍ରାଦୁର୍ଭାବକୁ ଆଖି ଆଗରେ ରଖି ସମସ୍ତଙ୍କୁ ସାବଧାନ ରହିବାକୁ ନିବେଦନ କରାଯାଉଛି । ବର୍ତ୍ତମାନ ବି ଦୈନିକ ଶତାଧିକ ରୋଗୀ ଓଡ଼ିଶାରେ ବାହାରୁଛନ୍ତି, ତେଣୁ ସାବଧାନ ରହନ୍ତୁ, ସୁରକ୍ଷିତ ରହନ୍ତୁ ।

ଆଶା କରୁଛି ଆହ୍ୱାନ ଇ-ପତ୍ରିକା ପ୍ରତି ଥିବା ଆପଣଙ୍କ ସ୍ନେହ, ସଦିଚ୍ଛା ଓ ଆଦର ପୂର୍ବବତ ଜାରୀ ରହିବ ଏବଂ ଆପଣଙ୍କ ପୃଷ୍ଠପୋଷକତାରେ ଏହି ପତ୍ରିକା ଏହିଭଳି ବର୍ଷପରେ ବର୍ଷ ପ୍ରକାଶିତ ହୋଇ ଆସୁଥିବ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୬

ବାଘ ମୋର ତଣ୍ଟି ଧରିବାକୁ ଚେଷ୍ଟା କରୁଥାଏ । ଆଉ ମୁଁ ବହୁତ କଷ୍ଟ କରି ବାଘକୁ ଠେଲି ଧରିଥାଏ । ବାଘ କାମୁଡ଼ାରେ ବୋଧହୁଏ ସେତବେଳକୁ ମୋର କାନ୍ଧ ହାଡ଼ ଭାଙ୍ଗିଗଲାଣି । କିନ୍ତୁ ଜୀବନ ମରଣର କଥା । ମୁଁ ପ୍ରାଣପଣେ ଚେଷ୍ଟା କରି ବାଘକୁ ତଣ୍ଟିରୁ ଦୂରରେ ରଖିବା ପାଇଁ ଚେଷ୍ଟା କରୁଥାଏ । ଥରେ ବାଘ କବଳରେ ତଣ୍ଟି ଆସିଲେ ଗୋଟିଏ କାମୁଡ଼ାରେ ଜୀବନ ଶେଷ କରିଦେବ । ଯାହା ହେଉ ଏତେ ଲୋକଙ୍କର ଡକା ଶୁଣି ବାଘ ମୋତେ ଛାଡ଼ି ଜଙ୍ଗଲ ଭିତରକୁ ଖେପା ମାରି ଚାଲିଗଲା ଆଉ ମୁଁ ବଞ୍ଚିଗଲି ।”- ସେ ଏତିକି କହି ନିଜର ଫତେଇ ଖୋଲିଦେଲେ ।

ତାଙ୍କର ଡାହାଣ କାନ୍ଧରେ ବହୁତ ବଡ଼ କ୍ଷତ । ବାଘ କାମୁଡ଼ାରେ କିଛି ମାଂସ ଚାଲିଯାଇଛି ସେଇଠି ବଡ଼ ଖାଲ ହୋଇଯାଇଛି । ବୋଧହୁଏ ହାଡ଼ ଭାଙ୍ଗିଯାଇଛି । ସେ ଭଲଭାବରେ ହାତ ଉଠାଇ ପାରୁନଥିଲେ । ସେ ଜଙ୍ଗଲ ଆଡକୁ ଅନାଇଲେ ଆଉ ପାଣି ଭରିଥିବା ଜମି ଆଡ଼କୁ ତାଙ୍କ ଦୃଷ୍ଟି ଚାଲିଗଲା । ଘର ପଛଆଡ଼େ ଧାନରୁଆ ଚାଲିଥିଲା । କିଛି ସ୍ତ୍ରୀ ଲୋକ ଆଣ୍ଠେଇପଡ଼ି ଧାନ ରୋଉଥିଲେ । ସେମାନଙ୍କ ବଳାଗଣ୍ଠି ଯାଏ ପାଣି । ସେମାନଙ୍କର ହାତ ଏକ ଏକ ମେସିନ୍ ଭଳି ଚାଲୁଥିଲା । ସେମାନେ ଖୁବ୍ ଜଲ୍‌ଦି ଧାନ ସବୁ ରୋଉଥିଲେ । କାଦୁଆ ପାଣିରେ ଧୀରେ ଧୀରେ ଏକ



ଅଶୋକ ବିଶ୍ୱାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁଜ ଆଭା ବୁଲିଯାଉଥିଲା । ସେ ଧାନ ରୁଆକୁ ଅନେକ ସମୟ ଅନାଇ ରହିଲେ । କିଛି ପକ୍ଷୀ ଧାନ କିଆରିର ପାଖରେ ବସି ରହିଥିଲେ । ଯଦି କିଛି ଝିଣ୍ଟିକା ଆସେ, ସେମାନେ ପବନରେ ଉଡି ଝିଣ୍ଟିକାକୁ ଧରିନେବେ ।

"ସେଦିନ ମୁଁ ତ ବଞ୍ଚିଗଲି । କିନ୍ତୁ ମୋ ଆଗରେ ଆଉ ଜଣେ ଥିଲେ । ବାଘ ପଳେଇଲା ବେଳକୁ ସେ ତାଙ୍କ ହାବୁଡ଼ରେ ପଡ଼ିଗଲେ । ବାଘ ତାଙ୍କର ତଣ୍ଟି ଧରିନେଲା । ଥରେ ତଣ୍ଟି ଧରିଦେଲେ ବେକ ହାଡ଼ ଭାଙ୍ଗିଯିବ । ଆଉ ସତକୁ ସତ ଗୋଟିଏ ମିନିଟ୍ ଭିତରେ ସେ ତାଙ୍କର ବେକ ହାଡ଼ ଭାଙ୍ଗିଦେଲା । ଆଉ ସେଇଠି ସେ ମରିଗଲେ । ସେ ଦିନ ତ ମୋ ଭାଗ୍ୟ ଭଲଥିଲା ମୁଁ ବଞ୍ଚିଗଲି କିନ୍ତୁ ସେ ବଞ୍ଚିଲେନି ।"-ଏତିକି କହି ବୁଢ଼ା ଲୋକଟି ଆକାଶକୁ ଅନାଇଲେ । ତାଙ୍କ ସ୍ୱର କମ୍ପିଯାଉଥିଲା ।

ବାଘ ଆକ୍ରମଣର ସେ ଚିତ୍ର ଆଜିବି ତାଙ୍କ ମନରେ ଜୀବନ୍ତ ଥିଲା । ତାଙ୍କର ପଛରେ ସେମିତି ଧାନରୁଆ ଚାଲିଥିଲା । ସ୍ତ୍ରୀଲୋକମାନେ କୁଆଡେ ନ ଅନାଇ ଧାନ ରୋଇ ଚାଲିଥିଲେ । ଜଣେ ସ୍ତ୍ରୀ ଲୋକ ଧାନତଳିକୁ ପାଖକୁ ଉଠାଇ ଆଣିଲା । ତା'ପରେ ସେ ତଳିରୁ ଧାନ ଗୋଟି ଗୋଟି କରି ବାଛି ଲଗେଇ ଚାଲିଲା । ବୁଢ଼ା ଲୋକଟି ସେ ସ୍ତ୍ରୀଲୋକମାନଙ୍କୁ ଅନାଇରହିଥିଲେ ।

ତା' ପରେ ସେ କହିବାକୁ ଲାଗିଲେ, "ସେ ଦିନ ବାଘ ତ ମୋତେ ଛାଡ଼ିଦେଲା । କିନ୍ତୁ ମୋ ମୁହଁ ଆଉ ଶରୀରରେ ତା'ର ଆକ୍ରମଣ ଚିହ୍ନ ରହିଗଲା । ମା' ବନଦେବୀଙ୍କ କୃପାରୁ ମୁଁ ବଞ୍ଚିଗଲି ନହେଲେ ବାଘ ଆକ୍ରମଣରୁ ବଞ୍ଚିବା କି ସମ୍ଭବ ? ମୋର ମା' ବନବିବିଙ୍କ ଉପରେ ପ୍ରଗାଢ଼ ବିଶ୍ୱାସ । ବାଘ ମୋ ମୁହଁରେ ଦେହରେ ସିନା ଛାପ ଛାଡ଼ିଦେଇଛି । କିନ୍ତୁ ବୁଢ଼ାରେ ବନବିବି ମୋତେ ବଞ୍ଚାଇଚାଲିଛନ୍ତି ।" ବୁଢ଼ାଲୋକଟି ନିଜର ଭାଗ୍ୟକୁ ଧନ୍ୟବାଦ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଉଥିଲେ । ତାଙ୍କର ପଛରେ ସ୍ତ୍ରୀଲୋକମାନେ ସେମିତି ଧାନ ରୋଇ ଚାଲିଥିଲେ । ଜୀବନର ଚକ ଏମିତି ଗଡ଼ିଚାଲିବ ।

"ଏହାପରେ ଆଉ କ'ଣ ଆପଣ ଜଙ୍ଗଲ ଯାଇନାହାନ୍ତି ?" ସପନବାବୁ ପଚାରିଲେ ।

"ଯାଇନି ?" ବୁଢ଼ା ଏତିକିରେ ଟିକିଏ ହସିଲେ ।

"ଜଙ୍ଗଲ ନଯାଇ କ'ଣ ବଞ୍ଚିହେବ । ଆଉ ବାଘ ଆକ୍ରମଣକୁ ଡରିଲେ କ'ଣ ବଞ୍ଚିହେବ । ବାଘ ଆଉ ଆମେ ପାଖାପାଖି ତ ବଞ୍ଚିବୁ । କେତେବେଳେ ହୁଏ ତ ବାଘ ଆମକୁ ମାରି ଦେଇପାରେ । କିନ୍ତୁ ବାଘକୁ ଡରି ଘରେ ଭିତରେ ତ ରହିହେବ ନାହିଁ । ବାଘଠୁ ସାବଧାନ ହେବାକୁ ପଡ଼ିବ । ମୁଁ ତା'ପରେ ସବୁବେଳେ ଯାଇଛି । ମା' ବନବିବିଙ୍କ କୃପାରୁ ଆଉ ମୋ ଉପରେ ବାଘ ଆକ୍ରମଣ ହୋଇନାହିଁ । ମହୁ ସଂଗ୍ରହ କରିବାକୁ ମୁଁ ଜଙ୍ଗଲ ଭିତରକୁ ଚାଲିଯାଏ । ଗଲାବେଳେ ମା' ବନବିବିଙ୍କୁ ଆମେ ସବୁବେଳେ ସୁମରଣା କରୁଥାଉ । ତାଙ୍କରି ଦୟାରୁ ମୁଁ ଆଜି ଜୀବନରେ ଅଛି ।" ସେ ଏତେ କହି ଏକ ଲମ୍ବା ଶ୍ୱାସ ନେଲେ ।

"ବାଘ ଆଉ ମଣିଷ ପାଖାପାଖି ବଞ୍ଚିଛନ୍ତି । ଏମିତି ସୁନ୍ଦରବନ ଭିତରେ ସେମାନେ ପାଖାପାଖି ବଞ୍ଚିବେ । ଆଜିକାଲି ଆଉ ଜଙ୍ଗଲ ଯାଇପାରୁନାହିଁ । ଆଖିକୁ ଭଲ ଦେଖାଯାଉ ନାହିଁ । ପରଳ ମାଡ଼ିଗଲାଣି । ଯଦି ଆଖିକୁ ଭଲକରି ଦେଖା ଯାଇଥାନ୍ତା ମୁଁ ଜଙ୍ଗଲ ନଯାଇ କ'ଣ ବସିପାରିଥାନ୍ତି ? ନିଶ୍ଚିତ ଭାବରେ ଜଙ୍ଗଲକୁ ମହୁ ସଂଗ୍ରହ କରିବା ପାଇଁ ଯାଆନ୍ତି । କିନ୍ତୁ ବୟସ ହୋଇଗଲାଣି ।" ତାଙ୍କ ସ୍ୱର ଟିକିଏ ଥରୁଥିଲା । ନିଜର ପୁରୁଣା କରିପାରିବା ପାଣିଆ ପାଇଁ ସ୍ୱରରେ ଆଜି କମ୍ପନ ଆସିଯାଇଥିଲା ।

ସପନବାବୁ ତାଙ୍କୁ ଅନାଇଲେ । ବୁଢ଼ାଙ୍କୁ ୭୫ ପାର୍ ହୋଇଯିବଣି । ଦାନ୍ତ ସବୁ ପଡ଼ିଗଲାଣି । ହାତ ଥୁରୁଥୁରୁ ହେଉଛି । ପାଚିଲାବାଳ ମୁଣ୍ଡ ଉପରେ ସିଧା ହୋଇ ଠିଆ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଛି । ସେ ଏ ବୟସରେ ମଧ୍ୟ ଚୌକିରେ ସିଧା ବସିଛନ୍ତି । ଏତେ ବଡ଼ ବାଘ ଆକ୍ରମଣରୁ ବଞ୍ଚିବା ପରେ ତାଙ୍କର ମନର ବିଶ୍ୱାସ ତାଙ୍କୁ ବଞ୍ଚାଇ ରଖିଛି ।

"ମୁଁ ବନବିବିଙ୍କ ପୂଜାରୀ । ତାଙ୍କ ଉପରେ ମୋର ବହୁତ ଭରସା । ତାଙ୍କର ସୁଦୟାରୁ ମୋର କିଛି କ୍ଷତି ହୋଇନାହିଁ । ଆଉ ବାଘ ମୋତେ ମଧ୍ୟ ମାରିପାରିବ ନାହିଁ ।" ଏତିକି କହି ବୁଢ଼ା ବନବିବିଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ିଲେ ।

"ମା' ବନବିବି ମୋତେ ରକ୍ଷା କରନ୍ତୁ, ସମସ୍ତଙ୍କୁ ରକ୍ଷାକରନ୍ତୁ ।" ସେ କହିଲେ ।

ଗାଁରେ ଅନେକ କୁଡ଼ିଆ ଘର । ସବୁ କୁଡ଼ିଆ ଘରକୁ ମୁଖ୍ୟ ରାସ୍ତା ସହ ଏକ ଛୋଟ ଛୋଟ ପତଳା ରାସ୍ତାରେ ଯୋଡ଼ି ଦିଆଯାଇଛି । ସେହି ରାସ୍ତାର ଧାରରେ ବିଲ ସବୁ । ବିଲରେ ଲୋକମାନେ ସବୁ ଧାନ ରୋଅନ୍ତି । ରୋଇବା ସମୟ । ବିଲରେ ଅଳ୍ପ ପାଣି ଅଛି । ତେଣୁ ସହଜରେ ଧାନ ରୋଇ ହେବ । ମହିଳାମାନେ ଶୀଘ୍ର ଧାନ ଚାରା ରୋଇ ଚାଲିଥିଲେ । ସେମାନଙ୍କୁ କିଏ ଦେଖିଲେ ଭାବନ୍ତା ଯେ ସେମାନେ ଯେମିତି ମଣିଷ ଦେହଧାରୀ ଏକ ଏକ ମେସିନ ।

"ମହୁ ସଂଗ୍ରହ କରିବା ପାଇଁ ଆମେ ଜଙ୍ଗଲ ଭିତରକୁ ଚାଲିଯାଉ । ମହୁ, କାଠ ଆଉ ଝୁଣାର ମାଲିକ ହେଉଛନ୍ତି ଦକ୍ଷିଣ ରାୟ । ସବୁବେଳେ ଆମେ ହରିଙ୍କୁ ସୁମରଣା କରୁଥାଉ । ବାଟସାରା ହରି ହରି କହିଚାଲୁ । ଏମିତି କହିବା ଦ୍ୱାରା ଆମର ମନରେ ବିଶ୍ୱାସ ବଢ଼େ । ସବୁବେଳେ ଦକ୍ଷିଣ ରାୟଙ୍କୁ ହାତ ଯୋଡୁଥାଉ । ଦକ୍ଷିଣ ରାୟ ଆମକୁ କ୍ଷମା କରନ୍ତୁ । ବଞ୍ଚିବା ପାଇଁ କିଛି ମହୁ ନେଇଯାଉଛୁ । ମହୁଫେଣା ଛୁଇଁବା ଆଗରୁ ଆମେ ହରିଙ୍କୁ ସୁମରଣା କରୁ । ସେହି ହରି ହିଁ ଆମକୁ ରକ୍ଷା କରିବେ । ମହୁ ସଂଗ୍ରହ ପରେ ଫେରିଲା ବେଳେ ମଧ୍ୟ ଆମେ ହରି ହରି କହି ଫେରୁ ଆଉ ଦକ୍ଷିଣ ରାୟଙ୍କୁ ନମସ୍କାର କରୁ । ତାଙ୍କର ଜିନିଷ ଆଣି ଆମେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଞ୍ଚିଛୁ ।" ଏତିକି କହି ବୁଢ଼ାଟି ନିଜର ଆଖି ବନ୍ଦ କଲେ ।

ତାଙ୍କୁ ଭଲ ଭାବରେ ଦିଶୁ ବି ନଥିଲା । କିନ୍ତୁ ତାଙ୍କ ମନରେ ସବୁକଥା ସଜୀବ । ବୁଢ଼ାଙ୍କ ଘରଟି ଏକ ପୋଖରୀ ଧାରରେ । ପଛପଟେ ଧାନ ଜମି ଅଛି । କିନ୍ତୁ କଡ଼ରେ ଏକ ବଡ଼ ପୋଖରୀ ଅଛି । ସେ ପୋଖରୀରେ ନାଇଲନ୍ ଜାଲ ଲଗାଯାଇଥିଲା । ଜାଲ ମଧ୍ୟରେ କିଛି ବତକ ଥିଲେ । ବତକମାନେ ସେହି ଭିତରେ ବଢ଼ିବେ । ଏଠି ସବୁ ଘର ପାଖରେ କିଛି ନା' କିଛି ଛୋଟ ପୋଖରୀ ଅଛି । ଆଉ ସମସ୍ତେ ପ୍ରାୟ ବତକ ରଖିଛନ୍ତି । ଏ ପାଣି କାଦୁଆ ଅଞ୍ଚଳରେ କୁକୁଡ଼ା ବଦଳରେ ଲୋକମାନେ ବତକ ରଖନ୍ତି । ଧୀରେ ଧୀରେ ଗାଁ ଦାଣ୍ଡଟି ଚଳ ଚଞ୍ଚଳ ହୋଇ ଆସୁଥିଲା । ଜଣେ ଲୋକ ଗୋଟିଏ ଫିଙ୍ଗା ଜାଲ ଧରି ଚାଲୁଥିଲା । ତାଙ୍କ ପଛରେ ଗୋଟିଏ ପିଲା ଚାଲୁଥିଲା । କିଛି ଦୂରରେ ନଦୀ ଅଛି । ସେଠୁ ସେମାନେ ଜାଲ ଫିଙ୍ଗି ମାଛ ଧରିବେ । ଗାଁରେ ଅନେକ ନୂଆଣିଆ ଘର ଆଉ ସବୁ ଘର ଆଗରେ ଗାଈ, ଛେଳି ଥିଲେ । ଗାଈ ଗୁଡ଼ିକୁ ଖୁଣ୍ଟରେ ବାନ୍ଧି ଦିଆଯାଇଛି । ଛେଳିଗୁଡ଼ିକ ଏପଟ ସେପଟ ହୋଇ ଡେଉଁଛନ୍ତି । କିଛି ଛୋଟଝିଅ ହାତ ଧରାଧରି ହୋଇ ଚକାଚକା ଭଉଁରୀ ଖେଳୁଛନ୍ତି । ସେମାନେ ମଝିରେ ମଝିରେ ଡେଉଁଛନ୍ତି । ସମସ୍ତେ ଏ ଧୂଳି ଦୁନିଆରେ ହସୁଛନ୍ତି । ଗାଁର ମହିଳାମାନେ ମୁଣ୍ଡରେ ଆଲୁମିନିୟମ୍ ପାତ୍ରରେ ପାଣି ଧରି ଫେରୁଛନ୍ତି । ଏଥିରେ ରୋଷେଇ ହେବ । ସମସ୍ତଙ୍କ ଘରେ କୂଅ ନାହିଁ । ଗୋଟିଏ ହ୍ୟାଣ୍ଡପମ୍ପରୁ ପିଇବା ପାଇଁ ସମସ୍ତେ ପାଣି ସଂଗ୍ରହ କରନ୍ତି ।

ପାଓଲି ରବିବାରଦିନ ଫେରିଯାଇ ନାହାନ୍ତି । ଆଜିକାଲି ସେ ଆଲେୟା ବିଷୟରେ ତଥ୍ୟ ତ ଗ୍ରହଣ କରୁଛନ୍ତି । କିନ୍ତୁ ସାଙ୍ଗେ ସାଙ୍ଗେ ବାଘ ଆକ୍ରମଣର କାହାଣୀମାନ ସଂଗ୍ରହ କରୁଛନ୍ତି । ବାଘ ତାଙ୍କ ମନକୁ ଆଚ୍ଛନ୍ନ କରି ରଖିଛି । ସୁନ୍ଦରବନ ଭିତରେ ରହି ବାଘ ଭିନ୍ନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଉ କିଛି ଭାବି ହୁଏନାହିଁ । ଆଉ ଦିନେ ଦୁଇଦିନ ରହି ଯେତେ ହୁଏ ସେତେ ବେଶି ତଥ୍ୟ ସଂଗ୍ରହ କରି ନିଆଯାଇପାରେ ।

ସପନବାବୁ ମଧ୍ୟ ସେଇଆ ଭାବୁଥିଲେ ।

ସେମାନେ ପରଦିନ ସକାଳେ ନଦୀ ଭିତରେ ଏକ ଲୋକଙ୍କୁ ଦେଖାକଲେ । ନାଁ ବାବାୟା । ପୂର୍ବ ବାଘ ଆକ୍ରମଣର କାହାଣୀ ଭଳି ଏ କାହାଣୀ । ସବୁ କିଛି ହଠାତ୍ ଘଟିଯାଇଛି ।

ସେ ସକାଳର ସୂର୍ଯ୍ୟକୁ ଅନାଇଲେ । ଟିକିଏ ଉପରକୁ ସୂର୍ଯ୍ୟ ଉଠିଲାଣି । ତଥାପି କଳାମେଘ ସୂର୍ଯ୍ୟକୁ ଘୋଡ଼ାଇ ଦେଉଛି । ଆଜି ସକାଳେ ବର୍ଷା ହୋଇଯିବ । ଥଣ୍ଡା ପବନ ବହୁଥିଲା । ଆକାଶକୁ କଳାହାଣ୍ଡିଆ ମେଘ ଘୋଡ଼ାଇଦେଲା । ପାଓଲିଙ୍କର କଥାରେ ତାଙ୍କ ମନ ବ୍ୟସ୍ତ ହୋଇ ଉଠିଲା । ଏକ ପୁରୁଣା ଘାରେ ଅନେକ ବେଶି କଷ୍ଟ ।

ଏମିତି ଶ୍ରାବଣରେ ଏକ ଦିନରେ ଘୋର୍ ବର୍ଷାରେ ତାଙ୍କର ଜୀବନ ବଦଳି ଯାଇଥିଲା । ସୁନ୍ଦରବନରେ ବର୍ଷା ବହୁତ ହୁଏ । ଏଠି ଜୀବନଟା ଖୁବ୍ ଶୀଘ୍ର ବଦଳିଯିବ । ସେ ଘୋଟିଆସୁଥିବା କଳାହାଣ୍ଡିଆ ମେଘକୁ କିଛି ସମୟ ଅନାଇ ରହିଲେ । ତା'ପରେ ନିଜର କଥା କହିବାକୁ ଆରମ୍ଭ କଲେ ।

"ଏମିତି ଘୋର୍ ଶ୍ରାବଣର ବର୍ଷାଦିନ । ସେତବେଳକୁ ଆମେ ସବୁ ଛୁଆ । ସକାଳ ହୋଇଆସୁଥିଲା ।" ଲୋକଟି ଏକ ଦୀର୍ଘ ନିଶ୍ୱାସ ନେଲେ । ତାଙ୍କର ଛାତିର ଖୁବ୍ ଭିତରୁ ନିଃଶ୍ୱାସ ବାହାରି ଆସୁଥିଲା । ଦେହଟା ଯେମିତି ଥରିଯାଉଥିଲା । ଯେମିତି କି ତାଙ୍କ ଦେହରେ ନଈର ପାଣି ବହିଯାଉଛି । ନଈରେ ଉଠୁଥିବା ବୁଦ୍ ବୁଦ୍ ଶବ୍ଦ ତାଙ୍କ ଛାତିରେ ଜଳୁଆ ଜମି ସବୁ ତିଆରି କରିପକାଉଛି । ସେ କିଛି ସମୟ ଲମ୍ବା ଶ୍ୱାସ ନେଲେ । ତା'ପରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିଲେ, "ଅନେକ ଅନେକ ଦିନ ତଳର କଥା । ସେତେବେଳେ ଜଙ୍ଗଲ ଚାରିପାଖରେ ଜାଲ ସବୁ ଲାଗିନଥିଲା ଆଉ ଲୋକ ରହୁଥିବା ଦ୍ୱୀପରେ ଭଲ ଜଙ୍ଗଲ ମଧ୍ୟ ଥିଲା । ବାପା ମୋ ଭଉଣୀ ଘରକୁ ଯାଇଥିଲେ । ବାପା ବହୁତ ଭଲ ମାଛ ଧରିପାରନ୍ତି । ଘର ପାଖରେ ଜଙ୍ଗଲ । ସେଇଠି ମଧ୍ୟ ପାଖରେ ନଈ । ତେଣୁ ବାପା ସକାଳୁ ଜଙ୍ଗଲକୁ ବାହାରିଗଲେ କିଛି ଜାଳ କାଠ ଆଣିବେ ଆଉ କିଛି ମାଛ ଧରିବେ । ତାଙ୍କ ପାଖରେ ଗୋଟିଏ ଫିଙ୍ଗା ଜାଲ ଥିଲା । ସେତିକି ଧରି ସେ ବାହାରିଗଲେ । କିନ୍ତୁ ଦୂର ଯାଇନାହାନ୍ତି । ଯେଉଁଠୁ ମାଛ ଧରିବେ ସେଇଟା ଖୋଲା ଜାଗା । ସେଇଠୁ ଜାଲ ଫୋପାଡ଼ିବା କଥା । ଆଗରେ ସକାଳରେ ବହୁତ ପକ୍ଷୀ ଥିଲେ । ସେମାନେ ବହୁତ ସୁନ୍ଦର ଗୀତ ଗାଆନ୍ତି । ତେଣୁ ବାପାଙ୍କର ମନରେ ମଧ୍ୟ ଖୁସିଥିଲା ।" ଏତିକି କହି ଲୋକଟି ରହିଗଲେ । ତାଙ୍କ କଣ୍ଠ ସ୍ୱର ଉଦ୍ଭ୍ୱର୍ ହୋଇଯାଉଥିଲା ।

ସେ ପାଖର ନଦୀକୁ ଅନାଇଲେ । ନଈରେ ଅନେକ ଛୋଟ ଛୋଟ ଢେଉ । ଡଙ୍ଗାକୁ ସେ ଢେଉ ଗୁଡ଼ିକ ଆସି ବାଡ଼େଇ ଦେଉଛି । ସକାଳଟା ଧୀରେ ଧୀରେ ଖୋଲିଗଲାଣି । ଆକାଶ ଖୋଲିଗଲାଣି । କିନ୍ତୁ ଏବେ ବି ସୂର୍ଯ୍ୟ କଳା ମେଘ ପଛରେ ଅଛି । ସେ ଏକ ଲମ୍ବା ନିଃଶ୍ୱାସ ନେଲେ । ନିଜକୁ ସମ୍ଭାଳିଲେ ଆଉ ବହିଯାଉଥିବା ପତଳା ନଈଧାରକୁ ଅନାଇଲେ । ନିଜ ଭିତରେ ଯେଉଁ ନଈର ଛବି ପଡ଼ିଥିଲା, ସେ ଭିତରେ ଆଉ ଏବେକାର ନଈ ଭିତରେ ସେ କିଛି ସମାନତା ଖୋଜୁଥିଲେ । ଏପଟେ ନଈଟା ଟିକେ ଚଉଡ଼ା ହୋଇଯାଇଛି । ଜାଲ ଫିଙ୍ଗି ମାଛ ଧରିବାଟା ସହଜ । ସେପଟେ ପୂରା ପାଣି । ଠିଆହେବା ପାଇଁ ଜାଗା ନାହିଁ । ତେଣୁ ସେ ଜାଗାରେ ମାଛ ଧରିବାଟା କଷ୍ଟ । ଏବେ ଏପଟେ ଖୋଲା ଜାଗାରେ ଜଣେ ଦି'ଜଣ ଲୋକ ମାଛ ଧରୁଥିଲେ । କିଛି ଚାଷ ଜମି ଥିଲା । ଆଉ କେତେଶହ ଫୁଟ ଦୂରରେ କିଛି ଝାଟିମାଟି ଘର ଥିଲା । ସେହି ସବୁ ଘରକୁ ସେ ଅନାଇଲେ ଆଉ ତା'ପରେ କହିବାକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଗିଲେ ।

"ସେଦିନ ବାଘ ପାଦଚିପି ଚିପି ଆସିଲା । ବାପା ମୋତେ ଜାଣିପାରିଲେନି । ବାପା ସୁନ୍ଦରବନର ବଡ଼ କୁଶଳ ଶିକାରୀ । ଜଙ୍ଗଲରେ ଅନେକ ଦିନ କଟାଇଛନ୍ତି । ସେ କିନ୍ତୁ ମୋତେ ବିପଦ କଥା ଜାଣିପାରିଲେନି । ବାଘ ଖୁବ୍ ସାବଧାନର ସହିତ ପାଣିକୁ ଅତିକ୍ରମ କରିଗଲା । କିଛି ଶବ୍ଦ କରିନାହିଁ । ଆଉ ବାପାଙ୍କୁ ଛକି ଚାଲିଲା । ବାପାଙ୍କ ପଛରେ ସେମିତି ଚାଲୁଥାଏ । ବାପା ମୋତେ ବାରିପାରିଲେ ନାହିଁ । ବାପା ସେଦିନ ଏକୁଟିଆ । ଆଉ ବାଘଟା ହଠାତ୍ ତାଙ୍କ ଆଡ଼କୁ ମାଡ଼ିଆସିଲା । ସେ ଜାଣିଲାବେଳକୁ ବାଘ ଏକଦମ ପାଖରେ । ସେ ବହୁ ଜୋରରେ ପାଟିକଲେ । କିନ୍ତୁ ବାଘ ତାଙ୍କୁ ଜୋରରେ ଆକ୍ରମଣ କରିନେଲା । ସେମାନଙ୍କ ଭିତରେ ଲମ୍ବା ଲଢ଼ାଇ ହୋଇଗଲା । ବୋଧେ ଅଧ ଘଣ୍ଟାଯାଏ ଲଢ଼େଇ ହୋଇଥିବ । ବାଘ ଆଗରେ ମଣିଷର ଶକ୍ତି କେତେ ? ବାଘର ତ ବହୁତ ବଳ । ଦାନ୍ତ ଆଉ ନଖ ଅଛି । ସେ ବାପାଙ୍କୁ ସହଜରେ ହରାଇଦେଲା ଆଉ ତାଙ୍କୁ ତଣ୍ଟି ଝୁଣି ମାରିଦେଲା । ତାଙ୍କ ଶବ ଧରି ବାଘଟା କିଛିଦୂର ଟାଣିନେଇଗଲା ।" ସେ ଟିକିଏ ସକେଇ ହେଲାଭଳି କହୁଥିଲେ ।

"ପାଖରେ ଥିବା ଲୋକମାନେ ବାପାଙ୍କର ଡକା ଶୁଣିପାରିଲେ । ନାଳର ସେପଟେ ଜଙ୍ଗଲ । ଗାଁର ଲୋକମାନେ ଏପଟେ ଗଦା ହୋଇଗଲେ ଆଉ ବାପାଙ୍କୁ ବଞ୍ଚାଇବା ପାଇଁ ଚେଷ୍ଟା କଲେ । ଯେତେବେଳେ ମାଛ ଧରିବାର ଜାଗାରେ ପହଞ୍ଚିନ୍ତି ସେତେବେଳକୁ ବାପାଙ୍କୁ ଧରି ବାଘଟା ଜଙ୍ଗଲ ଭିତରକୁ ଚାଲିଯାଇଥିଲା । ବହୁତ ବର୍ଷା ହେଉଥାଏ । ଗାଁର ସବୁ ଲୋକ ଆସି ବାପାଙ୍କୁ ଖୋଜି ଚାଲିଲେ । ବାପାଙ୍କର କିଛି ଖୋଜ ଖବର ମିଳିଲାନାହିଁ । ଏମିତି କି ତାଙ୍କ ଶବକୁ ମଧ୍ୟ ଉଦ୍ଧାର କରାଯାଇ ପାରିଲାନାହିଁ ।" ଏତିକି କହି ସେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରହିଗଲେ । ତାଙ୍କ ଶ୍ୱାସରୁଦ୍ଧ ହୋଇଯାଇଥିଲା । ତା'ପରେ ସେ ଟିକେ କାଶିଲେ, ଛାତିକୁ ସଫା କରିଦେଲେ । ନିଜକୁ ସମୟ ସହିତ ଖାପଖୁଆଇ ନେଇଛନ୍ତି । ଆଉ ବାପା ତ ଫେରିବେନି ।

ଆଗର କାଦୁଆ ଜମିଟା ଚକ୍ ଚକ୍ କରୁଥିଲା । ପାଣି ଗଡ଼ିଲା ପରେ କାଦୁଆ ଜମି ଗୁଡ଼ାକ ବହୁତ ଚକ୍ ଚକ୍ କରେ । ଏହି ଜମିରେ ବହୁତ ପତଳା କାଦୁଅ ଥାଏ । ଠିକ ପାଣି ଛାଡିଲା ପରେ ଏଗୁଡ଼ିକ ଗୋଟିଏ ଦର୍ପଣ ଭଳି ଦେଖାଯାଏ । ପାଖର ଛୋଟ ଛୋଟ ପାଣି ଧାରସବୁ ଶୁଖିଆସୁଥିଲା । କିଛି ଟେଣ୍ଟେଇଆ ପକ୍ଷୀ ଲମ୍ବା ଡାକ ଦେଉଥିଲେ । ବିପଦର ଡାକ । ହୁଏତ କିଛି ବିପଦ ପାଖରେ ଛପି ରହିଛି । ସକାଳର କୁହୁଡ଼ି ଧୀରେ ଧୀରେ କମିଯାଉଥିଲା । ମେଘ ତଳକୁ ଓହ୍ଲାଇ ଆସିଥିଲା । ତଳେ ଓଦା ଜଳକଣା ମୁହଁରେ ଲାଗୁଥିଲା । ଏହି ଡଙ୍ଗା ଗୁଡ଼ିକ ଛାଇରେ ବଦଳିଯାଉଥିଲା । ସେଥିରେ କିଛି ହଲ୍‌ଚଲ୍ ହେଉଥିବା ଛାଇମାନ ଦେଖାଯାଉଥିଲା । ଲୋକମାନେ ଭିତରେ ଅଛନ୍ତି । ଲୋକଟି ନିଜ ଡଙ୍ଗାରେ କାତ ମାରିଲା । ଡଙ୍ଗାଟି ପାଣି ଭିତରକୁ ଚାଲିଗଲା । କୂଳଟା ଅତି ବିପଦଜ୍ଜନକ । ବାଘ କେଉଁଠି ବି ଲୁଚିଥାଇପାରେ । ଗଭୀର ପାଣିରେ ବାଘ ଆସିବାକୁ ସମୟ ଲାଗିବ । ବଞ୍ଚିବା ପାଇଁ ଉପାୟ ରହିବ ।

ପାଓଲିଙ୍କର ମନ ବାଘ ଉପରେ ସେମିତି ଲାଗି ରହିଥିଲା । ବାଘ ଆକ୍ରମଣ ଉପରେ ଅନେକ ତଥ୍ୟ ସେ ସଂଗ୍ରହ କଲେଣି । ତଥ୍ୟ ସଂଗ୍ରହ କରିବା ଆଉ ରିସର୍ଚ୍ଚ କରିବା ଏକ ନିଶା । ଯେତେ ଅଧିକା ହେବ ସେତେ ଅଧିକା ନିଶା । ସେମିତି ଏକ ରିସର୍ଚ୍ଚର ନିଜ କାମରୁ ବାହାରକୁ ଆସି ପାରେନା । ପାଓଲି ବାଘ ଉପରେ ତଥ୍ୟ ସଂଗ୍ରହ କରୁକରୁ ନିଜକୁ ପ୍ରାୟ ଭୁଲିଗଲେଣି । ଏବ ଆଉ ଆଲେୟା ଉପରେ ତଥ୍ୟ ସେ ପଚାରୁନାହାନ୍ତି । ଆଲେୟା କଥାଟା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରାୟ ନିଶ୍ଚିତ । ଅଘଟଣରେ ଘୁରିବୁଲୁଥିବା ଲୋକଙ୍କର ଆତ୍ମା ଆଲେୟା ଭାବରେ ଦେଖାଦିଏ । ଯେହେତୁ ଏବେ କିଛିଦିନ ଏଠି କଟାଯାଇପାରେ ତେଣୁ ବାଘ ଆକ୍ରମଣ ବିଷୟରେ ଯେତେ ବେଶି ତଥ୍ୟ ହୋଇପାରେ ସଂଗ୍ରହ କରିନିଆଯାଉ ।

ସୁନ୍ଦରବନ ପାଣିର ଧାରରେ ଥିବା ଗାଁ ଗୁଡ଼ାରେ ଅନେକ ଲୋକ ରୁହନ୍ତି । ଜଙ୍ଗଲର ପାଖରେ ଲୋକ ମାଛ ଧରିବାକୁ, କାଠ କାଟିବାକୁ କିମ୍ବା ମହୁ ସଂଗ୍ରହ କରିବାକୁ ଜଙ୍ଗଲ ଭିତରକୁ ଯାଆନ୍ତି । କିନ୍ତୁ ସବୁଦିନ ଭଲଯାଏ ନାହିଁ । ଜଙ୍ଗଲ ଭିତରେ ଯାଉ ଯାଉ ବହୁ ଲୋକ ଜୀବନ ହଜାଇଦିଅନ୍ତି । ଅସଂଖ୍ୟ ବାଘ ଘୁରି ବୁଲୁଛନ୍ତି । ଅନେକ ଲୋକ ବାଘ ଆକ୍ରମଣରେ ପ୍ରାଣ ହରାଇଲେଣି ।

ସେମାନେ ପରଦିନ ଆଉ ଏକ ଗାଁକୁ ଚାଲିଗଲେ ।

ଏକ ବଡ଼ ତାଳଗଛର ଲମ୍ବା ଛାଇ ପଡ଼ିଥିଲା । ପାଣି ଗାଢ଼ ନୀଳ । ଗାଁ ଭିତର ପୋଖରୀ । ଭିତରେ ଦଳ ଓ ଅନ୍ୟ ଜଳଜ ବୃକ୍ଷମାନ । ଏକ ବୁଢ଼ୀ ବିଧବା ସ୍ତ୍ରୀଲୋକ ପୋଖରୀ ଧାରରେ ବସିଥିଲେ । ଦେହରେ ଧଳା ଶାଢ଼ୀ । ଏହା ହେଉଛି ବିଧବାର ଲକ୍ଷଣ । ତାଙ୍କର ଆଖି ସେହି ନୀଳ ପାଣି ଉପରେ ସ୍ଥିର ହୋଇଯାଇଥିଲା । ଏମିତି ବେଙ୍ଗଲର ଗ୍ରାମ୍ୟ ପ୍ରଦେଶରେ ନୀଳ ପାଣିଥିବା ଅନେକ ଅନେକ ଜଳଜ ଭୂମି ଅଛି । ପାଖରେ ଥିବ କେତେଟା କୁଡ଼ିଆ ଆଉ ସେହିଥିରେ ନୀଳକଇଁ ଭରିଯାଇଥିବ ।

କ୍ରମଶଃ-

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେଇ ଅନ୍ଧାର ରାତିରେ-୪

ଏହା ଏକ କାଳ୍ପନିକ ଧାରାବାହିକ । ଏହାର କୌଣସି ସାମାଜିକ, ଭୌତିକ ଘଟଣା କିଛି ବି ସାମଞ୍ଜସ୍ୟ ନାହିଁ । କାହାଣୀକୁ ସମ୍ପୂର୍ଣ୍ଣ ବୁଝିବା ପାଇଁ ପୂର୍ବଭାଗ ପଢ଼ିବାକୁ ଅନୁରୋଧ..

ତୁମେ ଗଲା ପର ଦିନ କଥା .. ।

ମୋର ନିସଙ୍ଗତା ବଢ଼ି ବଢ଼ି ଯାଉଥିଲା, ଯଦିଓ ମିନୁ ମୋ ସାଥିରେ ରହେ କିନ୍ତୁ ତୁମର ଅନୁପସ୍ଥିତି ମୋତେ ଅନ୍ୟ ମନସ୍କ କରିଦେଉଥିଲା । ବେଳେ ବେଳେ ମିନୁ ମୋତେ ତମ କଥା ମନେପକେଇ ଚିଡ଼ଉଥିଲା ।

ବୋଧେ ଛ ମାସ ବ୍ୟବଧାନ ପରେ ତୁମେ ସପ୍ତାହରୁ ଅଧିକ ଦିନ ପାଇଁ ଗାଁକୁ ଯାଇଥିଲ । ସେଦିନ ଆମେ ଦୁଇଜଣ କଥା ହେଲା ବେଳେ ଲିପୁନ ଆମ ପଛପଟେ ଆସି କାନ୍ଥ ପାଖେ ଲୁଚି ଲୁଚି ଆମ କଥା ସବୁ ଶୁଣୁଥିଲା । ଆମେ ଜାଣିପାରି ତାକୁ ପ୍ରତିରୋଧ କରିବାରୁ ସେ ରାଗି କି ଆମକୁ କହିଥିଲା, “ସେ ଇଡିଏଟ ବୁବୁ ସହ ମିଶିବା ବନ୍ଦ କରିଦେ.. ନହେଲେ କିଛି ଭଲ ହେବନି କହିଦେଉଛି ।”



ବିଜୟ କୁମାର ପଣ୍ଡା

ମୁଁ ତାକୁ ରୋକ ଠୋକ କହିଦେଲି, “ମୁଁ କାହା ସହ କଥା ହେବି ନହେବି ତାହା ମୋର ଇଛା... ମୋ ସ୍ୱାଧୀନତା ଉପରେ ତୁମର କୌଣସି ଅଧିକାର ନାହିଁ ।”

ତାର ପିଲାଳିଆମୀ ଦେଖି ମୋତେ ଯେତିକି ହସ ଲାଗିଥିଲା ସେତିକି କ୍ରୋଧ ବି ଆସିଥିଲା । ଦୂରରେ ତା ସାଙ୍ଗ ମାନଙ୍କ ସହ ଯାଇ କଣ ସବୁ ହୋ ହାଲ୍ଲା କରି ସେଠାରୁ ପଳେଇଥିଲେ । ତା ଦୁଇଦିନ ପରେ ସେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋତେ ମୋର ଏକ ନୋଟ ମାଗିଥିଲା । ମୁଁ ବହୁତ ମନାକଲି ହେଲେ କ୍ଲାସ ସରିବା ପୂର୍ବରୁ ସେ ଜେରେକ୍ସ କରି ଫେରେଇଦେବ ବୋଲି ନେଇଗଲା । ଫେରାଇଲା ବେଳେ କହିଲା, "ତମେ ମୋତେ ନୋଟ ଦେଇ ସାହାଯ୍ୟ କରିଲ, ମୁଁ ତୁମ ପାଇଁ ଛୋଟ ଗିଫ୍ଟଟିଏ ଆଣିଛି । ନିଅ... ଦୟାକରି ମନା କରିବନି ।"

ମୁଁ ଗ୍ରହଣ କରିଲିନାହିଁ । ସେ ରାଗି ପଳେଇଲା । କିନ୍ତୁ ନୋଟ ଭିତରେ "I Love You" ଲେଖା କାଗଜଟିଏ ରଖି ଦେଇଥିଲା । ମୁଁ ଘରକୁ ଗଲାପରେ ଦେଖିବାକୁ ପାଇଲି । ତାର ଚାରିଦିନ ଯାଏଁ ମୁଁ ଆଉ କଲେଜ ଆସିଲିନି । ପର ସପ୍ତାହରେ ଆସି ଡିନ୍‌କୁ କମ୍ପ୍ଲେନ କରିଦେଲି ।

ସେଦିନ କ୍ଲାସରେ ଅନ୍ୟ ଦିନମାନଙ୍କ ଭଳି ମୁଁ ଲଞ୍ଚ ସମୟରେ ବାହାରିଲି ଟିଫିନ ବକ୍ସ ଧରି କମନ ରୁମ ଆଡ଼କୁ । ଅନେକ ବର୍ଷ ପରେ କାହିଁକି ପ୍ରଥମ ଥର ପାଇଁ ମୋ ମନରେ ଜୀବନ ଦର୍ଶନ ଭାବନା ଜାତ ହୋଇଉଠିଥିଲା ।

ଏଇ ରକ୍ତମାଂସ ଧାରୀ ମଣିଷ ଭିତର ଶିରାପ୍ରଶିରାରେ କେତେବେଳେ ଯେ କେମିତି ଭାବନା ଉଦ୍ରେକ ହୁଏ ! ! ସେଦିନ ତୁମ ଚେହେରା ଆଖି ଆଗରେ ନାଚି ଯାଉଥିଲା । ତୁମ ସହ ଥିଲା କିଛି ଅକୁହା ସମ୍ପର୍କ ଯାହା କେବଳ ଆମେ ଦୁହିଁଙ୍କୁ ଜଣାଥିଲା । ସେଇ ଅଳ୍ପଦିନର ସମ୍ପର୍କରେ ନା ତୁମେ ମାଗିଥିଲ କିଛି ନା ମୁଁ । ସେ ସମ୍ପର୍କରେ କିଛି ନାଁ ନଥାଇ ବି ହୃଦୟକୁ ଛୁଇଁଲା ଭଳି ଅତି ଆପଣାର ଥିଲା ଭାଇ ।

ଏତିକି କହି ବେହୋସ ହେଇ ଯାଇଥିଲା ମିନୁ । ପକ୍ଷୀ ଉଡ଼ି ଯାଇଥିଲା ନିଡ଼କୁ । ରାତି ଅନେକ ହୋଇ ଯାଇଥିଲା । ମିନୁର ଘର ଲୋକେ ମିନୁକୁ ଖୋଜି ଖୋଜି ଆସି ପହଞ୍ଚି ଯାଇଥିଲେ । ( କ୍ରମଶଃ ..)

ସମ୍ପାଦକ, କନକପ୍ରଭା, ସବଙ୍ଗ, ସିମୁଳିଆ, ବାଲେଶ୍ୱର ।
ଭ୍ରାମ୍ୟଭାଷ: ୯୭୩୯୫୯୮୧୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଇଁ ତ ଗରିବ ଛାତ୍ର

ଭାଗ : ୩

ମାଆ ବାହାରକୁ ଆସି ଦେଖିଲେ ଯେ; ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେଶ ଓ ମହେଶକୁ ସାଥିରେ ନେଇ ଏକ ଭ୍ୟାନ ଗାଡି ଯୋଗେ ଆସିଛନ୍ତି ତପନକୁ ନେବା ପାଇଁ । ପ୍ରଧାନ ଶିକ୍ଷକ କହିଲେ "ଭଉଣୀ ଆମକୁ ଟିକେ ସହଳେ ପହଞ୍ଚିବାକୁ ପଡିବ । ପୁରା ରାଜ୍ୟର ବଛା ବଛା ପ୍ରତିଯୋଗୀମାନେ ଏହି ପ୍ରତିଯୋଗିତାରେ ଭାଗ ନେବେ । ତେଣୁ ଆମେ ସହଳେ ଗଲେ ନାମ ପଞ୍ଜିକରଣ କରାଇବାକୁ ସହଜ ହେବ ।" ମାଆ ଯମୁନା ଅତ୍ୟନ୍ତ ଖୁସି ହୋଇଗଲେ । ଘରେ ବସିବାକୁ ଚେୟାର ଗୋଟେ ବି ନାହିଁ ତେଣୁ ଛିଣ୍ଡା ସପଟିଏ ଆଣି ପକେଇ ଦେଲେ । "ନାଁ ଭଉଣୀ ପିଲାମାନଙ୍କୁ ମୋ ଦାୟିତ୍ୱରେ ମୁଁ ନିଜେ ନେଇ କରିଯାଉଛି । ସେମିତି ସୁରକ୍ଷିତ ଆଣି ମଧ୍ୟ ଛାଡ଼ିବି । ଆଉ ଗୋଟେ କଥା କହିବି ଭଉଣୀ ଆମ ତପନ ହେଉଛି ସମସ୍ତ ଶିକ୍ଷକମାନଙ୍କର ଅତି ପ୍ରିୟ । ସବୁଗୁଣରେ ପରିପୂର୍ଣ୍ଣ । ହଉ ଠିକ ଅଛି, ତପନ ମଧ୍ୟ ପ୍ରସ୍ତୁତ ହେଇସାରିଛି । ଆମେ ଆସୁଛୁ ଭଉଣୀ ନମସ୍କାର" କହି ପ୍ରଧାନଶିକ୍ଷକ ପିଲାମାନଙ୍କୁ ସହିତ ଭ୍ୟାନରେ ବସିଗଲେ ।



ମହେଶ୍ୱର ସାହୁ

ପ୍ରଧାନ ଶିକ୍ଷକ ନିଜେ ଆସିଛନ୍ତି ମୋ ପୁଅକୁ ନେବାକୁ । କେତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରଶଂସା କରୁଛନ୍ତି ମୋ ପୁଅକୁ ! ଭାଗବନ କେତେ ନିର୍ଦ୍ଦୟ ଯେ । ବାପାଙ୍କୁ ଚିହ୍ନିବା ପୂର୍ବରୁ ସ୍ୱର୍ଗବାସୀ କରାଇଦେଲ । ତାହାହେଲେ ମୋ ପୁଅ ଭିତରେ କିଛି ଜ୍ଞାନ ଗାରିମା ରହିଛି । ନ ହେଲେ ଏତେ ବଡ଼ ଚାକିରିଆ ପ୍ରଧାନଶିକ୍ଷକ କଣ ଆମ ଘରକୁ ଆସିଥାନ୍ତେ ! ଏମିତି ଅନେକ ଭାବି ତପନର ମାଆ ଅତ୍ୟନ୍ତ ଖୁସି ହେଉଥାନ୍ତି । ମାଆଙ୍କର ଆଉ ଭୟ ନାହିଁ କାରଣ ଗୁରୁଜୀ ନିଜେ ପିଲାଟିକୁ ସାଥିରେ ନେଇକରି ଯିବେ । ତାର ତଦାରଖ ଠିକ ଭାବେ ରଖିବେ ନିଶ୍ଚୟ । ମୋ ପୁଅ ମୋ ସାମନାରେ ଗୋବର ଘଷି ରୁଣ୍ଡାଇଲେ ମଧ୍ୟ ସେ ମୋ ଆଖିଆଗରେ ଥାଉ ବୋଲି ସମସ୍ତ ମାଆଙ୍କର ଚିନ୍ତା ଓ କାମନା ମଧ୍ୟ । ଯାହା ହେଲେ ବି ମୁଁ ଗୋଟିଏ ମାଆ, ମୋର ଆଗକୁ ନାହିଁ କି ପଛକୁ । ମନେ ମନେ ଭାବୁଥାନ୍ତି ମାଆ ଯମୁନା । ପୁଣି କହି ପକାଉଥାନ୍ତି "ଶିକ୍ଷକ ହେବ ତ ଏମିତି । ମୋ ଝୁପିଡ଼ି ଘରେ ଭ୍ୟାନ ଗାଡି ଆଣି ପହଞ୍ଚେଇ ପାରିଲେ ଓ ମୋ ଭଳି ଜଣେ ଗରିବ ବିଧବାକୁ ଭଉଣୀ ବୋଲି ସମ୍ବୋଧନ କଲେ ବାଃ ବାଃ ।

ପ୍ରଧାନ ଶିକ୍ଷକ ନିଜର ତିନିଜଣ ଦକ୍ଷ ଛାତ୍ରଙ୍କୁ ଧରି କ୍ରୀଡା ଉତ୍ସବ ଅଭିମୁଖେ ଯାତ୍ରା କଲେ । ଯେମିତି ଜଣେ କୌଶଳୀ ସେନାପତି; ନିଜର ଦକ୍ଷ ସୈନ୍ୟବାହିନୀଙ୍କୁ ଧରି ଯୁଦ୍ଧ ଯାତ୍ରା କରିଥାନ୍ତି ।

ତପନ ଜନ୍ମଠାରୁ କେବେ ଘରୁ ବାହାରି ନଥିଲା । ଭ୍ୟାନରେ ବସିବା ତାପାଇଁ ମଧ୍ୟ ପ୍ରଥମ ଥିଲା । ଅନୁଭୁତି ହୀନ ତପନ ସ୍ୱର୍ଗ ସୁଖ ପରି ମନେ କରୁଥିଲା । ଯାହାକି ସେ ଆଜି ବାବୁଙ୍କ ପରି ଭ୍ୟାନରେ ବସି ସହରକୁ ଯାଉଛି । କେତେ ବଡ଼ବଡ଼ କୋଠା ବାଡ଼ି ଦେଖିବ, କେତେ ବଡ଼ ବଡ଼ ଗାଡି ଭୁଂ ଭୁଂ ହୋଇ ଯାଉଥିବାର ଦେଖିବ । ଆଗରୁ କେବେ ବି ସାର ଆମକୁ ଦୂର ଜାଗାକୁ ନେଇ ନଥିଲେ । ପାଖାପାଖି ହୋଇ ଥାଏ ଆମେ ଚାଲିକି ପଳେଇଯାଉ । ମନରେ ଅତ୍ୟନ୍ତ ଆଗ୍ରହ ଓ ଉଦ୍ଦୀପନା ନେଇ ଧୀର ଭାବରେ ଭ୍ୟାନର କାଚ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଇ ବାହାରର ଦୃଶ୍ୟ ଦେଖୁଥାଏ । ପୁଣି ସେ କଳ୍ପନା ବିଭୋର ହୋଇ ମନେ ମନେ ଭାବୁଥାଏ, ମୁଁ ଆଜି ଏହି ସୁଯୋଗ ପାଇଲି କାହିଁକି ? ମୋ ଭିତରେ କଣ ଥିଲା ଯାହାକୁ ଶିକ୍ଷକ ମାନେ ଏତେ ଭଲ ପାଉଛନ୍ତି ? ହଁ ଏଇଟା ଜାଣିପାରିଥିଲି ଯେ ଯିଏ ପରିଶ୍ରମ କରେ ସେ ଧନୀ ହୋଇଯାଏ । କେଉଁ ଜିନିଷ ରହିଲେ ମଣିଷ ସବୁଠାରେ ସମ୍ମାନ ପାଏ ବୋଲି ତା ମୁଣ୍ଡରେ କିଛି କିଛି ପଶୁଥାଏ କିନ୍ତୁ ଭାବିବା ସମୟରେ, ଦଶରୁ କୋଡିଏ ଚକୱାଲା ଲମ୍ବା ଲମ୍ବା ଗାଡି ଗୁଡାକ ତା ପାଖ ଦେଇ ଭୁସ ଭାସ ହୋଇ ଚାଲି ଯାଉଥାନ୍ତି । ଟିକେ ଖୁସି ହୋଇ ସେ କହୁଥାଏ "ଦେଖିଲୁ ରାଜୁ କେତେ ଲମ୍ବା ଗାଡି । ତୁ ଆଗରୁ କେବେ ଦେଖିଛୁ ?" ରାଜୁ କହେ ମୁଁ ପରା ମୋ ବାପାଙ୍କ ଗାଡ଼ିରେ ଛୁଟି ଦିନିଆ ଭୁବନେଶ୍ୱର ଆସିଥାଏ । ବାପା ମୋତେ ନେଇ ଆସନ୍ତି ନନ୍ଦନକାନନ ଚିଡ଼ିଆଖାନା ଦେଖେଇବାକୁ । ସେଠାକୁ ଗଲେ ତୁ ଜୀବନ୍ତ ବାଘ, ଭାଲୁ, ହାତୀ ଆଦି ପଶୁ ପକ୍ଷୀ ଓ ମୟୁର ମଧ୍ୟ ଦେଖିପାରିବୁ । ତପନ ଆଶ୍ଚର୍ଯ୍ୟ ହୋଇଗଲା । "ସତରେ ଜୀବନ୍ତ ବାଘ ଦେଖିଛୁ ତ ! ମଣିଷ ଖାଇଯାଏ ପରା ବାଘ ?" ନାହିଁରେ ସେମାନେ ତାର ଜାଲି ଭିତରେ ରୁହନ୍ତି ବନ୍ଦୀ ହୋଇ । ଆମେ ଜାଲି ଅପର ପାର୍ଶ୍ୱରୁ ତାଙ୍କୁ ଦେଖିପାରିବା । ଏମିତି ତିନି ସାଙ୍ଗ କଥା ହେଉ ହେଉ ଯାହା ସନ୍ଦେହ ରହୁଥାଏ ପ୍ରଧାନ ଶିକ୍ଷକଙ୍କୁ ପଚାରୁଥାନ୍ତି ।

ତପନ ମନରେ ଓ ହୃଦୟରେ ଅଜଣା ଖୁସି ଓ ଆବେଗ । ପଙ୍କରୁ ପଦ୍ମଭଳି ପ୍ରସ୍ଫୁଟିତ ହୋଇ ଯାଉଥାଏ ତାର ହୃଦୟ, ଅନ୍ତର ଓ ଚପଳା ମନ । ସେ ଆଜି ଏକ ନୂଆ ଦୁନିଆ ଦେଖୁଛି । ଯେଉଁ ଦୁନିଆରେ କି ବଡ଼ ବଡ଼ କାରଖାନା, ବଡ ବଡ ଗାଡି ଓ କୋଠାଘର ମଧ୍ୟ । ଯାହାକୁ ଶୀତଦିନର ଦାଢୁଆ ଶୀତର କଟାକ୍ଷରୁ ରକ୍ଷାପାଇବା ପାଇଁ ମାଆ ଘୋଡେଇ ଦେଇଥାନ୍ତି ଛିଣ୍ଡା କୁଟୁରା ହେନ୍ସ ମସିଣା । ଥୁରୁ ଥୁରୁ ହୋଇ ରାତି କଟିଯାଉଥାଏ ସେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶିତୋଷ୍ଣତା ମଧ୍ୟରେ ।

ରାତି ପାହିବା ପୂର୍ବରୁ ସେମାନେ ଶଯ୍ୟାତ୍ୟାଗ କରି ନିଜକୁ ପ୍ରସ୍ତୁତ କରିଥିବାରୁ ମହେଶ ଓ ରାଜେଶକୁ ନିଦ ଆସିଯାଇଥିଲା । ସେ ଦୁଇଜଣ ଆଉ ତପନ ସହିତ କଥା ନହୋଇ ନିଜ ସିଟରେ ଶୋଇପଡିଲେ । ଏକୁଟିଆ ତପନ ନା ନିଦ ଆସୁଛି ନା କାହା ସହ କଥା ହେଇ ପାରୁଛି । ଯାହା ହେଲେ ବି ପ୍ରଧାନ ଶିକ୍ଷକଙ୍କ ସହ କଣ ସାଙ୍ଗ ଭଳି କଥା ହେଇହୁଏ । ହେଲେ ପ୍ରଧାନଶିକ୍ଷକ କହିଲେ "କିରେ ତପନ ତୋତେ ନିଦ ଆସୁ ନାହିଁକି ? ଜାଣିଛୁ ଆଗକୁ ମହାନଦୀ ଆସିବ ।" ସାର ମୁଁ ମହାନଦୀ ଦେଖିବି ! ମୋତେ ଟିକେ ମହାନଦୀ ଯିଏକି ଓଡ଼ିଶାର ବଡ଼ ନଦୀ ଦେଖେଇ ଦେବେ କି ସାର ?" ତପନ ଆବେଗ ହୋଇ ପ୍ରଧାନ ଶିକ୍ଷକଙ୍କୁ ନେହୁରା ହେଲା । ପ୍ରଧାନ ଶିକ୍ଷକ ଟିକେ ହସିଦେଇ କହିଲେ "ଆମେ ପରା ମହାନଦୀ ଉପର ପୋଲ ଦେଇ ଯିବା । ଯାହାକି ଆମ ଓଡ଼ିଶାର ବଡ଼ ପୋଲ । ତୁ ପାଖରେ ବସିଛୁ ଦେଖି ପାରିବୁ ।

ମହାନଦୀ ପୋଲ ଉପରେ ଗାଡି ପହଁଚିଲା । ତପନ ନଦୀ ଉପରର ପୋଲ ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇଗଲା । ପଚାରିଲା "ସାର ଏହି ପୋଲ କଣ ପାଣିରେ ଭାସୁଛି । ଯଦି କେହି ପୋଲ ମଝିରେ ଥିବା ବେଳେ, ପୋଲ ଭାଙ୍ଗିଗଲା ! ତେବେ କଣ ହେବ ସାର ? ବିଚରା ସମସ୍ତେ ମରିଯିବେ !" ପ୍ରଧାନ ଶିକ୍ଷକ କହିଲେ ଆରେ ବାପା ସେମିତି କୁହନ୍ତି ନାହିଁ । କାରଣ ଏହି ପୋଲକୁ କେତେ ବଡ଼ ବଡ଼ ଯନ୍ତ୍ରୀ ମାନେ ପାଣି ଭିତରେ ଖମ୍ବ ତିଆରି କରି ବନାଇଛନ୍ତି । ସେମାନେ ଜାଣିଛନ୍ତି ଏହି ପୋଲ କେବେ ଭାଙ୍ଗିବ ଓ କେତେ ଓଜନ ବୋହିପାରିବ । ଏବେ ବୁଝିଲୁ ଆଉ ଏମିତି ଅଶୁଭ ଚିନ୍ତା କରିବୁ ନାହିଁ ।" ତପନ ଆଶ୍ଚର୍ଯ୍ୟ ହେଉଥାଏ ଓ ମନରେ ଆସୁଥିବା ଅସୁମାରୀ ପ୍ରଶ୍ନ ଗୁଡିକୁ ଚାପି ଦେଉଥାଏ । ଏବେ କଟକ ଧରି ଯାଇଥିଲେ ଆଗକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭୁବନେଶ୍ୱର ଆସିବ । ତପନ ହୃଦୟର ସ୍ପନ୍ଦନ ବଢ଼ିବାରେ ଲାଗିଲା । ପ୍ରତିଯୋଗିତାରେ ସମସ୍ତ ରାଜ୍ୟରୁ ପିଲା ଆସିଥିବେ । ହଜାର ହଜାର ପ୍ରତିଯୋଗୀ ମଧ୍ୟରେ ଆମ ତିନିଜଣଙ୍କୁ ସଙ୍ଘର୍ଷ କରିବାକୁ ପଡିବ । ଏମିତି ଚିନ୍ତା କରୁଥିବା ସମୟରେ ଭ୍ୟାନ ଗାଡିର ଚାଳକ କହିଲେ "ଆସିଗଲା କଳିଙ୍ଗ ଷ୍ଟାଡିଅମ । ଏଇଠାରେ କ୍ରୀଡା ଉତ୍ସବ ହେଉଛି । ଏହି ଷ୍ଟାଡିଅମରେ କ୍ରିକେଟ ଖେଳ ହୁଏ ନାହିଁ ହେଲେ ହକି ଖେଳ ସହିତ ରାଜ୍ୟସ୍ତରୀୟ କ୍ରୀଡା ଉତ୍ସବ ସହିତ ଅନ୍ତରାଷ୍ଟ୍ରୀୟ ଖେଳ ମଧ୍ୟ ହୋଇଥାଏ ।" ରାଜେଶ ଓ ମହେଶଙ୍କର ନିଦ ଭାଙ୍ଗିଗଲା । "ଚାଳକ ଭାଇ କ୍ରିକେଟ ଖେଳ କେଉଁଠି ହୋଇଥାଏ" ପଚାରିଲା ତପନ । ପ୍ରଧାନ ଶିକ୍ଷକ ବୁଝେଇ ଦେଲେ ଆମେ ଯେତେବେଳେ ମହାନଦୀ ପୋଲ ପାରି ହେଲେ ସେତେବେଳେ ଆମେ କଟକ ଜିଲ୍ଲା ମଧ୍ୟ ଦେଇ ଆସିଲେ । ସେଇ କଟକ ସହର ମଧ୍ୟରେ ବାରବାଟୀ କ୍ରିକେଟ ଷ୍ଟାଡିଅମ ଆସିଥାଏ ।"

"ପିଲା ମାନେ ଏବେ ଓହ୍ଲାଅ" କହିଲେ ଚାଳକ ମହାଶୟ । ପିଲା ତିନି ଜଣଙ୍କୁ ଧରି ପ୍ରଧାନ ଶିକ୍ଷକ ମହାଶୟ ଚାଲିଲେ ସେମାନଙ୍କର ନାମ ପଞ୍ଜିକରଣ କରେଇବାକୁ ।

ହେଲେ ସେଠାରେ ଘୋଷଣା କରାଯାଇଥିଲା ଯେ, ପ୍ରତ୍ୟେକ ବିଦ୍ୟାଳୟରୁ କେବଳ ଜଣେ ମାତ୍ର ପ୍ରତିଯୋଗୀଙ୍କୁ ପ୍ରତିଯୋଗିତାରେ ଭାଗନେବା ପାଇଁ ନାମ ପଞ୍ଜିକରଣ କରାଇ ପାରିବେ । ଏବେ କାହାର ନାମ ପଞ୍ଜିକରଣ ହେବ ଚିନ୍ତାରେ ପଡ଼ି ଯାଇଥିଲେ ପ୍ରଧାନ ଶିକ୍ଷକ ! ତାଙ୍କର ମନେ ପଡିଯାଇଥିଲା ଅଷ୍ଟମ ଶ୍ରେଣୀରେ ଅଲମ୍ପିକ ଗେମ ବିଷୟରେ । ଆଧୁନିକ ଅଲମ୍ପିକର ନିର୍ମାତା Coubertin(କୋବେରଟିନ) ଦେଇଥିବା ଉପଦେଶ, "The most important thing in the Olympic Games is not to win but to partici-pate" ସେ ଅଲମ୍ପିକ ହେଉ କି ଅନ୍ୟ ଖେଳ ହେଉ, ଜିତିବା ଠାରୁ ଅଂଶଗ୍ରହଣ କରିବା ଗୁରୁତ୍ୱ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ପୂର୍ଣ୍ଣ ଅଟେ । ଏଣୁ ଏବେ ମୁଁ କାହାର ନାମ ପଞ୍ଜିକରଣ କରିବି ବୋଲି ଭ୍ରମରେ ପଡିଯାଇଥିଲେ ପ୍ରଧାନ ଶିକ୍ଷକ । ପିଲାମାନଙ୍କୁ ବୁଝେଇଥିଲେ ଯେ ତୁମେ ତିନିଜଣ ମଧ୍ୟରୁ କେହି ଜଣକୁ ଅଂଶଗ୍ରହଣ କରିବାକୁ ପଡିବ । ଖୋଲା ହୃଦୟରେ କୁହ କିଏ ଭାଗ ନେବ ଓ କିଏ ଦର୍ଶକ ହେବ ।

ତପନ ସଙ୍ଗେ ସଙ୍ଗେ କହି ପକାଇଲା "ସାର ମୁଁ ଜଣେ ଗରିବ ଛାତ୍ର ହିସାବରେ ଏତିକି କହିବି ଯେ ମୋର ଭବିଷ୍ୟତ ବୋଲି କଣ ମୁଁ ଜାଣିନି । ସବୁଠାରୁ ମୋର ବଡ଼ କୃତଜ୍ଞତା ଯେ ଆପଣ ଏତେ ସୁନ୍ଦର ଜାଗା ଦେଖିବାର ସୁଯୋଗ ପାଇଲି । ଆପଣ ନବମ ଶ୍ରେଣୀରେ ପଢ଼ାଇଥିବା "The missile man of India" ବିଷୟରେ "ଡକ୍ଟର ଅବଦୁଲ କଲାମଙ୍କ ଜୀବନୀ" ଯେଉଁ ଶିବସୁବ୍ରମନ୍ୟା ଶିକ୍ଷକଙ୍କ ବିଷୟରେ ପଢ଼ାଇଥିଲେ ତାହା ଆଜି ମୁଁ ଅନୁଭବ କରୁଛି । ଏଠି ଭାଗ ନେଇ ଜିତିଲେ କି ହାରିଲେ ମୋର ଭବିଷ୍ୟତ କିଛି ନାହିଁ । କେବଳ ମୋ ମାଆ ହିଁ ମୋର ଭବିଷ୍ୟତ । ତେଣୁ ଆପଣ ମହେଶ ନ ହେଲେ ରାଜେଶ ମଧ୍ୟରୁ କାହାର ଜଣଙ୍କ ନାଁ ପଞ୍ଜିକରଣ କରାନ୍ତୁ ।"

ରାଜେଶ କହିଲା "ସାର ମୁଁ ଯଦି ଏଠାରୁ ଫେରୁଛି ତେବେ ମୋ ବାପା ମାଆ କାଲି ଅଫିସ ଆସିବେ ଅଭିଯୋଗ କାଟିବାକୁ ।"

ମହେଶ କହିଲା, "ସାର ମୁଁ ଭାଗ ନେବି । ଦୟାକରି ମୋ ନାଁ ପଞ୍ଜିକରଣ କରାନ୍ତୁ ।"

ପ୍ରଧାନ ଶିକ୍ଷକ ସମସ୍ତଙ୍କ ମନର କଥା ଶୁଣି ଚିନ୍ତାରେ ପଡିଗଲେ । ଭାବିଲେ ରାଜେଶ ଓ ମହେଶଙ୍କର ଅଭିଭାବକ ନିଶ୍ଚୟ ମୋ ଉପରେ ବିଗିଡିବେ ଯଦି ଏମାନଙ୍କୁ ଆଜି ଫେରିବାକୁ ଦିଏ । ହେଲେ ତପନର ଅଭିଭାବକ ବୋଲି କିଏ କେବଳ ତା ମାଆ । କେବେ ବି ଆମ ବିଦ୍ୟାଳୟ ଫାଟକ ମାଡି ନାହାନ୍ତି ! ହଉ ତମେ ତିନିଜଣ ଏଇଠି ଛିଡା ହୁଅ । ମୁଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଞ୍ଜିକରଣ  କେନ୍ଦ୍ରରୁ ନାମ ପଞ୍ଜିକରଣ କରେଇ ଆସୁଛି ।

ତିନିଜଣ ସେଇଠି ସେମିତି କଥାବାର୍ତ୍ତା ହେଉଛନ୍ତି । ତପନ କହୁଥାଏ "ସାର ନିଶ୍ଚୟ ମହେଶ ନ ହେଲେ ରାଜେଶର ନାମ ପଞ୍ଜିକରଣ କରିବେ । କାରଣ ରାଜେଶର ବାପା ବହୁତ ରାଗି ଲୋକ । ଥରେ ଅଫିସକୁ ଆସି ସାରମାନଙ୍କ ସହିତ ଝଗଡ଼ା କରୁଥିଲେ ।"

ରାଜେଶ ହସି ଦେଇ କହିଲା "ହଁ ଠିକ କହିଛୁ । ଆଜି ଯଦି ସାର ମୋ ନାଁ ଯଦି ପଞ୍ଜିକରଣ ନ କରନ୍ତି ତେବେ ଦେଖିବୁ ମୋ ବାପା କଣ କରିବେ !"

ଏମିତି କଥା ହେଉ ହେଉ ପ୍ରଧାନ ଶିକ୍ଷକ ହସି ହସି ସେମାନଙ୍କ ପାଖରେ ପହଁଚିଲେ  ।

(ଆସନ୍ତା ଭାଗ-୪ ରେ ଆଗାମୀ ଅଧ୍ୟାୟ ନିଶ୍ଚୟ ପଢିବେ)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପିକ୍‌ନିକ୍‌

ଲିନା ସ୍କୁଲରୁ ଫେରୁଥିଲା । ସରିସରି ଆସୁଛି ଶୀତ । ଆଃ ଶୀତଋତୁରେ କେତେ ରୋମାଞ୍ଚ କେତେ ମାଦକତା । ବାଟରେ ମୀନାବଜାର ଖୋଲିଛି । ସିନି ରୋନି ସମସ୍ତେ ଯାଉଛନ୍ତି ଦେଖିବାକୁ । ତାକୁ ଡାକୁଥିଲେ । ସେ ମନା କଲା । ମୀନାବଜାର ଗଲେ ସବୁ ପଇସା ଖର୍ଚ୍ଚ ହୋଇଯିବ । ଲିନା ମନକୁ ମନ ହସି ପକାଇଲା । କାଲି ରବିବାର ଥିଲା । ସମସ୍ତଙ୍କ ଅଜାଣତରେ ଯେଉଁ କାମଟି ସେ କରିଦେଇଛି ଘରେ ବାହାରେ କାହାକୁ କହିନି ।

ବାଟରେ ଗୁପଚୁପ ଠେଲା ଧାଡ଼ିକି ଧାଡି । ଫୁଟପାଥରେ ବୁଲା ବିକାଳିମାନଙ୍କ କୋଳାହଳ ଗୁପଚୁପ ଖାଇବ କି ? ନା ସେ ସାନ ଭଉଣୀକୁ ଲୁଚେଇ ଖାଇପାରିବନି । ଆଜି ପିକନିକ ପାଇଁ ପଇସା ଜମା କରି ଦେଇଥିଲେ କାମ ସରି ଯାଇଥାନ୍ତା କିନ୍ତୁ ବୋଉକୁ ନକହି ସେ କିଛି ବି କରେନି । ଆଜିର କଥା କହି ବୋଉକୁ ଚମକେଇ ଦେବ । ନିଜ ପାରିଲା ପଣିଆକୁ ବୋଉକୁ ଉପହାର ଦେବ । ଆଃ ବିଚାରୀ ବୋଉ କେତେ ସହିଛି ସେ ପିଲାମାନଙ୍କ ପାଇଁ । ବୋଉର କାନଫୁଲ ଆଉ ନାକନୋଥ ନଥିବା ଖାଲି ମୁହଁକୁ ଦେଖିଲେ ତାକୁ ବିକଳ ଲାଗେ, ତେବେ ସେ ବଡ ହେଲାଣି । ଛୋଟ ମୋଟ ଅଭାବ ଅସୁବିଧାକୁ ଦୁରେଇ ପାରିବ । ପାଠ ପଢି ଚାକିରୀ କରିବ । ଆଜିକାଲି ଝିଅମାନଙ୍କ ପାଇଁ କେତେ ଯୋଜନା ହେଲାଣି ବୋଲି



ମଞ୍ଜୁରାଣୀ ମିଶ୍ର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଡିଶା ଘର ପାଠୋଇ ଭାଉଜ କହୁଥିଲେ । ପୋଲ ତଳେ ଚହଲା ପାଣିର ଢେଉ । ନାଳ ପାରିହେଲେ ବୁଦୁବୁଦୁକିଆ ଜଙ୍ଗଲ । ଭଲ ଲାଗେ ବୁଲିବାକୁ ହେଲେ ବେଳ କାହିଁ । ବୋଉ କହିଛି ପୋଲ ତଳକୁ ଜମାରୁ ଓହ୍ଲାଇବୁନି । ନିଛାଟିଆ ଜାଗାଟା । ଘରକୁ ଶୀଘ୍ର ଆସିବୁ । ଘରେ କେତେ କାମ ମସଲା ବଟା ପରିବା କଟା ବାସନ ମଜା ଆହୁରି କଣ କଣ କାମ । ଆଠଦିନ ହେଲା ଲାଇନ କଟିଛି । ଡ଼ିବିରି ଆଲୁଅରେ ପାଠ ପଢିବାକୁ ପଡିବ । ଲିନା ଦୀର୍ଘ ନିଶ୍ୱାସ ଛାଡିଲା । ଗରିବ ହେବା କଣ ପାପ ? ସାର କହୁଥିଲେ ଅନେକ ଜଣାଶୁଣା ମହାପୁରୁଷ ସମ୍ମାନ ପାଉଥିବା ମଣିଷ ଗରିବ ଘରେ ହିଁ ଜନ୍ମ ହୋଇଛନ୍ତି ।

ସାଙ୍ଗ ସାଥୀ ଗାଡ଼ିରେ ରିକ୍ସାରେ ଘରକୁ ଫେରୁଛନ୍ତି । ସେ ରିକ୍ସାଟିଏ ଯୋଗାଡ କରିଥିଲା ସାଙ୍ଗ ହୋଇ ଯିବାକୁ ବୋଉ ମନାକଲା । ଏମିତି କେତେ ବାଟ କି, ଚାଲି ଚାଲି ଗଲେ ଫୁର୍ତ୍ତି ଲାଗିବ । ବୋଉଟା ଟିଫିନ ଖର୍ଚ୍ଚ ପାଇଁ ପଇସାଟେ ଦିଏନି ।

କହେ ବାହାର ଖାଦ୍ୟରେ ଭେଜାଲ ଦେହ ଖରାପ । ପୁରୁଣା ଟିଫିନ ଡବାରେ ଦେଇଥାଏ ଚୁଡା ଭଜା ରୁଟି ସନ୍ତୁଳା ଆଉ ପୁନିଅଁ ପରବରେ ବଳି ପଡିଥିବା ପିଠା । ସୁନ୍ଦର ପ୍ଲାଷ୍ଟିକ ଡବାଟେ କିଣିବାକୁ ଭାରି ମନହୁଏ ତେବେ ବୋଉକୁ କହିବାକୁ ସାହସ ହୁଏନି ।

ଆଜି ତ ସାନଭଉଣୀ ଚକଲେଟ କିଣିବାକୁ ପଇସା ମାଗୁଥିଲା ଯେ ବୋଉ ତାକୁ ଚାପୁଡ଼ାଟେ ପକେଇ କହିଲା ମୁଣ୍ଡକୁ ତେଲ ଟିକେ ମିଳେନି କଣ ନା ଚକଲେଟ ଖାଇବ । ପିକନିକ ପାଇଁ ପଇସା ଯୋଗାଡ କରିବା କଥା ସେ ବୋଉକୁ କହିବାକୁ ଭାବିଥିଲା କିନ୍ତୁ ବୋଉର ଥମ ଥମ ମୁହଁ ଦେଖି ଚୁପ ପଡିଲା । ସ୍କୁଲରୁ ଫେରିଲେ ସେ ସବୁ କଥା କହିବ । କାଲି ପିକନିକ ପାଇଁ ପଇସା ସ୍କୁଲରେ ଦେବାକୁ ପଡିବ । ବୋଉ କଣ ପାଇଁ ସବୁ ବେଳେ ଚିଡ଼ ଚିଡ଼ ହୁଏ ଅଧ ରାତିରେ ବାପାଙ୍କ ସହିତ ଝଗଡା କରେ । ବାପଘରକୁ ଚାଲିଯିବି ବୋଲି ଧମକ ଦିଏ । ଥରେ ତ ଏମିତି ହେଲା ବୋଉ ବିନା ଉପକ୍ରମଣିକାରେ ବାପ ଘରକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବାହାରିଲା । ମାମୁଁ ଘରକୁ ଯିବା ପାଇଁ ଲିନା ମନେ ମନେ ଭାରି ଖୁସି ହୋଇ ଯାଇଥିଲା । ମାମୁଁଘର ଗାଡ଼ିଆ ଆମ୍ବତୋଟା, ଉଛପିଣ୍ଡା ତଳେ ଲୁଚକାଳି ଖେଳ । ବାରି ଅଗଣା ଶୁଆ ଶାରୀ ପଞ୍ଜୁରୀ । କୂଅ ଚାନ୍ଦିନୀ ବଉଳ ଗଛ । ପୁଣି କଣ ହେଲା ବାପା ବୋଉକୁ କଣ କହି କ୍ଷମା ମାଗି ଭୁଲେଇଦେଲେ ।

ସେତେବେଳେ ଲିନା ବହୁତ ସାନ ଥିଲା ବୁଝି ପାରିଲାନି । ବୋଉ ଆଉ ଗଲାନି । ଲିନାର ମନ ଫିକା ପଡିଯାଇଥିଲା । ହଉ ଥାଉ ସେ କଥା ଏଥରକ ଖରାଛୁଟିରେ ସେ ମାମୁଁ ଘରକୁ ଯିବ ଯେତେଦିନ ଇଚ୍ଛା ସେତେଦିନ ରହିବ ।

ଆଗ ଯେଉଁଠି ସେ ତଳ କ୍ଲାସରେ ପଢୁଥିଲା ଭଲ ଥିଲା । ସାଙ୍ଗ ସାଥୀ ବହୁତ ଥିଲେ । ରିସେସରେ ଗରମ ଭାତ ଡାଲମା ଖାଇବାକୁ ମିଳୁଥିଲା । କେବେ କେବେ ଅଣ୍ଡା ତରକାରୀ । ସେ ସପ୍ତମ ଶ୍ରେଣୀରେ ବୃତ୍ତି ପାଇଥିଲା ଯେ ସବୁ ଟଙ୍କା ବୋଉ ଘର ଖର୍ଚ୍ଚରେ ସରେଇଦେଲା । ସେ ପଇସା ଯଦି ଥା'ନ୍ତା ତା'ହେଲେ ପିକନିକ ଚାନ୍ଦା ଦେବାପାଇଁ ଏତେ ଭାବିବାକୁ ପଡ଼ିନଥାନ୍ତା ।

ଲିନା ଆଉଥରେ ସବୁ ପଇସା ମନେ ମନେ ହିସାବ କରିନେଲା । ସରାଗାତ ଭାଙ୍ଗି ଆଉ ପୁରୁଣା ଖାତା ବହି ବିକି ସେ ପଇସା ଯୋଗାଡ କରିଦେଇଛି । ପିକନିକ ଚାନ୍ଦା ଦେଇ ସାରିଲା ପରେ ଆହୁରି କିଛି ବଳିବ । ସାନଭଉଣୀ ପାଇଁ ଚକଲେଟ କିଣିଦେବ । ଯେମିତି ହେଲେ ପିକନିକ ଯିବାକୁ ପଡିବ । ଆର ବର୍ଷ ପଇସା ଅଭାବରୁ ସେ ଯାଇନଥିଲା । ଏ ବର୍ଷ ନଗଲେ ସେ ତଳେ ପଡ଼ିଯିବ । ସାଙ୍ଗସାଥୀ ଯିବେ ଫେରିଲା ପରେ ତାକୁ ସବୁ କହିବେ ଭୋଜିରେ କଣ କଣ ହୋଇଥିଲା । କେତେଦିନ ହେଲା ସେ ଭୋଜି ଖାଇନି । ମାଉସୀ ବାହାଘରକୁ ଯାହା ସିଏ ଯାଇଥିଲା । ଭୋଜି ଖାଇବାପାଇଁ ଜଗିଜଗି ରାତି ଅଧ ହୋଇ ଯାଇଥିଲା । ସେ ଶୋଇ ପଡିଥିଲା । ନିଦ ଭାଙ୍ଗିଲା ବେଳକୁ ମାଉସୀ ବିଦା ହୋଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସାରିଥିଲା । ସେ ଭୋଜି ଖାଇବା ପାଶୋରି ଦେଇଥିଲା ।

ସେ ସବୁ ବହୁତ ଦିନ ତଳର କଥା । ମନେ ପକାଇ କିଛି ଲାଭ ନାହିଁ । ଗୋଟେ ଗପ ବହିରେ ସେ ପଢିଥିଲା । ଭୁଲିଯିବାଟା ହିଁ ଜୀବନ । ବର୍ତ୍ତମାନରେ ଜିଇଁବା ହିଁ ମଣିଷ ପଣିଆର କର୍ତ୍ତବ୍ୟ । ଏ ବର୍ଷ ପିକନିକରେ ସେ ମଜା କରିବ । ମାମୁନି ସାଥିରେ । ମାମୁନି ତାର ଭଲ ସାଙ୍ଗ । ବଡଘର ଝିଅ ତଥାପି ଟିକିଏ ବୋଲି ଗର୍ବ ନାହିଁ । ଆଣିଥିବା ଜଳଖିଆ ସାଙ୍ଗରେ ଖୁଆଏ । ବାଟରେ ଭେଟ ହେଲେ ଗାଡି ଅଟକାଏ । ଡ୍ରାଇଭର ଗାଡି ଚଲଉଥାଏ । ଗାଡ଼ିରେ ଗୀତ ବାଜୁଥାଏ । ପରଫ୍ୟୁମର ବାସ୍ନାରେ ଭିଜି ଭିଜି କେତେବେଳେ ରାସ୍ତା ସରିଯାଏ ଜଣାପଡେନି । ତଥାପି ସେ ଅଭାବର ଧାରା ବିବରଣୀ ମାମୁନି ଆଗରେ ପଢ଼ିପାରେ ନାହିଁ । ଲିନା ଭାବେ ଯେତେ କମ ପାଠ ପଢିଲେ ବି ସେ ଚାକିରୀ କରିବ । ନିଜ ରୋଜଗାରରେ ନିଜେ ଖର୍ଚ୍ଚ କରିବ । ବୋଉ କାନିରେ ପଇସା ବାନ୍ଧିଦେବ । ବାପାଙ୍କ ପାଇଁ ସ୍ୱେଟର କମ୍ବଳ କିଣିଦେବ । ଆଉ ସାନଭଉଣୀକୁ ହାତ ଖର୍ଚ୍ଚ ଦେବ । ରଥଯାତ୍ରା କି କୁମାର ପୂର୍ଣ୍ଣିମୀରେ ତାପରେ ତାପରେ....

ସପନର ହାୱାରେ ଭିଜି ଭିଜି କେତେ ବାଟ ସେ ଆସି ସାରିଲାଣି । ବାଟରେ ବାଉଁଶରାଣୀ ଖେଳ ହଉଛି । କେତେ ଉଚ୍ଚରେ ଟିକି ଝିଅଟେ ଚାଲୁଛି । ପଡ଼ିଯିବ ନାହିଁତ । ବଡ ଝିଅଟି ନାଚ କରୁଥିଲା ବାପା ବାଜା ବଜଉଥିଲା । ଲୋକମାନେ ରୁଣ୍ଡ ହୋଇଥିଲେ । ଟଙ୍କା ପଇସା ଫୋପାଡୁଥିଲେ । ହୁଇସିଲ ମାରୁଥିଲେ । ଜଣେ କିଏ ପଚାରୁଥିଲା ବାପାକୁ ଅପେରାରେ ମିଶିବ କି ତମ ଝିଅ ? ବାପ ନାହିଁ କରୁଥିଲା । ବାଉଁଶରାଣୀ ଖେଳ ସରି ସରି ଆସୁଥିଲା । ବାପ ଦୁଇ ଝିଅ ରାସ୍ତା ତଳକୁ ଓଲ୍ଲହାଇବାକୁ ବାହାରିଲେ । ଆଜିର ରୋଜଗାର ଗଣିଲେ । ସେ ବାଉଁଶରାଣୀ ଝିଅକୁ ଦୁଇ ଟଙ୍କା ଦେଲା । ତାରି ବୟସର ଝିଅଟି । ମା ନାହିଁ ବୋଧହୁଏ । ପାଠ ପଢିବାଛାଡ଼ି ଘର ସମ୍ଭାଳିବା ଶିଖୁଛି । ବାଉଁଶରାଣୀ ଖେଳ ଖେଳି ଜୀବନ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଟାଉଛି । ଜୀବନଟା ଏକ ଖେଳଘର କିଏ କେଉଁ ଖେଳରେ ପାରଙ୍ଗମ ।

ସେ କଥା ଏବେ ଥାଉ । ଆଉ ଅଳ୍ପ ସମୟ ଗଲେ ସଞ୍ଜ ନଇଁ ଆସିବ । ଲାଇଟ ଜଳିଲାଣି । ଘରେ ପହଞ୍ଚିଲା ବେଳକୁ ବୋଉ ଚଉରାମୂଳରେ ସଞ୍ଜବତୀ ଦେଉଥିଲା । ପ୍ରଣାମ ଜଣାଉଥିଲା । କଣ ଆଉ ମାଗୁଛି ବୋଉ କାଲି ପଅରଦିନର ଘର ସଂସାର ପାଇଁ ଦାନ ପାଣି ପିଲାମାନଙ୍କୁ ଭଲରେ ରଖିବା ପାଇଁ କାକୁସ୍ଥ ପ୍ରାର୍ଥନା । ସାନଭଉଣୀ ଦିଟା ଲୁଚକାଳି ଖେଳ ଖେଳୁଥିଲେ, ଅଗଣାରେ । ବାଇଆର କିସ ଯାଏ ବାଆହେଲେ ବସା ଦୋହଲୁଥାଏ । ଚୁଲି ଉପରେ ଭାତ ଫୁଟୁଥିଲା ।

ରଚନା ଖାତାରେ ଆତ୍ମକାହାଣୀ ଲେଖିଲା ଭଳି ସେ ଆତ୍ମ କଥା କହିପକାଇଲା ନିଜ ଆତ୍ମସମ୍ମାନ ଆଉ ଆବେଗକୁ ମୁଠେଇ ଧରି ଅଣନିଶ୍ୱାସୀ ହୋଇ । ହୁଏତ ବୋଉ ଖୁସି ହୋଇଯିବ । ଆନନ୍ଦରେ କୁଣ୍ଢେଇ ପକେଇବ । ଝିଅ ନିଜ ବୁଦ୍ଧି ବଳରେ ସବୁ ସମାଧାନ କରିଦେଲା ବୋଲି । ପାଞ୍ଚ ଦିନ ହେଲାଣି ସେ ବୋଉକୁ ପଇସା ମାଗୁଛି । ବୋଉ କହୁଛି ରହ ଦେଖିବା । ଆଉ ଥରେ ସରାଗାତ ଭାଙ୍ଗି ଔଷଧ ପାଇଁ ପଇସା ଯୋଗାଡ କରିଥିଲା । ବୋଉ ଆଶ୍ଚର୍ଯ୍ୟ ହୋଇ ଯାଇଥିଲା, ଏଥର ବି ସେମିତି ଲିନା ମନରେ ଡେଣା ଲାଗି ଯାଇଥିଲା ।

ବୋଉ ବୋଉ ଏ ପଇସା ପୁରୁଣା କାଗଜ ଖାତା ବିକି....

ବୋଉ ପଇସା ଛଡେଇ ନେଇ କହିଲା ଭଲ କଲୁ । ରାତି ପାଇଁ ପରିବା ନାହିଁ ଡ଼ାଲି ଟିକେ ପାଇଁ ରୁନା କାନ୍ଦୁଛି । ତେଲ ନାହିଁ କି ଫୁଟଣ ନାହିଁ । ଭଗବାନ ଦେଲେ ବୋଉ ଖୁସି ହୋଇଗଲା । ଗଲୁ ଗଲୁ ସଉଦା ପରିବାପତ୍ର ଆଣିବୁ । ଆଜି ଦିନଟା ଭଲରେ ଟିକେ ଖାଇବା । କାଲି କଥା କାଲିକି ଚକେ ଗଲେ ବାରହାତ । ଲିନାର କଥା ଅଧା ରହିଗଲା । ସେ ପଥର ପରି ଠିଆ ହୋଇ ରହିଲା । ବୋଉ କହିଲା ଆଲୋ ଯାଉନୁ ।

ହାଇଦ୍ରାବାଦ, ୭୩୮୧୭୬୨୫୭୬୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦୁଃଖିନୀ କପୋତି



କବିତା ମିଶ୍ର

ସୌଦାମିନୀ ନୀରବ ନିଶ୍ଚଳ । ପଥର ପିତୁଳା ସଦୃଶ । କେତେ ବେଳେ ରାତି ପାହି ସକାଳ ହେଉଛି, ପୁଣି ସକାଳ ପରେ ସଂଜ ଆସୁଛି । ସେ ଜାଣିପାରୁ ନାହାନ୍ତି । ମନ ବିଷାଦଗ୍ରସ୍ତ । ହୃଦୟ କ୍ଷୁଦିତ ମଧ୍ୟାହ୍ନ । ଯେତେ ବୁଝାଇଲେ ଅମାନିଆ ଲୁହ ନଇ ବନ୍ଧନ ମାନୁନି । ତାଙ୍କ ଝିଅର ହସ, କାନ୍ଦ, ଚାଲିଚଳନ ମା... ମା... ଡାକରେ ଆନ୍ଦୋଳିତ ହୋଇ ଉଠୁଛି ମନ । ଦୁଃଖ ଜର୍ଜରିତ ହୋଇ ତାତି ଉଠୁଛି ଶୀରା ପ୍ରଶିରା, କିଏ ସେ ଦୁର୍ଦ୍ଧାନ୍ତ ? କିଏ ସେ ରାକ୍ଷସ ? ସାକ୍ଷାତ ଯମଦୂତ ସାଜି ନେଇଗଲା ତାଙ୍କ ଅଲିଅଳିକୁ । ଶୂନ୍ୟ କରିଦେଲା ତାଙ୍କ କୋଳ । ସାରା ଜୀବନ ଶୋକ ସାଗରରେ ତାଙ୍କୁ ବୁଡାଇ ଦେଇ ଛଡାଇ ନେଲା ଶିଶୁ କନ୍ୟାଟିକୁ । 'ମା' ହୋଇ ତାକୁ ସୁରକ୍ଷା ଦେଇପାରିଲି ନାହିଁ ?

ସୌଦାମିନୀଙ୍କ ବୁକୁଫଟା କାନ୍ଦରେ ଥରି ଉଠୁଛି ବସୁଧା । ଗଗନ ପବନ ସମସ୍ତେ ନୀରବଦ୍ରଷ୍ଟା । କିଏ ତାଙ୍କୁ ସାନ୍ତ୍ୱନା ଦେବ ? କିଏ ତାଙ୍କର ଶୂନ୍ୟକୋଳକୁ ପୂର୍ଣ୍ଣ କରିବ ? ଝିଅଟିଏ ଜନ୍ମ ହେବା ଏ ସମାଜରେ କଣ ପାପ ? ଭଗବାନ ଝିଅମାନଙ୍କୁ ଏତେ ଅସହାୟ କରି ଗଢ଼ିଛନ୍ତି । ପୁରୁଷର କୁଦୃଷ୍ଟିର କଷାଘାତରେ ସେ କଣ ପେଷି ହୋଇ ଚାଲିଥିବ ? କାହିଁକି ପ୍ରଭୁ, ତୁମର ଏପରି ବିଚାର ? ମାତୃଗର୍ଭରୁ ତାକୁ କରାଯାଉଛି ଭ୍ରୂଣହତ୍ୟା

Listen to Odia Podcast on https://anchor.fm/aahwaan
ଆହ୍ୱାନ-ଓଡ଼ିଆ

Magazine Downloaded from www.aahwaan.com

ଭୂମିଷ୍ଠ ହୋଇ କୁଆଁ କୁଆଁ କାନ୍ଦି ସତେ ଅବା କହି ପକାଉଥାଏ, ମତେ ବଞ୍ଚାଅ, ମତେ ଭଲପାଅ, ସୁରକ୍ଷା ଦିଅ ଧୀରେ ଧୀରେ ଏ ଧରାରେ ପାଦ ଥାପି ଖେଳି ବୁଲେ ସମସ୍ତଙ୍କ ସ୍ନେହଶ୍ରଦ୍ଧା ପାଇବାକୁ ବ୍ୟାକୁଳ ହୁଏ, ସ୍ନେହଶ୍ରଦ୍ଧାର ପ୍ରତାରଣା କରି ଅନେକ ରାକ୍ଷସ ସମାଜରେ ଘୂରି ବୁଲନ୍ତି । ନୀରିହା ଅବଳା ଛନ୍ଦ କପଟ ହୀନ ଶିଶୁକନ୍ୟାଟିକୁ ପ୍ରଲୋଭନ ଦେଖାଇ ନେଇଯାଇ ତାକୁ ଖିନ୍‌ଭିନ୍ କରିଦିଅନ୍ତି । ଏଭଳି ଜଘନ୍ୟ ହୀନ କର୍ମ ଘଟାଇବାକୁ କୁଣ୍ଠାବୋଧ କରନ୍ତି ନାହିଁ ଅକାଳରେ ଝରି ପଡ଼େ ନୀରିହ ଜୀବନଟି । ତା 'ମା' କୋଳ ଶୂନ୍ୟ କରି ଦୁଃଖ ଯନ୍ତ୍ରଣାରେ ଛଟପଟ ହୋଇ ·ଲିଯାଏ ଆରପାରିକୁ ।

ହେ ଭଗବାନ, ତୁମେ ପରା ନିଜ ହାତରେ ଗଢ଼ିଛ ଏ ସୃଷ୍ଟିକୁ, ତୁମର ଏ କି ବିଚାର ? କାହିଁକି ଅପରାଧୀ ଦୁର୍ମତିକୁ ଶାସ୍ତି ନଦେଇ ଚୁପ ରହିଛ ପ୍ରଭୁ ? କେଉଁ ଅଜଣା ରାଇଜରେ ବିକଳରେ ଛଟପଟ ହେଉଥିବ ମୋ ଝିଅର ଆତ୍ମା, ପୁତ୍ରହରା ଦୁଃଖିନୀ କପୋତି ପରି, ଚଟାଣରେ ହୁ ହୁ ମୁଣ୍ଡପିଟି ବାହୁନି ଉଠିଲେ ସୌଦାମିନୀ, ସ୍ୱାମୀ ଉଠାଇ ନେଇ ବୁଝାଇଲେ ରାତି ଅନେକ । ତାଙ୍କୁ ବିଛଣାରେ ଶୁଆଇ ଦେଲେ । ଲୋତକ ଭରା ଆଖି ଦୁଇଟିର ପଲକ ପଡିଗଲା ତାଙ୍କର ।

ପାହାନ୍ତା ପ୍ରହର ଚନ୍ଦ୍ରମା ଲୁଚି ଲୁଚି ଯାଉଛନ୍ତି ନୀଳ ଗଗନରେ । ମିଞ୍ଜି ମିଞ୍ଜି ତାରାଙ୍କ ଭିତରେ, କୁଆଁ ତାରାଟି ଦିଗ୍ ଦିଗ୍ ହୋଇ ଉଜ୍ଜ୍ୱଳତା ଭରି ଦେଉଛି । ଅଶ୍ରୁଳ ଅବଶ ଆଖି ଦୁଇଟା ଖୋଲି ହେଉନାହିଁ । ଭାସି ଆସିଲା କଣ୍ଠଥରା କାନ୍ଦ କାନ୍ଦର ବାର୍ତ୍ତା ବୋଉ... ବୋଉ ତୁ ମୋ ପାଇଁ କାନ୍ଦୁଛୁ ? ମତେ ଏମିତି ଦଣ୍ଡ କିଏ ଦେଇଛି ବୋଲି ସାରା ଦୁନିଆରେ ଅନେକ ଚର୍ଚ୍ଚା । କେତେକ ଦୁର୍ବୃତ୍ତ ମୋର ଏମିତି ଅବସ୍ଥା କରିଛନ୍ତି । ଅତି ନିର୍ମମ ଭାବରେ ମୋର ଶରୀରକୁ ଖିନ୍‌ଭିନ୍ କରି ତୋ କୋଳ ଶୂନ୍ୟ କରି ଦେଇଛନ୍ତି । ସେହି ଦୁରାଚାରୀ ଅମଣିଷ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାନଙ୍କୁ ମୁଁ ଉଚିତ୍ ଦଣ୍ଡ ଦେବି । ବୋଉ, ତୁ ମୋର ଜନ୍ମଦାତ୍ରୀ, ଯୁଗେ ଯୁଗେ ତୁ ମୋର ମାଆ, ମୁଁ ତୋର ଅଲିଅଳି କନ୍ୟା, ତୋର ଗର୍ଭରୁ ମୁଁ ପୁନର୍ବାର ଜନ୍ମ ହେବି । ଆଉ ସେ ଅବଳା ଦୁର୍ବଳା ନିରିମାଖି କନ୍ୟା ପରି ନୁହେଁ । ତେତ୍ରିଶକୋଟି ଦେବତାଙ୍କ ଆଶିଷ ପାଇ, ଦେବୀ ଦୁର୍ଗା 'ମା' କାଳୀ ରୂପ ନେଇ ଆସିବି । ସେ ପାପୀ କଳୁଷିତ ରାକ୍ଷସମାନଙ୍କୁ ବିନାଶ କରି, ସୁଖ ଶାନ୍ତିର ଧ୍ୱଜା ଉଡାଇ ଦେବି ମହୀମଣ୍ଡଳରେ । କୋମଳମତି ଶିଶୁ କନ୍ୟା ଓ ନାରୀ ଜାତିକୁ ସୁରକ୍ଷା ଦେବି ମୁଁ । ସେ ଦୁର୍ଦାନ୍ତ, ନିର୍ବୋଧ, ଅମଣିଷ ମାନଙ୍କୁ ଚେତାଇ ଦେବି, ନାରୀ ଅବଳା ନୁହେଁ, ସେ ତେଜସ୍ୱିନୀ, ଶକ୍ତିପ୍ରଦାୟିନୀ, ଯୁଗେ ଯୁଗେ ସେ ମହାନ୍ ।

ସୌଦାମିନୀଙ୍କ ନିଦ ଭାଙ୍ଗିଗଲା । ଅଚାନକ ବିଛଣାରୁ ଉଠି ବସି ପଡିଲେ । ସ୍ୱାମୀଙ୍କ ଆଖିରୁ ଲୁହ ପୋଛି ଦମ୍ଭରେ କହି ଉଠିଲେ, ତୁମେ କାନ୍ଦନା, ଆମ ଝିଅ ଆମ କୋଳକୁ ଫେରି ଆସିବ ।

ଆମର ଶୂନ୍ୟକୋଳ ପୂର୍ଣ୍ଣ ହେବ । ମହାଶକ୍ତି ନେଇ ସେ ଜନ୍ମ ହେବ । ଅଧର୍ମୀ ଦୁରାଚାରୀ ପାପୀମାନଙ୍କୁ ନିଜ ହାତରେ ବିନାଶ କରି ସେ ମାତୃଜାତିକୁ ଶସକ୍ତ କରିପାରିବ । ଏ କଳୁଷିତ ଧରାବକ୍ଷରେ ବହିଯିବ ପ୍ରେମ ମନ୍ଦାକିନୀ । ହସି ଉଠିବ ଦଳିତା ପୃଥିବୀ । ହସି ଉଠିବେ ତାପରି କୋମଳମତି ଶିଶୁକନ୍ୟାମାନେ ।

ଅବସରପ୍ରାପ୍ତ ଶିକ୍ଷୟିତ୍ରୀ
ନୀଳାଦ୍ରିବିହାର
ଭୁବନେଶ୍ୱର-୭୫୧୦୨୧
ମୋ.ନଂ : ୯୯୩୭୦୩୩୭୫୦

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ପ୍ରେମର ଅନ୍ୟନାମ ପ୍ରତାରଣା



ସରୋଜ କୁମାର ଜେନା

ସେଦିନ କମ୍ପାନୀ ଚାକିରିରୁ କିଛିଦିନ ଛୁଟି ଧରି ହାଇଦ୍ରାବାଦରୁ ଘର ବାହୁଡ଼ା ହୋଇ ଫେରିଥାଏ ଜୀବନ ନିଜ ଗ୍ରାମ ସଁ ପଡ଼ାକୁ ।

ଆଉ ଆସି ଗାଁରେ ପହଞ୍ଚିଲା ପରେ । ଜୀବନକୁ ନିଜର ବଡ଼ ଭଉଣୀ କହିଥିଲା ଆରେ ଜୀବନ କାଲି ଆମ ଗାଁ ଆଡେ ଟିକିଏ ବୁଲିଯିବୁ । ଜୀବନ କହିଲା ନାନୀ କଣ କିଛି ହେଉଛି କି ତୁମ ଗାଁରେ । ଜୀବନର ଭଉଣୀ ସେଠୁ କହିଲେ ଆରେ ହଁ ଖୁଦୁରୁକୁଣୀ ମେଳା ଆମ ଗାଁରେ ଧୁମ୍ ଧାମରେ ହେଉଛି । ସେଠୁ ଜୀବନ କହିଲା ହଉ କାଲି ମୁଁ ନିଶ୍ଚିତ ଯିବି ।

ତାର ପରଦିନ ହେଲା ଜୀବନ ନିଜର ବଡ଼ ଭଉଣୀ ଘରକୁ ଖୁଦୁରୁକୁଣୀ ମେଳା ଦେଖିବାକୁ ଯାଇଥାଏ । ସେଠି ବି ଜୀବନ ଜଣେ ପୁରୁଣା ଝିଅ ବନ୍ଧୁ ମାମା ଦେଖା ହେଲା ଜୀବନ ସହିତ ଆଉ ତାକୁ ଦେଖି ତାକୁ ଭଲ ମନ୍ଦ କିଛି ପଚାରିଲା । ଜୀବନ ସେଠୁ କହିଲା ହଁ ସେମିତି ଭଲ ଅଛି । ଏହି ସମୟରେ ହଠାତ୍ ଏକ ସୁନ୍ଦର ତରୁଣୀ ଆସି ମାମାକୁ ଡାକିଲା ଆରେ ମାମା ଆସେ ଓଷା ପାଇଁ କିଛି ତେଲ ସାଦିବା । ସେଠୁ ଜୀବନ ସେ ଝିଅକୁ ଦେଖି ଆଚମ୍ବିତ ହୋଇ ଯାଇଥିଲା । ପ୍ରଥମ ଦେଖାରେ ନଜର ପଡୁ ନଥାଏ ଉଭୟଙ୍କର । ସେଠୁ ମାମା କହିଲା ତାର ଝିଅ ସାଙ୍ଗକୁ ତୁ ଯାଆ ମୁଁ ଟିକିଏ ବିଳମ୍ବରେ ଯିବି । ସେଠୁ ସେ ଝିଅ ସେଠୁ ଚାଲିଯାଇଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଠୁ କିଛି ସମୟ ଗଲାପରେ ଜୀବନ ମାମାକୁ ପଚାରିଲା ଏ ଝିଅ କିଏ । ଆଉ ଏହାର ନାମ କଣ ? ସେଠୁ ମାମା ଜୀବନକୁ କହିଥିଲା ତୁମେ କାହିଁକି ଏତେ କଥା ପଚାରୁଛ ? ସେଦିନ କିନ୍ତୁ ଜୀବନ କିଛି ନ କହି ଗାଁ କୁ ଫେରି ଆସିଥିଲା ।

ତାର ପରଦିନ ତିଗିରିଆ କଲେଜରେ ଜୀବନ ଦେଖିଥିବା ସେଦିନ ଖୁଦୁରୁକୁଣୀ ମେଳାର ଯେଉଁ ଝିଅ ମାମାର ଅତି ଘନିଷ୍ଠ ବନ୍ଧୁ ସେ ହେଉଛି ଜହ୍ନା । ଆଉ ଜୀବନ ଘର ଗାଁର ଜଣେ ନିଜର କ୍ଲ୍ୟାସମେଣ୍ଟ ସାଙ୍ଗ ଗୀତାକୁ ପଚାରିଲା ଜୀବନ କେମିତିକା ପିଲା । ସେ କଣ କରନ୍ତି । ଏବଂ ଗୀତା ମଧ୍ୟ ପଚାରିଲା ଜହ୍ନାକୁ କାହିଁକି ଏତେ କଥା ତୁ ପଚାରୁଚୁ । ଜହ୍ନା ସେଠୁ କହିଲା ତୁ କହୁନା ସେ କିପରି ପିଲା ଗୀତା କହିଥିଲା ହଁ ସେ ବହୁତ ବଢିଆ ପିଲା, ପର ଉପକାରୀ ମଧ୍ୟ ।

ଏମିତି କିଛିଦିନ ଗଲା ପରେ । ଜୀବନ ଦିନେ ମାମା ସହିତ ଭେଟ ହେଲା । ଆଉ କିଛି କଥା ହେଲା ମଧ୍ୟ । ସେଦିନ ଜୀବନ ମାମାକୁ ପଚାରିଲା । ଜହ୍ନା କାହାକୁ ଭଲ ପାଉଛି କି ? ମାମା କହିଲା ତୁମେ ଏ କଣ ପଚାରୁଚ । ମାମା ସେଠୁ କହିଲା ହଁ ସେ ଆଉ ଜଣେ ପୁଅକୁ ଭଲ ପାଉଛି ।

ଜୀବନ କହିଲା ହଉ ସେ ଆଉ କାହାକୁ ଭଲ ପାଆନ୍ତୁ କିନ୍ତୁ ମୁଁ ତାଙ୍କୁ ଭଲ ପାଉଛି । ମୁଁ ତ ସେଇଆ ଚାହୁଁଛି । ମାମା ସେଠୁ କହିଲା ତୁମକୁ ସେ କେବେ ଭଲ ପାଇବ ନାହିଁ । ସେଠୁ ଜୀବନ ଚାଲେଞ୍ଜ ମାରି କହିଲା ତୁମେ ଦେଖ ମାମା ସେ ଝିଅ ଜହ୍ନା ମୋତେ ତିନି ଦିନ ମଧ୍ୟରେ ନିଶ୍ଚିତ ପ୍ରପୋଜ ମାରିବ । ସେଠୁ ମାମା କହିଲା ଏହା କିପରି ସମ୍ଭବ ? ସେଦିନ ଏହା କହି ସେଠାରୁ ଜୀବନ ଚାଲି ଆସିଥିଲା ।

ଆଉ ସେହିଦିନ ସନ୍ଧ୍ୟାରେ ଜହ୍ନା ଫେସବୁକ୍ ରେ ଜୀବନର ତଥ୍ୟ ସଂଗ୍ରହ କରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନ ପାଖକୁ ଫ୍ରେଣ୍ଡ ରିକୁଏଷ୍ଟ ପଠେଇଥିଲା । ଆଉ ଏହାକୁ ଜୀବନ ଦେଖି ତୁରନ୍ତ ଫ୍ରେଣ୍ଡ ରିକୁଏଷ୍ଟ ଗ୍ରହଣ କରିଥିଲା । ଆଉ ରାତିରେ ଚାଟିଂ ମାଧ୍ୟମରେ କଥା ହୋଇଥିଲେ । ସେଠୁ ଜୀବନ କହିଲା ମୁଁ ତୁମ ଗାଁ ହରିଠା ମାନପୁରର ଗୋଟିଏ ଝିଅକୁ ଭଲ ପାଉଛି । ଆଉ ମୁଁ ତାକୁ କହି ପାରୁନି । ସେଠୁ ଜଷ୍ଣା କହିଲା ତାରି ନାମ କଣ କୁହ ।- - - -

ଆଉ ମୁଁ ତାକୁ କହିଦେବି । ସେଠୁ ଜୀବନ କହୁଥିଲା ସେହି ଝିଅର ନାମ ଧନ । ଏହା ପରେ କିଛି ସମୟ ପାଇଁ ଜଷ୍ଣା ଘର କାମର ବ୍ୟସ୍ତତା ମଧ୍ୟରେ ମେସେଜ ଚାର୍ଟ ବନ୍ଦ କରିଦେଇଥିଲା । ଆଉ କହିଥିଲା କିଛି ସମୟ ପରେ କଥା ହେଉଛି ଟିକିଏ ରୁହ । ପୁଣି କିଛି ସମୟ ଗଲା ପରେ ଜଷ୍ଣା ଜୀବନ ସହିତ କଥା ହେଲା । ଇଆଡ଼େ ଜୀବନ କିପରି ତାର ଧନକୁ ଭଲ ପାଉଛି କହିବ ଭାବୁଥାଏ । କିନ୍ତୁ ହଠାତ୍ ଜଷ୍ଣା କହିଲା ତୁମ ଧନ ତୁମ ସହିତ କଥା ହେବାକୁ ଚାହୁଁଛନ୍ତି । ଏହା ଶୁଣି ଜୀବନ ଚକିତ ହୋଇ ଯାଇଥିଲା । ଆଉ ପଚାରିଲା ଏହାର ମାନେ । ଜଷ୍ଣା କହିଥିଲା ସେ ତୁମ ସହିତ କଥା ହେବାକୁ ଚାହୁଛନ୍ତି । ଆଉ ତୁମ ନମ୍ବର୍ ଦିଅ ।

ଏହା ପରେ ଜୀବନ ନମ୍ବର ଦେଲା । ଆଉ ରାତି ତମାମ କିଛି ଘଣ୍ଟା କଥା ହେଲେ ମଧ୍ୟ । ଆଉ ଜଷ୍ଣା କହିଥିଲା ଜୀବନକୁ ତୁମେ ଆସନ୍ତା କାଲି ଆମ ତିଗିରିଆ ପୋଲିସ ଷ୍ଟେସନ ବାଟରେ ଠିଆ ହେଇଥିବ ତୁମ ଧନ ତୁମକୁ ଦେଖା କରିବ ଆଉ କିଛି କଥା ହେବ ମଧ୍ୟ । ସକାଳ ହେଲା ଜୀବନ ନିଜର ନିତ୍ୟକ୍ରମ ସାରି ବାହାରି ପଡ଼ିଲା ତାରି ଧନକୁ ଦେଖା କରିବା ନିମନ୍ତେ । ଏମିତିରେ ଜୀବନ ତାରି ସବୁ କଥା ନିଜ ବୋଉ ପାଖରେ ସବୁ ପରି ପ୍ରକାଶ କରିଥାଏ । ଏହାକୁ ମଧ୍ୟ କହିଥିଲା ମୁଁ ଗୋଟେ ଝିଅକୁ ବୋଉ ଭଲ ପାଉଛି ଆଉ ତାକୁ ଦେଖା କରିବାକୁ ଯାଉଛି ଆସିଲେ ସବୁ କଥା ତୋତେ କହିବି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ କିଛି ସମୟ ପରେ ଜୀବନ ଯାଇ ତିଗିରିଆ ଥାନା ରାସ୍ତାରେ ଛିଡ଼ା ହୋଇଥାଏ । କିନ୍ତୁ ସେଠି ସେଦିନ ସେହି ସମୟରେ ଜୀବନକୁ ଦେଖି ସେଠାରୁ ପଳେଇ ଆସିଲା କଲେଜ୍ କୁ । କିନ୍ତୁ ଏପଟେ ଜୀବନ ରାଗିକି କମ୍ପବାଣ କାରଣ ସେହି ଝିଅ ଜାଣି ନଥାଏ ଯେ ଜୀବନ ସେହି ଦିନ ହାଇଦ୍ରାବାଦ ଯିବ ହେରି ବୋଲି । ଏପଟେ ସମୟ ହେଇ ଆସୁଥାଏ । ହଠାତ୍ ଜୀବନ କଲେଜ୍ ମୁହଁକୁ ଗଲା ଆଉ ମାମାକୁ କହିଲା ତୁମ ସାଙ୍ଗକୁ ଡାକ । ଏହା ଶୁଣି ମାମା କହିଲା ତୁମକୁ ମାନିବାକୁ ପଡ଼ିବ । କିଛି ସମୟ ପରେ ଜୀବନ ଧନ ଆସି ପହଞ୍ଚିଥିଲା । ଆଉ ଅଶ୍ରୁଭରା ଚକ୍ଷୁରେ କହିଲା ଜୀବନକୁ ଆଇ.ଲଭ୍.ୟୁ । ଏହା କହିଥିଲା ଆଉ କେହି ନୁହେଁ ସେହି ଝିଅ ଜସ୍ମା । ଏପଟେ ଜୀବନ ପଚାରିଲା ତୁମେ ଯାହା କହୁଛ । ତାରି ଅର୍ଥ କଣ ସତରେ ସବୁ ଦିନପାଇଁ ପାଳନ କରିବ । ଆଉ ଏହାର ଅର୍ଥ ମୋତେ ଟିକିଏ ବୁଝାଇ ଦିଅ । କାରଣ ମୋତେ ତୁମେ ଅଧା ବାଟରେ ଛାଡ଼ି ଚାଲିଯିବନି ତ । ଜୀବନ କହୁଥାଏ ଚଞ୍ଚଳ କୁହ । ମୁଁ ଆଜି ହାଇଦ୍ରାବାଦ ଯିବିହେରି ।ଏପଟେ ଏହିକଥା ଜସ୍ମା ଶୁଣି କହିଲା ମାନେ । ଜୀବନ କହିଲା ହଁ ମୁଁ କିଛି ଦିନ ପାଇଁ ଛୁଟି ଧରି ଆସିଥିଲି ଆଉ ଆଜି ପୁନଶ୍ଚ ଚାଲିଯିବି କମ୍ପାନୀକୁ । ସେଠୁ ଉଭୟ ପ୍ରଥମ ପ୍ରେମର ପ୍ରଥମ ଦିନର ସାକ୍ଷାତ ସାରି ଲେଉଟାଣି ହେଲା ଜୀବନ । ଏବଂ ଟ୍ରେନରେ ଗଲା ବେଳେ ଜୀବନକୁ ଜସ୍ମା କହୁଥାଏ । ଭଲରେ ଯିବ, ଦେହର ଯତ୍ନ ନେବ, ଯାଇ ପହଞ୍ଚି ଫୋନ୍ କରିବ । ଏମିତି କହି ବୁଝାଉଥାଏ ଜସ୍ମା ।

ଏମିତିରେ ଉଭୟଙ୍କ ଭଲ ପାଇବା ବଢ଼ିବାରେ ଲାଗିଲା ଫୋନ୍ ମାଧ୍ୟମରେ । କିଛି ମାସ ବିତିଗଲା ଏପଟେ ନିଜର କମ୍ପାନୀ ଚାକିରି ସେପଟେ ନିଜ ପ୍ରେମକୁ ସମତୁଲ ଭାବରେ ଜୀବନ ଚଳାଇ ଚାଲିଥାଏ ।

ଏମିତିରେ କିଛି ବର୍ଷ ବିତିଗଲା ହଠାତ୍ ଜୀବନକୁ ସନ୍ଦେହ ହେଲା କାହିଁକି । ପୂର୍ବ ଭଳି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜସ୍ମିତା ସବୁ ଫୋନରେ କଥା ହେଉଥାଏ । ଏପଟେ ହାଇଦ୍ରାବାଦରୁ ଯାଇ ବାଙ୍ଗାଲୋରରେ ଏକ ଭଲ କମ୍ପାନୀରେ ଜୀବନ ଯୋଗ ଦେଇ ସାରିଥିଲା ଏବଂ ଭଲ ଦରମା ମଧ୍ୟ ପାଉଥିଲା । ଦୀର୍ଘ ୫ ପାଞ୍ଚ ବର୍ଷ ବିତିଗଲା ଯେତେବେଳେ ଜୀବନ ଆସୁଥାଏ । ସବୁ ବେଳେ ଜସ୍ମିତା ସହିତ ଭେଟ ହୋଇ ଭଲ ମନ୍ଦ ସବୁ ପଚାରି ଯାଏ । ଆଉ କିଛି ଉପହାର ମଧ୍ୟ ଦେଇ ଯାଏ । କିନ୍ତୁ ହଠାତ୍ ପୁଣି ଜୀବନ ବାଙ୍ଗାଲୋରରେ ଥିଲା ବେଳେ ଜୀବନକୁ ଜସ୍ମିତା ଅନ୍ତର ଭିତରୁ ଯଦିଓ ଘୃଣାର ଭାବ ପରି ପ୍ରକାଶ କରୁ ନଥାଏ ଧିରେ ଧିରେ ବିତୃଷ୍ଣା ଭାବ ପ୍ରକାଶ କରୁଥାଏ ।

ସବୁ ଫୋନ୍ ରେ କଥା ହୁଅନ୍ତି କିନ୍ତୁ ଜସ୍ମିତା ଧିରେ ଧିରେ ଆଉ ତାର ମନରୁ ଜୀବନକୁ ମନେ ପକାଉ ନଥିଲା । ହଠାତ ଗୋଟିଏ ଦିନ ଜୀବନ ଘର ପକ୍ଷରୁ ଜସ୍ମିତା ପାଇଁ ଜୀବନ ସହିତ ବିବାହ କରିବା ନିମନ୍ତେ ବିବାହ ପ୍ରସ୍ତାବ ପକାଇ ଜସ୍ମିତା ଘରକୁ ଯାଇଥିଲେ । ଏଠାରେ ପ୍ରଥମେ ଝିଅ ଘର ପକ୍ଷରୁ ସମସ୍ତେ ସହମତି ପ୍ରକାଶ କରିଥିଲେ ବିବାହ କରିବା ପାଇଁ ଜୀବନ ସହିତ  କିନ୍ତୁ ଏଠୁ ଘରକୁ ଜୀବନ ଘର ଲୋକ ଆସିଲା ପରେ ଝିଅର ମାମୁଁ ଏହି ବାହାଘରକୁ ଅଗ୍ରାହ୍ୟ କରିଦେଇଥିଲେ । ଅସଲ କଥାକୁ ଜାଣିବା ପାଇଁ ବହୁତ ଚେଷ୍ଟା କଲେ ଜୀବନ ଘର ପକ୍ଷରୁ କିନ୍ତୁ କିଛି ଏହି ବିଷୟରେ ଜାଣି ପାରିନଥିଲେ । ଜୀବନ ଯେତେ ଫୋନ୍ କଲେ ବି ସେ ଜସ୍ମିତା ଜୀବନକୁ ଦୁରେଇଲା ଭଳି ଭାବ ପରି ପ୍ରକାଶ କରୁଥାଏ । ଏଭଳି କାହିଁକି କରୁଛି ବୋଲି ଜୀବନ ପରବର୍ତ୍ତୀ ପର୍ଯ୍ୟାୟରେ ଜାଣିବାକୁ ପାଇଥିଲା କିନ୍ତୁ ଝିଅ ଘର ପକ୍ଷରୁ ଝିଅକୁ ଗୁଣୀ ଗାରେଡ଼ି କରି ପୁଅ ବିପରୀତରେ ଏକ କେସ ଏତେଲା କରିଥିଲେ । ଏଥିରେ ଝିଅ ଘର ପକ୍ଷରୁ ଏତଲାରେ ଉଲ୍ଲେଖ କରିଥିଲେ ଯେ ଜୀବନ ଝିଅକୁ ବ୍ଲାକମେଲିଂ କରୁଛି ଜସ୍ମିତାର କିଛି ଫଟୋ ମୋବାଇଲରେ ରଖିଛି । ଆଉ ଧମକ ଦେଉଛି ଜସ୍ମିତାକୁ ଉଠେଇ ନେବ ବୋଲି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେତେବେଳକୁ ପୁଅ ଜୀବନ ଥାଏ ବାଙ୍ଗାଲୋରରେ ଏହି କେସ କଥା ତାଙ୍କ ଘରୁ ଶୁଣିଲା ପରେ ସେ ବ୍ୟତିବ୍ୟସ୍ତ ହୋଇ ପଡ଼ିଥିଲା । ଏହି କେସରେ ନିଜେ ଝିଅ ଜସ୍ମା ପୋଲିସ ଆଗରେ ଏହି ସବୁ କଥା କହିଥିଲା ଜୀବନ ତାକୁ ହଇରାଣ କରୁଛି ବୋଲି । ଯେଉଁ ପୁଅ ତାକୁ ଜୀବନଦେଇ ଭଲ ପାଇଥିଲା ସେ ଆଜି ସେହି ପୁଅ ନାମରେ କେସ ଦେଇପାରିଲା । ଏହି କଥା କିଛି ବୁଝି ପାରୁନଥାଏ ଜୀବନ । ଏମିତିରେ ହଠାତ୍ ଗୋଟେ କିଛି ଦିନ ବିତିଗଲା ପରେ କୁଆଡୁ କେମିତି ଝିଅ ଜସ୍ମା ଫୋନ୍ କରି ଡାକିଲା ଜୀବନକୁ ଭୁବନେଶ୍ୱରକୁ ଆଉ ସେଠି ବୁଝାବୁଝି କରି ଜୀବନ ଗାଆଁକୁ ଆସିଲା ଉଭୟ ପରିବାର ପକ୍ଷରୁ ଏହି କେସ ଥାନାରେ ସମାଧାନ କଲେ କିନ୍ତୁ ଏଠି ଝିଅ ଘରପକ୍ଷରୁ କିଛି ଚାଲ ଖେଳିଥିଲେ ପୁଅକୁ ଫସେଇଦେବା ପାଇଁ କିନ୍ତୁ ତାଙ୍କ ଚକ୍ରାନ୍ତ ସ୍ୱଳ୍ପ ପରିମାଣ କାମ କରିଥିଲା । ଏପଟେ ଜୀବନକୁ ତାଙ୍କ ପରିବାର ବହୁତ ଗାଳି କରିଥିଲେ । ହଠାତ୍ ଗୋଟେ ଦିନ ବସରେ ଜସ୍ମା ଯିବାର ଦେଖିଲା ଜୀବନ ସେତେବେଳକୁ ଜସ୍ମାକୁ ଦେଖିବାକୁ କେମିତି ପାଇଯାଇଥିଲା ବସ୍ ଝରକା ଫାଙ୍କରେ । ସେଠୁ ତୁରନ୍ତ ବସ୍ କୁ ପିଛା କରୁ ନିଜ ବାଇକ୍ ରେ ଜୀବନ ଯାଇଥିଲା ଏହାକୁ ଦେଖିଲା ପରେ ଯଦିଓ ଜସ୍ମା ତରଳି ଯାଇଥିଲା କିନ୍ତୁ ସେତେବେଳକୁ ସବୁ ସରିଯାଇଥିଲା । ଢଳ ଢଳ ଆଖିରେ ଜସ୍ମା ତାଙ୍କ ବସ୍ ଷ୍ଟାଣ୍ଡରେ କହିଥିଲା ଜୀବନକୁ ମୋର ଇତି ମଧ୍ୟରେ ନିର୍ବନ୍ଧ ଘର ସରି ଯାଇଛି । ଆଉ ମୋର ବିବାହ ଘର ଠିକ୍ ସରିଛି ଏଇ ଦେଖ ମୋ ହାତ ଆଙ୍ଗୁଠି ପୁଅ ଘର ପକ୍ଷରୁ ମୋତେ ମୁଦି ବି ପିନ୍ଧାଇ ସାରିଛନ୍ତି । ଏହା ଶୁଣିଲା ପରେ ଜୀବନ କହିଲା ଜସ୍ମା ତୁମେ ସତ କହୁଛ । ମୋତେ ଛାଡ଼ି ତୁମେ ଅନ୍ୟତ୍ର ବିବାହ କରି ପାରିବ । ଏହା ଶୁଣିଲା ପରେ କିଛି ଆଉ କହିଲା ନାହିଁ ଜସ୍ମା । ସବୁ ଶୁଣି ସାରିଲା ପରେ ଜୀବନ କହିଥିଲା କଣ ମୋ ପ୍ରେମରେ ଖୁଣ ରହିଗଲା ଯେ ତୁମେ ମୋତେ ଏତେବଡ଼ ଶାସ୍ତି ଦେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଜି ଅନ୍ୟତ୍ର ବିବାହ କରୁଛ ହଁ କରିବନି କାହିଁ କି ? ତୁମ ଝିଅ ମାନଙ୍କର କାମ ହେଲା ସେମାନେ ଧନୀ ଘର ଦେଖି ବିବାହ କରି ବିଳାସପୂର୍ଣ୍ଣ ଜୀବନ ଯାପନ କରିବେ । ଆମେ ମଳି ମୁଣ୍ଡିଆ ଲୋକ ଆମକୁ ବିବାହ କରି ତୁମେ କଣ ସନ୍ତୁଷ୍ଟ ହୋଇ ପାରିବ । ଠିକ୍ ଅଛି ମୁଁ ଜାଣିଲି ଆଜିଠାରୁ ମୋ ପ୍ରେମ ଥିଲା ତୁମର ମୋ ପାଇଁ ଏକ ଶକ୍ତ ପ୍ରତାରଣା ହଁ ମନେରଖ ପ୍ରେମର ଅନ୍ୟ ନାମ ପ୍ରତାରଣା । ଏହା କହି ସେଦିନ ଜୀବନ ସେଠୁ ଚାଲି ଆସିଥିଲା । ଆଉ ଦିନ କେଇଟାରେ ଜୀବନ ବାଙ୍ଗାଲୋରରେ ଥିଲା ବେଳେ ଶୁଣିବାକୁ ପାଇଲା ଜହ୍ନାର ବିବାହ ସରିଯାଇଛି । ଏହା ଶୁଣିଲା ପରେ ସତିକା ଜୀବନ ମୁଣ୍ଡ ଉପରେ ଆକାଶଟା ଛିଡ଼ି ପଡ଼ିଲା ଭଳି ଲାଗିଲା । ଆଉ ସେହି ଦିନଠାରୁ ଜହ୍ନାକୁ ଝୁରି ଝୁରି ଆଜି ଜୀବନ ଏକ ପାଗଳ ସଦୃଶ । ଏହି ସବୁକୁ ସେ କେମିତି ଭୁଲିବ ଯିଏ ଜୀବନ ପାଇଁ ଜୀବନ ଥିଲା ସେ ଆଜି ତାକୁ ଠକି ଦେଇ ଚାଲିଗଲା ଶେଷରେ କିନ୍ତୁ ଆଜିବି ଝୁରୁଛି ଜୀବନ ଜହ୍ନାକୁ । ନିଶାରକୁ ବି ଆପଣେଇ ନେଇଛି ଟିକିଏ ଭୁଲିବା ପାଇଁ କିନ୍ତୁ କଣ ହେବ ଯାହାର ରକ୍ତ ବିନ୍ଦୁରେ ଲେଖା ଥିଲା ଜହ୍ନା ସେ ଆଜି ଆଉ କାହାର । ହଁ ଆଜିବି ଯଦିଓ କେହି ଜୀବନକୁ ତାର ପ୍ରେମ କଥା ପଚାରି ବୁଝନ୍ତି ସେ କହେ ହଁ ବନ୍ଧୁଗଣ ଶୁଣ ଏଠି ପ୍ରେମର ଅନ୍ୟ ନାମ ପ୍ରତାରଣା ଆଉ ଖାଲି ଯନ୍ତ୍ରଣା ହଁ ଖାଲି ଯନ୍ତ୍ରଣା ।

ବାଲିଝରୀ,ନରସିଂହପୁର,କଟକ

ମୋ - ୯୩୪୯୨୭୩୭୯୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ସବୁ ନାରୀ କଣ ସମାନ ?



ଗଦାଧର ବଳ

ଜଣେ ବଣିକ ଭଲ ପାଇ ବିବାହ କରିଥିଲା । ପତି ପତ୍ନୀଙ୍କର ସମ୍ପର୍କ ଏମିତି ଥିଲା ଯେ ବଣିକ ସନ୍ଧ୍ୟାରେ ଘରକୁ ନ ଫେରିବା ଯାଏ ତାଙ୍କ ପତ୍ନୀ ଜଳ ବି ସ୍ପର୍ଶ କରି ନ ଥାଏ । ଉଭୟ ଉଭୟଙ୍କୁ ଭଲ ପାଇବାର ସନ୍ତକ ସ୍ୱରୂପ ନିଜର ବାସ ଗୃହର ଶିଖରରେ ଏକ ମଶାଲ ପ୍ରତ୍ୟକ ଦିନରାତ୍ରରେ ଜାଳନ୍ତି । ତାହା ରାତ୍ରିର ଶେଷ ପ୍ରହର ଯାଏ ଜଳୁଥାଏ । ଲୋକମାନେ ପଚାରିଲେ ସେମାନେ କହନ୍ତି ଏଇଟା ସେମାନଙ୍କର ଭଲ ପାଇବାର ସନ୍ତକ ।

ସେହି ସହର ରାଜ୍ୟର ରାଜଧାନୀ । ଆଉ ସୌଭାଗ୍ୟ କ୍ରମେ ରାଜାଙ୍କର ରାଜ ନଅର ସେମାନଙ୍କ ଘର ଠୁଁ ମାତ୍ର କିଛି ଦୂରରେ । ରାତ୍ରି କାଳରେ ରାଜା ନିଜର ପାଟ ରାଣୀଙ୍କୁ ଧରି ରାଜ ନଅରର ଛାତ ଉପରେ ବସି ରାଜଧାନୀକୁ ଅବଲୋକନ କରନ୍ତି । ରାଜା ଦେଖିଲେ ସମଗ୍ର ରାଜଧାନୀ ବିଳମ୍ବିତ ରାତ୍ରିରେ ଅନ୍ଧକାର ହୋଇ ଯାଉ ଥିବା ବେଳେ ନିର୍ଦ୍ଦିଷ୍ଟ ଗୋଟିଏ ଘରର ଛାତ ଉପରେ ଦୈନନ୍ଦିନ ଏକ ମଶାଲ ଜଳୁଛି । ରାଜା ନିଜର ମନ୍ତ୍ରୀଙ୍କୁ ଡକାଇ ଏହା କି ଆଲୁଅ ବୋଲି ପଚାରିବାରୁ ବଣିକର ପତିପତ୍ନୀ ଉଭୟଙ୍କର ଭଲ ପାଇବାର ଏହା ସନ୍ତକ ବୋଲି ସେ କହିଥିଲେ । ରାଜା ମନେ ମନେ ସ୍ଥିର କଲେ ସେମାନଙ୍କ ପରୀକ୍ଷା ନେବା ପାଇଁ । ତେଣୁ ମନ୍ତ୍ରୀଙ୍କୁ ଯୋଜନା ପ୍ରସ୍ତୁତ କରି ନିର୍ଦ୍ଦେଶ ଦେଲେ ତହିଁ ପର ଦିନ ବଣିକ ନିଜର କାର୍ଯ୍ୟ ସ୍ଥଳୀକୁ ଯିବା ପରେ ଏକା ସମୟରେ ନିଜର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିଶ୍ୱସ୍ତ ଦୂତକୁ ବଣିକ ପାଖାକୁ ଓ ମହାରାଣୀଙ୍କର ବିସ୍ୱସ୍ତ ଦାସୀକୁ ବଣିକର ପତ୍ନୀ ପାଖକୁ ଅଲଗା ଅଲଗା ଭାବେ ପଠେଇବେ ।

ଯୋଜନା ମୁତାବକ ତାପର ଦିନ ଯେତେ ବେଳେ ଦାସୀ ଯାଇ ବଣିକକୁ କହିଲା ଯେ ମହାରାଣୀ ଗୁପ୍ତ ଭାବେ ଖବର ପଠାଇଛନ୍ତି ତାଙ୍କୁ ବିବାହ କରିବା ପାଇଁ ଓ ବିବାହ ପରେ ଏ ରାଜ୍ୟର ତାଙ୍କୁ ରାଜା କରାଇବେ । କିନ୍ତୁ ଗୋଟିଏ ସର୍ତ୍ତ ହେଲା ସେ ନିଜର ପତ୍ନୀକୁ ହତ୍ୟା କରି ସାରିବା ପରେ । ବଣିକ ଏ କଥା ଶୁଣି ସିଧା ସିଧା ମନା କରି ଦେଇଥିଲା । କାରଣ ତାଙ୍କର ପତ୍ନୀ ନିକଟରେ ସାମାନ୍ୟ ରାଜ ପଦ ଏତେ ବଡ ନୁହଁ ଓ ସେ ତାଙ୍କର ପ୍ରାଣ ପ୍ରିୟ ପତ୍ନୀ ସହ ଏତେ ବଡ ଅନ୍ୟାୟ କରି ପାରିବେ ନାହିଁ ବୋଲି ରୋକ ଥୋକ ମନା କରି ଦେଇଥିଲେ । ଦାସୀ ନିରାଶ ହୋଇ ସେଠାରୁ ଫେରି ଆସି ଥିଲା । ଦୂତ ମଧ୍ୟ ସମାନ ସମୟରେ ବଣିକର ପତ୍ନୀ ନିକଟକୁ ଯାଇ କହିଥିଲା ଯେ ରାଜା ଚାହୁଁଛନ୍ତି, ତାଙ୍କୁ ବିବାହ କରି ତାଙ୍କର ପାଟ ରାଣୀ କରିବା ପାଇଁ । ମାତ୍ର ସର୍ତ୍ତ ହେଲା ବଣିକକୁ ହତ୍ୟା କରି ସାରିବା ପରେ ।

ବଣିକର ପତ୍ନୀ ସାମାନ୍ୟ ଚିନ୍ତା ଗ୍ରସ୍ତ ହୋଇ ଯାଇଥିଲା ଓ ହଠାତ କିଛି ସିଦ୍ଧାନ୍ତରେ ଉପନିତ ହୋଇ ପାରି ନ ଥିଲା । ତେଣୁ ରାଜ ଦୁତ କହି ଥିଲା ଆପଣ ଭଲ ଭାବେ ଚିନ୍ତା କରି ଆଜି ରାତି ସୁଦ୍ଧା ସିଦ୍ଧାନ୍ତ ନିଅନ୍ତୁ । ଯଦି ଆଜି ମଧ୍ୟ ରାତ୍ରରେ ଆପଣଙ୍କ ନିଜର ସ୍ୱାମିକୁ ହତ୍ୟା କଲେ ତେବେ ଆପଣଙ୍କ ଘର ଉପରେ ଜଳୁଥିବା ଆଲୁଅକୁ ଲିଭାଇ ଦେବେ । ମହାରାଜ ସେହିଥିରୁ ହିଁ ଜାଣି ଯିବେ କାମ ହୋଇ ଗଲା ବୋଲି । ସେ ଆସି ନିଜେ ଆପଣଙ୍କୁ ସାଥିରେ ନେଇ ବିବାହ କରି ପାଟ ରାଣୀ ଆସନରେ ବସାଇବେ ।

ସେମାନେ ରାଜ ନଅର ଫେରି ଆସି ରାଜାଙ୍କୁ ସମସ୍ତ କଥା କହିଥିଲେ । ସବୁଦିନ ପରି ରାଜା ସେଦିନ ବି ମଧ୍ୟ ରାତ୍ର ଯାଏ ମହାରାଣୀଙ୍କ ସହ ରାଜ ଉଆଶରେ ବସି ରାଜଧାନୀର ଶୋଭା ଉପଭୋଗ କରୁଥାନ୍ତି । ଦେଖିଲେ ସବୁଦିନ ପରି ସେଦିନ ବଣିକର ଘର ଉପରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଳୁଥିବା ଆଲୁଅଟି ମଧ୍ୟରାତ୍ରିରେ ହଠାତ ବନ୍ଦ ହୋଇ ଗଲା । ରାଜା ଜାଣି ଗଲେ ବଣିକକୁ ତା ପତ୍ନୀ ନିଶ୍ଚିତ ହତ୍ୟା କରି ଦେଇଛି । ବ୍ୟତିବ୍ୟସ୍ତ ହୋଇ ତୁରନ୍ତ ସେନାପତିକୁ ପଠାଇଲେ ବଣିକର ଘରକୁ ଯାଇ ପରିସ୍ଥିତି ଦେଖିବା ପାଇଁ । ନିର୍ଦ୍ଦେଶ ଦେଲେ ଯଦି ବଣିକର ପତ୍ନୀ ବଣିକକୁ ହତ୍ୟା କରିଥିବ,ତେବେ ତୁରନ୍ତ ତାକୁ ଗିରଫ କରି ନେଇ ଆସିବା ପାଇଁ ।

ସେନାପତି ସୈନ୍ୟସାମନ୍ତଙ୍କ ସହ ତୁରନ୍ତ ବନିକ ଘରକୁ ଯାଇ ଦେଖିଲେ ବଣିକର ପତ୍ନୀ ବଣିକକୁ ହତ୍ୟା କରି ସାରିଛି । ତେଣୁ ବଣିକର ପତ୍ନୀକୁ ସେ ଗିରଫ କରି ନେଇ ଆସି ରାଜାଙ୍କ ନିର୍ଦ୍ଦେଶ ମୁତାବକ ଜେଲରେ ରଖି ଦେଲେ । ବିଶ୍ୱାସ ଘାତକ ସ୍ତ୍ରୀମାନଙ୍କ ପ୍ରତି ରାଜାଙ୍କର ପ୍ରବଳ ଘୃଣା ଭାବ ସୃଷ୍ଟି ହେଲା । ସେ ରାତ୍ର ଯାକ ଶୋଇ ପାରିଲେ ନାହିଁ । ସିଦ୍ଧାନ୍ତ ନେଲେ ରାଜ୍ୟର ସମସ୍ତ ବିବାହିତ ମହିଳା ମାନଙ୍କୁ ଗୋଟି ଗୋଟି କରି ହତ୍ୟା କରି ଦେବେ, ଯଦ୍ୱାରା ସମାଜ ଏଥିରୁ ଶିକ୍ଷା ଲାଭ କରିବ ।

ତା ପର ଦିନ ରାଜାଙ୍କର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ବଣକୁ ଶିକାର କରିବା ପାଇଁ ଯିବାକୁ ସ୍ଥିର ହୋଇ ଥିଲା । ସେ ବଣଙ୍କୁ ଯିବା ବେଳେ ମନ୍ତ୍ରୀକୁ ଡକାଇ ନିର୍ଦ୍ଧଶ ଦେଲେ ସେ ଫେରିବା ବେଳକୁ ଯେମିତି ରାଜ୍ୟର ସମସ୍ତ ବିବାହିତ ନାରୀମାନଙ୍କ ମୁଣ୍ଡ କାଟ ହୋଇ ସାରିଥିବ । ନଚେତ ସେ ଫେରିଲେ ଆଦେଶ କାରଜ୍ୟକାରୀ ହୋଇ ନଥିଲେ ମନ୍ତ୍ରୀଙ୍କର ମୁଣ୍ଡ କାଟ କରିବେ । ମହାମନ୍ତ୍ରୀ ଚିନ୍ତାରେ ପଡିଗଲେ । କଣ କରିବେ କିଛି ଭାବି ପାରିଲେ ନାହିଁ । କିଛି ସିଦ୍ଧାନ୍ତ ନ ନେଇ ପାରି ଘରକୁ ଉଦାସ ମନରେ ଫେରି ଗଲେ । ଘରେ ପହଞ୍ଚିବା ପରେ ଘରେ ଥିବା ତାଙ୍କର ବୁଢା ବାପା ଯିଏ କି ପୂର୍ବରୁ ସେ ରାଜ୍ୟର ମନ୍ତ୍ରୀ ଥିଲେ, ସେ ଏହାର କାରଣ ପଚାରିବାରୁ ମନ୍ତ୍ରୀ ସବୁ କଥା କହିଲେ । ତାଙ୍କର ବାପା କହିଲେ ତୁରନ୍ତ ସେହି ଦିନକ ପାଇଁ ସେ ଅନ୍ୟ ରାଜ୍ୟକୁ ଚାଲି ଯାଅନ୍ତୁ । ତା ପରଦିନ ଫେରିବା ବେଳକୁ ସେ ସବୁ ପରିସ୍ଥିତିକୁ ସମ୍ଭାଳି ନେଇଥିବେ । ମନ୍ତ୍ରୀ ତାଙ୍କ ପ୍ତାଙ୍କ କଥା ମାନି ସେଦିଙ୍କ ପାଇଁ ଅନ୍ୟ ରାଜ୍ଯକୁ ପଳାଇ ଯାଇ ଥିଲେ । ସନ୍ଧ୍ୟାରେ ରାଜା ରାଜ ନଅରକୁ ଫେରିବା ପରେ ଦେଖିଲେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗୋଟିଏ ବି ମହିଳାଙ୍କୁ ହତ୍ୟା କରା ଯାଇ ନାହିଁ । ବରଂ ସମସ୍ତେ ଯେମିତି ଥିଲେ ସେମିତି ଅଛନ୍ତି । ସମସ୍ତ ନାରୀମାନେ ପ୍ରତିଦିନ ପରି ଦୈନନ୍ଦିନ କାମରେ ବ୍ୟସ୍ତ ଅଛନ୍ତି । ରାଜାଙ୍କ କ୍ରୋଧର ସୀମା ତପିଗଲା । ତାଙ୍କର ଆଦେଶ ଅବମାନନା କରିଥିବାରୁ ତୁରନ୍ତ ମନ୍ତ୍ରୀଙ୍କ ମୁଣ୍ଡ କାଟ କରିବା ପାଇଁ ତାଙ୍କ ଘରେ ଯାଇ ପହଞ୍ଚିଲେ ।

ମନ୍ତ୍ରୀଙ୍କ ବୁଢା ବାପା ମହାରାଜଙ୍କୁ ଦେଖି ଜାଣି ଗଲା ରାଜାଙ୍କ ଆଗମନ ବିଷୟରେ । ମହାରାଜଙ୍କୁ ବସିବା ପାଇଁ ଅନୁରୋଧ କରି ସେ କିଛି କହିବା ପାଇଁ ଅନୁମତି ମାଗିଲା । ରାଜା ଅନୁମତି ଦେବାରୁ ବୁଢା ମନ୍ତ୍ରୀ କହିଲେ, “ ମହାରାଜ ଆପଣଙ୍କ ବାପା ରାଜା ଥିବା ସମୟରେ ମୁଁ ମନ୍ତ୍ରୀ ଥିଲି । ଥରେ ଆପଣଙ୍କ ପିତା ବଣକୁ ଶିକାର କରିବା ପାଇଁ ଯାଇଥିବା ବେଳେ ମୁଁ ବି ସାଥିରେ ଥିଲି । ମାତ୍ର ଶିକାର ସମୟରେ ଆମେ ବାଟ ନ ପାଇ ଉଭୟ ଅଲଗା ଅଲଗା ହୋଇ ଯାଇଥିଲୁ । ମୁଁ ବାଟ ନ ପାଇ ବୁଲୁଥିବା ବେଳେ ଜଣେ ଦୁର୍ଦ୍ଧାନ୍ତ ଡକାୟତ ହାବୁଡରେ ପଡିଲି । ଡକାୟତ ମୋତେ ବନ୍ଦୀ କରି ତା ଘର ପାଖକୁ ନେଇ ଗଲା । ଘର ନିକଟରେ ଥିବା ଶ୍ମଶାନରେ ନିଜେ ଗୋଟିଏ ଗାତ ଖୋଳିଲା । ମୁଁ ଜାଣିଗଲି ମୋତେ ମାରି ଏହି ସମାଧି ଗାତରେ ନିଶ୍ଚୟ ପୋତି ଦେବ । ସେ ଗାତ ଖୋଳି ସାରିବା ପରେ ତା ପାଖକୁ ଲାଗି ଆଉ ଗୋଟିଏ ଗାତ ଖୋଳିଲା । ମୁଁ କିଛି ବୁଝି ପାରୁ ନ ଥିଲି ଆଉ ଗୋଟିଏ ଗାତ କାହିଁକି ଖୋଳୁଛି ? ଗାତ ଖୋଳା ସାରିବା ପରେ ଶ୍ମଶାନ ଘର ଛାତ ଉପରକୁ ଯାଇ ଗୋଟିଏ ଲୋକର ମୃତ ଦେହକୁ ସମାଧି ଗାତ ଭିତରୁ ଫୋପାଡି ଦେଲା । ମୁଁ ଆଶ୍ଚର୍ଯ୍ୟ ହୋଇ ଦେଖିଲି ସେ ମୃତ ଶରୀରଟି ଆପଣଙ୍କ ବଡ ଭାଇ ତଥା ଏ ରାଜ୍ୟର ଯୁବ ରାଜଙ୍କର । ମୁଁ ଆଶ୍ଚର୍ଯ୍ୟ ହୋଇ ଭୟରେ ଥରିବାକୁ ଲାଗିଲି ଓ ଡକାୟତର କାମକୁ ଦେଖୁ ଥାଏ । ଯୁବ ରାଜଙ୍କୁ ସେଠାରେ ସମାଧି ଦେବା ପରେ ସେ ଡକାୟତ ତା ମୁହଁରେ ବାନ୍ଧିଥିବା କପଡାକୁ କାଢି ଦେବାର ଦେଖିଲି ସେ ଡକାୟତ ନଥିଲା । ବରଂ ତାକୁ ରାଣୀ ଥିଲା । ମୋତେ ପଚାରିଲା ଚିହ୍ନି ପାରୁଛ ଏ ଲୋକ କିଏ ? ମୁଁ ଭୟରେ ଯୁବରାଜ ବୋଲି କହିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରେ ସେ କହିଥିଲା ୟାଙ୍କୁ କାହିଁକି ହତ୍ୟା କରିଛି ଜାଣିଛ ?  ଏ ରାଜ୍ୟର  ରାଜା ଏକ ମିଛ ମାମଲାରେ ମୋ ସ୍ୱାମିକୁ ଧରି ନେଇ ନିର୍ଦ୍ଦୋଷରେ ହତ୍ୟା କରିଥିଲେ । ତାର ପ୍ରତିଶୋଧ ମୁଁ ଆଜି ନେଲି । ଏହା କହି ସେ ସମାଧିରେ ମାଟି ପକାଇ ପୋତି ଦେଲା । ମୁଁ ନିଶ୍ଚିତ ହୋଇ ଗଲି ତା ପରେ ମୋତେ ହତ୍ୟା କରି ତା ପାଖ ସମାଧିରେ କବର ଦେବ । ମାତ୍ର ହଠାତ ସେ ଜୋରରେ କାନ୍ଦି କାନ୍ଦି ଚିତ୍କାର କରି ହାତ ଉପରକୁ ଟେକି କହିଥିଲା "ଦେଖ ସ୍ୱାମୀ ତମ ହତ୍ୟାର ପ୍ରତିଶୋଧ ଆଜି ମୁଁ ନେଇ ଗଲି  । ତେଣୁ ମୋର ଆଉ ଅଧିକ ଦିନ ବଞ୍ଚିବାର ଅଧିକାର ନାହିଁ"  । ଏହା କହି ନିଜ ଅଣ୍ଟିରେ ରଖିଥିବା ଛୁରିକୁ ବାହାର କରି ନିଜର ବେକକୁ କାଟି ସେହି ସମାଧି ଭିତରୁ ଡେଇଁ ପଡିଥିଲା ।

ବୁଢା  ମନ୍ତ୍ରୀ ପୁଣି  କହିଥିଲେ , "ଆପଣ କୁହନ୍ତୁ ଜଣେ ପତ୍ନୀ ନିଜର ଦେହର ଲାଳସା ମେଣ୍ଟେଇବା ପାଇଁ ନିଜର ସ୍ୱାମିକୁ ମାରି ପାରୁଛି ତ ଅନ୍ୟ ଜଣେ ନିଜର ସ୍ୱାମୀର ହତ୍ୟାକାରୀକୁ ମାରି ସ୍ୱାମୀହତ୍ୟାର ପ୍ରତିଶୋଧ ନେଇ ପାରୁଛି । ତେଣୁ ଆମେ କଣ ସବୁ ନାରୀକୁ ସମାନ ଆଖିରେ ଦେଖି ପାଇରିବା ?  ଜଣେ ଚରିତ୍ର ହୀନା ନାରୀ ପାଇଁ କାହିଁକି ଅଯଥାରେ ରାଜ୍ୟର ସମସ୍ତ ନାରୀଙ୍କୁ ହତ୍ୟା କରିବା  ?

ରାଜା ନିଜର ଭୁଲ ବୁଝି ପାରି ଅନୁତପ୍ତ ହୋଇ ସେଦିନ ରାଜ ନଅରକୁ ଫେରି ଆସିଥିଲେ ।

(ପିଲା ବେଳର ସ୍ମୃତିରୁ ସଂଗୃହିତ ଶିକ୍ଷଣୀୟ କାହାଣୀ )

ଆଇନଜୀବୀ, ଭଦ୍ରକ
୯୪୩୭୧୨୮୪୧
ଇମେଲ୍ : gada.advocate@gmail.com.

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ନବିନା ବା'

ନବିନା ବା' ହୃଷ୍ଟପୃଷ୍ଟ ହୋଇ ଭାରି ଡେଙ୍ଗାଳିଆ ଲୋକଟେ । ସାଢେ ଛଅ ଫୁଟରୁ ଅଧିକ ହେବ ଉଚ୍ଚତା । ତୋଫା ଗୋରା । ଗୋଟିଏ ନାଲି ଲମ୍ବହାତି ଗାମୁଛା ଓ ଢାଉ ରଙ୍ଗର ପାଇଜାମାଟେ ପିନ୍ଧି ସାରା ଦୁନିଆ ବୁଲି ଆସନ୍ତି ସେ । ଆଉ ଗୋଟେ ଗାମୁଛା ମୁଣ୍ଡ ଉପରେ ଟାୟୁ ହୋଇ ଭିଡ଼ା ହୋଇଥିବ ବା ବେକରେ ଝୁଲୁଥିବ ନତୁବା କେତେବେଳେ କେମିତି ଅଣ୍ଟିରେ ଗୁଡ଼ା ହୋଇଥିବ । ବଡ଼ ସାହସୀ । ଦୁନିଆର କାହାକୁ ଡର ନଥାଏ ତାଙ୍କର । ବିଦେଶ ଗସ୍ତରେ ଥିଲା ବେଳେ କେହି ସିନା ତାଙ୍କୁ ମନେ ରଖି ନଥାନ୍ତି, ହେଲେ ଯେତେବେଳେ ଗାଁକୁ ଫେରନ୍ତି, ସମସ୍ତେ ତାଙ୍କ ଦାଣ୍ଡ ଆଗରେ ଜମା ହୋଇଯା'ନ୍ତି । ନବିନା ବା' ମିଠେଇ ପାଖରୁ ଆରମ୍ଭ କରି କଲିକତିଆ ରସଗୋଲା ଓ ଆହୁରି କେତେ କ'ଣ ସବୁ ଆଣିଥାଏ । ଗାଁ ସାରା ଲୋକଙ୍କୁ ବାଣ୍ଟେ । ପିଲାମାନଙ୍କୁ ପାଖରେ ବସେଇ ଭାରି ଗେହ୍ଲା କରେ । ବିଦେଶରେ ଘଟିଥିବା କେତେ କ'ଣ ନୂଆ କାହାଣୀ ସବୁ ବଖାଣି ବସେ । ଆମେ ଗାଁ ପିଲାତକ ତା ଚାରିପଟେ ବେଢି ଆଣ୍ଠୁ ମାଡି ଚେକା ପକେଇ ବସି ପଡୁ । ନବିନା ବା' ମିଠେଇ ବାଣ୍ଟେ ଓ ଗପ ଶୁଣାଏ । ତେଣୁ ସବୁ ପିଲାଙ୍କର ସେ ଅତି ଆଦରଣୀୟ ନବିନା ବା' ।



ସତ୍ୟ ପ୍ରକାଶ ସେଠୀ

ଏଇ ନବିନା ବା' ସେଦିନ ଗାଁକୁ କଲିକତାରୁ ଫେରୁଥିବା ବେଳେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଟରେ କ'ଣ ସବୁ ଅଘଟଣ ଘଟିଥିଲା-ସେଇ କଥା ସେଦିନ ସେ କହୁଥିଲେ ଓ ଆମେ ସବୁ ବଡ଼ ଉତ୍ସୁକତାର ସହ ଶୁଣୁଥିଲୁ । ଏଇ ନବିନା ବା' କୌଣସି ଘଟଣାକୁ ଉପସ୍ଥାପନ କଲା ବେଳେ ଏମିତି ସ୍ୱତନ୍ତ୍ର ଶୈଳୀ ଆପଣାନ୍ତି ଯେ, ଯେମିତି ଲାଗିବ ଆଖି ସାମ୍ନାରେ ସବୁ କଥା ଏଇ କ୍ଷଣି ଘଟିଯାଉଛି । ସେ ପରା କଥାରେ ନଥା ପକାଇ ଘଟଣାକୁ ରୋଇ କି ଏମିତି ଥୋଇ ଦେବେ ଯେ, ଲାଗିବ ଯେମିତି ସବୁ ସତ ସତିକା ସତ ।ତେଣୁ ଆମେ ଆହୁରି ଆଗ୍ରହରେ ସହ ତାଙ୍କ ମୁହଁଟାକୁ ଖାଲି ଆଁଟା କରି ଚାହିଁ ରହିଥାଉ । ସେ କ'ଣ କେତେବେଳେ କୋଉ କଥା କହିବେ କେବଳ ସେଇ କଥାକୁ ଅପେକ୍ଷା ।

ଏଇ ନବିନା ବା' କଲିକତାରେ ରହନ୍ତି, ବର୍ଷେ ଛଅ ମାସକେ ଯାହା ଥରେ ଅଧେ ଗାଁକୁ ଆସନ୍ତି । ପିଲାଟି ଦିନରୁ ସେ ବିଦେଶ କଲେଣି । ଗାଁରେ ତାଙ୍କର ଜମି ବାଡ଼ି ସେତେ ନାହିଁ । ତେଣୁ ବିଦେଶରେ ରହି କାମ ଧନ୍ଦା କରିବାକୁ ସେ ଅଧିକ ପସନ୍ଦ କରନ୍ତି । ସେଇ ବିଦେଶ ପାଇଁ ତ ତାଙ୍କ ଘର କରଣା, ପିଲା ଛୁଆ ଭଲରେ ଚଳୁଛନ୍ତି । ଯାହା ଦି ପଇସା ରହିଲା ଜମି ବାଡ଼ି ଗୁଣ୍ଠେ ଅଧେ କିଣିଲେଣି । ତେଣୁ ବିଦେଶଟା ତାଙ୍କ ନିଶା, ତାକୁ ଛାଡ଼ି ସେ ଏଠି ବେଶି ଦିନ ରହି ପାରିବେ ନାହିଁ । ବିଦେଶରେ ତାଙ୍କର କେତେ ଅନୁଭୂତି । ସେଠି ସେ କେତେ କେତେ ନୂଆ ଲୋକଙ୍କ ସହ ମିଶନ୍ତି, ସେଠୁ ସେ ଆଚାର ବିଚାର ସବୁ ଶିଖିଛନ୍ତି । ସେ ସିନା ପଢା ଲେଖା ସେମିତି କିଛି ଜାଣି ନାହାଁନ୍ତି, ହେଲେ ବେଙ୍ଗଲୀ, ହିନ୍ଦୀ ସବୁଥିରେ ସେ ପାରଙ୍ଗମ । ଆଛା ଆଛା ବାବୁ ମାନଙ୍କ ସହ ମିଶି ସେ ପରା ଗପସପ ହୁଅନ୍ତି । ସମସ୍ତେ ତାଙ୍କୁ ଭାରି ଭଲ ପାଆନ୍ତି । ସେଠି ତାଙ୍କର ଭାରି ନାଁ । ବାବୁଙ୍କର ସେ ଏକାନ୍ତ ବିଶ୍ୱସ୍ତ । ଘରେ କେହି ନଥିଲା ବେଳେ ବାବୁଆଣୀ ପରା ତାଙ୍କୁ ଘର ଗୋଟାକର ଦାୟିତ୍ୱ ଦେଇ ଯାଆନ୍ତି । କାମ ବୋଲି କ'ଣ କି, ସେମିତି କିଛି ଚପଟ କାମ ନୁହେଁମ ! କେବଳ ସକାଳୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛେନା ଭାର ଧରି ବାହାରନ୍ତି । ବୁଲିବୁଲି ଦୋକାନରେ ସବୁ ଛେନା ଦେଇଦେଲେ କାମ ଶେଷ । ଆଉ ଦିନ ତମାମ କେହି କିଛି କହିବାକୁ ନାହିଁ । ଖାଲି ବୁଲି ବସି ଟାଇମ୍ ପାସ୍ କରିବା କଥା । ଅବଶ୍ୟ ଛେନା ଭାରଟା ଭାରି ଓଜନିଆ, ତାଙ୍କ ଭଳିଆ ଟାଣୁଆ ଲୋକ ନହେଲେ ସମସ୍ତେ ସେ କାମ ପାରିବେ ନାହିଁ । ଦିନେ ଦୁଇ ଦିନରେ ସେ କାମ ଛାଡ଼ି ପଳାଇବେ । ନବିନା ବା କିନ୍ତୁ ସେଇ ଏକା କାମ ଦୀର୍ଘ ପଚାଶ ବର୍ଷ ଧରି କରି ଆସୁଛି । ତାକୁ ଏ କାମ ଚିତର (ଚିତ୍ର) ପରିକା, ସେ ଆଦୌ କଷ୍ଟ ଅନୁଭବ କରେ ନାହିଁ । ହେଲେ ଭଲ ଦୁଇ ପଇସା ମିଳେ । ମାଲିକ ବି ବକସିସ୍ କେତେବେଳେ କେମିତି ଦିଅନ୍ତି ଆଉ ସେଇ ମିଠା ଦୋକାନୀମାନେ ଘରକୁ ଆସିଲା ବେଳେ "ପିଲା ଛୁଆ ଖାଇବେ"- କହି ପୁଳାଏ ପୁଳାଏ ମିଠା ଦିଅନ୍ତି ଯାହାକୁ ନେଇ ସେ ଘରକୁ ଆସେ ।

ଏଇଟା ପରା ଭାରି ବଡ଼ ସହର, ଲୋକବାକ ଅନେକ । ଗହଳିପୂର୍ଣ୍ଣ ଯାଗା । ଯୁଆଡେ ଚାହଁ ଖାଲି ଲୋକ ସମୁଦ୍ର ନଜରକୁ ଆସିବେ । ଯେଣୁ କଲିକତା ମହାନଗରୀ, ଭାରତର ଅନ୍ୟତମ ସହର । ଉଡ଼ା ଜାହାଜ, ଚିଡ଼ିଆଖାନା ସବୁ ସେଇଠି ଅଛି । ସେଠାକାର ଲୋକମାନେ ରଙ୍ଗ ବେରଙ୍ଗର ପୋଷାକ ପତ୍ର ପିନ୍ଧି ଭାରି ପରିଷ୍କାର ଓ ପରିଚ୍ଛନ୍ନ ଦିଶନ୍ତି । ବେଙ୍ଗଲୀ ଭାଷା ବି ଭାରି ମିଠା, ମିଠା ବାସେ, ମଧୁର ମଧୁର ତା'ର ବୋଲି ।ସେଠି ରୂପଜିବୀ ବେଶ୍ୟାଠାରୁ ବ୍ୟବସାୟୀ ପର୍ଯ୍ୟନ୍ତ ସବୁ କିସମର ଲୋକ ଅଛନ୍ତି ।ଭଲ ଠାରୁ ଖରାପ ହାବୁଡ଼ରେ ପଡ଼ିବାର ସମ୍ଭାବନା ବେଶି ଥାଏ । ତେଣୁ ଟିକିଏ ଜଗାରଖା କରି ଚଳିବା ଉଚିତ୍ । ନୋହିଲେ ଠକଙ୍କ ମାୟାଜାଲରେ ଫସି ପଟେ ନାମ ନେବା ସାର ହେବ । ନୂଆ ଲୋକ ହେଲେ ପରା ଆକାବାକା ହୋଇଯିବେ, କେବଳ ନବିନା ବା' ଭଳିଆ ପୁରୁଖା ଲୋକ ପାଇଁ କିଛି ଅସୁବିଧା ନାହିଁ । ସେ ସହରର ଗଳିକନ୍ଦି ସବୁ ଜାଣିଛନ୍ତି । ତାଙ୍କୁ କେହି ଭୁତେଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାରିବେ ନାହିଁ କି ଠକେଇ ପାରିବେ ନାହିଁ । ନବାବ ମୁହଁରେ ଜବାବ ଦେବା ଲୋକ ସେ । ଭାରି ରାଇଟିଆ ଲୋକ । ଯାହା କହନ୍ତି ମୁହେଁ ମୁହେଁ ରୋକଠୋକ୍ ଶୁଣେଇ ଦିଅନ୍ତି, ତେଣିକି ଯିଏ ଯାହା ଭାବୁ । ସତ କଥାରେ ସେ କାହାକୁ ଡରିବାର ନୁହେଁ । ହେଲେ ଯେତେ ସୁଖ ସ୍ୱାଛନ୍ଦ୍ୟ ସେଠି ଥାଉନା କାହିଁକି ଜନ୍ମ ମାଟିକୁ ବର୍ଷେ ଛଅ ମାସକେ ଟିକିଏ ଫେରି ନ ଆସିଲେ ମନଟା ଆଦୌ ଶାନ୍ତି ଲାଗେ ନାହିଁ । କାହିଁକି ନା ଏଇଠି ଅଛନ୍ତି ତାଙ୍କ ଛୁଆ ପିଲା, ଘର ସଂସାର ଗାଁ ଲୋକ, ଜନମ ଭୂଇଁ - ଭାରି ଆପଣାର । ହେଲେ ସୁଦୂର କଲିକତାରେ - କେହି ହେଲେ ଜଣେ ନିଜର ନାହାଁନ୍ତି । ଦେହ ପା' ଭଲ ମନ୍ଦରେ ଆହାଃ ପଦେ କହିବାକୁ । ତେଣୁ ଗାଁକୁ ଆସିବାକୁ ତାଙ୍କର ଭାରି ସରାଗ ।

ଏଥର କିନ୍ତୁ ଗାଁକୁ ଆସିଲେ ବେଳେ ତାଙ୍କ ସହ ଛୋଟ ବଡ଼ ଅନେକ ଘଟଣା ଘଟିଯାଇଛି, ଯାହାକୁ ନେଇ ସେ ବଡ଼ ଗମ୍ଭିର ଥିଲା ପରି ମନେ ହେଉଥିଲେ । ସମ୍ପୂର୍ଣ୍ଣ କାହାଣୀଟି ବ୍ୟାଖ୍ୟାନ କରୁକରୁ ତାଙ୍କ ଦେହରୁ ଶରମ ଝାଳ ବୋହି ଯାଇଥିଲା । ସେ ବେଶ୍ ଅଣ ନିଶ୍ୱାଷୀବୋଧ ଅନୁଭବ କରୁଥିଲେ । ତେବେ ଆସନ୍ତୁ ଘଟଣାଟି ଫିଟାଇ ଶୁଣିବା ।

ସେଦିନ ସଅଳ ଦିନ ଯାକର ସମସ୍ତ କାମ ଗୋଟେଇ ନବିନା ବା' ନିଜ ସାମାନ ପତ୍ର ସବୁ ସଜାଡି ରଖିଲେ । ଟ୍ରେନ୍ ଆସିବା ସମୟ ପାଖେଇ ଆସିବାରୁ ହାୱାର୍ଡାରେ ଯାଇ ପହଁଞ୍ଚିଲେ ।ଟ୍ରେନ୍ କୁ ଚଢିବା ପାଇଁ କୁଲିମାନେ ହୋ ହାଲ୍ଲା କରୁଥିଲେ ଆଉ ଯାତ୍ରୀମାନେ ଧାଁ ଦୌଡ଼ । କେତେଟା କୁଲି ଆସି ନବିନା ବା' ଜିନିଷକୁ ଟଣାଓଟରା କରୁଥିଲେ, ହେଲେ ନବିନା ବା' ସେମାନଙ୍କୁ ଭୂରୁଡି ଦେଖାଇ ଘଉଡେଇ ଦେଲେ । ସେ ପରା ଏକା - ଶତ ସିଂହର ବଳ ତାଙ୍କର । ଏକଲା ସେ ନିଜେ ସବୁ ଜିନିଷ ପତ୍ରକୁ ଗାଡ଼ିରେ ଚଢେଇଲେ, କାହାରି ବି ସାହାଯ୍ୟ ନେଇ ନାହାଁନ୍ତି । ଗାଡ଼ି ଭିତରେ ବହୁତ ଜାମ୍, ଗୋଡ଼ ରଖିବାକୁ ବି କେଉଁଠି ଜାଗା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନଥାଏ । ତଥାପି ବହୁତ କଷ୍ଟରେ ଅଧା ବାଟରେ ସିଟ୍ ଖଣ୍ଡେ ପାଇଗଲେ ।ଏଣିକି ଟିକେ ନିଶ୍ୱାସ ଫେରାଇଲେ । ଏଣିକି ଆଉ କିଛି ଚିନ୍ତା ନାହିଁ, ଖାଲି ଘର ପାଖରେ କେମିତି ଜଲଦି ପହଁଚିବେ କେବଳ ସେଇ ଚିନ୍ତା ।ଆଖି ସାମ୍ନାରେ ଝଲସି ଉଠୁଥିଲା ବଡା ମାଆର ଚେହେରାଟା ଆଉ ନାତୁଣୀ ଗେଲିର ମୁହଁଟା । ଗାଁ ଲୋକ, ଘର ବାଡ଼ି ସବୁ କିଛି ନାଚି ଉଠୁଥିଲା । ଇଛା ହେଉଥିଲା ନିମିଷକେ ପକ୍ଷୀରାଜ ଘୋଡାରେ ଚଢ଼ି ସେ ଗାଁ ମାଟିରେ ଯାଇ ପାଦ ଥାପନ୍ତେ କି ।

ଶେଷରେ ଛୁକ୍ ଛୁକ୍ କରି କୋଇଲା ଇଞ୍ଜିନ୍ ରେଳ ଗାଡିଟା ଧକେଇ ଧକେଇ ଯାଇଁ କେନ୍ଦୁପଦା ଷ୍ଟେସନରେ ପହଞ୍ଚିଲା । ରାତି ବାର । ଚାରିଆଡେ ଶୂନ୍‌ଶାନ୍ । ଜଣେ ଅଧେ କେହି କେମିତି ସେଇ ଷ୍ଟେସନରେ ଓହ୍ଲାଇ ଥିଲେ, ହେଲେ ସେମାନେ ବି ଗହଳ ଅନ୍ଧକାର ଭିତରେ କେଉଁଆଡ଼େ ହଜି ଯାଇଥିଲେ । ଆଉ କେହି କୁଆଡ଼େ ନଥାନ୍ତି, ଭାରି ନିଛାଟିଆ ଲାଗୁଥାଏ ।ଷ୍ଟେସନ୍ ଭିତରେ କେବଳ ଜଣେ ଷ୍ଟେସନ୍ ମାଷ୍ଟର୍ ଚେୟାରରେ ବସି ଢୁଳାଉ ଥାନ୍ତି । ଆଉ ଜଣେ ପତାକା ଓ ଫୋକସ ଲାଇଟ୍ ଟେ ଧରି ତଳେ ଘୁମଉ ଥାଏ ।

ସେଇଠୁ ଆହୁରି ଚାରି ପାଞ୍ଚ ମାଇଲ୍ ରାସ୍ତା ହେବ ଘରକୁ । ରାସ୍ତା ଘାଟର ତ ସେତେ ସୁବିଧା ନାହିଁ ରେଳ ଧାରଣାଟା କେବଳ ସାହାରା । ଏହି ରେଳ ଧାରଣା ଉପରେ କିଛି ବାଟ ଚାଲିବାକୁ ହୁଏ । ତା'ପରେ ଗୋଟେ ଘଞ୍ଚ ଜଙ୍ଗଲ ପଡ଼ିବ, ସେଇ ଜଙ୍ଗଲ ଖଣ୍ଡଟା ପାରି ହୋଇଗଲେ ଆମ ଗାଁ ପଡ଼ିବ ।

ତେବେ ଯାହା ବି ହେଉ ନବିନା ବା' ନିଜ ମନେମନେ ଶକ୍ତି ସାମର୍ଥ୍ୟ ଏକଠା କରି ଆଗକୁ ବଢ଼ିଲେ ।ତେଣେ ବହୁ ଦିନ ପରେ ଗାଁକୁ ଫେରିବାକୁ ମନରେ ଉଦବେଗ ।କାରଣ ଏବର ଭଳି ସେତେବେଳେ ତ ଆଉ ବିଜୁଳୀ ଆଲୁଅ ନଥାଏ । ତେଣୁ ଚାରିଆଡ଼େ ଖାଲି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନ୍ଧକାରର ଛାଇ, ଭାରି ଭୟଙ୍କର ସ୍ଥିତି । ନବିନା ବା' ଆଉ ବେଶି କିଛି ନଭାବି ପାଦ ଆଗକୁ ପକାଇଲେ । ଗଣ୍ଠୁଳିଟା କାନ୍ଧରେ ପକାଇଲେ ଓ ଗୋଟିଏ ଯୋଡ଼ିଏ ପେଟି ଯାହାଥିଲା ମୁଣ୍ଡରେ ମୁଣ୍ଡେଇ ଝପଟି ଚାଲିଲେ । ବୋଝ ଭାରରେ ମୁଣ୍ଡଟା ଲୋଚା ହୋଇ ଯାଉଥିଲା । କ'ଣ କମତି ଜିନିଷ ଧରି ସେ ବିଦେଶରୁ ଫେରିଛନ୍ତି କି ?

ରେଳ ଧାରଣାରୁ ଗଡ଼ି ଯେଉଁଠୁ ପାଦ ଚଲା ରାସ୍ତାରେ ଗାଁ ଆଡକୁ ଢ଼ଳିବାକୁ ପଡ଼ିବ, ସେଇଠି ସେ ଆଗ ଘଡିଏ ଖଣ୍ଡ ବସି ଥକ୍କା ମେଣ୍ଟାଇଲେ । ତା'ପରେ ସଜବାଜ ହୋଇ ଏକା ନିଶ୍ୱାସକେ ସେ ଗାଁ ଆଡକୁ ମୁହାଁଇଲେ । ଭାରି ଡର ଲାଗୁଥାଏ  । ସେଇ ଘଞ୍ଚ ଜଙ୍ଗଲିଆ ରାସ୍ତାଟାରେ ପତ୍ର ଝଡ଼ା ବୃକ୍ଷରୁ ପତ୍ର ଝଡ଼ି ଭାରି ଅପନ୍ତରିଆ ହୋଇଥାଏ । ତେଣୁ ସାପ ବେଙ୍ଗର ଭୟ ମଧ୍ୟ ରହୁଥାଏ । ଅନ୍ଧାରରେ ଠଉରେଇ ଠଉରେଇ ରାସ୍ତା ଚାଲିବା ବଡ଼ କଷ୍ଟ । ତେଣୁ ତ ହାବୁଡି ହାବୁଡି ଖଣ୍ଡିଆ ଖାବରା ହୋଇ ସେ ବାଟ ଚାଲୁଥାନ୍ତି । ଏଥିସହ କାଳୁଆ ଅନ୍ଧାରିଆ ରାତିର ଶୀତୁଆ  ଥର ଦେହକୁ ଆହୁରି ମଧ୍ୟ ଥରାଇ ଦେଉଥାଏ । ପତ୍ରର ଖଡଖାଡ ଶବ୍ଦ ସହିତ ଚଢେଇ ଚିରିଗୁଣୀର ବସା ମଧ୍ୟରୁ କେଁ କଟର ବିଭତ୍ସ ଶବ୍ଦ ମନରେ ଭ୍ରାନ୍ତି ତୋଳୁଥିଲା ।ମନ ଏକ ଅଜଣା ଆତଙ୍କରେ ଆତଙ୍କିତ ହୋଇ ଉଠୁଥିଲା । ଚିତ୍ତ ଲୋକରେ ଚିତ୍ତ ଚାଞ୍ଚଲ୍ୟତା ସୃଷ୍ଟି ହେଉଥିଲା  ।

ଏଇ ସମୟରେ ମୁଣ୍ଡ ଉପରେ କ'ଣ ଗୋଟେ ଚିଁ ଚିଁ ହୋଇ ଉଡିଗଲା ଯେ ମୁହଁ ବୁଲାଇ ପଛକୁ ଚାହିଁଲାରୁ ଲାଗିଲା-ଯେପରି କିଏ ଗୋଟେ କଳା ଛାୟା ତାଙ୍କୁ ଅନୁସରଣ କରୁଛି । ବିରାଟ ତା'ର ରୂପ ଅର୍ଘାସୁରର ପରିକଳ୍ପନା ଗଢି ତୋଳୁଥିଲା ମନ ମଧ୍ୟରେ । ଭୟରେ ହୃଦୟ ମନ୍ଥିତ ହେବାରୁ ନବିନା ବା ' ଛାତିରେ ପୁଳାଏ ଖଣ୍ଡ ଛେପ ପକାଇ ଇଷ୍ଟ ଦେବଙ୍କୁ ସ୍ମରଣ କଲା । କିଛି ବାଟ ପରେ ଗୋଟେ ମୋଡ଼ ରାସ୍ତା ପଡ଼ିଲା । ସେଇ ମୋଡ଼ଟା ପାର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲା ପରେ ଲାଗିଲା ସେ ଅର୍ଘାସୁର ଏଥର ପିଛା ଛାଡି ପାର୍ଶ୍ୱ ଅନୁସରଣ କରୁଛି । ସେ ଭୟରେ ତା ଆଡକୁ ବିଶେଷ ନଚାହିଁ, "ହେ ମାଆ ବୁଢୀ ଜାଗୁଳାଇ ! ହେ ! ମାଆ ବୁଢୀ ଜାଗୁଳାଇ ! !" ଜପି ଜପି ଆଗକୁ ଧାଇଁଲେ । ମନେମନେ ଭାବୁଥାନ୍ତି ଛୁଆ ଖାଇବେ ବୋଲି ଗୋଟେ ବଡ଼ ଗଙ୍ଗା ଇଲିଶି ମାଛ ସେ ସାଙ୍ଗରେ ଆଣିଛନ୍ତି । ସେଇ ଆଇଁଷ ବାସନାରେ ବୋଧେ ଭୂତ ପିଶାଚ ତା ପଛରେ ପଡ଼ିଛନ୍ତି । ଆଇଁଷ କୁଆଡ଼େ ସେମାନଙ୍କୁ ଭାରି ବାଇ ।ଏଇ ସମୟରେ ହେଟାଟେ କି ବିଲୁଆଟେ କୁହାଟ ଛାଡିବାରୁ ପେଟ ଭିତରେ ଛନକା ପଶି ଖାଲି ଘୁଙ୍ଗଳେଇ ହେଲା ।

ଇଛା ହେଉଥିଲା ଅର୍ଘାସୁର ଦାଉରୁ ରକ୍ଷା ପାଇବା ପାଇଁ ସେଇଟିକୁ ପେଟିରୁ ଖୋଲି ଫିଙ୍ଗି ଦେବାକୁ, କିନ୍ତୁ ମନ ବୋଲ ମାନୁ ନଥିଲେ ।ଯା' ହେଲେ ଛୁଆ ପିଲାଙ୍କ ତୁଣ୍ଡରେ ଦେବା ପାଇଁ ଏତେ କଷ୍ଟ କରି ସେ କଲିକତା ସହରରୁ ପୁଣି ବୋହି ବୋହି ଆଣିଛନ୍ତି, ଅଧା ବାଟରେ ଫିଙ୍ଗି ଦେବେ ବା କିପରି ? ତେଣିକି ଯାହା ହେଉ, ଅର୍ଘାସୁର କବଳରେ ପଡ଼ି ଜୀବନ ଯାଉ ପଛେ । ଏତେବେଳକୁ ଝାଳ ନାଳରେ ସେ ଆଣ୍ଠୁଏ ହୋଇ ସାରିଲେଣି, ତଥାପି ପାଦର ଗତି ତାଙ୍କର ଧିମଉ ନଥଏ କି ଶିଥିଳ ପଡୁ ନଥଏ । କାହିଁକି ନା ପିଲା ଛୁଆଙ୍କ ପାଇଁ ବାପାମାଆ ପରା ସବୁ କଷ୍ଟକୁ ବରୀ ନେବେ, ଏପରିକି ହାଣ ମୁହଁକୁ ନିଜକୁ ଠେଲି ଦେବାକୁ ପଡୁନା କାହିଁକି । ଯାହା ବି ହେଉ ଶେଷରେ ଘର ଦୁଆର ମୁହଁ ପାଖରେ ଗୋଡ଼ ଘୋଷାରି ଘୋଷାରି ବହୁ କଷ୍ଟରେ ପହଞ୍ଚିଗଲେ । କେବଳ "ବନା ମାଆ" ବୋଲି ଏତିକି ଡାକିଛନ୍ତି ନିଜର ହୋସ୍ ବାୟୁ ଉଡିଗଲା । ବନା ମାଆ ପାଟି ଶୁଣି ଦୌଡିକି ଆସିଲା । ପାଣି ଛାଟି ସ୍ୱାସ୍ଟମ କଲା ପରେ ଦରଜା ଖୋଲି ଘର ଭିତରକୁ ନେଲା ।

ଏ କଥା ଶୁଣି ଆମେ ଛୁଆ ସବୁ କେତେ ରକମର କେତେ କଥା କହିଲେ । କିଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିଲା "ଏଇଟା ଖପୀଶ ହୋଇଥିବ" , ଆଉ କେହି କେହି କହିଲେ "ନା ଏଇଟା ପିତାଶୁଣୀ " । ବନା ମାଆ କହିଲେ - "ଚିରିଗୁଣୀ" ।ଡାକ୍ତର ଦାଦା କହିଲେ - "ନାଇଁମ ଏଇଟା ନିଜ ଛାଇ ହୋଇଥିବ । କାରଣ ଚନ୍ଦ୍ରର ଉତ୍ତରାୟଣ ଓ ଦକ୍ଷିଣାୟନ ଗତି ବେଳେ ନିଜ ଛାଇଟା ବହୁତ ଲମ୍ବା ହୋଇ ପଡ଼େ, ଯାହାକୁ ଅନ୍ଧାର ରାତିରେ ଦେଖି ଡର ଲାଗେ" । ତେବେ ସେ ଯାହା ହେଉ ବନା ଝିଅ କିନ୍ତୁ ଜେଜେଙ୍କ ପିଠିକୁ ବାଡ଼େଇ ବାଡ଼େଇ -" ଜେଜେ ଆଉ କୁହ, ଅଉ କୁହ କହି "ଚିରାଡି ଛାଡ଼ି କାନ୍ଦୁଥାଏ ।

ଉପ ସହକାରୀ ନିବନ୍ଧକ

ସମବାୟ ସମିତି ସମୂହ

ଭଦ୍ରକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାଥି ଦେଇଗଲା ଆଖିରେ ଲୁହ

ବଣ ଜଙ୍ଗଲ ଘେରା ଭିତରେ ଛୋଟଆ ଗାଁ ଝୋଟିପୁର । ଗାଁଆ ଛୋଟ ହେଲେ କ'ଣ ହବ ପରିବେଶ ସୌନ୍ଦର୍ଯ୍ୟ ରେ ପରିପୂର୍ଣ୍ଣ ସତେ ଯେମିତି ପ୍ରକୃତି ର ମନହରା ମନକୁ ସାଉଁଟି ନିଅନ୍ତି । ସେଇ ଗାଁରେ ବାସ କରନ୍ତି ଜେମାନନ୍ଦ କୁଡି ଓ ତାଙ୍କ ସ୍ତ୍ରୀ ପାଶାଣି କୁଡି ପୁଅ ସେନା କୁଡି ପାଞ୍ଚ ବର୍ଷ ଝିଅ ବସୁମତୀ କୁଡି ସାତ ବର୍ଷ ହୋଇଥାଏ । ହସ ଖୁସି ରେ ଦିନ ଗୁଡାକ ଚାଲି ଯାଏ । ସୂର୍ଯ୍ୟ ର ଆଲୋକରେ ହସ ଆରମ୍ଭ ଅନ୍ଧାର ରେ ଶେଷ ହେଉଥିଲା । ଘର ସୁଖ ଶାନ୍ତି ହସ ପୂରି ଉଠୁଥିଲା । ଗରିବ ହେଲେ କ'ଣ ହେବ ଯେଉଁଠି ହସଥାଏ ସେଇଠି ସ୍ୱର୍ଗ ସୁଖଥାଏ ।

ଜେମାନନ୍ଦ ଦିନ ମଜୁରିଆ କାମ କରି କଷ୍ଟ ମଷ୍ଟେ ଘର ଚଳେଇ ଦିଅନ୍ତି । ଜେମାନନ୍ଦ ଙ୍କ ଉପରେ ତିନି ପ୍ରାଣୀର ବୋଝ । ପେଟ ଭୋକ ପିଲା ଦୁଇଟି ମୋ ଆସିବା ବାଟକୁ ଚାହିଁ ବସନ୍ତି ।



ଦୁଷ୍ମନ୍ତ ବେହେରା

ଜେମାନନ୍ଦ ଅନ୍ୟ ଘରେ କାମ କରୁଥିବା ସମୟରେ ମୁଣ୍ଡ ଓ ଦେହ ଝିମ୍ ଝିମ୍ ହୋଇ ସଙ୍ଗେ ସଙ୍ଗେ ତଳେ ପଡିଗଲେ କିଛି ସମୟ ପରେ ଦେହରୁ ଜୀବନ ଦୀପ ଛାଡି ଚାଲିଗଲା । ଜୀବନ ମୃତ୍ୟୁ ଏମିତି ଆସେ କାହାକୁ ପଚାରେ ନାହିଁ । କାଳର ଛାଇ ବଡ ନିଷ୍ଠୁର ଧନୀ ଗରିବ ଭଲ ମନ୍ଦ କିଛି ବୁଝେ ନାହିଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରିବାର ଅପେକ୍ଷା କରିଥାନ୍ତି । ପିଲା ଦୁଇଟି ଭୋକ ସମ୍ଭାଳି ନ ପାରି ମା ଭୋକ ଲାଗିଲାଣି ବାପା କେତେବେଳେ ଆସିବେ । ଏହି ସମୟ ରେ ଖବର ଆସି ପହଞ୍ଚିଲା ଜେମାନନ୍ଦଙ୍କ ମୃତ୍ୟୁ ହୋଇଛି କାମ କରୁଥିବା ସମୟରେ । ଏଇ କଥା ଶୁଣୁ ଶୁଣୁ ସ୍ତ୍ରୀ ପାଶାଣୀ ଘର ଅଗଣା ତଳେ ଖସି ପଡି ଦୁଇ ଛୁଆ କୁ କୁଣ୍ଢେଇ କାନ୍ଦି କାନ୍ଦି କହିଲେ ତୁମ ବାପା ଆଉ ନାହାନ୍ତି ।

ମା ବାପା ଆଉ ନାହାନ୍ତି । କିଏ ଆମକୁ ଖାଇବାକୁ ଦବ ,କିଏ ଆମ ଓଠରେ ହସ ଫୁଟେଇ ଦବ, କିଏ ଆମ ଭଲ ମନ୍ଦ ବୁଝିବ, ଆମେତ ଗରିବ କିଏ ଆମ ଭୋକ ମେଣ୍ଟାଇ ଦବ ମା । ବାପା ତୁମେ କୁଆଡେ ଗଲ ଏ ବାପା......

ଏ ବାପା

ଦୁନିଆ ଦେଖେଇବା ଆଗରୁ

ହସ ଛଡେଇ ନେଲ

ଭାଗ୍ୟ ଆମ କରମ ସାଥେ ଖେଳି

ହସ ଛଡେଇ ଲୁହ ଦେଇ ଗଲ ....

ଛିଡା ହୋଇ ଭାବୁଥାନ୍ତେ ପାଶାଣୀ ସ୍ୱାମୀଙ୍କ ଦଶ ହାଣ୍ଡି କାମ କରିବି କେମିତି । ଘରେ ତ ପଇସା ନାହିଁ । ପୁଣି ଆମେ ଗରିବ କ'ଣ କରିବି । ଯାହା ଏଇ ଘର ଡିହ ଖଣ୍ଡିକ ଅଛି ନହଲେ ଜମିଦାର ପାଖରେ ବିକ୍ରି କରି ସ୍ୱାମୀଙ୍କ ଦଶ ହାଣ୍ଡି କାମ କରିବି । ଜମିଦାର ପାଖରେ ଘର ବିକ୍ରି ହୋଇଗଲା ସେଇ ପଇସା ରେ ଦଶ ହାଣ୍ଡି କାମ ହେଲା ।

ଘର ସହିତ ଘର ଡିହ ବିକ୍ରି ହେଇଗଲା କିନ୍ତୁ ରହିବେ କେଉଁଠି.....

ପରିସ୍ଥିତି ଗରିବର ହସ ଏପରିଉଡାଏ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନା ବୁଝୁଛି ଜୀବନ ମୂଲ୍ୟ

ଖେଳି ଖେଳାଉଛି ସମୟ ଭୋକ

ଭାଗ୍ୟ ଲୁଚକାଳି ସାଥେ ଦୁଃଖ....

ଝିଅ ବସୁମତୀ ପଚାରିଲା " ମା' ଆମେ ଯିବା କୁଆଡେ କିଏ ଆମକୁ ଆଶ୍ରୟ ଦବ ? "ମା' ପାଶାଣୀ କହିଲେ ଜୀବନର ରାସ୍ତା ଅନେକ ପଡିଛି ଯେଉଁ ପର୍ଯ୍ୟନ୍ତ ଭାଗ୍ୟ ଯିବାର ବାଟକୁ କଢେଇ ନେବ ସେଇଠିକି ଚାଲିଯିବା ।

ଜଙ୍ଗଲ ବାଟରେ ଚାଲି ଚାଲି ଯିବା ସମୟରେ ଆଖି ପଡିଲା ଗୋଟିଏ କୋଳି ଗଛ ଉପରେ । ଗଛରେ କୋଳି ପାଚିବା ଦେଖି କୋଳି ଗଛ ପାଖକୁ ବସୁମତୀ ଦୁଇ ଛୁଆ କୁ ଧରି ପହଞ୍ଚିଲେ । କୋଳି ଗଛରେ ଅନେକ ପାଚିଛି କୋଳି ପାରି ହାଟକୁ ନେଇ ବିକ୍ରି କରି କିଛି ପଇସା ହେଲେ ସେଇ ପଇସା ରେ ଖାଦ୍ୟ କିଣି ଭୋକ ମେଣ୍ଟାଇବା

"ମା' ଗଛକୁ ଚଢି କୋଳି ପାରିଲେ ସେଇ କୋଳି କୁ ନେଇ ହାଟକୁ ଗଲେ । ଲୋକେ କୋଳି ସବୁ ଫଟା ଦେଖି କେହି କିଣିଲେ ନାହିଁ । ଏ "ମା" ଏ ଆମ ଭାଗ୍ୟ ସହିତ ତ ସମସ୍ତେ ଖେଳିଲେ । ଏ ଫଟା କୋଳି କ"ଣ ଆମ ଭାଗ୍ୟ ବଦଳେଇବ । ଚାଲ ଆଉଥରେ କୋଳି ପାରିବା ତୁ ଗଛ ରେ ଚଢିବୁ ଆମେ ତଳେ ପିଠି ଦେଖେଇବୁ ତୁ ଆମ ପିଠି ଉପରେ କୋଳି ପକାଇବୁ ଆଉ ଫାଟିବ ନାହିଁ ।

କୋଳି ଗଛ ପାଖେ ପହଞ୍ଚି "ମା" କୋଳି ଗଛ ଉପରେ ଚଢି ବସୁମତୀ ସେନା ପିଠି ରେ କୋଳି ପକାଇ ତଳେ ପଡିଲା । ଆଉ ଫାଟିଲେ ନାହିଁ । ଗଛ ଉପରେ "ମା ଆଖିରେ ଲୁହ ଯେଉଁ ବୟସ ରେ ପାଠ ପଢି ହସ ଖେଳ କରିଥାନ୍ତେ ସେଇ ବୟସରେ ପେଟର ଭୋକ ପାଇଁ ନିଜର ପିଠି ଦେଖଉଛନ୍ତି । ହେ ଭଗବାନ୍ ଏ ଗରିବର କି ପରୀକ୍ଷା ନେଉଛ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗଛରୁ ଓଲ୍ଲାଇ ସମୟ ବିଳମ୍ବ ନକରି ସଙ୍ଗେ ସଙ୍ଗେ କୋଳି ଧରି ହାଟକୁ ନେଇ ସବୁ କୋଳି ବିକ୍ରି ହୋଇଗଲା ଓ କିଛି ପଇସା ହେଲା । ସେଇ ପଇସା ରେ ଜଳଖିଆ କିଣି ଖାଇଲେ ।

ଏପରି ଚାରିଦିନ ଗଲାପରେ ଗଛରୁ କୋଳି ସରିଗଲା । କୋଳି ଗଛ ମୂଳରେ ଛିଡାହୋଇ ପାଶଣୀ ଦୁଇ ଛୁଆ ଙ୍କୁ କୁଣ୍ଡେଇ ଧରି କୋଳି ଗଛରୁ ତ ନାହିଁ । ଏ କି ଦୁଃଖ ଦଉଛ ଭଗବାନ୍ ଯେଉଁଠି ଆଶା ଟିକକ ଥିଲା ଓ ଭୋକ ମେଣ୍ଟୁଥିଲା ସେ ବି ସରିଗଲା ଏ ଗରିବର କି ପରୀକ୍ଷା ନେଉଛ ... ଭଗବାନ ଆଖିର ଛଳ ଛଳ ଲୁହ ଠୋପା ଓଠରେ ଆସି ପଡି କହୁଥିଲା ... ତୁମେ ଥିଲ ସାଥି ମୋର ଦୁଃଖ ଥାଇ ଦୁଃଖ ଜଣାଇ ଦେଉ ନଥିଲ ସତରେ ସାଥି ତୁମେ ଭାରି ମନେ ପଡୁଛ.... ତୁମ୍ଭେ ବିନା ଏ ଜୀବନ ରାସ୍ତା ବଞ୍ଚିବା ବଡ କଷ୍ଟ ......

ତୁମେ ଥିଲ ସାଥି
ମୋର ନଥିଲା ମୋ
ଜୀବନେ ବିପଦ
ତୁମେ ଗଲାପରେ
ଝୁରୁଛି ମନ
ଶରୀର ସତେ
ଯେମିତି ଦୁଃଖ
ଦେଇ ଗଲ
ସାଥି ମୋର.........

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତୁମେ କୁହ ସାଥି ଏ ଦୁଇ ଜୀବନ କେମିତି ବଞ୍ଚେଇବି । ତୁମ ବିନା ମୁଁ... ମୋ ରାସ୍ତା ଦେଖିବା ଆଗରୁ ଅଧା ରାସ୍ତେ ଛାଡି ଚାଲିଗଲ ...

ଏଠି ସଂଘର୍ଷ କରି ଆଉ ଗୋଟିଏ ଶିକ୍ଷା ପାଇଗଲି । ଜୀବନ କେମିତି ବଞ୍ଚିବାକୁ ହୁଏ ଭୋକ ଶିଖେଇ ଦିଏ ଜୀବନ ମୂଲ୍ଯ କେମିତି କା କିନ୍ତୁ ତୁମେ ସାଥି ବୁଝିପାରିଲ ନାହିଁ

ମୋ ମନ ତଳର ଶୋଷ..

ଆଉ ଆଶା.... ଆଖିର ଲୁହ.... ସାଥି

ଦେଇଗଲ ଆଖିରେ ଲୁହ......

ଖାଲି ଲୁହ ...........

ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
ପିନ୍-୭୫୯୦୨୧
ମୋ ନଂ -୯୯୩୭୬୫୭୫୦୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରଥମ ସ୍ୱର୍ଶ



ବାସନ୍ତୀଲତା ଜେନା

୧୯୯୯ ମସିହା ଅକ୍ଟୋବର ୨୮ ତାରିଖରେ ପ୍ରବଳ ଘୂର୍ଣ୍ଣିବାତ୍ୟା ଆସି ଥିଲା ଓଡିଶାକୁ । ନାମ ଥିଲା ସୁପର ସାଇକ୍ଲୋନ । ବହୁ ଧନ ଜୀବନ ନଷ୍ଟ କଲା । କେତେ ଘର ଭାଙ୍ଗିଲା । ଜଳସ୍ରୋତରେ ପ୍ରିୟ ପରିଜନ ଭାସିଗଲେ । ଆଖିର ଲୁହ ପେଟର ଭୋକରେ ଜନଜୀବନ ଅସ୍ତବ୍ୟସ୍ତ ହେଉଥିଲେ । ସେହି ସମୟର ଏ ଘଟଣା । ଶମ୍ଭୁନାଥ ଓ ତାର ପତ୍ନୀ ଯମୁନା ସେହି ଜଳ ସ୍ରୋତରେ ଭାସି ଯାଇଥିଲେ । ଝିଅ ସାରଦା ତା ମାମୁଁ ଘରକୁ ଯାଇଥିବାରୁ ସେ ବଞ୍ଚିଯାଇଥିଲା । ମାମୁଁ ଅଶୋକ ସାରଦାକୁ ବହୁତ ଭଲପାଆନ୍ତି । ସାହି ପଡିଶା ସାରଦାର ଭଦ୍ରତା ପାଇଁ ପ୍ରଶଂସା କରନ୍ତି । କିନ୍ତୁ ମାଇଁ ବିମଳା ସାରଦାକୁ ମୋଟେ ପସନ୍ଦ କରନ୍ତି ନାହିଁ । ଭଲ ପାଆନ୍ତି ନାହିଁ । କାରଣ, ବିମଳଙ୍କ ଝିଅ ଅମ୍ବିକା ଦେଖିବାକୁ ଭଲ (କଳା) ନୁହେଁ । ଆଉ ସାରଦା ଖୁବ ସୁନ୍ଦରୀ । ଗୋଟିଏ ଚାଉଳର ଗଢ଼ା । ଲକ୍ଷ୍ମୀ ପ୍ରତିମା । ପିତାମାତାଙ୍କର ବିୟୋଗ ବେଳକୁ ସାରଦା ସପ୍ତମ ଶ୍ରେଣୀରେ ପଢୁଥିଲା । ଅମ୍ବିକା ବି ସପ୍ତମ ଶ୍ରେଣୀରେ ପଢୁଥିଲା । ମାମୁଁ ଅଶୋକ ଦୁଇ ଭଉଣୀକୁ ଏକ ସ୍କୁଲକୁ ପଠାଇଲେ । ଅଶୋକ ବିଜନେସ କରନ୍ତି । ଯେଉଁଦିନ ଅଶୋକ ଘରେ ରହନ୍ତି ସେ ଦିନ ସାରଦା ସ୍କୁଲକୁ ଯାଏ । ନହେଲେ ମାଇଁ ବିମଳା ବାହାନା କରି ସାରଦାକୁ ଘର କାମରେ ଲଗାଇ ଦିଅନ୍ତି । ଅମ୍ବିକା ସ୍କୁଲକୁ ଯାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଥିପାଇଁ ପତି ପତ୍ନୀଙ୍କ ମଧ୍ୟରେ ବହୁ ଥର ଝଗଡା ହୋଇଛି । ପ୍ରଥମେ ପ୍ରଥମେ ଅମ୍ବିକା ସାରଦାକୁ ଭଲ ପାଉଥିଲା । କିନ୍ତୁ ନିଜ ମା' ବିମଳା ସାରଦା ବିରୁଧ୍ୟରେ ସବୁ ବେଳେ କହି କହି ସେ ବି ଆଉ ସାରଦାକୁ ଭଲ ପାଉ ନାହିଁ । ଛୋଟ ଛୋଟ କଥାରେ ତା ଉପରେ ଚିଡି ଚିଡି ହୁଏ । ଏମିତି ବି ଗୋଟିଏ ଦିନ ଯାଇ ନାହିଁ ଯେ ସାରଦା ମାଡ଼ ଗାଳି ତା ମାଇଁଙ୍କ ଠାରୁ ଖାଇ ନାହିଁ । ଦଶମ ପାସ ପରେ ସାରଦା ଘରେ ରହି କାମ ଦାମରେ ମାଇଁଙ୍କୁ ସାହାଯ୍ୟ କଲା । ଅମ୍ବିକା କଲେଜରେ ନାମ ଲେଖାଇଲା ।

ବିମଳାଙ୍କ ବାପଘର ସେହି ଗ୍ରାମରେ । ବିମଳାଙ୍କର ଭାଇ ପ୍ରଭାକର ଭଉଣୀ ଘରକୁ ପ୍ରାୟ ସମୟରେ ବୁଲି ଆସନ୍ତି । ଆସ୍ତେ ଆସ୍ତେ ପ୍ରଭାକର ଓ ସାରଦାଙ୍କ ମଧ୍ୟରେ ସମ୍ପର୍କ ଗଢି ଉଠିଲା । ସାରଦା ଶାନ୍ତ, ସରଳ, ନମ୍ର । ଆଜ୍ଞା କାରୀ । ସର୍ବ ଗୁଣ ସଂପୂର୍ଣ୍ଣା ଝିଅଟିଏ । ପ୍ରଭାକରକୁ ସାରଦାର ସବୁ ଗୁଣ ଭଲ ଲାଗେ । ବନ୍ଧୁତ୍ୱ କେବେ ପ୍ରେମରେ ପରିଣତ ହୋଇଗଲା, ଜଣା ପଡିଲା ନାହିଁ । ସାରଦା ଦିନେ ପ୍ରଭାକରକୁ ନ ଦେଖିଲେ ତାକୁ କିଛି ଭଲ ଲାଗେ ନାହିଁ । ମନ ଖୋଜି ବୁଲେ ପ୍ରଭାକରକୁ । ଆଖି ପଥ ଚାହିଁ ରହେ । ପ୍ରଭାକରର ବି ସେଇ ଅବସ୍ଥା ।

କାଳି ପୂଜା ପାଇଁ ମାମୁଁ, ମାଇଁ ଓ ଅମ୍ବିକା ନୂଆ ଲୁଗା କିଣିବାକୁ ସନ୍ଧ୍ୟା ସମୟରେ ବଜାରକୁ ଯାଇ ଥିଲେ । ସାରଦା ଏକୁଟିଆ ଘରେ ରହି ଥିଲା । ପ୍ରଭାକର ଆସିଲା । ସାରଦା ତାକୁ ଚା, ଜଳଖିଆ ଦେଲା । ନିଜେ ଚା ପିଇଲା । ଦୁଇ ଜଣ କଥା ବାର୍ତ୍ତା ହେଲେ । ତାହା ଥିଲା ଏକ ଦୁର୍ବଳ ମୂହୁର୍ତ୍ତ । ପରସ୍ପରକୁ ଆଲିଙ୍ଗନ କଲେ । କେତେ ମିଠା ସ୍ୱପ୍ନ ଦେଖିବାକୁ ଲାଗିଲା ସାରଦା । କିଛି ସମୟ ବସିବା ପରେ ଭଉଣୀ ଭିଣୋଇ ଆସିବା ପୂର୍ବରୁ ପ୍ରଭାକର ନିଜ ଘରକୁ ଚାଲି ଯାଇଥିଲା । ଏକ ସପ୍ତାହ ପରେ ପ୍ରଭାକର ଉଚ୍ଚ ଶିକ୍ଷା ପାଇଁ ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଲା ପଢିବାକୁ । ସାରଦାକୁ ମାଇଁର ମାଡ଼ ଗାଳିରୁ ରକ୍ଷା କରିବା ପାଇଁ ମାମୁଁ ଶମ୍ଭୁନାଥ ବିବାହ କରି ଦେଇଥିଲେ । ସାରଦା ବଡ଼ ଘରର ବହୂ ହେଲା । ସୁଖ ଶାନ୍ତିରେ ରହିଲା । ସେ ଦୁଇଟି ସନ୍ତାନର ଜନନୀ ହୋଇ ସାରିଛି ।

କିନ୍ତୁ ସେ ଦିନର ପ୍ରଥମ ଛୁଆଁ ସାରଦା ଆଜି ବି ଭୁଲି ପାରି ନାହିଁ । ସୁଖ ଶାନ୍ତି ପ୍ରଚୁର୍ଯ୍ୟ ମଧ୍ୟରେ ଥିଲେ ମଧ୍ୟ ସାରଦା ବେଳେ ବେଳେ ଅତୀତକୁ ଫେରି ଯାଏ । ମନେ ପକାଏ ପ୍ରଭାକରର ପ୍ରଥମ ସ୍ପର୍ଶକୁ । ବେଳେ ବେଳେ ଭାବେ ମାମୁଁଙ୍କୁ ସାହସ କରି କହି ଦେଇ ଥିଲେ, ହୁଏତ ଆଜି ମୋର କାହାଣୀ ଅନ୍ୟ କିଛି ହୋଇଥାନ୍ତା । ସାରଦାକୁ ପ୍ରଭାକାରର ହାତ ମିଳିଲାନି । ଅଛି ଖାଲି ମୁଠା ମୁଠା ମଧୁର ସ୍ମୃତି । ପ୍ରଥମ ସ୍ପର୍ଶର ପ୍ରଥମ ଅନୁଭତି । ପ୍ରଥମ ପ୍ରେମର ଅକୁହା କଥା ।

ଗାନ୍ଧିନଗର, ନବରଙ୍ଗପୁର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦିବ୍ୟାଲୋକ

ସମୟ ଠିକ ସନ୍ଧ୍ୟା ବେଳ, ପଶ୍ଚିମ ଆକାଶରେ ସୂର୍ଯ୍ୟ ଲୁଚିଗଲେଣି, ଆଉ ରଜନୀ ରାଣୀ ମଧ୍ୟ ତାଙ୍କ କଳା ବେଶରେ ଧରିତ୍ରୀକୁ ଆଲିଙ୍ଗନ କରିବାକୁ ତତ୍ପର, ଆଉ ତାହା ସହିତ ରାସ୍ତା କଡର ବତୀ ଖୁଣ୍ଟରୁ ଉତ୍ପନ୍ନ ହେଉଥିବା ରଶ୍ମୀଗୁଡାକ ସତେକି ପଥର ସ୍ୱର୍ଶପାଇଁ ତତ୍ପର, ଆଉ ତା ସହିତ ଅନ୍ଧାରକୁ ଆଲୋକିତ କରିବା ପାଇଁ ଗାଡିଚାଳକ ମାନେ ନିଜ ଗାଡିର ଆଲୁଅରେ ଆଲୋକିତ କରୁଥାନ୍ତି ରାସ୍ତାକୁ, ଆଉ ଠିକ ସେଇ ସମୟରେ ନିଜ ଗାଡିର ଆଲୁଅ ଲଗାଇଛି ଆଲୋକ । ଆଲୋକ ତା ଗାଡିର ଆଲୁଅ ଲଗେଇ ରାସ୍ତାକୁ ଆଲୋକିତ କରିନି ଯେ ! ଆଲୋକିତ କରିଛି ତା ଅନ୍ଧାରି ମନ ଆଉ ହୃଦୟକୁ ।

ଆଲୋକ ଗୋଟିଏ ବଡ ଘରର ପୁଅ ଟଙ୍କା ପଇସାରେ କୌଣସି ଅଭାବ ନାଇଁ, ବୁଲାବୁଲି, ମଜା ମସ୍ତିରେ ହିଁ ତାର ଜୀବନ କଟାଉଥିଲା, ମାତ୍ର ସେଇଦିନର ସେଇ ଗାଡି ଆଲୁଅରେ ସେ ସମ୍ପୂର୍ଣ୍ଣ ବାଦଳି ଯାଇଛି, ତା ପାଖରେ ଏବେ ସବୁ ଥାଇକି ବି କିଛି ନାଇଁ ସତେ ! କେବଳ ତା ପାଖରେ ଦିବ୍ୟା ହିଁ ସବୁ କିଛି ।



ସୂର୍ଯ୍ୟକାନ୍ତ ମଲ୍ଲିକ

ସେଦିନ ଯେତେବେଳେ ଆଲୋକ ତା ଗାଡିର ଆଲୁଅ ଜଳାଇଥିଲା ସେତେବେଳେ ସେଇ ଗାଡିର ଆଲୁଅ ସିଧା ଯାଇ ରାସ୍ତାରେ ବସ୍ କୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅପେକ୍ଷା କରିଥିବା ଦିବ୍ୟା ଉପରେ ପଡିଥିଲା, ଆଉ ସେବେଠୁ ସେ ଦିବ୍ୟାକୁ ଦେଖି ସବୁ ଦିନ ତା ପ୍ରେମରେ ପଡ଼ିଗଲା, ଆଉ ବଦଳାଇ ଦେଲା ତା ଜୀବନ ଶୈଳୀ, ଅନେକ ବାର ଚେଷ୍ଟା କରିଛି ଦିବ୍ୟା ସହିତ ସେ କଥା ହବାକୁ କିନ୍ତୁ ଦିବ୍ୟା ଆଲୋକର କୌଣସି କଥାକୁ ନଶୁଣିଲା ପରି ଚାଲିଯାଏ, ଦିନେ ନୁହେଁ ଦୁଇଦିନ ନୁହେଁ ଅନେକ ଦିନ ଆଲୋକ ଦିବ୍ୟା ପ୍ରେମ ପାଇବା ପାଇଁ ଅନେକ କଷ୍ଟ କରିଲା, କିନ୍ତୁ ଦିବ୍ୟା ଆଲୋକକୁ ଆଡ ଆଖିରେ ହିଁ ଚାହିଁବାକୁ ଚେଷ୍ଟା କରେନି, କିନ୍ତୁ ଆଲୋକ ଦିବ୍ୟା ପ୍ରେମରେ ସତେକି ସେ ପାଗଳ, ନିଜର ଆରମ୍ଭ ଅୟେସ କୁ ଛାଡି ଆଜି ସେ ରାସ୍ତାକଡରେ ପୁଣି କା ପ୍ରେମକୁ ପାଇବା ପାଇଁ କା ଠାରୁ ଅପମାନ ମଧ୍ୟ ଶୁଣୁଛି, ତଥାବି ତାର କୌଣସି ପ୍ରଭାବ ପଡୁନଥିଏ, ତା ଆଖିରେ କେବଳ ଦିବ୍ୟା ହିଁ ଦିବ୍ୟା ।

ସେଦିନ ଦିବ୍ୟାକୁ ନିଜର କରିବାପାଇଁ ଯା କିଛି କରିବାକୁ ପଡ୍ଡୁପଛକେ ମୁଁ କରିବି, ସେ ଯା କହିବ ମୁଁ କରିବି ଏମିତି ଭାବି ଦିବ୍ୟା ଆସିବା ବାଟକୁ ଚାଇଁରହିଥାଏ, ସକାଳରୁ ସନ୍ଧ୍ୟା ହୋଇଗଲା କିନ୍ତୁ ଦିବ୍ୟାର ଦେଖା ମିଳିଲାନି, ମନେ ମନେ ଆଷ୍ଚର୍ଯ୍ୟ ହୋଇଗଲା ଆଲୋକ, ତା ପର ଦିନ ମଧ୍ୟ ସେମିତି, ଏମିତି ଚାରି ପାଞ୍ଚ ଦିନ ଦିବ୍ୟାକୁ ନ ଦେଖି ସେ ଅଧର୍ଯ୍ୟ ହୋଇପଡିଛି, ନିଜକୁ ଆଉ ସଂଯତ କରିନି, ସତେକି ତା ଜୀବନର କିଛି ମୂଲ୍ୟ ବାନ ସମ୍ପତିକୁ ସବୁଦିନ ପାଇଁ ହରାଇଦେଇଛି, ମନରେ ସତେକି ପିରିଖ କଣ୍ଟା ଗୁଡାକ ଫୁଟି ହୋଇଯାଉଛି । ଏଇ ପରି ଯନ୍ତ୍ରଣା ମନକୁ ସହ୍ୟ ନକରି ପାଖ ଦୋକାନକୁ ଟିକେ ଟେନସନ ଦୂର କରିବାପାଇଁ ଯାଇଛି ସିଗାରେଟ ଆଣିବାକୁ, ଆଉ ଆଣିଲା ମଧ୍ୟ ।

ଯେତେବେଳ ଆଲୋକ ସିଗାରେଟକୁ ଲଗାଇବାକୁ ଯାଇ ଲାଇଟର ଲଗାଇଛି ସେତେବେଳ ସେ ସେଇ ଲାଇଟର ଆଲୁଅରେ ଦେଖିଛି ଦିବ୍ୟାକୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଲୋକ ଯୋଉ ଦୋକାନରୁ ସିଗାରେଟ ଆଣିଥିଲା ଆଉ ଯିଏ ତା ହାତକୁ ସିଗାରେଟ ବଢ଼ାଇଥିଲା ସେ ଆଉ କିଏ ନୁହେଁ, ସେ ହଉଛି ସେଇ ଦିବ୍ୟା, ଯାହାକୁ ଆଲୋକ ଝୁରି ଝୁରି ଏଇ ଅବସ୍ଥା । ପାନ ଦୋକାନରେ ବସି ପାନ ସିଗାରେଟ ବିକୁଥିବା ଦିବ୍ୟାକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲା ଆଲୋକ ! ସେ ଭାବିପାରିଲାନି ଏ ସେଇ ନାଁ ଆଉ କିଏ? ମନରେ ଅନେକ ପ୍ରଶ୍ନ । କିନ୍ତୁ ତା ପରେବି ଆଲୋକ ପରିବର୍ତ୍ତନ ହୋଇନାହିଁ, ।

ଆଲୋକର ଏପରି ଅବସ୍ଥାକୁ ଦେଖି "କଣ ହେଲା, ମତେ ଏଠି ଦେଖି ଏମିତି ମନଟା କଣ ମଉଳିଗଲା, ଏ ପାନ ବିକାଳୀ ଝିଅକୁ ଦେଖି ପ୍ରେମର ନିଶାଟା ଛାଡି ଗଲା ବୋଧେ " ମାତ୍ର କୌଣସି ଉତ୍ତର ନ ଦେଇ ଆଶ୍ଚର୍ଯ୍ୟ ଢଙ୍ଗରେ ଛିଡା ହୋଇ ଶୁଣୁଥିଲା ଆଲୋକ କିଛି ସମୟ ପାଇଁ ସ୍ତବ୍ଧ ହୋଇଯାଇଥିବା ଆଲୋକ କିଛି ନ କହି କୋହ ଭରା ମନରେ ଯିବା ପାଇଁ ଚେଷ୍ଟା କରୁଥିଲା "ସବୁ ବଡ ଲୋକ ଆଉ ପଇସା ୱାଲାର ପୁଅ ମାନେହିଁ ଏମିତି, ନିଜକୁ କଣ ଭାବନ୍ତି କେଜାଣି " ଏମିତି ଯେତେ କହୁଥିଲା ଦିବ୍ୟା ଆଲୋକ ନଶୁଣି ଫେରି ଆସିଲା ଘରକୁ, ନିଜ ଭଲପାଇବା ପାଖରେ ସେ ଅର୍ଥ ଲୋଭ ମୋହ ମାୟାକୁ ଛାଡି ସବୁଦିନ ଗୋଟିଏ ଗରିବ ଭାବରେ ଘରୁ ବାହାରି ଆସିଲା ଆଲୋକ, ସେ ଏ ଭୋଗ ବିଳାସରେ ଆଉ ବଂଚିବାକୁ ଚାହିଁଲାନି, ଜୀବନ ସାରା ଯା ସହିତ କାଟିବ ଯେ ତାକୁ ବୁଝି ପାରିବ ସବୁ ସମୟରେ ପାଖେ ପାଖେ ରହି ଆନନ୍ଦରେ ବଂଚିବାର ସୁଖ ଦେଉଥିବ ତା ପାଖରେ ଏ ଟଙ୍କା ପଇସା ଗାଡି ବଙ୍ଗଳା କଣ ସବୁଦିନ ତିଷ୍ଠିବ ନାଁ ଜମା ନୁହେଁ ଏମିତି ଭାବି ସେ ପଳିଆସିଲା ସେଇ ପାନ ଦୋକାନୀ ଦିବ୍ୟା ନିକଟକୁ ।

ଆଲୋକର ଏପରି ପ୍ରେମ ଭଲ ପାଇବାକୁ ଦେଖି ଆଉ ଶୁଣି ଶେଷରେ ଦିବ୍ୟା ନିଜକୁ ସମର୍ପି ଦେଇଛି ଆଲୋକ ପାଖରେ , ଅନେକ ଲୋକ ବାରଣ କଲା ପରେ ମଧ୍ୟ ଦୁହି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦୁହିଁଙ୍କୁ ଆଉ କେହି ଅଟକାଇ ପାରି ନାହାନ୍ତି, ଏମିତିକି ଦିବ୍ୟାର କଲେକ୍ଟର ବାପା ମଧ୍ୟ ।

ଦିବ୍ୟା ଯେତେବେଳ ଆଲୋକ କଥା ତା ଘରେ ବାପା ଙ୍କ ପାଖରେ ସବୁ କଥା କଉଥିଲା, ତା ବାପା ତାକୁ କହିଥିଲା ସେଥିରେ ନ ପଶିବାକୁ, ମାତ୍ର ଦିବ୍ୟା ଜାଣିଥିଲା ଆଲୋକ ଗୋଟିଏ ଭଲ ପିଲା ଆଉ ତା ପାଖରେ ଟଙ୍କା ପଇସା ଗାଡି ମଟର ଆଦିରେ ତାର ଲୋଭ ନାଇଁ, କିନ୍ତୁ ସେ କଣ କରିବ, ଆଲୋକ ମନରେ କଣ ଅଛି, ଛୋଟ ବଡ ଗରିବଙ୍କ ପ୍ରତି ତାର କିଭାବନା ଅଛି ପରୀକ୍ଷା କରିବା ପାଇଁ ସେ ପାନ ଢ଼ାଲା ସାଜି ତା ବାପାକୁ ତା ପ୍ରେମର ପ୍ରମାଣ ଦେଇଛି ।

ଯୋଉଥି ପାଇଁ ଆଜି ସେ ଦୁହେଁ ଗୋଟିଏ ସୁନ୍ଦର ଦାମ୍ପତ୍ୟପ୍ରେମର ଖୁସିରେ ଜୀବନ ଜିଉଁଛନ୍ତି ।

ଘଣ୍ଟପଦା, କେନ୍ଦ୍ରାପଡ଼ା, ଓଡ଼ିଶା

ଭ୍ରାମ୍ୟଭାଷ : ୮୯୦୮୪୯୨୦୪୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋ ମନ କଥା ତୋ ପାଇଁ

ତୁ ଯୋଉଦିନ ମୋତେ ଛାଡ଼ି ଚାଲି ଗଲୁ ସେଦିନର ତାରିଖ କି ବାର ମୋର ମନେ ନାହିଁ କିନ୍ତୁ ବର୍ଷଟି ଥିଲା ୨୦୧୭ ଓ ମାସଟି ଥିଲା ଜାନୁଆରୀ ।

ପ୍ରଥମ ଥର ପାଇଁ ନିଜ ଅନୁଭୁତିରୁ ଦୁରେଇ ଯାଇ ନିଜ ଜୀବନକୁ ନିରୀକ୍ଷା କରିଥିଲି । ସବୁ ଦୁଃଖ ଅନୁଶୋଚନା ସତ୍ୱେ ଜୀବନରେ କିଛି ତାତ୍ପର୍ଯ୍ୟ ଓ ସୁଖର କେତୋଟି ସାଉଁଟା ମୁହୂର୍ତ୍ତ ଅଛି ବୋଲି ଅନୁଭବ କଲି । କିନ୍ତୁ ସେ ଅନୁଭୂତି ତୋ ଠାରେ ଥିବା ଅନୁବଭ କରିପାରିଲି ନାହିଁ । ମୁଁ ବଡ ମର୍ମାହତ ହେଲି । ଅସ୍ଥିରତା ମୋର ବଢିବାକୁ ଲାଗିଲା ।ପରେ ବୁଝିଲି ଯେତେ ଅସ୍ଥିର ହେବ ଅସ୍ଥିରତା ସେତେ ବଢିବ କମିବ ନାହିଁ ।

ସ୍ମୃତି ସବୁ ମନେ ପଡ଼ିବାକୁ ଲାଗିଲା । ତୋତେ ଚିହ୍ନିଲା ବେଳକୁ ମୋର ଅନେକ ଡେରି ହୋଇଯାଇଥିଲା ସିନା ତୁ କିନ୍ତୁ ଥିଲୁ ମୋ ପାଇଁ ଆବଶ୍ୟକ । ସେତେବେଳେ ଯିଏ ମୋ ଜୀବନକୁ ଆସିଯାଇଥିଲା ସେ ଥିଲା ମୋ ଜୀବନରେ ଏକ ପୂର୍ଣ୍ଣଗର୍ଭା ନଦୀ । ତୁ ଥିଲୁ ମୋ ପାଇଁ ଏକ ନୃତ୍ୟରତା ଝରଣା, ଯେଉ ଝରଣା ସଦା ଅସ୍ଥିର ସଦା ଚଂଚଳା ଓ ଅତି ସ୍ପର୍ଶକାତର ।



ବିରଞ୍ଚି ନାରାୟଣ ମିଶ୍ର

ଦିନେ ମୋ ବାହୁବନ୍ଧନରେ ଥାଇ ହସି ହସି କହୁଥିଲୁ, "ତୁମକୁ ମୋ ଛଡା ଆଉ କେହି ବି ବେଶୀ ଭଲ ପାଇବେ ନାହିଁ" । ପରେ ମୁଁ ବୁଝିଥିଲି ତୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସତ କହୁଚୁ । ତୋ ଗାଲକୁ ମୋ ଦୁଇ ପାପୁଲିରେ ଛନ୍ଦି ଦେଇ ଚୁମା ଦେଲାବେଳେ ପଚାରିଥିଲି"ତୁ ମୋ ବିଷୟରେ କେତେ ଟିକେ ବା ଜାଣିଚୁ ? ହସି ହସି କହିଥିଲୁ "ସେତିକି ଯେତିକି ଜାଣିଲେ ଜଣେ ନାରୀ ତା ପୁରୁଷ ଉପରେ ନିର୍ଭର କରିପାରେ ଓ ନିଜକୁ ସମର୍ପଣ କରିଦେଇ ପାରେ" ।

କାଁହିଗଲା ସେଇ ଦିନର ସେ ବିଶ୍ୱସନୀୟତା । ଏବେ ଭାବୁଛି ମୁଁ ବଦଳିଗଲି ନା ତୁ ? ଏବେ ବି ଏହା ମୋ ପାଖେ ଏକ ଅମିମାଂସିତ ପ୍ରଶ୍ନ । ନିଜେ ନିଜକୁ ଅନେକ ଥର ଏ ପ୍ରଶ୍ନ ପଚାରିଛି,ଉତ୍ତର ମିଳିଛି ମୁଁ ଯେପରି ଥିଲି ଆଜିବି ସେପରି ଅଛି । ଏହା ମୋ ପାଇଁ ସତ୍ୟ ।

ଏବେ ତୋ କଥା । ଜୀବନରେ କେବେ ବି ଯଦି ଦେଖା ହୁଏ ପଚାରିବି । ଉତ୍ତର ଦେବାଟା ତୋ ଉପରେ ନିର୍ଭର କରେ । ମନେରଖିବୁ ସତ୍ୟ ଯେତେ ନିଷ୍ଠୁର ହେଉପଛେ ତାକୁ ପ୍ରକାଶ କରିବୁ । ଏବେ ତୁ କିପରି ଅଛୁ ତା ତୁ ଜାଣୁ ।

Morning shows the dayର ନ୍ୟାୟରେ ତୋର ମୋ ପ୍ରତି ସମସ୍ତ କାମରେ ମୁଁ ଅନୁଭବ କରେ ତୋର ସେଇ ବିଶ୍ୱାସନୀୟତା ମୋ ଉପରେ ଆଉ ନାହିଁ ଓ ବହୁ ପରିମାଣରେ ହ୍ରାସ ପାଇ ଯାଇଛି । ମୋର କିନ୍ତୁ ତୋ ଉପରେ ସେମିତି ଅଛି । କିନ୍ତୁ ତୋ ଉପରେ ବହୁତ ବହୁତ ବହୁତ ଅଭିମାନ ବଢିଯାଇଛି ।

ଏବେ ବଡ଼ ସମସ୍ୟା ହେଲା ଆମ ଭିତରେ କିଏ ସତ କହୁଛି ତାକୁ ଠିକ ରୂପେ ବୁଝିବା ବା ଜାଣିବା । କାରଣ.... ମିଛ ସବୁବେଳେ ମଧୁର,ପରିବର୍ତ୍ତନଶୀଳ ଓ ଏକାନ୍ତ ଉପଭୋଗ୍ୟ ।

ଏବେ ଆମ ଦୁହିଁଙ୍କ ଅନ୍ତର ଚେତନା ହିଁ ସଠିକ ଉତ୍ତର ଦେବାରେ ସହାୟକ ହେବ ।

ଏ ମୋର କଥା ତୋ ପାଇଁ

ମଲ୍ଲିପୁର(ନିଆଳ), ଖୋର୍ଦ୍ଧା, ଭ୍ରାମ୍ୟଭାଷ : ୯୪୩୯୦୧୦୭୬୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରେଶମୀ ରୁମାଲ



ମହମ୍ମଦ ହନିଫ୍ ଶାହ୍

ଯୁକ୍ତ ଦୁଇ ଆଡମିସନ୍ ପରେ କଲେଜରେ କ୍ଲାସ୍ ହେବାର ସମୟ ପାଖେଇ ଆସିବାରୁ ରାହୁଲର ଖୁସି ଦ୍ୱିଗୁଣିତ ହୋଇଯାଇଥିଲା । ନବ ଯୌବନ ମନରେ ଉତ୍ସାହ, ଉଦ୍ଦୀପନା ଓ ଉତଫୁଲିତର ଜୁଆର ବାରମ୍ବାର ପିଟି ହୋଇଯାଉଥାଏ । କେତେ ନୁଆ ନୁଆ ଅପରିଚିତ ସାଥିଙ୍କ ସହ ମିଶିବ, କଥା ହେବ, ବନ୍ଧୁତା ସ୍ଥାପନ କରିବ, ନିୟମିତ କ୍ଲାସ କରିବ । କଲେଜରେ ଭଲ ପାଠ ପଢି ବାପାଙ୍କର ନାଁ ରଖିବ । ଏମିତି ଆହୁରି ଅନେକ ଆଶା, ଆଙ୍କାକ୍ଷାର ସ୍ୱପ୍ନ ସବୁ ଆଖି ସାମ୍ନାରେ ଘୁରି ବୁଲିଥାନ୍ତି ।

ସବୁ ଅପେକ୍ଷାର ଅନ୍ତ ଘଟିଲା । ଆଜି ରାହୁଲର କଲେଜ କ୍ୟାରିୟର ପ୍ରଥମ ଦିନ । ସେ ସବୁଦିନେ ବିଳମ୍ବରେ ଉଠେ । କିନ୍ତୁ ଆଜି ସକାଳୁ ଶୀଘ୍ର ଉଠିପଡ଼ି ନିତ୍ୟକର୍ମ ସାରି ଫ୍ରେସ୍ ହୋଇ ନୁଆ ୟୁନିଫର୍ମ ପିନ୍ଧି ତା'ର ସାଙ୍ଗ ଅପେକ୍ଷାରେ ବସିଛି । ବହୁତ ଡେରି ହୋଇଗଲାଣି ସାଙ୍ଗର ଦେଖା ନାହିଁ ଏଯାଁଏ । କଲ୍ କରିବାରୁ ମୋବାଇଲ୍ ଟି ସୁଇଚ୍ ଅଫ୍ ଜଣା ପଡିଲା । ଆଉ ଅପେକ୍ଷା ନକରି ରାହୁଲ ସାଇକେଲଟିକୁ ଧରି ବାହାରି ପଡ଼ିଲା କଲେଜ ଅଭିମୁଖେ । ଅଧା ବାଟରେ ଦେଖା ମିଳିଲା ତା'ର ଦୁହେଁ ସାଙ୍ଗ ହୋଇ କଲେଜ ଗଲେ ।

କଲେଜରେ କ୍ଲାସ୍ ସରିବା ପରେ ବାହାରକୁ ପିଲା ସବୁ ବାହାରେଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସିଲେ । ରାହୁଲ କ୍ଲାସ୍ ରୁମ୍ ରୁ ଆସୁ ଆସୁ ଡେସ୍କ ଉପରେ ଦେଖିଲା ଗୋଟେ ନୁଆ ରେସମୀ ରୁମାଲ୍ ଥୁଆ ହୋଇଛି ଓ ସେଥିରେ ଏମ୍ବ୍ରୋଡୋରୀ ହୋଇ "ନେହା" ଲେଖା ହୋଇଛି । ତା'ର ସାଙ୍ଗକୁ ଡାକି ଦେଖାଇଲା । ସେ କହିଲା ରୁମାଲ୍ ଟିକୁ ବ୍ୟାଗ୍ ରେ ରଖିଦେ କାହାରି ଥିବ ଆସନ୍ତା କାଲି କ୍ଲାସ୍ ରେ ଡାକିକି ଦେଇଦେବା ? କଥାହେଲେ ରୁମାଲ୍ ବିଷୟରେ ଏ ରୁମାଲଟି ନିଶ୍ଚିତ ଭାବରେ ଆମ କ୍ଲାସ୍ ର କୌଣସି ଗୋଟେ ଝିଅର ଥିବ । ତା'ପରେ ଦୁହେଁ ଘରକୁ ଫେରିଲେ ।

ନିୟମିତ କଲେଜ ଗଲାପରେ ରାହୁଲ ପାଇଥିବା ରୁମାଲଟିକୁ ଫେରେଇବାକୁ ପ୍ରବଳ ଇଚ୍ଛା ହେଉଥାଏ । କିନ୍ତୁ କଲେଜରେ ନୁଆ ନୁଆ ଚିହ୍ନା ଜଣା ଠିକ୍ ସେ ହୋଇ ନଥାଏ । ଏ ରୁମାଲଟି କାହାର ? କାହାକୁ ଦେବ ? ରାହୁଲ ଟିକେ ଲାଜକୁଳା ପିଲାଟା ବେଳରୁ, ସ୍କୁଲ କ୍ୟାରିୟରରେ ଝିଅ ପିଲା ସହିତ କଥା ହେବାକୁ ଅଡୁଆ ସୁତା ପରି ଲାଗେ ତା'କୁ । ଏହି ପରି ୧୫ ଦିନ ବିତିଗଲା । ତା' ପରେ ନେହା ନାମରେ ଥିବା ଝିଅଟିକୁ ଚିହ୍ନିଗଲା କିନ୍ତୁ ସେ କେମିତି ତା'କୁ ରୁମାଲ୍ ଫେରେଇବ ଚିନ୍ତାରେ ପଡ଼ିଲା ? କଲେଜ ଗହଳି ଭିତରେ ଫେରେଇବାକୁ ଉଚିତ୍ ମନେ କଲାନାହିଁ । ରାହୁଲ ଏକ ନିରୋଳା ସମୟକୁ ଚାତକ ପକ୍ଷୀ ପରି ଅପେକ୍ଷାରେ ରହିଥାଏ ।

ଦିନେ ତା'ର ସାଙ୍ଗ ହଠାତ୍ ଚିତ୍କାର କରି କହି ଉଠିଲା ହେଇ ଦେଖ ରାହୁଲ୍ ସେହି ଝିଅ ନେହା ଆସୁଛି । ଯା' ତା'କୁ ତାହାର ରୁମାଲ ଫେରେଇ ଦେ । ରାହୁଲ ଭାବିଲା ଏଇଟା ଗୋଟେ ସୁବର୍ଣ୍ଣ ସୁଯୋଗ ଅଟେ । ହାତଛଡ଼ା କରିଦେଲେ ଆଉ ହୁଏତ ମିଳି ନପାରେ । ଲାଜକୁଳା ରାହୁଲ୍ ଆଜି ନିଜ ଆବେଗ ଆଗରେ ହାରମାନିଛି । ପରିବର୍ତ୍ତନର ପବନ ଦୋହଲାଇଛି ତା'କୁ ଯୌବନର ପାଦ ଦେଶ ଆଡ଼କୁ ଇସାରା କରୁଛି । ଏକ ନୁଆ ସୋପାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅତିକ୍ରମ ପାଇଁ ସୁପାରିଶ କରୁଛି । ରାହୁଲ ସିଧା ଯାଇ ସେ ଝିଅକୁ କହିଲା । ତୁମେ ନେହା ନା । ତୁମ ରୁମାଲ ନିଅ । ଏହାକୁ ମୁଁ ପାଇଥିଲି କ୍ଲାସରୁମ୍ ରୁ । ସେ ଝିଅ ରାହୁଲକୁ ଅନାଇ ହଁ କହି ରୁମାଲଟିକୁ ନେଲା ତା'ହାତରୁ । ଧନ୍ୟବାଦ କହି ସେ ସ୍ଥାନ ଛାଡ଼ି ଚାଲିଗଲା କିନ୍ତୁ ରାହୁଲ୍ କୁ ସ୍ପର୍ଶ କରିନେଇଥିଲା କେତେବେଳୁ ପ୍ରେମର "ପ୍ରଥମ ସ୍ପର୍ଶ" ସେ ବି ଜାଣି ପାରି ନଥିଲା । ଖାଲି ସୟନେ ସପନେ ଜାଗରଣେ ସୁନ୍ଦର ଚେହେରାଟି ଇନ୍ଦ୍ରଧନୁର ରଙ୍ଗ ବିଛୁରିତ କରୁଥିଲା ଆଖି ଆଗରେ । ମୁହୂର୍ତ୍ତେ ମୁହୂର୍ତ୍ତେ ଗଢି ଉଠୁଥିଲା ସ୍ୱପ୍ନର ତାଜମହଲ । ଅବିଚଳିତ ହୃଦୟଟି କେବେ ଧରାରେ ତ କେବେ ଆକାଶରେ ଭ୍ରମଣ କରୁଥିଲା ..... ! ! !

ନୂଆଗାଁ, ଧାମନଗର, ଭଦ୍ରକ

ମୋ: ୮୦୯୩୪୦୬୭୯୬ / ୯୭୭୬୦୯୦୮୨୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଖାଗ୍ନି

ତିନି ଦିନ ଧରି ସଂଜ୍ଞାହୀନ ଅବସ୍ଥାରେ ପଡି ରହି ପଣ୍ଡିତେ ଯେତେବେଳେ ଆଖି ଖୋଲିଲେ ତାଙ୍କ ଚାରିପଟରେ ଘେରି ରହିଥିବା ଲୋକେ ଆନନ୍ଦରେ ଅଧୀର ହୋଇ ପଡିଲେ । କାରଣ ତାଙ୍କ ଭଳି ଜଣେ ଗୁଣୀ, ଜ୍ଞାନୀ, ପରୋପକାରୀ ବ୍ୟକ୍ତିଙ୍କୁ ସହଜରେ ହରେଇବାକୁ ସେମାନେ ଚାହୁଁ ନ ଥିଲେ ।

କିନ୍ତୁ ଖୁସି ହେଲାନି ପଣ୍ଡିତଙ୍କ ପୁଅ କୁଳଦୀପ । ସମସ୍ତେ ଚାଲିଗଲା ପରେ ବୋଉ ପାଖକୁ ଆସି ନିଜର ଉତ୍କଣ୍ଠା ପ୍ରକାଶ କଲା, "ବୋଉ ! ଏଥରକୁ ମିଶେଇ ତିନି ତିନି ଥର ବାପା ମୃତ୍ୟୁ ମୁଖରୁ ଫେରି ଆସିଲେଣି । ପ୍ରତି ଥର ଖବର ପାଇ ମୁଁ ଆସୁଛି । ଖାଲି ଖାଲି ଫେରିଯାଉଛି । ମୋର ଆସିବା ବୃଥା ହେଉଛି । ସୁଦୂର ଆମେରିକାରୁ ଆସିବା ଯିବା କେତେ କଷ୍ଟକର ତାହା ତୁ ବୁଝି ପାରିବୁନି । ମୁଁ ବିଦେଶ ଗଲାବେଳେ ତୁମେ ଦୁହେଁ କାନ୍ଦିଲ ବୋଲି ତୁମ ଅନୁନୟକୁ ଏଡେଇ ନ ପାରି ଶେଷବେଳରେ ଉପସ୍ଥିତ ରହିବା ପାଇଁ ପ୍ରତିଶ୍ରୁତି ଦେଇଥିଲି । ସେଇ କ୍ଷଣିକ ଭାବାବେଗକୁ ଜାବୁଡି ଧରି ଏତେ ହିନସ୍ତା ହୋଇପାରିବିନି । ଏଇଟା ଶେଷଥର । କାଲି ସକାଳୁ ମୁଁ ଚାଲିଯିବି । ଏଣିକି ମତେ ଆଉ ଖବର ଦେବନି । ବାପାଙ୍କ ପାଇଁ ହେଉ କି ତୋ ପାଇଁ ।"



ନିତ୍ୟରଞ୍ଜନ ନନ୍ଦ

ପୁଅ ଭିତର ଘରକୁ ଚାଲିଗଲା । ପଣ୍ଡିତିଆଣୀଙ୍କ ମୁଣ୍ଡରେ ବଜ୍ର ପଡିଲା ଯେମିତି । ଲୁହ ଛଳ ଛଳ ଆଖିରେ ପଣ୍ଡିତଙ୍କ ଅର୍ଦ୍ଧନିମୀଳିତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଷ୍ପାକୁଳ ନୟନକୁ ଚାହିଁ କହିଲେ, "ଶୁଣିଲ ତ ପୁଅର ଶେଷ ନିଷ୍ପତ୍ତି ? ଏବେ କୁହ କେମିତି ପୂର୍ଣ୍ଣ ହେବ ଆମର ଶେଷ ଇଚ୍ଛା ।"

ପଣ୍ଡିତେ କିଛି କହିପାରିଲେନି । ତାଙ୍କ ଆଖିର ଲୁହ ଯାହା କିଛି ଇଶାରା ଦେଇଥିଲା । ପଣ୍ଡିତିଆଣୀଙ୍କ ଆଖିରେ ନିଦ ନ ଥିଲା । ସାରା ରାତି ନାନା ଅସାର କଳ୍ପନାରେ ଛଟପଟ ହେଉଥିଲେ । ରାତି ପାହି ସକାଳ ହୋଇଯାଇଥିଲା । ବାପାଙ୍କ ଘରେ ଆଲୁଅ ସେମିତି ଜଳୁଥିଲା । ଚାଲ ଚାଲ ହୋଇ ଘର ଭିତରକୁ ପଶିଗଲା କୁଳଦୀପ । ହେଲେ ଯାହା ଦେଖିଲା ତା'ର ଆଶ୍ଚର୍ଯ୍ୟର ସୀମା ରହିଲାନି । ବାପା ବୋଉଙ୍କର ପ୍ରାଣହୀନ ଶରୀର ଭୂମି ଉପରେ ପଡିରହିଥିଲା । ପାଖରେ ପଡିଥିଲା ଉତ୍କଟ ହଳାହଳର ଅର୍ଦ୍ଧଶୂନ୍ୟ ଶିଶିଟିଏ । ବୋଉର ଛାତି ଉପରେ ଥିଲା ତା'ର ବିଦେଶ ଯାତ୍ରା ବେଳର ଫଟୋ ସମ୍ବଳିତ ଏକ ଖବରକାଗଜର ଛିନ୍ନାଂଶ । ହାତମୁଠାରେ ଛୋଟ କାଗଜ ଖଣ୍ଡିଏ । ଖୋଲି ପଢ଼ିଲା କୁଳଦୀପ ।

"ବାପାରେ ପିଲାଦିନେ ଆକାଶରେ ଉଡାଜାହାଜଟିଏ ଦେଖିଲେ ହାତ ଠାରି ତତେ କହୁଥିଲି, ତୁ କେଉଁ ଦିନ ବଡ ହେବୁ । ଏମିତି ଉଡିବୁ । ହେଲେ ତୁ କେଉଁ ଅଫେରନ୍ତା ରାଇଜକୁ ଉଡିଗଲୁ, ଟିକିଏ ଦେଖିବାକୁ ମିଳିଲୁନି । ଆମ ପାଇଁ ଦୁଃଖ କରିବୁନି । ବହୁତ ଭାବିଚିନ୍ତି ଏଭଳି ଦୁଃଖଦ ନିଷ୍ପତ୍ତି ନେଲୁ । ପୁଅର ଉପସ୍ଥିତିରେ ମୃତ୍ୟୁ କିଏ ନ ଚାହେଁ ? ତୋ ହାତରେ ମୁଖାଗ୍ନି ନ ପାଇଥିଲେ ଆତ୍ମା ଆମର ଅମୋକ୍ଷ ରହିଥାନ୍ତା । 'ପୁତ୍' ନରକରେ ଘାଣ୍ଟି ହୋଇଥାନ୍ତା । ଶବ ପାଇଁ ମୁଖାଗ୍ନି ଲୋଡ଼ାହୁଏ । ହେଲେ ଆମେ ମୁଖାଗ୍ନି ପାଇଁ ଶବ ପାଲଟି ଯାଉଛୁ । ଶେଷ ଅନୁରୋଧ, ଯଥା ଶକ୍ତି ଆମର ଅନ୍ତିମ ସଂସ୍କାର କରିଦେଇ ତୋର ଗନ୍ତବ୍ୟ ସ୍ଥାନକୁ ଚାଲିଯିବୁ । ତୋ ଛଡା ଆମର ଆଉ କିଏ ଅଛି ? ତୁ ପରା ଆମର ଏକୋଇର ବଳା ! ଈଶ୍ୱର ତୋତେ ଦୀର୍ଘାୟୁ କରନ୍ତୁ ।"

ଡି.ଏଲ୍.ଏ.-୧୨, ବୀର ସୁରେନ୍ଦ୍ରସାଏ ନଗର,

ଭୁବନେଶ୍ୱର -୭୫୧୦୧୦, ଓଡ଼ିଶା, ଭ୍ରାମ୍ୟଭାଷ : ୯୪୩୭୧୧୭୮୪୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରିବର୍ତ୍ତନ

ରାଜେନ୍ଦ୍ର ବାବୁ ବସ୍‌ରୁ ଓହ୍ଲେଇ ବିଜୁ କଲ୍ୟାଣ ମଣ୍ଡପ ବିଶ୍ରାମଗାରରେ ବିଶ୍ରାମ ନେଲେ । କିଛି ସମୟ ଗଲା ପରେ ତାଙ୍କ ବନ୍ଧୁ ରାଜେଶ ବାବୁ ତାଙ୍କ ପାଖରେ ପହଞ୍ଚିଲେ । କିଛିକ୍ଷଣ ଗଲା ପରେ ଦୁହେଁ ବନ୍ଧୁ ନିଜ ଗାଁ ଅଭିମୁଖେ ଯାତ୍ରା କଲେ । ବାଇକରେ ଦୁହେଁ ବସି ବାର୍ତ୍ତାଳାପ ରେ ଲାଗିଥାନ୍ତି । କିଛିବାଟ ଗଲାପରେ ନଦୀ ପାରହୋଇ ଗାଁକୁ ଯିବାକୁ ପଡିଥାଏ । ସେ ନଦୀର ନାଁ ଉଦନ୍ତି । ନଈକୂଳେ ଟିକିଏ ଅଟକି ସେଠାକାର ପରିବେଶକୁ ଦୃଶ୍ୟଚିତ୍ତ କରି ଆନନ୍ଦରେ ଉଲ୍ଲସିତ ହେଲେ । ମଳୟର ସ୍ରୋତରେ ଭାସିଉଠୁଥାଏ ସେଠାକାର ପରିବେଶ । ସ୍ରୋତସ୍ୱିନୀ ତଟରେ ସବୁଜ ଘାସ ଗଢି ଉଠିଥାଏ । ରବି ରଶ୍ମି ପଡ଼ିଲା ମାତ୍ରେ ନଦୀର ନୀର ସୁନେଲି ରଙ୍ଗ ରୂପ ଧାରଣ କରିଥାଏ ।



ପୀତବାସ ମାଝୀ

ନଦୀ ପାରହୋଇ କିଛିବାଟ ଗଲାପରେ ନିଜ ଗାଁ ମୁହାଣରେ ପହଞ୍ଚିଲେ । ସେଠାରେ ହଠାତ୍ ଗୋଟିଏ ଦୃଶ୍ୟ ବିଚଳିତ କଲା । ଯେଉଁ ଦୃଶ୍ୟ ଦେଖି ସେ କେବେ ଭାବିନଥିଲେ ଏମିତି ହେବ ବୋଲି । ଗାଁ ଭିତରକୁ ଯେତେବେଳେ ପାଦ ଦେଇଛନ୍ତି ସବୁଯାକ ଅଚିହ୍ନା ଅଜଣା ଲାଗୁଥିଲେ । ସତେ ଯେମିତି କୋଉ ଦୁନିଆରୁ କୋଉ ଦୁନିଆକୁ ପ୍ରବେଶ କରିଆସିଛି । ନିଜ ଘର ନିଜକୁ ଅଚିହ୍ନା ଲାଗୁଥାଏ । ତାଙ୍କ ବାଲ୍ୟ କାଳର

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସାଙ୍ଗସାଥି ମାନଙ୍କ ଭିତରେ କେବଳ ରାଜେଶ ଓ ପିତବାସକୁ ଭଲ ଭାବରେ ଜାଣି ପାରୁଥିଲେ । ତାଙ୍କ ମନରେ ଉଙ୍କି ମାରୁଥାଏ କେତେଗୁଡ଼ିଏ ପ୍ରଶ୍ନ ?

ଯେଉଁ ଗାଁର କି ଚିହ୍ନବର୍ଣ୍ଣ ନଥିଲା, ଅଧୁନା କାଳରେ ମାନଚିତ୍ରରେ ସ୍ଥାନ ପାଇବାକୁ ବସିଲାଣି । ଗାଁର ସମସ୍ତ ଲୋକ ଶିକ୍ଷିତ ଭଳି ଦେଖାଯାଉଛନ୍ତି । ତାଙ୍କ ଆଚାର ବ୍ୟବହାର ସବୁଯାକ ସୁନ୍ଦର ଲାଗୁଥିଲା । ଗାଁର କେତେଗୁଡ଼ିଏ ଘରେ ଗୋଟିଏ ଗୋଟିଏ ସରକାରୀ ଚାକିରିଆ  ରହିଥାନ୍ତି । ଘର ଯାକ ସବୁ କୋଠାଘରରେ ପରିଣତ ହୋଇଯାଇଥାଏ । ସମସ୍ତଙ୍କ ପାଖରେ ଗୋଟିଏ ଗୋଟିଏ ବାଇକ୍ ରହିଥାଏ । ଗାଁରେ ଆଉ ଛଣଛପର ଘର ଦେଖିବାକୁ ମିଳୁ ନଥାଏ । ଅଳ୍ପକାଳ ମଧ୍ୟରେ ଏଭଳି ପରିବର୍ତ୍ତନ ହେବ ବୋଲି ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ । ଏଭଳି ଯାନ୍ତ୍ରିକ କୌଶଳ ଦ୍ୱାରା ପରିବେଷ୍ଟନୀର ପରିବର୍ତ୍ତନ ଭାବିଲେ ଚକିତ ଲାଗେ । ବିବର୍ତ୍ତନର ତାଳେ ତାଳେ ବିକଶିତ ହେବାରେ ଲାଗିଥିଲା ।

ଦଶ ବର୍ଷ ପୂର୍ବେ ରାଜେନ୍ଦ୍ର ବାବୁ ଗୃହ ମନ୍ଦିରକୁ ପରିତ୍ୟାଗ କରି ଅଧ୍ୟୟନ କରିବାକୁ ସହରକୁ ଯାଇଥିଲେ । ସେଠାରେ ସେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭବାନୀପାଟଣାରେ ସ୍ନାତକ ଅଧ୍ୟୟନ କରୁଥିଲେ । ଗାଁର ସାଙ୍ଗସାଥି ମାନଙ୍କ ଠାରୁ ଦୂରେଇ ଦଶ ବର୍ଷ ସହରରେ ରହିଥିଲେ । ଆଉ ଉଚ୍ଚ ଶିକ୍ଷା ଲାଭ କରିବା ପାଇଁ ଅନ୍ୟ ସହରକୁ ଗମନ କରିଥିଲେ । ଦୀର୍ଘ ଦିନ ଧରି ଗାଁକୁ ଯାଇନଥିଲେ । ଗ୍ରୀଷ୍ମ ଛୁଟିରେ ସେ ଗାଁକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

ଗାଁ ମୁହାଣରେ ବିରାଟ ବଟବୃକ୍ଷଟିଏ ଥିଲା । ଗାଁର ସମସ୍ତେ ଖରା ସମୟରେ ବୃକ୍ଷମୂଳରେ ବିଶ୍ରାମ ନେଇଥାନ୍ତି । ବର୍ତ୍ତମାନ ସମୟରେ ସେଠାରେ କଳକାରଖାନା ସ୍ଥାପନ ହୋଇଛି । ଆବର୍ଜନାଗୁଡିକ ଉତ୍ପନ୍ନ ହୋଇ ଜଳରେ ଭାସି ଚାଲିଥାଏ । ଏ ଦୃଶ୍ୟ ଦେଖି ସେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଚଳିତ ହୋଇ ପଡ଼ିଥିଲେ । ଗାଁର ଛକ ପାଖରେ ଚାଳକୁଡ଼ିଆରେ ଦୟାବାବୁଙ୍କ ପାନ ଦୋକାନ ରହିଥିଲା । ବର୍ତ୍ତମାନ ସମୟରେ ସେ ମଧ୍ୟ ବିରାଟ ବିରାଟ କୋଠାଘର ନିର୍ମାଣ କରି ବିଭିନ୍ନ ଜିନିଷ ବିକ୍ରୟ କରୁଥାନ୍ତି । ଗାଁର ଅନ୍ତରେ ବିସ୍ତାରିତ ହୋଇ ବିରାଟ ପଡିଆଟିଏ ଥାଏ । ବାଲ୍ୟବୃଦ୍ଧ ସମସ୍ତେ ଚଲାବୁଲା, ଖେଳକୁଦ କରନ୍ତି । ଯେଉଁଠି ରାଜେନ୍ଦ୍ର ବାବୁ ନିଜେ ବାଲ୍ୟକାଳରେ ସମସ୍ତ ଦୁଃଖକୁ ଭୁଲେଇ ସେ ପଡ଼ିଆରେ ଖେଳି ବୁଲୁଥିଲେ । ଆଜି ସେଠାରେ ବଡ଼ ବଡ଼ କୋଠାଘର ଗଢିଉଠିଛି । ଚତୁଃପାର୍ଶ୍ୱରେ ଘଞ୍ଚ ଜଙ୍ଗଲ ଘେରି ହୋଇ ରହିଥିଲା । ଜୀବଜନ୍ତୁ ମାନଙ୍କର ବାସସ୍ଥଳୀ ହୋଇ ପାରୁଥିଲା । ନାନା ପଶୁପକ୍ଷୀ ମାନଙ୍କର ଧ୍ୱନି କର୍ଣ୍ଣେ ଶୁଣିବାକୁ ମିଳି ପାରୁଥିଲା ।

ଯେଉଁଭଳି ଭାବରେ ଶସ୍ୟଶ୍ୟାମଳା ଭୂମି ସବୁଜ ରଙ୍ଗରେ ରଙ୍ଗାୟିତ ହେଉଥିଲା । ଅସ୍ତକାଳିନ ରବି ଯଦି ପଶ୍ଚିମରେ ଆଗମନ ହେଲେ ଗାଁର କେହି ବାହାରକୁ ବାହାରୁ ନ ଥିଲେ । ମିଞ୍ଚି ମିଞ୍ଚି ସନ୍ଧ୍ୟା ହେଲେ ଗାଁର ସମସ୍ତେ ଖାଇପିଇ ଶୋଇ ପଡୁଥିଲେ । ଆଲୁଅର କିଛି ବ୍ୟବସ୍ଥା ନ ଥିଲା । ସନ୍ଧ୍ୟା ହେଲେ ଜୀବଜନ୍ତୁ ମାନେ ମାଡ଼ି ଆସି ଗାଁର ଫସଲକୁ ନଷ୍ଟ କରି ଦେଉଥିଲେ । ପରିପୂର୍ଣ୍ଣ ଭାବରେ ଅମ୍ଳଜାନର ବର୍ଷଣ ହେଉଥିଲା । ଏହିଭଳି ଅବସ୍ଥାରେ ଏହି ଲୋକାଳୟ ଥିଲା ।

ବିବର୍ତ୍ତନ ତାଳେ ତାଳେ ବିକଶିତ ହୋଇ ସାରିଥିଲା । ଉନ୍ନତି ହୋଇଥିଲା ସତ କିନ୍ତୁ,ମନୁଷ୍ୟ ସମାଜ ବିପଦ ଆଡ଼କୁ ଠେଲି ହୋଇ ଯାଇଥିଲା । ସାମ୍ପ୍ରତିକ କାଳରେ ଯେଉଁଭଳି ଭାବରେ ମୃତ୍ତିକା ପ୍ରଦୂଷଣ, ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ହେବାରେ ଲାଗିଛି । ଆମ ଏ ସମାଜ ମୃତ୍ୟୁ ମୁଖକୁ ଠେଲି ହୋଇ ଯାଇଛି । ଦିନେ ଏ ମନୁଷ୍ୟ ଜାତିକୁ ଧରାପୃଷ୍ଠେ ପରିତ୍ୟାଗ କରିବାକୁ ପଡ଼ିବ, ମହୀମଣ୍ଡଳ ଜନଶୂନ୍ୟ ହେଇଯିବ । ଯେଉଁଭଳି ଭାବରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅମ୍ଳଜାନର ବର୍ଷଣ ହେଉଥିଲା, ବିଭିନ୍ନ ଜୀବଜନ୍ତୁ ମାନଙ୍କର ଧ୍ୱନି କର୍ଣ୍ଣେ ଶୁଣିବାକୁ ମିଳି ପାରୁଥିଲା । ବର୍ତ୍ତମାନ ସମୟରେ ଅଙ୍ଗାରକାମ୍ଳର ବର୍ଷଣ ହେଉଛି ଓ ବିଭିନ୍ନ ଯନ୍ତ୍ରପାତି ଯଥା: ବସ୍, ଟ୍ରକ୍, ମଟର ଗାଡିର ଧ୍ୱନି ଶୁଣିବାକୁ ମିଳୁଛି । ସମସ୍ତ ପ୍ରାକୃତିକ ବସ୍ତୁ ବିଲୁପ୍ତ ହେବାରେ ଲାଗିଛି ।

ଏଭଳି ଆଶଙ୍କାରେ ପ୍ରଶ୍ନବାଚୀ ଶବ୍ଦ ରାଜେନ୍ଦ୍ର ବାବୁଙ୍କ ମନରେ ଉଙ୍କି ମାରୁଥାଏ । ସେ ସଙ୍କଟାପନ୍ନ ଓ ବିଚଳିତ ହୋଇ ପଡ଼ିଥିଲେ । ସେ ଆଗାମୀ ପିଢ଼ିର କଥା ଚିନ୍ତା କରି ଭାବ ବିହ୍ୱଳରେ ସଙ୍କଟାପନ୍ନ ବାର୍ତ୍ତା ଗୁଡ଼ିକ ଜାଗ୍ରତ ହେଉଥାଏ । ପରିଶେଷରେ ସେ ଭାବିଛନ୍ତି- "ଜୀବନ ଏମିତି ଏକ ରଙ୍ଗ ମଞ୍ଚ କଳାକାରଙ୍କୁ ଜଣା ନ ଥାଏ, ଆଗାମୀ ଦୃଶ୍ୟ କଣ ହେବ ?"

କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଭବାନୀପାଟଣା,ଓଡ଼ିଶା
ସ୍ନାତକ ତୃତୀୟ ବର୍ଷ ( ଓଡ଼ିଆ ବିଭାଗ )
ଗୋର୍ଲା, ସିନାପାଲି, ନୂଆପଡ଼ା, ଓଡ଼ିଶା
ମୋ - ୮୪୫୭୯୩୯୬୭୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଛାୟାରାଣୀ

**ଛାୟାରାଣୀ – ଏକ ଅପ୍ରାକୃତ ପ୍ରେମ ନାୟିକାର ତ୍ୟାଗ**

**(ଅତୀତର ଖୋଦନ ମାତ୍ର)**

ହୁଏ ତ ପ୍ରେମ ହୋଇଥାଇ ପାରେ ଅନ୍ଧ । ପ୍ରେମ ପ୍ରଥମ ଦେଖାରେ ତ ହୋଇଯାଏ, ହେଲେ ଏହାର ଅନ୍ତ ଖୋଜି ପାଇବା ବହୁତ ଜଟିଳ । ପ୍ରେମ ବୋହିଯାଉଥିବା ନଦୀର ଧାରା ସଦୃଶ, କିନ୍ତୁ ଏହାର ଲକ୍ଷ୍ୟ ସମୁଦ୍ରରରେ ବିଲୀନ ହୋଇ ନିଜ ସତ୍ତାକୁ ହରାଇ ବସିବା ନୁହେଁ; ଅଧିକନ୍ତୁ ପ୍ରେମର ପ୍ରବାହମାନତାକୁ ଚିର କାଳ ପର୍ଯ୍ୟନ୍ତ ବଜାୟ ରଖିବା । ପ୍ରେମ ନୟନ ଅୟନରେ ସଠିକ୍ ଦିଗ ନିର୍ଣ୍ଣୟ କରି ପାରେ ନାହିଁ, ମାତ୍ର ପ୍ରୀତି ମହକ ଆଘ୍ରାଣ କରି ସେ ନିଜର ଗନ୍ତବ୍ୟ ପଥରେ ଅଗ୍ରସର ହୋଇଥାଏ । ପ୍ରେମ ମାନେ ନାହିଁ ବିଧି ବିଧାନ, ନିୟମ, ଶାସ୍ତ୍ରମତ, କୁଳ ଗୋତ୍ର, ଜାତି, ବର୍ଣ୍ଣ, ଦେଶ, ସ୍ଥାନ, କାଳ,ବୟସ । ପ୍ରେମ ମାନେ ନାହିଁ ନିଜ ପର, ଧନୀ ଗରିବର ଅନ୍ତର, ପ୍ରେମ ଭୁଲିଯାଏ ଆତ୍ମୀୟତା ଓ ଶତ୍ରୁତାର ଭେଦଭାବ । କୌଣସି ଏମିତି ବାଧକ ନାହିଁ ସଂସାରରେ ଯାହା କି ପ୍ରେମ ପଥରେ ବାଧକ ସାଜିବ । ପ୍ରେମରୁ ତ ପୀୟୂଷ ସ୍ରାବିତ ହୋଇଥାଏ, ଯଦିଓ ଏଥିରୁ ଉତ୍କଟ ବିଷଜ୍ୱାଳା ନିର୍ଗତ ହୋଇଥାଏ ଏହା କେବଳ ଶତ୍ରୁର ହିଁ ସର୍ବନାଶ କରିଦିଏ ଯିଏ କି ପଥରେ ବାଧକ ହୁଏ । ସିଏ ଯିଏ ହେଉନା କାହିଁକି,



ପ୍ରଦୀପ କୁମାର
ଜିଲିକାରା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆତ୍ମୀୟ ସଜନ ହେବାର ଅଭିନୟ କରୁଥିବା ବ୍ୟକ୍ତି ହେଉ ଅବା ସ୍ୱୟଂ ଭଗବାନ ମଧ୍ୟ । ପ୍ରେମ ପୀୟୂଷ ଧାରାରେ ପ୍ରେମୀ ଯୁଗଳର ଆତ୍ମା ଓ ତାଙ୍କ ସ୍ମୃତି ଚିରନ୍ତନ ସାସ୍ୱତ ଅମର ହୋଇ ରୁହେ ।

କଣ ପ୍ରେମ ହାରିଯାଏ ଯଦି ନିଜର ଜୀବନ ସାଥୀ ସହିତ ମିଳନ ହୋଇନଥାଏ । କଣ ପ୍ରେମ ପାଇଁ ମିଳନ ଅପରିହାର୍ଯ୍ୟ । କଣ ପ୍ରେମ ସଫଳ ସେବେ ହୋଇଥାଏ ଯେବେ କି ପ୍ରେମରେ ଜୀବନ ସାଥୀଙ୍କର ମିଳନ ହୁଏ । ପ୍ରେମ ସଂଯୋଗ କିପରି ହୁଏ, ଏହା ଆତ୍ମାର ମିଳନ ନା ଶରୀରର ମିଳନ ନା ମନର ମିଳନକୁ ଗୁରୁତ୍ୱ ଦିଏ । ପ୍ରେମରେ ସଫଳତା ପାଇବାର ଲକ୍ଷ୍ୟ କଣ ? ଏହା କିପରି ସାଫଲ୍ୟମଣ୍ଡିତ ହୋଇଥାଏ । ଏହାର ପରିଭାଷା ଓ ଲକ୍ଷ୍ୟକୁ କେଉଁ ସିଦ୍ଧାନ୍ତ ମାଧ୍ୟମରେ ସମୀକ୍ଷା କରାଯାଇପାରିବ ?

ଭାବୁ ନାହାନ୍ତି ତ ଏ ପ୍ରେମ ଉପରେ ଏତେ ତର୍ଜମା କାହିଁକି ? ମୁଁ ଧାଇଁଯାଉଛି ମୋର ସେ କଲେଜ ପଢ଼ିବା ସମୟର ଅବିସ୍ମରଣୀୟ ଦିନକୁ । ଗାଁ ଶ୍ରେଣୀରେ ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲା ପରେ ମୁଁ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନାମ ଲେଖାଇଲି ଓ ସେଠାରେ ରହି ପାଠ ପଢ଼ିଲି । ପ୍ରଥମ ବର୍ଷ ଏତେ ଚଞ୍ଚଳ ନ ଥିଲି । ପ୍ରଥମ ବର୍ଷ ସରି ଦ୍ୱିତୀୟ ବର୍ଷ ଆସିଗଲା । ପ୍ରଥମ ବର୍ଷରେ ମୁଁ ଟିଉସନ ଯାଉନଥିଲି କିନ୍ତୁ ଦ୍ୱିତୀୟ ବର୍ଷରେ ମୁଁ ସେଠାରେ ଗୋଟିଏ ଟିଉସନ ସେଣ୍ଟରରେ ପଢ଼ିବାକୁ ଗଲି । ଆଠ କି ଦଶ ବାର ଜଣ ପିଲାଙ୍କୁ ନେଇ ସେ ଟିଉସନ ଚାଲିଥିଲା, ଅଧିକ ପିଲା ନ ଥିଲେ । ଉଭୟ ପୁଅ ଓ ଝିଅ ମିଶି ସେଠାରେ ଥିଲେ । ଏମିତିରେ ଦଶ ଦିନ ବିତି ଯାଇଛି । ଶୀତ ଦିନର ସମୟ ହୋଇଥାଏ,ଟିଉସନ ସାର ଆସି ନ ଥାନ୍ତି, ସକାଳୁ ସକାଳୁ ଆମେ ସବୁ ପିଲା ମିଶି ସାରଙ୍କ ଆସିବାର ବାଟକୁ ଚାହିଁ ରହିଛୁ । ଏତିକି ସମୟରେ ଗୋଟେ ନୂଆ ଝିଅ ଆସିଲା କ୍ଲାସ ରୁମ ଭିତରକୁ । ମୋ ପାଖେ ଗୋଟେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଝିଅ ବସିଥିଲା । ନୂଆରେ ଆସିଥିବା ଝିଅକୁ ଦେଖି ସେ କହିଲା ହାଏ ହାଏ.... ବୋଧ ହୁଏ ସେ ଝିଅ ପରସ୍ପରକୁ ଆଗରୁ ଜାଣିଥିଲେ । ସେ ଝିଅ ଧିରେ ହାତକୁ ହଲେଇ ଦେଇ ଚୁପଚାପ ଗୋଟେ ଚେୟାରରେ ବସିପଡ଼ିଲା । ସାର ଆସିଲେ, ପାଠ ପଢ଼ାଇଲେ ଓ ସମୟ ହେଲାରୁ ଟିଉସନ ଛୁଟି ହେଲା । ହେଲେ ସେ ଝିଅର ରୂପ ଯୌବନ ମୋର ମନ ଚକ୍ଷୁ ସମୁଦ୍ରରେ ତରଙ୍ଗର ଢେଉ ମାଳା ଖେଳୁଥିଲା । ଏମିତିରେ ସପ୍ତାହେ ଖଣ୍ଡେ ବିତି ଯାଇଛି । ଦିନେ କ୍ଲାସରେ ଆମେ ସମସ୍ତେ ବସିଛୁ । ହଠାତ୍ ମୁଁ ମଜା ମଜାରେ କହିଦେଲି ମୋର ସାଙ୍ଗ ଜଣକୁ । ସାଙ୍ଗରେ ଏଠାରେ ତ ବହୁତ ଝିଅ ବସିଛନ୍ତି, ମୋ ପାଇଁ ଗୋଟେ ଝିଅ ସହିତ କଥାବାର୍ତ୍ତା କରେଇଦେଲେ ଭଲ ହୁଅନ୍ତା । ମୋର ଇସାରାଟା କିନ୍ତୁ ସେହି ଝିଅ ଆଡ଼କୁ ଥିଲା । ଏତିକିରେ ସେ ଝିଅଟା ସବୁ କଥା ଜାଣି ସାରି ରାଗରେ ତମତମ । ବହୁତ ଦିନ ସେହି କଥା ଧରି ଆମ ଦୁଇ ସାଙ୍ଗକୁ ସେ ଝିଅ କଥା ହେବାକୁ ବନ୍ଦ କରିଦେଲା । ଏମିତି ଅନେକ ଦିନ ବିତିଗଲା । ଦିନେ ସେ ଝିଅ କ୍ଲାସ ଆସିନଥାଏ । ତାର ସାଙ୍ଗ ଜଣେ କ୍ଲାସ ଆସିଥିଲା । ସେ ମୋତେ ବହୁତ ଗାଳି କରି ସେଦିନ ମୋତେ ଶୋଧିଲା, କାହିଁକି ମୋ ସାଙ୍ଗ ଉପରେ ଆଖି ପକେଇଛୁ କହି । ମୁଁ କିନ୍ତୁ କିଛି ନ କହି ନୀରବରେ ବସି ଶୁଣିଗଲି ସୁନା ପିଲା ଭଳିଆ । କିଛି ମଧ୍ୟ ପ୍ରତ୍ୟୁତ୍ତର ଦେଲି ନାହିଁ । ସେଠାରେ ମୋର ଦୁଇଟା ବାଳୁଙ୍ଗା ସାଙ୍ଗ ଥିଲେ । ସେମାନେ ମଧ୍ୟ ସେ ଝିଅ ଗାଳି ଦେବାର ନୀରବରେ ଶୁଣି ଟିକେ ମୁରୁକି ହସ ମାରିଦେଲେ । କ୍ଲାସ ସରିଲା ପରେ ଆମେ ସବୁ ରୁମକୁ ଫେରିଲୁ । ଏନ୍ୟ ଗୋଟିଏ ଝିଅ ମୁହଁରୁ ଗାଳି ଶୁଣି ମୋ ମନ ବହୁତ ଦୁଃଖ ହେଲା ।

ତା ପରଦିନ ମୁଁ ମୋର ଜଣେ ସାଙ୍ଗ ସହିତ ବାହାରକୁ ଅନ୍ୟ ଏକ ସାଙ୍ଗ ରୁମକୁ ବୁଲିବା ପାଇଁ ଯାଇଥାଉ, ସମୟ ହୋଇଥାଏ ବାରଟା । ଏତିକି ସମୟରେ ଗୋଟିଏ ଅଜଣା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନମ୍ବରରେ ଫୋନ ଆସିଲା । କିଛି ମୁହୂର୍ତ୍ତ ଭାବିବା ପରେ ମୁଁ ଫୋନ କଲ୍ ଉଠାଇଲି । ସେ ଆଉ କେହି ଅଜଣା ବ୍ୟକ୍ତି ନ ଥିଲା । ସେ ଥିଲା ସେହି ଝିଅ । ତା ସ୍ୱର ଶୁଣି ତାକୁ ଜାଣି ପାରିଲି, ମନରେ ତ ଖୁସୀ ଲାଗିଲା ହେଲେ ସେ ମୋତେ ରାଗିଥିଲା । ସେ ମୋତେ ବହେ ଗାଳି ଦେଲା, କଣ ପାଇଁ ମୋତେ ସେମିତି ନଜରରେ ଦେଖୁଛ କହି । ମୋତେ ସେ ପ୍ରେମ ପ୍ରେମ ଧନ୍ଦା ଭଲ ଲାଗେନି । ଏମିତିରେ ମଧ୍ୟ ମୋ ଘରେ ମୋ ବଡ଼ ଭାଇ ଜାଣିଲେ ବହୁତ ଅସୁବିଧା ହେବ । ଅନେକ ଗୁଡ଼ାଏ କଥା କହି ସେ ମୋତେ ଗାଳି ଦେଉଥାଏ ହେଲେ ମୋତେ ତା ଗାଳି ବାଧୁନଥାଏ । ତା କଥାରେ ମଜ୍ଜିଯାଇ ମୋ ମନ ଖୁସୀରେ କାହିଁକି ଫୁଟି ଉଠିଥିଲା କେଜାଣି । ମୁଁ ପ୍ରଥମଥର ପାଇଁ ପଚାଶ ମିନିଟ ଜଣକୁ ବହୁତ ସମୟ ଦେଇ କଥା ହେଇଥିଲି । ସେ କହିଲା ଏଇଟା ମୋ ସାଙ୍ଗର ମୋବାଇଲ । ଏଇ ନମ୍ବରରେ କେବେ କଲ୍ କରିବ ନାହିଁ । ଆଉ ମୋ ପଛରେ ପଡ଼ି ଧାଇଁ ଗଡ଼ାଅ ନାହିଁ, ଏଇଟା ତୁମର ପାଠ ପଢ଼ିବା ସମୟ, ପାଠ ପଢ଼ । ଏତିକି କହି କଲ୍ କାଟିଦେଲା । ପରେ ଜାଣିବାକୁ ପାଇଲି ସେ ମୋ ଫୋନ ନମ୍ବର ମୋ ଖାତାରେ ଦେଖି ନକଲ କରି ନେଇଥିଲା ।

ତା ପର ଦିନ ଠାରୁ ମୁଁ ଆଉ ସେ ଝିଅର ମୁହଁ ଅନେଇଲି ନାହିଁ କି ତାକୁ କଥା ମଧ୍ୟ ହେଲି ନାହିଁ । କେତେ ମାସ ବିତି ଗଲା କିନ୍ତୁ କଥାବାର୍ତ୍ତା ନଥିଲା । ଯେଉଁ ଦିନ ଟିଉସନର ଶେଷଦିନ ଥିଲା ସେ ଦିନ ମୁଁ ନୀରବରେ ଓ ଗମ୍ଭୀରରେ ବସିଥାଏ । ସାର୍ କହିଲେ ଆଜି ତ ଟିଉସନରେ ଶେଷ ଦିନ, ଆଜି ପାଠପଢ଼ା ଏତିକି ଥାଉ । ତୁମେ ମାନେ କଥାବାର୍ତ୍ତା ହୁଅ, ମୁଁ ବାହାରେ କାମରେ ଯାଇକି ଆସୁଛି । ସେତିକି ବେଳେ ସେ ଝିଅ ଉଠିକି ବାଥରୁମକୁ ଗଲା । ଏତିକି ବେଳେ ମୋ ସାଙ୍ଗ ପ୍ରବୀଣ ତା ଚେୟାରରେ ବସିପଡ଼ିଲା । ସେ ଝିଅ ଫେରିକି ଆସିଲା ବେଳକୁ କେବଳ ମୋ ପାଖ ଚେୟାରଟା ଖାଲି ପଡ଼ିଥିଲା । ସେ ବାଧ୍ୟ ହୋଇ ମୋ ପାଖେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆସି ବସିଲା । ତଥାପି ମୋ ମୁହଁରେ ଗମ୍ଭୀରତା । ସେ ମୋତେ ପଚାରିଲା କାହିଁକି ମନ ଦୁଃଖ କରି ବସିଛ । ଆଜି ତ ଟିଉସନରେ ଶେଷଦିନ, ଆଉ କେବେ ଦେଖା ହେବ କି ନାହିଁ । କଣ ତୁମେ ମୋତେ ଭୁଲିଯିବ କି ? ସେ ମନରେ କଣ ଭାବିକି କହିଲା କେଜାଣି ମୁଁ କିନ୍ତୁ ଆଉ କଥା ରଖିପାରିଲି ନାହିଁ, କହିଦେଲି ମୁଁ ତୁମକୁ ଭଲପାଏ । ସେ ମଧ୍ୟ ମୋର ଗମ୍ଭୀର ବଦନକୁ ଦେଖି ମନା କରିପାରିଲା ନାହିଁ । ଟିଉସନ ଛୁଟି ହେଲା ପରେ ସେ ତା ସାଙ୍ଗ ସହିତ ଫେରିଗଲା ତା ସାଙ୍ଗ ଘରକୁ । ଯୁକ୍ତ ଦୁଇ ବୋର୍ଡ ପରୀକ୍ଷା ଶେଷ ହେବା ପର୍ଯ୍ୟନ୍ତ ତାଙ୍କ ଘରେ ରହି ପାଠ ପଢ଼ିଲା । ମୁଁ ତାକୁ ପରୀକ୍ଷା ପୂର୍ବରୁ ତାକୁ ହାତ ଘଡ଼ି ଗୋଟେ ଉପହାରରେ ଦେଇଥିଲି । ମୁଁ ଫେରିଗଲା ପରେ ସେ ଖୋଲି ଦେଖିଲା ଓ ତାଙ୍କ ସାଙ୍ଗ ଘର ଫୋନରୁ ମୋତେ କଲ୍ କରି ବହୁତ ଗାଳି କଲା । କାହିଁକି ଅଯଥାରେ ମୋ ପାଇଁ ଟଙ୍କା ଖର୍ଚ୍ଚ କରି ମୋତେ ଏ ଘଣ୍ଟା କିଣି ଦେଇଛ । ତୁମେ କଣ ରୋଜଗାର କରି ଟଙ୍କା ଆଣୁଛ କି ? ମା ବାପାଙ୍କ ଟଙ୍କାରେ ଚଳୁଛ । ତୁମକୁ କଣ ଜଣା କଷ୍ଟର ମୂଲ୍ୟ । ତାପରେ କିଛି ଦିନ ପରେ ଆମ ପରୀକ୍ଷା ଆରମ୍ଭ ହେଲା ଓ ଭଲରେ ଶେଷ ମଧ୍ୟ ହେଇଗଲା । ତାକୁ ଦେଖିବାକୁ ମନରେ ଭାରି ଆଗ୍ରହ ଥିଲା କିନ୍ତୁ ଦୁଃଖର ବିଷୟ ସେ ପରୀକ୍ଷା ସରିଲା ପରେ ତା ଘରକୁ ପଳେଇଯାଇଥିଲା ।

ମୁଁ ମଧ୍ୟ ଘରକୁ ପଳେଇଲି, ପରୀକ୍ଷା ସରି ମାସେ ଦୁଇ ମାସ ପରେ ପରୀକ୍ଷା ଫଳ ବାହାରିଲା । ମୁଁ ପ୍ରଥମ ଡିଭିଜନ ରଖି ପାସ୍ କରିଥିଲି । ହେଲେ ଏ ତିନି ମାସର ଅବଧି ଭିତରେ ମୁଁ ସେ ଝିଅ କଥା ହିଁ ଭାବୁ ଥାଏ । କଣ କରିଥାନ୍ତି ସେ ମୋତେ ନ ଜଣେଇ ତାଙ୍କ ଘରକୁ ପଳେଇଯାଇଛି । ଯୋଗାଯୋଗର ମଧ୍ୟ ଅନ୍ୟ ଉପାୟ ନଥିଲା । ଏତିକି ବେଳକୁ ଦିନେ ଆମ ଗାଁର ମୋର ଜଣେ ଝିଅସାଙ୍ଗକୁ ଏ ବିଷୟରେ ଜଣେଇଲି । ଖୁସୀର କଥା ଏଯା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେ ସେ ହେଉଛି ତାର ହାଇସ୍କୁଲ ସାଙ୍ଗ । ମୋର ଆଉ ଆନନ୍ଦର ସୀମା ରହିଲା ନାହିଁ । ମୁଁ ମୋ ଗାଁର ସାଙ୍ଗ ଝିଅକୁ ପଚାରିଲି, ତାର ଯଦି କିଛି ଯୋଗାଯୋଗ ପାଇଁ ଫୋନ ନମ୍ବର ଥିଲେ ଦେଉନୁ । ସେ କହିଲା କି, ତାଙ୍କର ତ ନମ୍ବର ନାହିଁ କିନ୍ତୁ ତାଙ୍କ ଗାଁର ଲୋକର ନମ୍ବର ମୋ ପାଖେ ଅଛି । ମୋ ମୋବାଇଲ ଫୋନରେ କଲ୍ କଲୁ, ପ୍ରଥମେ ମୋ ସାଙ୍ଗ ଝିଅ ତାକୁ କଥା ହେଲା ଓ ମୋତେ ଫୋନ ଦେଲା କଥା ହେବାକୁ । ସେ ମୋ କଥା ଶୁଣିଲା ଓ ମୋତେ ଅଳ୍ପ ସମୟ କଥା ହେଇ ସାଙ୍ଗେ ସାଙ୍ଗେ ଫୋନ୍ କଲ୍ କାଟିଦେଲା । ମୋତେ ବହୁତ ଦୁଃଖ ଲାଗିଲା, ଏତେ ଦିନ ପରେ କଥା ହେବାର ମଉକା ମିଳିଲା ହେଲେ ସେ ମୋତେ ଟିକେ କଥା ହୋଇ ଏତେ ଜଲଦି ଫୋନ କାଟିଦେଲା ବୋଲି ମନେ ମନେ ଭାବିଲି । ପୁଣି ଭାବିଲି ଏତେ ଦିନ ଭିତରେ ସେ ମୋତେ କାଳେ ଭୁଲିଯାଇଥିବ ।

ଏତିକି ରେ କିଛି ମାସ ବିତି ଗଲା, ଖରା ଦିନର ତାତି ମାସ ହୋଇଥାଏ । ମୋତେ ସେ କଲ୍ କରି କହିଲା କାଲି ମୁଁ ରାୟଗଡ଼ା କାମରେ ଯାଉଛି, ଆସିବ ? ମୁଁ ଖୁସୀ ହେଇଗଲି ଓ କହିଲି ଠିକ୍ ଅଛି ମୁଁ ଆସୁଛି । ପର ଦିନ ସକାଳୁ ମୁଁ ବାହାରି ପଡ଼ିଲି । ରାୟଗଡ଼ା ରେ ପହଞ୍ଚିଲି ଓ ତାର ସହ ମୋର ଭେଟ ହେଲା । କଥା ବାର୍ତ୍ତା ହେଲୁ, ଯେତେବେଳେ ଫେରିବା ସମୟ ହେଲା ଗୋଟିଏ ବସ୍ ରେ ମିଶିକି ଗଲୁ । ବସ୍ ସେ ବହୁତ ଗମ୍ଭୀର ଭାବେ ରହିଥିଲା ଓ ମୋତେ କହିଲା ସତରେ କଣ ତୁମେ ମୋତେ ଭଲ ପାଉଛ ? କଣ ତୁମେ ମୋତେ ଅପେକ୍ଷା କରି ପାରିବ ମୁଁ ତୁମକୁ ଯେତେ ଦିନ ଅପେକ୍ଷା କରିବାକୁ କହିବି ? ମୋର କେତେକ ସର୍ତ୍ତ ରହିଛି । ତୁମେ କଣ ମୋର ସମସ୍ତ ସର୍ତ୍ତରେ ରାଜି ହେବ ? ମୁଁ ତ ତା ପ୍ରେମରେ ପୂର୍ଣ୍ଣ ଭାବରେ ସମର୍ପିତ ହୋଇଯାଇଥିଲି । ମୁଁ ଆଉ ଅଧିକ କିଛି ନ ଭାବି ତାର ସବୁ କଥାରେ ହଁ ଭରିଲି । ସେ ତା ଘରକୁ ଫେରିଗଲା, ମୁଁ ମଧ୍ୟ ମୋର ଘରକୁ ଫେରିଗଲି । ମୋତେ ଲାଗିଲା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସତେ କି ମୁଁ ସବୁ କିଛି ପାଇଯାଇଛି । ସବୁ ବାଧା ବିଘ୍ନ କଥା ମୁଁ କିଛି ହେଲେ ଚିନ୍ତା ନ କରି ଆନନ୍ଦରେ ଆତ୍ମ ବିଭୋର ହୋଇଗଲି ।

ଏମିତିରେ ପୁଣି ବହୁତ ଦିନ ବିତି ଯାଇଥିଲା, ମୋର ପୁଣି ସେହି କଲେଜରେ ହିଁ ଆଡମିସନ ହେଲା, ସ୍ନାତକରେ । ମୋର ଜଏନିଙ୍ଗ ହେବାର ପ୍ରାୟ ଦୁଇ ସପ୍ତାହ ପରେ ପୁଣି ତାର ଜଏନିଙ୍ଗ ତାରିଖ ଆସିଲା । ସେ ପୁଣି ମୋତେ କଲ କରି କହିଲା, କାଲି ମୋର କଲେଜରେ ଆଡମିସନ ଅଛି, ଆସିବ । ମୁଁ କହିଲି ହୋଉ ଠିକ୍ ଅଛି । ସେଦିନ ଗଲି, କିନ୍ତୁ ମୁଁ ବହୁତ ବିଳମ୍ବରେ ଗଲି । ଏତିକି ବେଳେ ତାର ସବୁ କାମ ସରିଯାଇଥିଲା ମାତ୍ର କେବଳ ଟଙ୍କା ଜମା କରିବାର କାମ ଟା ରହିଯାଇଥିଲା । ମୋତେ ଦେଖିକି କହିଲା, ଏତେ ଲେଟ୍ ରେ ଆସିଲ । ସେ ତା ହାତରୁ ଟଙ୍କା ବଢ଼ାଇଲା ଓ କାଉଣ୍ଟରରେ ଜମା କରିଦେବା ପାଇଁ କହିଲା । ମୁଁ ନେଇ ଜମା କରିଦେଲି । ଏ ସମୟରେ ତା ଦେହ ଭୀଷଣ ଗରମ ଅଛି ଜ୍ୱରରେ । କିଛି ମଧ୍ୟ ଖାଇବାକୁ ମୋତେ ମନା କରିଦେଲା ସେ । ଜଏନିଙ୍ଗ କାମ ସରିଲା ପରେ ସେ ଘରକୁ ପଳେଇଲା । ଏବେ ଆଉ ଯେବେ କ୍ଲାସ ଆରମ୍ଭ ହେବ, ସେବେ ହିଁ ଦେଖା ହେବ ଏୟା ହିଁ ମୁଁ ମନରେ ଭାବୁଥିଲି ।

ମୁଁ କ୍ଲାସ ଆରମ୍ଭ କେବେ ହେବ ସେ ଅପେକ୍ଷାରେ ରହିଥିଲି । ସମୟ ଆସିଲା କଲେଜ ଆରମ୍ଭ ହେଲା । ପ୍ରଥମ ଦିନ ମୁଁ କଲେଜ ଯାଇଖଥିଲି । ସେ ଝିଅଟିକୁ ଦେଖିଲି ହେଲେ ସେ ନ ଚିହ୍ନିଲା ଲୋକ ପ୍ରାୟେ ନ ଦେଖିଲା ଭଳିଆ ପଳେଇ ଗଲା । ମୁଁ ମୋ ମନକୁ ବୁଝେଇନେଲି କି ଆଉ ଏ ପ୍ରେମ ପଛରେ ଧାଇଁ ଗୋଟେ ଝିଅକୁ ଏମିତି ଜବରଦସ୍ତ ବାଧ୍ୟତାମୂଳକ ଭାବରେ କାହିଁକି ଅସୁବିଧାରେ ପକେଇବି । ତାର ଯଦି ଇଛା ନାହିଁ ଆଜିଠୁଁ ଆଉ ତାକୁ ଏ ବିଷୟରେ କିଛି ମଧ୍ୟ କହିବି ନାହିଁ । ଏମିତି ରେ ତିନି ମାସ ବିତି ଯାଇଛି, ମୁଁ କହିଦେଲି ସିନା ଏମିତି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହେଲେ କଣ ତାକୁ ଭୂଲି ପାରିଛି, ସହି ପାରୁଛି ନା ରହି ପାରୁଛି । ମୋର ଆଉ ଧୈର୍ଯ୍ୟ ରହିଲା ନାହିଁ । ମୁଁ ତାକୁ କଲ୍ କରି ଏ ବିଷୟରେ କହିଦେଲି । ସେ ତ ପୂରାପୂରି ରାଗିଗଲା ! ହୋଉ ଠିକ୍ ଅଛି, ତୁମେ ଆଜି ମୋତେ କଲେଜରେ ଦେଖା କର, ଏତିକି କହି କଲ୍ ଟା କାଟିଦେଲା । କଲେଜ ପହଞ୍ଚି  ସେ ମୋତେ କଲ୍ କରି ଡାକିଲା, ଅଡିଟୋରିଅମ ରୁମ ଆଡ଼କୁ ଏ ବିଷୟରେ କଥା ହେବାକୁ ମୋତେ ଡାକିନେଲା । ମୁଁ ଭାବିଲି, ହଁ ନିଶ୍ଚୟ ମନ ବଦଳିଥିବ । ବୋଧେ ସେ ଆଜି ମୋ ପ୍ରେମ ପ୍ରସ୍ତାବରେ ରାଜି ହୋଇଯିବ, ଏମିତି ମନେ ମନେ ଭାବୁଛି ମୁଁ । କିନ୍ତୁ କଥା ଟା ଓଲଟା ହେଲା । ସେ ମୋତେ ରାଗିକି ତ କିଛି କହିନି, ବୁଝେଇ ଦେଇ କହିଲା । ଏଇଟା ପାଠ ପଢ଼ା ସମୟ, ତମେ ଏମିତି କାହିଁ ହେଉଛ । ସତରେ କଣ ତୁମେ ମୋତେ ପସନ୍ଦ କର । ସତରେ କଣ ତୁମେ ମୋତେ ଚାହୁଁଛ । ଦେଖ ଭଲରେ ଏମିତି କହୁଥାଏ ସେ । ହେଲେ ମୋର ସେ ଏକା ଜିଦ୍, ତାକୁ ହିଁ ମୋ ଜୀବନରେ ପାଇବା, ତାକୁ ମୋର ଜୀବନ ସାଥୀ କରିନେବି । ଏମିତି କିଛି ହିତାପୋଦେଶ ଦେଇ ସେ ଚାଲିଗଲା । ମୋର ମନ ଆହୁରି ଦୁଃଖରେ ଭରିଗଲା ।

ଏତିକି କିଛି ମାସ ବିତି ଯାଇଛି, ମୁଁ ମୋର ମନକୁ ପୁଣି ବୁଝେଇ ନେଇଛି କି ଆଉ ତାକୁ ମନେ ପକେଇବି ନାହିଁ । ତାକୁ ବାଧ୍ୟ କଲା ଭଳି ହେଉଛି । କାହିଁକି ମୋ ପାଇଁ ବୋଲି ସେ ଝିଅଟିକୁ ହଇରାଣରେ ପକେଇବି । କଲେଜରେ ସ୍ପର୍ଟସ ଗେମର ଆୟୋଜନ ହେଉ ଥାଏ । ଆମର କ୍ଲାସ ହେଉ ନ ଥାଏ । ସେ ମୋତେ କଲ କଲା । ମୁଁ ଆଶ୍ଚର୍ଯ୍ୟ ହୋଇଗଲି ।ପଚାରିଲା କୋଉଠି ଅଛ ? ମୁଁ କହିଲି କଣ ହେଲା କି, ମୁଁ କଲେଜରେ ହିଁ ଅଛି । ସେ କହିଲା, କୋଉଠି ଅଛ, ଏପଟ ମୋ ପାଖକୁ ଆସ । ମୁଁ ତା ପାଖକୁ ଗଲି । ସେ ଛିଡ଼ା ହୋଇଥାଏ । ମୁଁ ତାକୁ ପଚାରିଲି, କଣ ହେଲା, କଣ ପାଇଁ ଡାକିଲ ? ମୋତେ ଦେଖି ତା ଆଖିରୁ କାହିଁକି କେଜାଣି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଖିରୁ ଆପେ ଆପେ ଲୁହ ଝରିପଡୁଥାଏ । ମୁଁ ପଚାରିଲି, କାହିଁକି କାନ୍ଦୁଛ । ଏତିକି ଶୁଣି ତା ଲୁହ ପୋଛି ଦେଲା । ମୁଁ ବୁଝିଗଲି ତା ମନର କଥା । ଦୁଃଖ ତ ଲାଗିଲା ତା ଆଖିରେ ଲୁହ ଦେଖି, କିନ୍ତୁ ଖୁସୀ ମଧ୍ୟ ଲାଗିଲା କି ସେ ଏତେ ଦିନ ପରେ ମୋତେ ଭଲ ତ ପାଇ ବସିଲା । ମୁଁ ତାର ସେ କାନ୍ଦ କାନ୍ଦ ମୁହଁ ଦେଖି ପାରିଲି ନାହିଁ । ତାର ସେ ଲୁହ ବନ୍ଦ କରିବା ଆଳରେ ମୁଁ ତାକୁ କହିଲି ଚାଳ ବାହାରେ ଟିକେ ବୁଲି ଆସିବା । କଲେଜ ଗେଟରୁ ବାହାରକୁ ଗଲୁ । ମୋର ଫଟା କପାଳ । ଏତିକି ବେଳେ କଣ ତାର ବଡ଼ ଭାଇକୁ ଆସିବାର ଥିଲା କି । ତାକୁ ଦେଖି ପଚାରିଲା, କ୍ଲାସ ସରିଲା କି ? ସେ କହିଲା ହଁ । ତାକୁ ତା ଭାଇ ତାକୁ ଗାଡ଼ିରେ ବସେଇ ନେଇଗଲା, ସେ ଡ଼ରରେ ବୋଧେ ମୋ ଆଡ଼କୁ ମଧ୍ୟ ଅନେଇଲା ନାହିଁ । ତାଙ୍କେ ଚାଲିଗଲେ, ମୁଁ ମଧ୍ୟ ରୁମକୁ ଫେରିଗଲି ।

ତା ପର ଠାରୁ ଆମର ଦୁହିଁଙ୍କ ଭିତରେ ସଂପର୍କ ନିବିଡ଼ ହେଲା । ସବୁବେଳେ କଥାବାର୍ତ୍ତା, କେତେ ବେଳେ ଝଗଡା ତ କେତେବେଳେ ଖୁସୀ ମଜା । ଏମିତିରେ ଆମର ସ୍ନାତକରେ ପାଠପଢ଼ା ସରିଗଲା । ସେମିତି ଆମର ସଂପର୍କ ଭଲରେ ହିଁ ରହିଥିଲା । ତା ପରେ ମୁଁ ଅର୍ଥଶାସ୍ତ୍ରରେ ସ୍ନାତକୋତ୍ତର ଅଧ୍ୟୟନ କରିବା ପାଇଁ ସେ କଲେଜରେ ହିଁ ନାମ ଲେଖାଇଲି, କିନ୍ତୁ ସେ ଆଉ ଆଗକୁ ପାଠ ପଢିଲା ନାହିଁ । କେବେ ମଧ୍ୟ ସମୋତେ କହିନାହିଁ କି ଯେ ମୋତେ କେବେ କଥା ହେବା ପାଇଁ ସମୟ ଦେଇନାହଁ । କେବେ ମୋ ଆଗେ କିଛି ଅଭିମାନ କରିନାହିଁ ସତ । କିନ୍ତୁ ବେଳେ ବେଳେ ଛୋଟ ଛୋଟ କଥାକୁ ନେଇ ଝଗଡା କରୁଥିଲା । ମୋ ପାଇଁ ସେ ବହୁତ ଭଲ ଥିଲା । ଘରେ ମଧ୍ୟ ତାକୁ ମୋ ଜୀବନ ସାଥୀ କରିବା ପାଇଁ ରାଜି ହୋଇଯାଇଥିଲେ । ସେ ତ ମୋ ପାଇଁ ପାଗଳ ଥିଲା । ସେ ମୋ ଛଡ଼ା ଆଉ କାହାକୁ ଛାହୁଁନଥିଲା । ମୁଁ ଯେବେ ଠୁ ସ୍ନାତକୋତ୍ତରରେ ଅଧ୍ୟୟନ କଲି ତାକୁ କଥା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେବାକୁ ମଧ୍ୟ ସମୟ ଦେଇନାହିଁ । ହେଲେ ମଧ୍ୟ ସେ କହିନାହିଁ କି ମୋତେ କଥା ହେବାକୁ ମଧ୍ୟ ସମୟ ଦେଉନାହଁ ବୋଲି ।

ଏମିତି ଆମ ଜାବନରେ ବସନ୍ତ ମଳୟ ସମୀର ବୋହିଯାଉଥିବା ବେଳେ ଆରମ୍ଭ ହୋଇଗଲା ଗୋଟେ ମଡ଼କ ଦୁର୍ଭିକ୍ଷ । ତାଙ୍କର ନିଜ ମାମୁଁଙ୍କ ପୁଅ ସାଥେ ହିଁ ତାର ପ୍ରସ୍ତାବ ଠିକ୍ କରିବାକୁ ନିଷ୍ପତ୍ତି ନେଲେ ତାଙ୍କ ଘର ଲୋକ, ଜାଣିଥିବା ସତ୍ତ୍ୱେ ମଧ୍ୟ ଆମ ପ୍ରେମ ସଂପର୍କ ବିଷୟରେ । ଏତେ ନିବିଡ଼ ପ୍ରେମ ସଂପର୍କ ନିବିଡ଼ ଥାଇ ମଧ୍ୟ ସେ ଘର ଲୋକଙ୍କୁ ଭୟ କରି ତାଙ୍କ କଥାରେ ରାଜି ହୋଇଗଲା । ଯିଏ କି ମୋ ଭଲ ପାଇ କେତେ ପ୍ରତିଶ୍ରୁତି ଦେଇଥିଲା, ମୋତେ ବାହା ହେବାକୁ, ଶେଷରେ ସେ ଘର କଥାରେ ଏକଦମ ରାଜି ହେଇଗଲା । ମୋ କଥା ତିଳେ ହେଲେ ବିଶ୍ୱାସ କରି ଶୁଣିଲା ନାହିଁ ଓ ମୋତେ କାତିର ହିଁ କଲା ନାହିଁ । ଯିଏ ମୋ ବିନା କ୍ଷଣେ ରହିପାରୁନଥିଲା ସେ ଏବେ କିନ୍ତୁ ମୋତେ ସଫା ସଫା କହିଦେଲା କି ମୋର ସହିତ ତୁମର ସଂପର୍କ ଏତିକି ଦିନ ହିଁ ଥିଲା । ଆଜିଠୁ ଆଉ କଥା ବାର୍ତ୍ତା ହେବା ନାହିଁ । ଯଦି କଥା ବାର୍ତ୍ତା ହେଲେ ପରେ ତୁମକୁ ଓ ମୋତେ ମଧ୍ୟ କଷ୍ଟ ହେବ ଯଦି ମୋ ସହ ତୁମର ବାହାଘର ହେବ ନାହିଁ । ମୁଁ ଆଉ ତୁମର ହୋଇପାରିବି ନାହିଁ । ମୋ ହୃଦୟରେ ବଜ୍ର ଚଡ଼କ ମାରିଲା । ମୁଁ ତା ଖୁସୀ ପାଇଁ ରାଜି ହୋଇଗଲି । ସେ ଯେମିତି ଭଲରେ ରହୁ, ମୋ ପାଇଁ ସେ କଷ୍ଟ ନ ପାଉ ଏହା ହିଁ ମୁଁ ଚାହୁଁଥିଲି ।

ତା ପର ଦିନ ଠାରୁ ତାକୁ କଥାବାର୍ତ୍ତା ତ ବନ୍ଦ କରିଦେଲି ହେଲେ ଦୁଃଖ ସମ୍ଭାଳି ପାରୁନଥିଲି । ରାତି ଦିନ ଏକ ହୋଇଗଲା ମୋର । ହୃଦୟରେ ମୋର କୋହକୁ ଛାପି ରଖି ପାରୁନଥିଲି । ଆଉ କଣ କରିପାରିଥାନ୍ତି, ଆଉ କିଛି ତ ଛାରା ନାହଁ, ରାତିରେ ନିଦ ନାହିଁ। ସବୁ ଦିନ ପାଇଁ ରାତିରେ ଲୁଚିଗଲା ଜହ୍ନ, ଛାଇଗଲା ଅମାବାସ୍ୟାର ରାତି । କେତେ ଲୋତକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋର ସ୍ରୋତସ୍ୱିନୀ ଧାରା ହୋଇ ଯାଇ ରତ୍ନାକରେ ହଜିଗଲା । ମୁଁ ଯଦି ଏତେ କଷ୍ଟ ପାଉଥିଲି ତେବେ ସିଏ କି ମୋତେ ନିଜ ଠାରୁ ଅଧିକ ଭଲ ପାଉଥିଲା ସେ କେତେ ଦୁଃଖ ପାଉନଥିଲା । ମୋତେ ଜଣା ଥିଲା ସେ ମୋ ସହିତ କେବେ ହେଲେ ଛଳନା କରିବ ନାହିଁ । ତା ପ୍ରେମ ତ ସାସ୍ୱତ ଓ ଚିରନ୍ତନ । ସେ ପ୍ରେମରେ ହାରିଯାଇନଥିଲା ବରଂ ନିଜର ପ୍ରେମକୁ ବଳିଦେଇ ଥିଲା ଘର ଲୋକଙ୍କ ମଙ୍ଗଳ କାମନା ପାଇଁ । ମୋର ମଙ୍ଗଳ ପାଇଁ ମଧ୍ୟ ହୋଇଥାଇପାରେ ବୋଧହୁଏ । ଅନନ୍ୟ ପ୍ରମର ପ୍ରତୀକ ଥିଲା ସେ । ସେ ଥିଲା ଛାୟାରାଣୀ । କେତେ ମହନୀୟ ଥିଲା ସେ । ତା ଭିତରେ ମୁଁ କିନ୍ତୁ ଦୁଷ୍ଟତା, ଛନ୍ଦ, କପଟ, ଦ୍ୱେଷ, ଘୃଣା, ସ୍ୱାର୍ଥପରତା ମୁଁ ଦେଖିନାହିଁ, କେବଳ ମାତ୍ର ପ୍ରେମରେ ବଳିଦାନ, ନିଃସ୍ୱାର୍ଥପରତା ଦେଖିଲି । ଛାୟା ନଥିଲେ କଣ ଉଜ୍ଜ୍ୱଳ ର ଅନୁଭବ କରିହୁଏ କି ? ସେ କେବଳ ନଥିଲା ଗୋଟେ ସାଧାରଣ କନ୍ୟା । ସେ ଥିଲା ଅନନ୍ୟ ମହନୀୟ ନାରୀ । ତାର ଚିରନ୍ତନ ସାସ୍ୱତ ପ୍ରେମକୁ ମୁଁ ସମ୍ମାନ ଦେଉଛି । ତାର ବଳିଦାନ, ତ୍ୟାଗର ଗୁଣକୁ ମୁଁ ସବୁବେଳେ ମନେ ପକାଏ । ସେ କେବଳ ମୋ ଜୀବନର କିଛି ଦିନ ଯାଏଁ ସାଥି ନଥିଲା । ମୋର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଥିବା ପଥ ପ୍ରଦର୍ଶିକା ଥିଲା । ସେ ନିଜକୁ ଜଳେଇ ଅନ୍ୟକୁ ଆଲୋକ ଦେବା ପାଇଁ ନିଜେ ଜଳିଗଲା । ଅନନ୍ୟ ସେ ଛାୟାରାଣୀ, ତାର ତ୍ୟାଗ ଓ ବଳିଦାନ । ଛାୟାରାଣୀ ଏବେ ମଧ୍ୟ ମୋର ସାଥେ ସାଥେ ଚାଲି ମୋର ଗନ୍ତବ୍ୟ ପଥରେ ମୋତେ ଦିଗଦର୍ଶନ ଦେଉଛି । ମୋର ମନ ମୁକୁରରେ ଏବେ ମଧ୍ୟ ସେ ପ୍ରତିଛବି ହୋଇ ରହିଅଛି । ସେ ମୋର ଜୀବନର ପ୍ରେରଣା, ମୋ ଜୀବନର ଉତ୍ସାହପ୍ରଦକାରୀ ଏକ ପବିତ୍ର ଆତ୍ମା ସେ ପବିତ୍ର ଗଙ୍ଗା ସମ ଛାୟାରାଣୀ । ମୋର ମନର ଉତ୍ତରାୟଣରେ ଏବେ ମଧ୍ୟ ଲୁଚି ରହିଛି ସେ ଛାୟାରାଣୀ, ଏବେ ସେ କଥା ଭାବିଲେ ଆଖିରୁ ସ୍ୱତଃ ଲୋତକ ସ୍ରାବିତ ହୋଇଯାଏ । ସତରେ କେତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପବିତ୍ର ଆତ୍ମା ସେ ଛାୟାରାଣୀର, ମୋ ମନରେ ତନୁର ଛାୟା ହୋଇ ସବୁଦିନ ପାଇଁ ରହିଗଲା ସେ ଛାୟାରାଣୀ । ପ୍ରେମରୁ ଦୂରେଇ ଦେଇ ଏବେ ମଧ୍ୟ ପ୍ରେମରେ ଉଜ୍ଜୀବୀତ ହୋଇ ରହିଛି ସେ ଛାୟାରାଣୀ । ସଂସାର ହିତ ପାଇଁ ନିଜ ପ୍ରେମରେ ତ୍ୟାଗ, ବଳିଦାନ କରିଦେଇ ପ୍ରେମର ଜୟ ଲାଭ କରିବା ଠାରୁ କିଛି ବଡ଼ ସଫଳତା ନାହିଁ । ସେଥି ପାଇଁ ତ ସେ ମୋ ପାଇଁ ଅପ୍ରାକୃତ ପ୍ରେମ ନାୟିକା ଛାୟାରାଣୀ ।

ତାର ସେ ନୀରିହ ନୟନ,ଚାହାଣୀ ମୋତେ କହୁଥିଲା ଅନେକ କଥା, ସେ ଦୃଶ୍ୟାତ୍ମକ ଶବ୍ଦ ମୋତେ ଅନେକ ଶିକ୍ଷା ଦେଇଗଲା କିନ୍ତୁ ସେ ନୀରବ ଥିଲା, ତୁମେ କଣ ପ୍ରେମରେ ଅଙ୍ଗ ସୁଖ ଲୋଭି କାମାତୃପ୍ତ ହେବାକୁ ସଫଳତା କହୁଛ ? ପ୍ରେମରେ ବିରହତା କଣ ବିଫଳତା ? ତେବେ ସଫଳତାର ସଂଜ୍ଞା କଣ ? ସାରସ୍ୱତ ଚିରନ୍ତନ ପବିତ୍ର ପ୍ରେମକୁ ତୁମେ ମନରେ କେଉଁ ଭଳି ଆଖ୍ୟାୟିତ କରୁଛ ? ଅପ୍ରାକୃତ ପ୍ରେମ ମୂର୍ତ୍ତି ରାଧା କୃଷ୍ଣଙ୍କୁ ଥରେ ମନରେ ଚିନ୍ତନ କରି ଦେଖ ! ସେମାନେ କଣ ବିରହ ବେଦନା ଭୋଗ କରିନଥିଲେ କି ? ନିଷ୍କଲଙ୍କ ନେତ୍ରେ ନିଷ୍କମ୍ପନ ଗାତ୍ରେ ପ୍ରେମ ନିର୍ଝରିଣୀ ବୁହାଇ ଲୋକ ହସା ହୋଇ ଶେଷରେ ଶ୍ରୀ କୃଷ୍ଣ ଗୋପପୁର ଛାଡି ମଧୁପୁର ଚାଲିଯାଇନଥିଲେ କି ? ପରସ୍ପରଙ୍କ ବିରହ ବିଚ୍ଛେଦ ହୋଇନଥିଲା କି ? ଶ୍ରୀ କୃଷ୍ଣଙ୍କୁ ଭାଳି ଚିନ୍ତି ବୃଷଭାନୁ ସୂତା ହରି ପ୍ରିୟା ରାଧିକା ଦିନକୁ ଦିନ କ୍ଷୀଣ ହୋଇଯାଇନଥିଲେ କି ? ନିଜ ଭାଲ ଲିଖିତ ଭାଗ୍ୟକୁ ନିନ୍ଦି ନିଜ ଜୀବନକୁ ଶ୍ରୀ କୃଷ୍ଣ ପାଦପଦ୍ମ ରେ ଲୟ ରଖି ଶ୍ରୀ କୃଷ୍ଣଙ୍କ ପ୍ରତି ସମର୍ପଣ କରି ଦେଇନଥିଲେ କି ? ସୀତାରାମଙ୍କ ଜୀବନେ କଣ ବିରହ ବିଚ୍ଛେଦ ନଥିଲା କି ? ନିଶ୍ଚିତ ଭାବରେ ସାସ୍ୱତ ଚିରନ୍ତନ ସମର୍ପିତ ଓ ଉତ୍ସର୍ଗିକୃତ ଥିଲା ସେ ପ୍ରେମ ? ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀ ରାମଚନ୍ଦ୍ର ବିଦେହ ନନ୍ଦିନୀ ଜନକ ନନ୍ଦିନୀ ସତୀଙ୍କୁ ବିବାହ କରିଥିଲେ ସତ କିନ୍ତୁ କଣ୍ଟକିତ ଭ୍ରମିତ ବିପିନରେ ମାୟା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୃଗର ମରୀଚିକା ଭ୍ରମରେ ଭ୍ରମିତ ହୋଇ ସତୀ ବୈଦେହୀଙ୍କୁ ହରାଇ ନ ଥିଲେ କି ? ଶେଷରେ ଦୁର୍ମତି ବିଂଶବାହୁକୁ ନାଶ କରି ଜାନକୀ ଙ୍କୁ ଫେରି ପାଇ ପୁଣି ତାଙ୍କୁ କାନନ ପେଷଣ କରିନଥିଲେ କି ପ୍ରଜାର କପଟ ଚାତୁରୀକୁ ଶ୍ରବଣେ ସହ୍ୟ ନ କରି ? ପରିଶେଷରେ ଜୀବନ ଅନ୍ତରାଳ ବେଳେ ସତୀ ମଧ୍ୟ ରସାତଳଗାମୀ ହୋଇ ଯାଇଥିଲେ ଲୋକଲଜ୍ଜାତୁ ହୃଦୟେ ସହ୍ୟ ନ କରି ପାରି ! ପ୍ରେମ ବିରହ ବିଚ୍ଛେଦ ରେ ଯା ଠାରୁ ଅଧିକ କଦନ ବେଦନା ଆଉ କେଉଁ ଇତିହାସରେ ବା ଦେଖିପାଇଛ ? ଏ ତ ପ୍ରକୃତ ସାସ୍ୱତ ଚିରନ୍ତନ ପ୍ରେମ ଯେଉଁଠି କି ବିରହ ପରେ ମଧ୍ୟ ବଞ୍ଚି ରହେ ପ୍ରେମ, ଯେମିତି କି ପାଉଁଶ ତଳର ନିଆଁ ଭଳି ।

ଛାୟାରାଣୀର ଚରିତ ବର୍ଣ୍ଣନା କରିବା ପାଇଁ ମୋ ପାଖରେ କିଛି ଶବ୍ଦ ହିଁ ପର୍ଯ୍ୟାପ୍ତ ନାହିଁ, ତା ପ୍ରେମ ପ୍ରତି ବଳିଦାନ, ଉତ୍ସର୍ଗ ମୋତେ ବିହ୍ୱଳିତ କରୁଛି, ତାର ପ୍ରେମ ପ୍ରତି ସମର୍ପଣ ଭାବ ତାର ଆଶରୀର ରୂପର ପରିବର୍ତ୍ତନରେ ପ୍ରତିବିମ୍ବିତ ହେଉଥିଲା, ତିକ୍ତତା ସ୍ନିଗ୍ଧ ହୃଦୟର ନିବୃତ୍ତ କୋଣରେ ଝଙ୍କୃତ ନିନାଦିତ ନିକ୍ୱଣିତ ଝଞ୍ଜା ବତାସର ଅନିଳ ବହି ବାରମ୍ବାର ଘାତ ପ୍ରତିଘାତ ଦେଇ ମନକୁ ଆଘାତ କରେ କୁଳକୁ ଉତ୍ତାଳ ଉର୍ମି ଆଘାତ କଲା ପ୍ରାୟେ, ସ୍ନିଗ୍ଧ ନବ ପଲ୍ଲବିତ ତନୁ ପ୍ରାୟେ ଦିନକୁ ଦିନ କ୍ଷୀଣ ହୋଇ ବିକ୍ଷିପ୍ତା ହୋଇ ଯାଇଛି ତାର କୁନ୍ତଳ ସତେ କି କାଦମ୍ବିନୀ ସୌଦାମିନୀର ଆଘାତେ ବିଦିର୍ଣ୍ଣ ହୋଇ ବିଚ୍ଛୁରଣ ହୋଇ ମର୍ତ୍ତ୍ୟରେ ଖେଳିଯାଇଛି ଭୂମି ପରେ, ନବଜଳଧରର କୃଷ୍ଣ ବର୍ଣ୍ଣ ବୀଚିମାଳା ମରୁ ମରୀଚିକା ଭ୍ରମିତ ଚାତକ ପ୍ରାୟେ ପିପାସା ମେଣ୍ଟାଇବାର ଅଭିଳିପସା ରଖି କ୍ଳାନ୍ତ ହୋଇ ଆଶାଶୂନ୍ୟ ମନରେ କ୍ଷୁବ୍ଧ ଶୋକ ଜର୍ଜରିତ ରୁକ୍ଷ ବଦନ କଳାକରମୁଖୀ ପ୍ରତିଛବି ଲୁଚି ତାପ ସ୍ପର୍ଶି ତୃଣ ଦଗ୍ଧ ହେଲା ଭଳି ମୁଖମଣ୍ଡଳ ନେତ୍ର ଯୁଗଳରୁ ସ୍ଖଳିତ ଅଶ୍ରୁ ଧାର ପ୍ରବାହେ ଧୋଇ ଦେଉଛି ସର୍ବାଙ୍ଗ କାନ୍ତିକୁ, ବିସ୍ମିତ ଲାଗଇ ଦେଖି ତାର ଚାହାଣୀ ସତେ କି ବିଷଧର ସର୍ପ କ୍ରୋଧେ ଗର୍ଜନ କରି

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଶେଷରେ ବିଷ ଜ୍ୱାଳା ଉଦଗାରଣ କରି ନିସ୍ତବ୍ଧ ହୋଇ ଯାଇ ଚଳିଗଲା ପ୍ରାୟେ, ପିପାସା କ୍ଷୁଦା ଅଛି କିନ୍ତୁ ଜୀମୂତ ଅଶ୍ରୁ କଣିକା ପାନ କରି ହଜି ଯାଇଛି ତା ପ୍ରାଣ ସତ୍ତା ଚିତ୍ତ ଜଡଜୀବ ପାଦପ ପ୍ରାୟେ, ପ୍ରାଣ ତ ଅଛି କିନ୍ତୁ ନିଶ୍ୱାସ ପ୍ରଶ୍ୱାସ ସ୍ତମ୍ଭିତ ଶାନ୍ତ ସପନରେ ଅଶାନ୍ତ ସମୁଦ୍ର ର ତୋପାନ କରାଳ ଧ୍ୱଂସାମୁଖୀ ର ବିପ୍ଳାତ ମାତ୍ର, ନୟନର ଲୋତକ ଧାର ସମୁଦ୍ର ରେ ଯୋଗ ହୋଇ ଅଧିକ ମାତ୍ରା ରେ ଅଶାନ୍ତ ରଖୁଛି ରତ୍ନାକର ମଣ୍ଡଳୀକୁ, ହାରି ଯାଇଛି ସେ ତ ନିଜ ହୃଦୟ ନିକେତନର ପ୍ରେମ ମୂର୍ତ୍ତିକୁ ପ୍ରାପ୍ତ କରିବାରେ । ତଥାପି ଛାୟାରାଣୀ ପରାଜୟା ନୁହେଁ ଅପରାଜିତା ।

ଗ୍ରାମ- ହାଡ଼ଶିଙ୍ଗୁଳା, ଡାକ- ଚାଟିକୋଣା,

ଗୋଷ୍ଠୀ- ବିଷମକଟକ, ଜିଲ୍ଲା- ରାୟଗଡ଼ା, ଓଡ଼ିଶା,

ଭ୍ରାମ୍ୟଭାଷ : ୮୨୪୯୪୩୯୯୩୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତକିଆ

ମୂଳ କନ୍ନଡ଼- କେ.ବି.ତିରୁମଲେଶ

ଅନୁସୃଜନ-ସୁଧାଂଶୁ ଶେଖର ଦ୍ୱିବେଦୀ

"କିରେ.... !ଯେବେଠାରୁ ମୋର ଦେହ ସୁଧୁରିଲାଣି ସେବେଠାରୁ ତୁ ବହୁତ ଦୁଃଖିତ ଜଣା ପଡୁଛୁ ?କଥା କ'ଣ ?"ମଠାଧିଶ କାର୍ଯ୍ୟ ନିର୍ବାହୀ ମହନ୍ତକୁ ପଚାରିଲେ ।

ପ୍ରଶ୍ନ ହଠାତ ପଚରା ହୋଇଥାଏ ଏବଂ ସିଧା ସଳଖ କାର୍ଯ୍ୟ ନିର୍ବାହୀ ମହନ୍ତ ପାଇଁ ।

କାର୍ଯ୍ୟ ନିର୍ବାହୀ ମହନ୍ତ ଚକିତ ହେଲା କିନ୍ତୁ ମନର ଭାବକୁ ଛପେଇ କହିଲା,"ଆ-ହା,ଏମିତି କଥା କ'ଣ ହୋଇପାରେ ? ଆପଣଙ୍କ ଦେହ ସୁଧୁରି ଗଲା ଦେଖି ମୋତେ ଏତେ ଖୁସି ଲାଗୁଛି ଯେ କଣ କହିବି କିଛି ଭାବିପାରୁ ନାହିଁ । ଗୁରୁଜୀ ! ମୁଁ ଶୁଣିଛି ବେଶୀ ସନ୍ତୋଷ ମନୁଷ୍ୟକୁ ମଉଳାଇ ଦିଏ । ଆପଣ ବିଛଣାରେ ପଡିଥିବା ବେଳେ ମୁଁ ଆପଣଙ୍କର କେତେ ସେବା କରିଛି । ତା ସହିତ ମଠର କାର୍ଯ୍ୟଭାର ମଧ୍ୟ ସମ୍ଭାଳିବାକୁ ପଡିଲା ତେଣୁ ମୁଁ ଟିକେ ଥକି ପଡିଛି ।"



ସୁଧାଂଶୁ ଶେଖର ଦ୍ୱିବେଦୀ

-ଠିକ ଅଛି, ତୁମ ଥକା ପଣକୁ ମୁଁ ସବୁଦିନ ଲାଗି ଶେଷ କରି ଦେଉଛି ଦେଖ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

-ମୁଁ କିଛି ବୁଝି ପାରିଲିନି ।

-ସବୁ ବୁଝି ପାରିବ । ତୁମେ ମୋ ଔଷଧରେ ଯେଉଁ ବିଷ ମିଶାଇଥିଲ ତାର ନାଁ କଣ ?

-ଶାନ୍ତମ ପାପମ ! ଏ କଣ କହୁଛନ୍ତି ଗୁରୁଜୀ ? ମୁଁ ଆପଣଙ୍କ ଔଷଧରେ ବିଷ ମିଶାଇଥିଲି ? ମୁଁ କଣ ସେଇଭଳି ଲୋକ ? ଏଭଳି ଖରାପ ଚିନ୍ତା କଣ ମୋ ମୁଣ୍ଡରେ ଢୁକିବ ?

-କହିବାରେ ଶବ୍ଦର ଅପମିଶ୍ରଣ କଲେ ପାପର ସମାଧାନ ହୋଇନଥାଏ । ସେ ବିଷର ନାଁ କାଳହସ୍ତୀ । ତୁମେ ମୂର୍ଖ । ତୁମକୁ ମଠର କାର୍ଯ୍ୟନିର୍ବାହୀ ମହନ୍ତ ହେବା ୧୦ ବର୍ଷ ହୋଇଗଲାଣି । କିନ୍ତୁ ଆଜି ପର୍ଯ୍ୟନ୍ତ ତୁମେ ମୋତେ ଚିହ୍ନି ପାରିଲ ନାହିଁ । ମୁଁ ଜଣେ ବିଷ ବିଶେଷଜ୍ଞ ।

-ବିଷ ବିଶେଷଜ୍ଞ ?

-କେହି ମୋର କିଛି ବିଗାଡି ପାରିବେ ନାହିଁ । କେବଳ ସେତିକି ନୁହେଁ ତୁମେ ମୋତେ ବିଷ ଦେବା ଆରମ୍ଭ କଲ ମୋ ଦେହରେ ତାହା ଟନିକ ଭଳି କାମ କଲା । କ୍ରମଶଃ ମୁଁ ରୋଗମୁକ୍ତ ହୋଇଗଲି ।

-ଆଶ୍ଚର୍ଯ୍ୟ କଥା !

-ତୁମେ ମୋର ଦୂର ସମ୍ପର୍କୀୟ ଓ ଅନାଥ ଥିଲ । ତୁମ ପ୍ରତି ଦୟା କରି ଏହି ମଠରେ କାର୍ଯ୍ୟ ନିର୍ବାହୀ ମହନ୍ତ କରି ରଖିଲି । ଶେଷରେ ମୋହରି ଚେରକୁ ଉପାଡିବାକୁ ଚେଷ୍ଟା କଲ ?

-ଆପଣ ମୋ ପ୍ରତି ଯାହା କରନ୍ତୁ କିନ୍ତୁ ମଠରୁ ବହିଷ୍କାର କରନ୍ତୁ ନାହିଁ । କାର୍ଯ୍ୟନିର୍ବାହୀ ମହନ୍ତ ମଠାଧିଶଙ୍କ ଗୋଡ଼ ଧରି ବ୍ୟାକୁଳ ହେଲା ।

ମଠାଧିଶ ତାକୁ ଗୋଇଠା ମାରି କହିଲେ, "ତୁମ ପାପ ପାଇଁ ମୃତ୍ୟୁଦଣ୍ଡ ଦେଇଥାନ୍ତି କିନ୍ତୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାହା ମୁଁ କରିବି ନାହିଁ । ପ୍ରତି ବଦଳରେ ଏଠାରୁ ବହିଷ୍କାର କରିବି । ଯାଅ ଚାଲିଯାଅ ଏଠାରୁ । ଆଜିଠାରୁ ଏ ମଠ ମଧ୍ୟରେ ତୁମର କୌଣସି ସ୍ଥାନ ନାହିଁ । ଚୌକିଦାରକୁ କହି ଦେଇଛି ଶୀଘ୍ର ନିଜର ପୁଟୁଳି ବାନ୍ଧି ଯିବା ପାଇଁ ବ୍ୟବସ୍ଥା କରିନିଅ ।"

-ଆଉ କଣ ଅନ୍ୟ କୌଣସି ମାର୍ଗ ନାହିଁ? ମୁଁ ତ ଏଠାରେ ସର୍ବସ୍ୱ ପରିତ୍ୟାଗ କରି ସାରିଛି ।

-ବେଇମାନ, କୃତଘ୍ନ ! ମୁଁ ଯାହା ଶିଖାଇଛି ତାକୁଇ ମୋହରି ପ୍ରତି ପ୍ରୟୋଗ କରୁଛ ?

-ଆପଣ ମୋତେ ଅଧିକ କଣ ଶିଖାଇଛନ୍ତି ଯେ ? ଏତେଦିନ ଯାଏ ଆପଣଙ୍କ ସେବା କରିବାରେ ରହିଗଲି । କେବଳ ଗଧ ପରି ଏତେବର୍ଷ ଏଠି ରହିଲି ଯାହା । ଏବେ ଆପଣଙ୍କ ସାନ ଭଉଣୀର ପୁଅ ଯୁବକ ଅବସ୍ଥାରେ ପଦାର୍ପଣ କରୁଛି ସେଥିପାଇଁ ମୋ ପ୍ରତି ବୀତସ୍ପୃହ ହୋଇ ବାହାର କରି ଦେଉଛନ୍ତି । କିନ୍ତୁ ଗୋଟେ କଥା ମନେ ରଖିବେ ଯଦି ଆପଣ ମୋତେ ମଠରୁ ବହିଷ୍କାର କରିଦେବେ ତାହେଲେ ଏଠି ଯାହାସବୁ ଖରାପ କାମ ଚାଲିଛି ସେସବୁକୁ ଗୀତ ଆକାରରେ ଗାଁ ଗାଁ ସହର ସହର ବୁଲି ଗାଇବି । ଆପଣ ଯାହାକୁ ନିଜ ଭଉଣୀର ପୁଅ କହୁଛନ୍ତି ମୋତେ ବେଶ ଜଣାଅଛି ସତରେ ସେ କାହା ପୁଅ ?

-ଯା ତୁ କଣ କରିବୁ କରିନେ । ହେଲେ ମନେ ରଖିଥିବୁ କେବେ ଯଦି ଏ ମଠରେ ପାଦ ପକେଇଛୁ ତୋ ହାତ ଗୋଡ଼ ହାଣି ଦେବି । କିଛି କହିବା ପାଇଁ ହେଲେ ମେଥମେଟିକାଲ ମେଥଡ଼ ପ୍ରୟୋଗ କରିବାକୁ ପଡିଥାଏ । ମୁଁ ବୃଦ୍ଧ ମଠାଧିଶଙ୍କୁ କେମିତି ସ୍ୱର୍ଗକୁ ପଠାଇଥିଲି ତୁ ଜାଣିନାହୁଁ ବୋଧେ ? ତକିଆ ଭଳି ସହଜ ଓ ସରଳ କୌଶଳ କିଛି ନାହିଁ ଜଣକୁ ସ୍ୱର୍ଗକୁ ପଠାଇବା ଲାଗି ।

-କିନ୍ତୁ ଏଠିତ ନିୟମ ଅଛି କେହି ତକିଆ ପ୍ରୟୋଗ କରି ପାରିବେ ନାହିଁ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

-ସେ ନିୟମ ମୁଁ ତିଆରି କରିଥିଲି ବୃଦ୍ଧ ମଠାଧିଶଙ୍କୁ ଶେଷ କରିବା ପରେ । ଲୋକେ ଭାବିଲେ ଦେହ ଖରାପ ଥିଲା ମରିଗଲା । ମୂର୍ଖ ଲୋକ.... । ନାଓ ଇଉ ଗେଟ ଆଉଟ ।

ତାପରେ କିଛିଦିନ ପର୍ଯ୍ୟନ୍ତ କାର୍ଯ୍ୟ ନିର୍ବାହୀ ମହନ୍ତ ମଠର ଚଉହଦୀ ବାହାର ସଡ଼କରେ ବିଳାପ କରି ଗାଳି, ଅଭିଶାପ ଦେଇ ଭିକ୍ଷା ମାଗୁଥିଲା । ଅଳ୍ପ କିଛି ଦୂରତାରେ ଯେଉଁ ଅଶ୍ୱସ୍ଥ ବୃକ୍ଷ ଥିଲା ତାହାରି ମୂଳରେ ତାର ଡେରା ଥାଏ । ଯେବେ ତାକୁ ଠେଙ୍ଗା କି ଟେକା, ପଥର ଦ୍ୱାରା ଘଉଡା ଯାଏ କିଛି ସମୟ ଲାଗି ନିଖୋଜ ହୋଇ ପୁଣି ସେହି ସ୍ଥାନରେ ପହଞ୍ଚି ଯାଉଥିଲା । ସମସ୍ତେ କହନ୍ତି ସେ ପାଗଳ ହୋଇ ଯାଇଛି । ବୋଧହୁଏ ଏକଥା ସତ ସେ ସବୁବେଳେ ନିଜ ଦେହରେ ଗୋଟେ ତକିଆ ବାନ୍ଧି ଚାଲୁଥାଏ । ଦିନେ ଆଉ ସେ ଦେଖିବାକୁ ମିଳିଲାନି । ତାସହିତ ତା ତକିଆ ବି.... ।

ବିସି-୭୪,ସଲଟ ଲେକ,କଲକତା-୬୪

ମୋ-୬୨୯୦୩୪୨୨୫୯

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କବିତା ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର



ଦେବଦତ୍ତ ସୁନା

ପ୍ରଥମ ଅଧ୍ୟାୟ (ଭାଗ '୮')

ଅନେକ ପ୍ରକାର ବୃକ୍ଷ ସମାହାର
କୁସୁମିତ ସର୍ବ ଡାଳି,
ଅଦୂରେ ଦେଖିଲେ ହୃଦେ ଶାନ୍ତି ମିଳେ
ନୟନ ରୁଚିରେ ଖାଲି ।
ଅମ୍ବରକୁ ଛୁଇଁ ବୃକ୍ଷ ତ ରହଇ
ବଡ଼ବଡ଼ ସମକକ୍ଷ,
ଅନିଳ ବହିଲେ ଧିରେ ହଲୁଥିଲେ
ପ୍ରଫୁଲ୍ଲିତ ହୁଏ ବକ୍ଷ ।
ଅତି ପାଖେପାଖେ ବୃକ୍ଷ ସର୍ବ ଦେଖେ
ପଥ ଦୁଇ ପାର୍ଶ୍ୱେର୍ ରହେ
ଅଙ୍ଗରକ୍ଷକର କୁଟିରକୁ ଲମ୍ବି
କୁସୁମିତ ଶୋଭାମୟେ ।
ଅରୁଚି ଭାଙ୍ଗିବା ପାଇଁ ତ ଲଭିବା
ଶୁକ୍ଳ, ନାଲି, ହଳଦିଆ,
ଅଜାଡ଼ି ଫୁଟିଛି ଡାଳିରେ ରହିଛି
ଅସଂଖ୍ୟ ତ ବହଳିଆ ।
ଅନ୍ତରରୁ ଛୁଇଁ ନୟନରେ ଚାହିଁ
ରହିଛି ଆକୁଳେ ତାକୁ,
ଅଳୀକ ଭାବନା ନ କରି କାମନା
ଚାଳେ ତାଙ୍କୁ ଦେଖିବାକୁ ।
ଅତ୍ୟଧିକ ପୁଣି ଛାୟି ପଥେ ତୁନି
ଚାଲିଥାଏ ଶୁଭ ଭାଳି,
ଅଳୋଡ଼ା ଜିନିଷ ପଥରେ ନଥିଲା
ମଇଲା କି ପତ୍ର ଡାଳି ।
ଅତିଶୟ ପୁଣି ବୁଦାଗଛ ତୁନି
ବୃକ୍ଷର ମୂଳରେ ଥାଏ,
ଅତିରଞ୍ଜିତ ଏ ନିଳିଆ ଗୋଚର
ଚାହିଁ ପଥେ ରହିଥାଏ ।
ଅଦୂର ହୋଇଛି କୁଟିର ଦେଖିଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁରା ଖାଲି ରହିଥିଲା,
ଅନ୍ତରକୁ ଜଣେ ଅବାଧେ ପଶିବ
କବାଟଟା ଖୋଲାଥିଲା ।
ଅତିବ ସୁନ୍ଦର ତାହାର କୁଟିର
ଛାତ ଉପରରେ ଲତା,
ଅତିଶୟ ବୁଣି ବହଳିଆ ତୁନି
ରହିଛି ସତର କଥା ।
ଅଥୟ ଯେ ଥିଲି ଭେଟିବାକୁ ଖାଲି
ଚଂଚଳ ପାଦ ବଢ଼ାଏ,
ଅନେଇଲି ତେବେ ଶୁଣିଛି ପୁରୁବେ
ବୃକ୍ଷକୁ କି ବାଜିଥାଏ ।
ଅନୁପାଇଥିଲି କଣ ସିଏ ଭାଳି
କୁସୁମ ପଡ଼ୁଛୁ ଦେଖେ,
ଅତିବହଳିଆ କୁସୁମ ପଡ଼ିଲା
ଶରୀର ପଥରେ ଦେଖେ ।
ଅମ୍ବରକୁ ଚାହିଁ ଯେମିତି ଦେଖିଲି
କୁସୁମ ଯେ ଝରୁଥିଲେ,
ଅନିଳ ଆଘାତେ ଧିରେଧିରେ ସତେ
ସମତା ଲଭି ନାଚିଲେ ।

ଅତିଶୟ ପୁଣି ବୃକ୍ଷ ଡାଳି ଜାଣି
ହଲୁଥିଲା ଦେଖେ ଯେବେ ,
ଅଦୂରେ କେ ଥିଲା ସ୍ୱର ଶୁଭୁଥିଲା
ଅନେଇଲି ତାକୁ ତେବେ ।
ଅନୁଦ୍ଧତ ସିଏ ଓଠେ କହୁଥାଏ
ଶିଷ୍ୟଙ୍କୁ ପାଖରେ ପାଇ,
ଅଙ୍ଗରକ୍ଷକର ଏ ନୂଆଁ ସଂସାର
ଶିକ୍ଷକତା ଭାର ଚାହିଁ ।
ଅନୁମାନ କରି ମାରିବାକୁ କହି
ଲକ୍ଷ୍ୟ ସ୍ଥଳକୁ ଦେଖିଲେ,
ଅଙ୍ଗରକ୍ଷକ ଏ ଗୋଟିକୁ ବତାଏ
ଅନେକ ବି ପାଖେଥିଲେ ।
ଅନେକ ଅଧରେ ହସ ଗୁପ୍ତଝରେ
କିଚିଂତ ନୟନେ ଚାହେଁ,
ଅଧରରେ କେହି ହସକୁ ଦବାଇ
ମନେମନେ ହସୁଥାଏ ।
(କ୍ରମଶଃ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମା ସରସ୍ୱତୀ



ସମ୍ୟଜିତ ପାତ୍ର

ହେ ହଂସବାହିନୀ ମା ସରସ୍ୱତୀ,

ତୋ କୃପାଦୃଷ୍ଟି ପଡୁ ଆହେ ଜ୍ଞାନଦାୟିନୀ ।

ଆତ୍ମବିଶ୍ୱାସର ଶକ୍ତି ଦିଅ ଆମକୁ ମା ,

ମନରେ ଦିଅ ବିଶ୍ୱାସର ଜ୍ୟୋତି ମା ।

ଧର୍ମ ପଥରେ ଚାଲିବାକୁ ସାହସ ଦିଅ ମା,

ଜୀବନ ପଥରେ ଚାଲିବାକୁ ବିଦ୍ୟାବୁଦ୍ଧି ଦିଅ ମା ।

ଦୂର ହେଉ ଆମ ମନକୁ ଲୋଭର ଅଗ୍ନି ମା,

ତୁମ ଆଶିଷେ ଭସ୍ମିଭୂତ ହେଉ ସବୁ ଦୁଃଖର ଦିନ ମା ।

ଗ୍ରାମ/ ପୋଷ୍ଟ-ଗଡିଆ
ଜିଲ୍ଲା-ମୟୂରଭଂଜ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମା ସରସ୍ୱତୀ



ରାଜେନ୍ଦ୍ର ବୋଡ଼କିଆ

ନମସ୍ତେ ମା ଗୋ ବୀଣାପାଣି
ତୁମ ପାଦ ତଳେ ମୁଁ ଚିର ଋଣୀ
ତୁମ କୃପା ବଳେ କାଳିଦାସ
ମୂର୍ଖ ରୁ ପଣ୍ଡିତ ଯେ ହେଲେ
ନମୋ ନମୋ ମା ଗୋ ବାଗଦେବୀ
କୃପା କରି ଥାଅ ମା ସଦା
ତୁମ କୃପା ହେଲେ ଅସାଧ୍ୟ
ଯେ ସାଧ୍ୟ ହୁଏ
ତୁମ ଆଶୀର୍ବାଦେ କାଳିଦାସ
ରଚିଲେ ନାନା ଗ୍ରନ୍ଥମାନ
ଏ ଧରା ଧାମେ ପରିଚିତ ହେଲେ
କବିଶ୍ରେଷ୍ଠ କାଳିଦାସ ନାମେ
ଦେବୀ ସରସ୍ୱତୀ ବିଦ୍ୟା ଦାୟିନୀ
ବିଦ୍ୟାର ଭଣ୍ଡାର ମା କଣ୍ଠ ଦାୟିନୀ
ତୁମେ ପୂଜା ପାଅ ମା
ମାଘ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ
ଏହାକୁ ଲୋକେ ଶ୍ରୀପଞ୍ଚମୀ ନାମେ
ପାଳନ କରନ୍ତି ଆଡ଼ମ୍ବରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶିକ୍ଷାନୁଷ୍ଠାନ, ସରକାରୀ, ବେସରକାରୀ କାର୍ଯ୍ୟାଳୟେ

ସବୁଠି ପାଳନ ହୁଏ ଶ୍ରୀପଞ୍ଚମୀ

ଧୂପଦୀପରେ ମହକି ଉଠେ ପୂଜା କୋଠରୀ

ଘଣ୍ଟି ଶବଦେ ସୃଷ୍ଟି ହୁଏ ଭକ୍ତିଭାବ

ପୂଜା ଶେଷେ ହୁଏ ପୁଷ୍ପାଞ୍ଜଳୀ

ସମସ୍ତେ ମନ୍ତ୍ରୋଚ୍ଚାରଣ କରନ୍ତି :-

"ଯା କୁନ୍ଦେନ୍ଦୁ ତୁଷାର ହାର ଧବଳା ଯା ଶୁଭ୍ର ବସ୍ତ୍ରାବୃତା

ଯା ବୀଣା ବରଦଣ୍ଡ ମଣ୍ଡିତକରା ଯା ଶ୍ୱେତ ପଦ୍ମାସନା

ଯା ବ୍ରହ୍ମାଚ୍ୟୁତ ଶଙ୍କର ପ୍ରଭୃତିଭିଃ ଦୈବୈ ସଦା ବନ୍ଦିତା

ସା ମାଂ ପାତୁ ସରସ୍ୱତୀ ଭଗବତୀ

ନିଃଶେଷ ଜାଡ୍ୟାପହ୍ୟା ।"

ପୁଷ୍ପାଞ୍ଜଳୀ ପ୍ରଦାନ ପରେ ସମସ୍ତେ

ପ୍ରଣତି ଜଣାନ୍ତି ଦେବୀଙ୍କ ଚରଣେ

ନମୋ ନମୋ ମା ଗୋ ସରସ୍ୱତୀ

ପ୍ରଣାମ କରୁଛି ତୁମ ପାଦତଳେ

କୃପା କରିଥାଅ ମା ସଦାବେଳେ ।

କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଭବାନୀପାଟଣା ଓଡ଼ିଶା

ସ୍ନାତକ ତୃତୀୟ ବର୍ଷ ଓଡ଼ିଆ ସମ୍ମାନ

ମୋ – ୮୧୧୪୩୫୩୮୫୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଦ୍ୟାଦାୟିନୀ



ସତ୍ୟନାରାୟଣ ମିଶ୍ର

କିଏ କହେ ତତେ ବିଦ୍ୟା ଦାୟିନୀ ତ
କିଏ କହେ ସରସ୍ୱତୀ
କିଏ କହେ ବୀଣା ବାଦିନି ମାଆ ଗୋ
ବାଗ୍ଦେବୀ ବାଣୀ ଭାରତୀ
ପଦ୍ମସନୀ ଶୁଭ୍ର ବସନା  ଜନନୀ
ମରାଳ ବାହିନୀ ବରଦା
ପଦ୍ମଯୋନି ସୁତା  ଭୁବନ ବନ୍ଦିତା
ବିଷ୍ଣୁ ମୋହିନୀ ସାରଦା
ନାମେ ତୋ ଶକତି ନାମେ ତୋ ଭକତି
ଅଜ୍ଞାନ ତିମିର ନାଶିନୀ
କଳା  ଭଣ୍ଡାର ର ମାଲି କାଣି ତୁମେ
ନୃତ୍ୟ ସଙ୍ଗୀତ ର ସାରଣୀ
ଶ୍ରୀପାୟରେ ତୋର ସରଣ ଦେବୁ ଗୋ
ଏତିକି ଦାସ ର ମାଗୁଣି
କିଞ୍ଚିତ କରୁଣା ସିଞ୍ଚିବୁ ମୋ ମାଥେ
ବିଦ୍ୟା ନିଧି ଧୀ ମନ୍ଦାକିନି

ସିଂଧେକେଲା, ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଦୀପାଳୀ



ଝରଣା ବାରିକ

ଦୀପ ଟିଏ ହୋଇ ଜଳୁ ଥିବି ମୁହିଁ
ଲୁହକୁ କରି ବି ତେଲ,
ମନକୁ ମୋହର ସଳିତା କରିବି
ଯଦି ତୁମେ ପାଅ ଭଲ ।

ହୃଦୟ ମନ୍ଦିରେ ଦେବତା କରିବି
ପ୍ରେମକୁ ତୁମର ନେଇ,
ଆଜି ବି କହୁଛି କାଲି କହୁଥିବି
ଭଲପାଏ ବୋଲି ମୁହିଁ ।

ଯେବେ ନେବ ତୁମ ଘରକୁ ତୁମର
ନବ ବଧୂ ଟିଏ କରି
ଜଳି ଜଳି ନିଜେ ଆଲୋକ ବାଣ୍ଟିବି
ହସ ଖୁସି ଦେବି ଭରି

ହୃଦୟ ମୋହର ତୁମକୁ ଦେଇକି
ଯାଇଛି ତୁମରି ହୋଇ,
ତୁମରି କୋଳରେ ମୁଣ୍ଡ ରଖିଦେଲେ
ସବୁ ସୁଖ ଯାଏ ପାଇ ।

ତୁମେ ମୋ ସିନ୍ଦୂର ତୁମେ ହିଁ ସୁହାଗ
ମୋ ଜନମ ତୁମ ପାଇଁ,
ତୁମରି କୁଳର ନବ ବଧୂ ସାଜି
ସବୁବେଳେ ଥିବି ରହି ।

ତୁମ ହସ ହୋଇ ଝରୁଥିବି ନିତି
ଆଖିରେ ଦେବିନି ଲୁହ,
ଭଲପାଇବାର ମଞ୍ଜି ଦେବି ବୁଣି
ଛୁଟିବ ଖୁସିର ସୁଅ ।

ସମଲ, ତାଳଚେର, ଅନୁଗୁଳ
ଭ୍ରାମ୍ୟଭାଷ : ୯୪୩୭୪୬୯୩୨

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କିଛି ଭଲକାମ କର !



ହରେରାମ ପଣ୍ଡା

କିଏ ଭାବୁଥାଏ ପର ତଣ୍ଟି ଚିପି
ରାତାରାତି ଧନୀ ହେବି ,
କଳେ ବଳେ ଅବା କଉଶଳେ ମୁହିଁ
ଉଚ୍ଚ ଆସନ ପାଇବି ।
ଦିନ ଆଲୁଅରେ ବନ୍ଧୁକ ଦେଖାଇ
ପର ତଣ୍ଟି କିଏ କାଟେ ,
ପଦ କ୍ଷମତାର ଉପଯୋଗ କରି
ରାଜକୋଷ କିଏ ଲୁଟେ ।
ଜଟାଦାଢ଼ି ରଖି ଗେରୁଆ ପିନ୍ଧିକି
କିଏ ବା ସାଧୁ ବୋଲାଏ ,
ହାତର ସଫାଇ ଦେଖାଇ ଭକ୍ତଙ୍କୁ
ଦିବାଲୋକେ ଲୁଟୁଥାଏ ।
କିଏ ମରୁଥାଏ ଉପାସ ଭୋକରେ
ଭଙ୍ଗାଚାଳି ତଳେ ରହି ,
ବିଳାସ-ବ୍ୟସନେ କାହା ଦିନ କଟେ
ରମ୍ୟ ପ୍ରାସାଦରେ ଥାଇ ।

ବନ୍ୟା, ବାତ୍ୟା ଅବା କରୋନା ବିପତ୍ତି
ସର୍ବନାଶ କା'ର ହୁଏ ,
ସରକାରୀ ମାଲ୍ କରେ ମାଲାମାଲ୍
ପୁଷମାସ କାର ହୁଏ ।
ଧନଦଉଲତ କ୍ଷଣିକ ପାଇଁକି
ଆଜି ଅଛି କାଲି ନାହିଁ ,
କାହାର ଭାଗ୍ୟରେ କିସ ବା ଘଟିବ
କିଏସେ ପାରିବ କହି ?
ଧନ, ମାନ, ଯଶ, ଐଶ୍ୱର୍ଯ୍ୟ ଆଗରେ
ମଣିଷପଣିଆ ସାର ,
ଜଗତର ହିତ ସାଧନ ପାଇଁକି
କିଛି ଭଲକାମ କର !

କୁଆଁସ , ମେର୍ଦ୍ଧା କାଟିଆଛକ , ଯାଜପୁର ।
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ,
ମଧୁପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ।
ଭ୍ରାମ୍ୟଭାଷ - ୯୪୩୮୦୭୫୯୧୫.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଁ ନାରୀ



ମଧୁସ୍ମିତା ମାଝୀ

ଏ ନାରୀ ଜନନୀ, ଏ ନାରୀ ଭଗିନୀ
ଏଇ ନାରୀ ପୁଣି ଜାୟା
କେତେ ରୂପ ଧରି ଏ ମହୀ ମଣ୍ଡଳେ
ବିସ୍ତାରିଛି ତାର କାୟା ।
ଦଶମାସ ନିଜ ଗର୍ଭରେ ରଖି
ନରକ ଯନ୍ତ୍ରଣା ସହି
ମରଣ କୋଳରେ ଶୋଇ
ଜୀବନକୁ ଯିଏ ଜନ୍ମ ଦିଅଇ
ଏଇ ନାରୀ ପରା ସେହି ।
ଯା' ଗର୍ଭରେ ରହି, ଯା'ର କୋଳେ ଶୋଇ
ଯା'ର ଉଷୁମ ପରଶ ପାଇ
ଦୁନିଆରେ ଆଜି ପ୍ରତିଷ୍ଠିତ ହେଲ
ଯା' ବକ୍ଷୁ ଅମୃତ ପିଇ ।
ଅଧର୍ମ ବିରୁଦ୍ଧେ ଲଢ଼ିବା ପାଇଁ ଯେ,
ତୁମ ହାତେ ଧରାଇଲା ଅସ୍ତ୍ର
ଏଡ଼େ ବଳବାନ ହୋଇଗଲ ଆଜି
ସେ ନାରୀକୁ ପୁଣି କରୁଛ ନିର୍ବସ୍ତ୍ର ?
ହେ ମୃତମାନବ ସୁଧୁରି ଯାଅରେ
ଏବେ ବି ଅଛିରେ ବେଳ
ସର୍ବସଂହା ଯେବେ ହେବ ଭୟଙ୍କରୀ
ନାଶିଦେବ ଏକା ହାତେ ଖଡ଼ଗ ଧରି
ଆସିଯିବ ତୁମ କାଳ ।
ଗୁହାରୀ ମୋ ଶୁଣ
ଆହେ ସର୍ବମୟ
ମୋର ସଂଖ୍ୟା ଏଠି
କରିଦିଅ ଶେଷ,
ଅନ୍ତତଃ ମୁଁ ଜନମ ନୋହିଲେ
ଏ ପାପୀଙ୍କର ଏଇଠି
ହେବ ସର୍ବନାଶ ।
କାନ୍ଦୁଛି ମୋ ମନ
ଜଳୁଛି ହୃଦୟ
ମୁଁ ନାରୀ
ସନ୍ତାନ ଜନ୍ମ ଦେବାକୁ
ଆଜି କରୁଅଛି ଭୟ ।

ବଡ଼ବେରଣା, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରଥମ କବିତା



ଅଜୟ କୁମାର ଜେନା

ନଇଁ ଯାଇଛି ସୂର୍ଯ୍ୟ  ପାହାଡ଼ ମଧ୍ୟରେ,

ଛାଡି ଶେଷ କିରଣ ତାର  ।

ସନ୍ଧ୍ୟା ର ସମୟକୁ ଆକଳନ କରି,

ଫେରି ଆସିଛି ପକ୍ଷୀ ନିଡ କୁ ତାର  ।

ଶୁଣି ସେ ମଧୁର ସ୍ୱର,

ଖୋଲି ଦେଲି ମୁଁ ମୋ ଘର ର ଦ୍ୱାର  ।

ଆଖି ଆଗେ ଝଲସୁଛି ସେ ଗୋଟାଏ ପକ୍ଷୀ,

ମନେ ମନେ ପଚାରିଲି କାହିଁ ତୋ ସାଥୀ  ।

ଏତିକି ବେଳେ, ଅନ୍ୟ ପକ୍ଷୀ ଉଡି ଆସି ବସିଲା ସେ ଡାଳେ,

ସୁରୁ ହେଲା ସେ କୌତୁହଳ,

ଯାହା ହୋଇଥିଲା ସୂର୍ଯ୍ୟଉଦୟ ବେଳେ  ।

ଏ ଡାଳ ରୁ ସେ ଡାଳ ଉଡି ଉଡି ବୁଲି,

ମିଶାଇ ସ୍ୱର ରେ ସ୍ୱର,

ମଧୁର ତାନ ରେ ସନ୍ଧ୍ୟା କୁ ମୋ କରି ଗଲେ ସୁମଧୁର  ।

ସତେ ଯେମିତି ସେ ଦୁହେଁ ପ୍ରକୃତି ର କଳାକାର  ।

ଦେଖି  ଏ ସବୁ ମନ ହେଲା ଉଲ୍ଲସିତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇଚ୍ଛା ହେଉଥାଏ ତୁମରି ଭାଷା ରେ ହେଇ ଦୁଇ ପଦ କଥା
ବସିଥାନ୍ତି କି ମୁଁ ତୁମରି ମିତ ।
ବୋଧେ ତୁମେ ମୋତେ କେବେ ଜାଣି ନ ପାର,
କିଏ ମୁଁ, ଆଉ କେଉଁଠି ମୋ ଘର ।
ହେଲେ ମୁଁ ତୁମକୁ ଆପଣେଇଛି,
ସାଜିଚ ଆଜିଠୁ ତୁମେ ପଡୋଶୀ ମୋର ।
ସନ୍ଧ୍ୟା କୁ ସାଉଁଟି ଆଗମନ ହେଲା ରାତି,
ନିଡ ଭିତର କୁ ଚାଲିଗଲେ ସେଇ ଦୁଇ ସାଥୀ ।
ଉଙ୍କି ମାରେ ମନେ ମୋ ପୁଣି ପ୍ରଶ୍ନ ର ଜୁଆର,
ହେ ପକ୍ଷୀ, କହିବ କି ! ! କି ଅବା ଅଟେ ସମ୍ପର୍କ ତୁମର ?
ନିଜକୁ ନିଜେ ପୁଣି ଦେଲି ମୁଁ ଉତ୍ତର
ଯାହା ବି ହେଉ ନା କେଉଁ ସଂପର୍କ ତୁମର,
ଭଲ ପାଇବା ତୁମ ରହୁ ସଦା ନିରନ୍ତର ।

ଶିକ୍ଷକ, ମହୁଲପଲି, ବାଲିପଦର, ଗଞ୍ଜାମ, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁଃଖ



ସୁଶୀଲ କୁମାର ଭୋଇ

ଯେବେ ଘରର ଚାରିକାନ୍ଥରେ ଆବଦ୍ଧ ହୋଇ ଲାଗିଥିବା
ଆଇନା ସାମ୍ନାରେ ଛିଡ଼ା ହୋଇ ପ୍ରଶ୍ନକରେ
ହେ ଆଇନା କହ ମୁଁ କିଏ ଓ ମୁଁ କାହାର !???

ଆଇନାର ପ୍ରତିଛବି ମତେ ଉତ୍ତର ଦିଏ
ତୁ ଦୁଃଖ ଓ ଦୁଃଖ ତୋ ନିଜର,
ତୁ' ହବୁ ଅବା ଆଉ କାହାର !!

ଆଇନା ପ୍ରତିଛବିର ଉତ୍ତରକୁ ଲାଗେ ମତେ ଭାରି ଭଲ,
କାରଣ ଦୁଃଖ ଠାରୁ କିଏ ହେବ ଅବା ଅତି ନିଜର !!
ଛଳନାମୟ ଦୁନିଆରେ କିଏ ହୋଇଥାଏ କାହାର !?
ଏଠି ସମସ୍ତେ ତ' ସ୍ୱାର୍ଥପର କିଏ ହେବ ବା ନିଜର
କେବଳ ଦୁଃଖ ହିଁ ଆପଣାର ।

ସମ୍ପର୍କ ଭାଙ୍ଗିଯାଏ,ଶରୀରରୁ ଜୀବନ ଛାଡ଼ିଯାଏ,
ସାବକକୁ ତା' ମାଆ ପକ୍ଷୀ ଛାଡ଼ି ଯାଏ ଓ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାସୀ ମଉଳା ଫୁଲ ଝରିଯାଏ .....,,,,,

ହେଲେ ,,,,,,

ଦୁଃଖ କେବେ ଭାଙ୍ଗେ ନାହିଁ,

ପୁଣି କେବେ ଛାଡ଼େ ନାହିଁ,

କିମ୍ବା ସେ ମଉଳି ଝରେ ନାହିଁ,

ସବୁବେଳେ ସାଥେ ଥାଇ ଆପଣାର ହୋଇଥାଇ ।

ଦିନ ସରିଯାଏ,ରାତି ସରିଯାଏ

ଚନ୍ଦ୍ର ଓ ସୂର୍ଯ୍ୟଙ୍କର ଆତ ଜାତ ହେବା ମଧ୍ୟ ସରିଯାଏ ।

କିନ୍ତୁ ଦୁଃଖ କେବେ ସରେ ନାହିଁ .....

ସୁଖ ସିନା କ୍ଷଣସ୍ଥାୟୀ ଏଇଥାଏ ଏଇ ନାଇଁ ।

ହେଲେ, ଦୁଃଖ ଥାଏ ଦୀର୍ଘସ୍ଥାୟୀ

ରହିଥାଏ ସାଥେ ଯାଇ ,ପରସେ କରେନା

କରିଲେ ଭୁଲେନା , ଆସିଥାଏ ଧାଇଁ ଧାଇଁ .... ।

ଜୀବନଟା ଏକ ନିର୍ଭୀକ ପ୍ରେମିକ,

ଦୁଃଖ ଥାଏ ତା'ର ପ୍ରେମୀକା,

ଦୁଃଖ ବିନା ସତେ ଅଧୁରା ପ୍ରେମଟା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲାଗୁଥାଏ ଭାରି ବେସାହାରା..... ।

ସାହାରା ପାଇଁ ତ' କେହି  ନଥାଏ,

ପାଖେ ଥାଏ ଖାଲି ଯନ୍ତ୍ରଣା,,,,,

ଯନ୍ତ୍ରଣା ଆଣଇ ଆପଣାର ପ୍ରିୟ

ଦୁଃଖର ଆଳତୀ ବନ୍ଦନା.... ।

ଦୁଃଖ ବିନା ଜୀବଟା ଅଧୁରା

ଦୁଃଖ ପାଇଁ ଜୀବନଟା ବେସାହାରା

ଦୁଃଖ ପାଇଁ ସୁଖର ନଥାଏ ମୂଲ୍ୟ

ଦୁଃଖ କେବଳ ଦୁଃଖ ହିଁ ଜୀବନ...... ।

(ଛାତ୍ର)

ବରକୁଦା, ପାଞ୍ଚଗାଁ,ଜଟଣୀ, ଖୋର୍ଦ୍ଧା (୭୫୨୦୫୦)

ଭ୍ରାମ୍ୟଭାଷ : ୭୩୭୧୭୭୭୮୭୬

ଇମେଲ୍ : sushilkumarbhoi9977@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଏଇ ତ ଆମ ଗାଁ



ଅନନ୍ତ ପଟେଲ

ସକାଳ ହେଲେ ନିଇତି ଉଏଁ
ପୂର୍ବ ଦିଗରେ ରବି
କେତେ ସୁନ୍ଦର ଗାଁଟି ମୋର
ଅଭୁଲା ତାର ଛବି ...
ସବୁଜ ଧରଣୀ ଦିଶଇ ରଙ୍ଗୀନ
ଆକାଶେ ଉଡ଼ଇ ପକ୍ଷୀ
କୋଠାଘର ସବୁ ଦିଶଇ ସୁନ୍ଦର
ମନ୍ଦିର ନା ପ୍ରତିଛବି...
କୌତୁହଳ ହୁଏ ମନଟି ମୋହର
ଭାବନା ନୁହଁଇ ଏ ତ ?
ଜନମ ନେଇଛୁ କୋଳରେ ତୋହର
ଗାଁ ଜାତି ପାଇଁ ହେବୁ ବୀରତ୍ୱ...

ପୋଖରୀ କୂଳେ ତା ତୋଟା ମାଳେ
ଖେଳୁ ନାନା ଖେଳ
ଗାଁ ଦାଣ୍ଡ ସବୁ ଖେଳି ଉଠେ ହସି
ସାଙ୍ଗସାଥି ହୋଇ ମେଳ...
ଶସ୍ୟଶ୍ୟାମଳ ପରିପୂର୍ଣ୍ଣ ହୋଇ
ଦିଶଇ କି ସୁନ୍ଦର
ଫୁଲ ଫଳ ସବୁ ରଙ୍ଗେ ଭରି ଉଠେ
ଉଡ଼ି ବୁଲନ୍ତି ଭ୍ରମର...
ନିଜ କ୍ଷେତେ ଆଜି ହଳ କରେ ଚାଷୀ
ଖୁସିରେ ହୋଇ ଆଗମନ
ଖରାବର୍ଷା ଶୀତ ଏକ କରି ସେ ତ
ଜୀଇଁ ଥାଏ ଜୀବନ...

କଦଳୀ ମୁଣ୍ଡା, କଳାହାଣ୍ଡି
ମୋ_୮୨୬୦୪୨୫୪୦୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମ୍ପର୍କ



ରାମଚନ୍ଦ୍ର ପ୍ରଧାନ

ସମ୍ପର୍କ ଅଟଇ ପବିତ୍ର ମନର
ଅନାବିଳ ଅନୁଭବ
ସଂସାର ସାଗରେ ସମ୍ପର୍କଟା ବୁଣେ
ସ୍ନେହ ପ୍ରେମ ସଦଭାବ ।

କେବେ ସେ ହସାଏ  କେବେ ସେ କନ୍ଦାଏ
କେବେ ଭରିଦିଏ ଲୁହ
କେବେ ସିଏ ଏକ ଉଛୁଳା ଆବେଗ
ପୁଣି ଅସରନ୍ତି କୋହ ।

ସମ୍ପର୍କ ଏମିତି ମମତାର ମୋହ
ପବିତ୍ର ଗଙ୍ଗାର ଧାର
କେବେ ସେ ଅଜଣା କେବେ ସେ ଅଚିହ୍ନା
ଆଉ କେବେ ଚିହ୍ନା ସ୍ୱର ।

ଜନମ ମରଣ ଜୀବନ ନଈରେ
ସମ୍ପର୍କଟା ସୂତାଖିଅ
ସେ ଅଛିଣ୍ଡା ଡୋରେ ଏ ଜୀବନ ଗୁନ୍ଥା
ଥରୁଟିଏ ଭାବି ନିଅ ।

ସ୍ୱାର୍ଥର ସମ୍ପର୍କ  ଗଢ଼ନାହିଁ ଭାଇ
ମିଛ ଅଭିନୟ କରି
ବଦଳାଅ ସର୍ବେ  ନିଜ ଗତିପଥ
ଈଶ୍ୱରଙ୍କ ନାମ ଧରି ।

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ: ୯୮୬୧୬୩୮୨୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦମନ



ଅଲେଖ ମେହେର

ବୃତ୍ତାସୁର ମନ ମୋର ପ୍ରତିକ୍ଷଣ କାୟାସ୍ଥିତ
ଦେବତ୍ୱକୁ କରେ ସର୍ବନାଶ,
କଉଣସି ଅସ୍ତ୍ର  ଶସ୍ତ୍ର ବାରି ନଭ ମେଦିନୀରେ
ହେବନାହିଁ  ତାହାର ବିନାଶ ।

ଦଧିଚୀଙ୍କ ଅସ୍ଥିମଜ୍ଜା ବଜ୍ରରୂପେ ହୋଇ ସଜା
ନିକ୍ଷେପିଲେ ସ୍ଥିତପ୍ରଜ୍ଞ  ଚିତ୍ତେ
ଅଣାୟତ୍ତ କାମକ୍ରୋଧ ଲୋଭମୋହ ମାତ୍ସର୍ଯ୍ୟକୁ
ଜିଣିହୁଏ ଗୋଟିଏ ମୁହୂର୍ତ୍ତେ ।

ପୂର୍ଣ୍ୟ  ମହୋଦଧି ତଳେ ଲୁଚି ଥିବା ସୁରରିପୁ
ମହାଜ୍ଞାନୀ ଅଗସ୍ତ୍ୟଙ୍କ ପାନେ,
ଶୁଷ୍କହେଲେ   ବିଲୋକିବା   ଶାନ୍ତ   ନମ୍ର
ସତ୍ୟଗିରେ
ପ୍ରଫୁଲ୍ଲତା ରହିବ ଜୀବନେ ।

କ୍ଷଣ ଭଙ୍ଗୁର ଜୀବନ ଅଟଇ ଯାହାର ଦାନ
ସେ  ନାମରୁ ନହେଲେ ବିଚ୍ୟୁତ,
କୋଟି ସୂର୍ଯ୍ୟ ବଳି ଆଭା ଇକ୍ଷଣ ପଟଳେ ତବ
ଉମାମହେଶ ହେବେ ସମ୍ଭୁତ ।

ପିଣ୍ଡ ବ୍ରହ୍ମାଣ୍ଡ ସମାନ ଦୃଢଚିତ୍ତେ କଲେ ଧ୍ୟାନ
ମୁଁକାରର  ହୋଇବ ମରଣ,
ତହିଁରୁ ଉତ୍ପତ୍ତି ଲଭି ସର୍ବଧର୍ମ ସମନ୍ୱୟେ
ଶାନ୍ତି ବିରାଜିବ ତ୍ରିଭୁବନ ।

ସୋହେଲା ବରଗଡ
ମୋ-୬୩୭୦୨୨୦୫୫୯

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଆଜିର ଜୀବନ



ରୁଦ୍ରନାରାୟଣ ଦାଶ

ଜୀବନର ଅର୍ଥ ଜାଣିପାରୁନାହିଁ
ଜୀବନର ଭାଷା ବୁଝିପାରୁନାହିଁ,
ଜୀବନରେ ମୋର ସତ୍ତା କେଉଁଠାରେ
ଜୀବନଚ୍‌କ୍ରର ମୁଁ କେଉଁ ସ୍ଥାନରେ ।୧ ।

ଜୀବନର ମୂଲ୍ୟ ଏଠି ଯେଣୁ ନାହିଁ
ଜୀବନ ଦର୍ଶନ ଆସିବ ବା କାହିଁ,
ଜୀବନ ତ ଭୋଗେ ନିର୍ବାସିତ ଦଣ୍ଡ
ଜୀବନକୁ ବାନ୍ଧେ ବିଳାସର ଭଣ୍ଡ ।୨ ।

ଜୀବନକୁ କରେ ସେ କୁପଥଗାମୀ
ବିଳାସ ଯେ ଏଠି ଜୀବନର ସ୍ୱାମୀ,
ମଧୁଭାଷା ମଧ୍ୟେ କଟୁ ବୀଜ ବୁଣେ
କେହି ଆଜି ଆର୍ତ୍ତ ଚ଼ିତ୍କାର ନଶୁଣେ ।୩ ।

ଆଜ ଜୀବନରେ ଭରି ପାପ-ବିଷ
ଅଙ୍କୁରିତ ହୋଇ କରେ ସର୍ବନାଶ,
ଜୀବନ ଭେଳାଟି ଭାସେ ବନ୍ୟାଜଳେ
ରକ୍ଷା କରିବାକୁ ନ ଆସନ୍ତି ତିଳେ ।୪ ।

ଠିକଣା- ଭୁବନେଶ୍ୱର
ମୋ- ୯୮୬୧୭୦୧୭୧୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନେ ଆସିବ ଝଡ଼



ନରେନ୍ଦ୍ର ପ୍ରସାଦ ବେହେରା

ସଂସାର ଯାତନା    ପାରୁନାହିଁ ସହି
କେମିତି ବଞ୍ଚିବି କୁହ
ବେଳୁବେଳୁ ଦୁଃଖ    ଅସହ୍ୟ ହେଉଛି
ଆଖିରୁ ବହୁଛି ଲୁହ    ।୧ ।

କେତେ ଆନନ୍ଦରେ    କରିଥିଲି ଘର
ଲଭିବା ପାଇଁ କି ସୁଖ
ସୁଖମୋର ଆଜି    ହଜିଗଲା ଦାଣ୍ଡେ
ପାଉଅଛି ଖାଲି ଦୁଃଖ ।୨ ।

ଭାସୁଥିଲି ଦିନେ    ସୁଖ ଦରିଆରେ
ମନରେ ନଥିଲା ଖେଦ
ସୁଖ ଆଜି ମୋର    ହେଲା ସାତପର
ଗଣୁଛି ଖାଲି ପ୍ରମାଦ    ।୩ ।

ଆପଣାର ହୋଇ    କଲା ପଦାଘାତ
କହିବି କାହାକୁ ଆଉ
ଦେଇ ଉପଦେଶ    ଖୋଲି ଦେଲି ଆଖି
ସାଜସି ରୂପକ ଦାଉ    ।୪ ।

ଶୁଣି ପଦେକଥା    ହୃଦହେଲା ହାଣି
ମୁଣ୍ଡ ହେଲା ଝାଇଁ ଝାଇଁ
ମାର ନାହିଁ କେବେ    କାହାପେଟେ ନାତ
ଅକାଳେ ପଡିବ ନଇଁ    ।୫ ।

ତୁଠ ନିରିମଳ    ପାଣି ଗଙ୍ଗାଜଳ
ମୁଗୁନି ପଥର ପଡିଛି
ହୃଦୟ ନିର୍ମଳ    ନୁହଁଇ ତୁମର
କାଳିଆ ସବୁ ଦେଖୁଛି    ।୬ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗର୍ବ ଅହଂକାର ବଢିଗଲେ ପ୍ରଭୁ
ନପାରନ୍ତି କେବେ ସହି
ନିକିତି ତଉଲ ସାନବଡ଼ ଦେଖି
ଦଣ୍ଡ ଦେଇଥାଏ ବିହି ।୭ ।

କେତେ ଦଣ୍ଡ ଆଉ ଭୋଗିଲେ ଜାଣିବ
ନିଜ କଲାକର୍ମ ଫଳ
ସମୟ ଆଗରୁ ସୁଧୁରିଣ ଯାଅ
ନହେଲେ ଘେନିବ କାଳ ।୮ ।

ଧନ ଓ ସମ୍ପତ୍ତି ମାନ ସନମାନ
ହୋଇଥାଉ ପଛେ ବଡ଼
ରହିବନି ତୋର ଗର୍ବ ଅହଂକାର
ଜୀବନେ ଆସିବ ଝଡ଼ ।୯ ।

ଅଦିନ ଝଡ଼ରେ ପଡିବୁ ତୁ ଝଡି
ଉଜୁଡି ଯିବ ତୋ କ୍ଷେତ
ମଝି ଦରିଆରେ ବୁଡିବ ତୋ ଡଙ୍ଗା
ଲୋକେ ମାରୁଥିବେ ନାତ ।୧୦ ।

ନାହିଁ ଆବିଳତା ମନ ମଧ୍ୟେ ମୋର
କରିନି କାହାକୁ ପର
ହୃଦୟ ମୋହର ଅଟଇ ନିର୍ମଳ
ସଭିଙ୍କର ଆପଣାର ।୧୧ ।

କରୁପଛେ ଯିଏ ମୋ ଅନିଷ୍ଟ ଚିନ୍ତା
ତିଳେମାତ୍ର ନାହିଁ ଭୟ
ନୟନେ ଦେଖୁଛି ତୋତେରେ କାଳିଆ
ରଖିଛି ତୋଠାରେ ଲୟ ।୧୨ ।

ଦୁଷ୍ଟ ନିବାରିଣ ସନ୍ଥ ପାଳୁ ବୋଲି
ଜଗତରେ ଅଛି ଭାଉ
ଜାଳିଦିଅ ତାର ଜିଅନ୍ତା ଶରୀର
ଜୁଇ ଜଳୁ ଦାଉ ଦାଉ ।୧୩ ।

କରୁଛି ପ୍ରାର୍ଥନା ଶୁଣିବ ଗୁହାରି
ଆସ ପ୍ରଭୁ ଅବତରି
ଦୁଃଖ ବଦଳରେ ସୁଖ ଦିଅ ପ୍ରଭୁ
ଜପିବି ନାମ ତୁମରି ।।୧୪ ।।

ସମ୍ପାଦକ-ମୋ ଅନୁଷ୍ଠାନ, ଆଳଦା,
ଖଇରା,ବାଲେଶ୍ୱର, ମୋ-୯୮୫୩୧୪୨୫୧୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେ



ଲିପ୍ସାଲୋପା ଜେନା

ସେ ଆଖି ମୋର ଖୁବ୍ ପସନ୍ଦ ର
କାହିଁକି ନା ସେ ଆଖି  ମୋ ପାଇଁ ହିଁ ସ୍ୱପ୍ନ ଦେଖେ
ସେ ଓଠ ମୋତେ ଖୁବ୍ ଭଲ ଲାଗେ
କାହିଁକି ନା ସମ୍ପର୍କ ର ନାଁ ନେଇ
ମୋତେ 'ଏଇ' ବୋଲି ସମ୍ବୋଧନ କରେ

ସେ ଚାହାଣି ମୋତେ ଭାରି ଭଲ ଲାଗେ
ଯିଏ ମୋତେ ଦେଖୁ ଦେଖୁ ଲାଜେଇ ଯାଏ
ସେ ଗୋଲାପ ମୋର ଭାରି ନିଜର
ଯିଏ ତୁମକୁ ଦେଖୁ ଦେଖୁ ଇର୍ଷାରେ
କଟି ଭାଙ୍ଗି ମୋ ପାଖରେ ଢ଼ଳି ଯାଏ

ସେ ଜହ୍ନ ମୋତେ ଭଲ ଲାଗେ
ଯିଏ ତୁମ ପାଖେ ନିଜ ଉଜ୍ଜ୍ୱଳତା ହରେଇ
ମେଘ ଆଢୁଆଳେ ଲୁଚିଯାଏ
ସେ ଚେହେରା ମୁଁ  ପାଶୋରି ପାରେନି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯେଉଁ ଚେହେରା ମୋ ନାଁ ର ସୌନ୍ଦର୍ଯ୍ୟ ରେ

ଚମକୁଥାଏ

ସେ କବିତା ରେ ମୁଁ ହଜି ଯାଏ

ଯେଉଁ କବିତା ର ପ୍ରତ୍ୟେକ ପଙ୍କ୍ତି ରେ

ମୁଁ ତୁମକୁ ଅନୁଭବ କରିପାରେ

ସେ ମୋତେ ଖୁବ୍ ଭଲ ଲାଗେ

କାହିଁକି ନା ମୁଁ ତୁମର ମୁଁ ତୁମର.......

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସେ



ଲୋପାମୁଦ୍ରା ପରିଡ଼ା

ସେ ଥିଲେ ମ ।

ଏଇଠି ଏବେ ଏବେ ବାହାରି ଗଲେ ।

ସେ ଆସିବେ ।

ଦିନେ ନା ଦିନେ

ଆସିବେ କହୁଥିଲେ ତ ।

ସେ ଅଛନ୍ତି ବୋଧେ ।

ଆମ ଭିତରେ ଅଛନ୍ତି କି !

ସେ ଲୁଚିଛନ୍ତି ହୃଦୟ କନ୍ଦରରେ ।

ଆମେ ଖୋଜୁଛୁ ସାରା ସଂସାରେ ।

ନିରାକାର କୁ ଆକାର ଦିଅ

ଭୋକିଲା କୁ କିଛି ନାହିଁ ତ ପାଣି ମୁନ୍ଦାଏ

ଦେଇ ଦେଖ

ହସଟେ ନିଷ୍କପଟ ହେଇ ବୁଣିଦିଅ

ଦେଖଦେଖ କେମିତି ହସମଞ୍ଜି କେତେ ଜଣଙ୍କୁ

କଥାକୁହା ଶିଖଉଛି ।

ମୁଣ୍ଡ ଝୁଲେଇ ଶବ ସବୁ ଚାଲୁଥିଲେ

ସେଠି ସଞ୍ଜିବନୀ ସିଞ୍ଚୁଛି ।।

ଭାରି ଅଭାବ ଏବେ ଏବେ

ମନର, ଶ୍ରଦ୍ଧାର, ବିଶ୍ୱାସର

ଅଣନିଶ୍ୱାସୀ ' ସେ ' ଆମ ଭିତରେ ହି

ନିଃଶବ୍ଦରେ !

ପ୍ରତିକ୍ଷଣ ସେ ତ ଜନ୍ମୁଛନ୍ତି

ଏଠି ସେଠି ସବୁଠି

ସହସ୍ର ସତ୍ତାରେ ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖାଲି ତୁମକୁ ସାନିଧ୍ୟ ଦେବା ଇଚ୍ଛାରେ ।
ତୁମେ ହି ତ ଅଣଦେଖା କରି
ପେଲିଚାଲିଛ
ତାଙ୍କ ବଢେଇଥିବା ହାତ
ତୁମ ଆଡକୁ ।

ବାଟ ଛାଡ ।
ଛାଡିଲେ ସିନା ସେ ଆସିବେ
ଭେଦି ତୁମ ଅହଂ ର ଦରଜା
ଏତେ କଡା କରି କିଳିଲେ ହବ କି
ଶ୍ୱେତ ସୂକ୍ଷ୍ମପରଦା ?

ଏତେ ଭେଳିକି ରେ ଭଳି ହେଇ
ତୁମେ ହି ତ ତାଙ୍କୁ ପାଶୋରିଲ ।
ସେ ତ କେବେଠୁ ସେଇଠି ଠିଆ ହେଇଛନ୍ତି
ଯୋଉଠି ବିସ୍ମରିଆସିଥିଲ ।

ପଛକୁ ନ ଫେରିଛ ଯଦି ତୁମେ
ଦୋଷ କଣ ତାଙ୍କର ?

ଝୁଣ୍ଟିଲା ବେଳେ, ଆଣ୍ଠିଲା ବେଳେ, ଜୁଝିଲା
ବେଳେ
ଖାଲି ତାଙ୍କୁ ଖୋଜିଛ ନା ।
କେବେ ଥରେ ଖୋଜିଛ କି
ହସିଲା ବେଳେ ,
ମନର ଡଙ୍ଗାରେ ରଙ୍ଗ ଲଦି
ଖୁସିର ନଈ ପାରି କଲା ବେଳେ ?

ତଥାପି ସେ ସେଇଠି ଠିଆ
ସେବେଠୁ ।
ତମାମ କାଳ ତୁମ ଅପେକ୍ଷାରେ ।।

ଏବେ ବି ସମୟ କହୁଛି
ଫେରିପାର,
ନେଇପାର ନିଷ୍ପତ୍ତି
ତାଙ୍କର ହେବାର ।

ଦେଖ କଣ ପାରୁଛ ?

ବାଙ୍ଗାଲୋର, ୯୭୩୧୦୫୭୦୧୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭାବେ ମୁଁ ସଙ୍ଗୀତ !



ତପନ କୁମାର ସାହୁ

ମୁଁ ଯେତେ ବେଳେ
ଖୁବ୍ ଏକା ଏକା ମନେ କରେ
ସେ ସଂଗୀତ ହିଁ ତ ସାଜେ ମୋର
ନିସଂଗତା ର ସାଥୀ
ହୃଦୟର ହୃଦ ସ୍ପନ୍ଦନ ରେ ଅହରହ
ଧପ୍ ଧପ୍ ଶବ୍ଦ କୁ ହିଁ
ଭାବେ ମୁ ସଙ୍ଗୀତ !

ମୁଁ ଯେତେବେଳେ
ଖୁବ୍ ଥାକିଯାଏ
କ୍ଲାନ୍ତ ଅବସନ୍ନ ଆଖି ନେଇ
ଖୋଜେ ସଙ୍ଗୀତକୁ
ଜନ୍ମ ମାତ୍ରକେ କୁଆଁ କୁଆଁ
ନବଜାତ ଶିଶୁର ରୋଦନ କୁ
ଭାବେ ମୁ ସଙ୍ଗୀତ !

ମୁଁ ଯେତେବେଳେ
ବେସାହାରା କୁ ସାହାରା
ଦେବାରେ ବ୍ୟସ୍ତ
ଜେଜେବାପା ଙ୍କ ବଙ୍କୁଲି ବାଡ଼ିର
ଠକ୍ ଠକ୍ ଶବ୍ଦ କୁ
ଭାବେ ମୁ ସଙ୍ଗୀତ !

ମୁଁ ଯେତେବେଳେ
ଦିଅଁ ଦର୍ଶନ ପରେ
ଓହ୍ଲାଉ ଥାଏ ମନ୍ଦିର ପାହାଚ
ଭିକାରୀ ହାତରେ ଥିବା
ଭିକ୍ଷା ଥାଳିର ଝୁଣ୍ ଝୁଣ୍ ଶବ୍ଦ କୁ
ଭାବେ ମୁ ସଙ୍ଗୀତ !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ଯେତେବେଳେ

ପ୍ରତାରଣା ର ପ୍ରତିବିମ୍ବ କୁ ଆଙ୍କୁ ଥାଏ

ଫୁଲ ଦେହରେ

ଭଅଁର ଆଙ୍କିଚାଲେ ତା ଚୁମ୍ବନ

ପ୍ରତାରଣାର ମଧୁଗୁଞ୍ଜନ

ମୁହଁ ମୋଡ଼ି ଉଡ଼ିଯିବାର ସେ ଶବ୍ଦକୁ

ଭାବେ ମୁ ସଙ୍ଗୀତ !

ବେଲଗାଁ, ମ. ରାମପୁର

କଳାହାଣ୍ଡି.

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ମଣିଷ ଜୀବନ



ଟୋନିସ୍ ରୋହିଦାସ୍

ଗୋଲାପ ଗଛ ରେ ଥାଏ କଣ୍ଟା
ତଥାପି ଗୋଲାପ ଫୁଲ ଦେଖି ବାକୁ
ଲାଗେ ସୁନ୍ଦର । ।
ଦୁନିଆ ରେ ଲୋକ ଅଛନ୍ତି ବହୁତ
କେତେ ଭଲ କେତେ ମନ୍ଦ
ତଥାପି ସଭିଏଁ ଲାଗନ୍ତି ନିଜର । ।

ଯେମିତି ଦିନ ରେ ସୂର୍ଯ୍ୟ
ରାତି ରେ ଚାନ୍ଦିନୀ ହସେ
ସେମିତି ଜୀବନ ରେ ଦୁଃଖ
ପରେ ସୁଖ ଆସେ ।
ବାଟ ତ ଅନେକ ଅଛି ଜୀବନ ବାଟରେ
କେତେ କଣ୍ଟା କେତେ ଯାତନା ।
ସବୁ ଯିଏ ସହି ପରେ ସିଏ ସିନା
ଦୁନିଆଁ ରେ ନା କରେ । ।

ଏ ତ ମଣିଷ ଜୀବନ ଅଟେ ଅଙ୍କା ବଙ୍କା
ସମୁଦ୍ର ଗଭୀର ଜଳ ପରି ଆଖିରୁ ଝରେ ଲୁହ
କେତେ କେତେ ଢେଉ ଆସିଯାଏ ମାଡି
ତଥାପି ଜୀବନେ ହରିବାକୁ କେବେ ଦରେନି । ।

ସୁନ୍ଦରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଝରା ଲୁହ



ଦୁଷ୍ମନ୍ତ ବେହେରା

ଝରୁଛି ମୋ ଆଖି ର ଲୁହ
ମନ ଭିତରର କ୍ଷତ ଆପେ ମରୁଛି
ଏମିତି କଣ ଭୁଲ ଥିଲା ପ୍ରିୟା
ରକ୍ତରେ ଟାଣିଦେଲ ଲେପନର ଗାର

ଝୁରୁଛି ପ୍ରିୟା ତତେ କହୁଛି ମନେ
କାହିଁକି ଜାଳିଦେଲ ମୋ ମନ ସପନେ
କେମିତି କହିବି ଭଲ ପାଉଛି ଏତେ
ଜୋଛନାରେ ଖୋଜୁଛି ଏଠି ତତେ

ଛଳନାରେ ଭସେଇ ଦେଲ ମୋତେ
ମନକୁ ମୋ ମାରିଦେଲ ମନ ଦେଇ
ଝରା ଲୁହ ସ୍ରୋତ ରେ ଭାସୁଛି
ଭସେଇ ଦେଲ ଲହଡିର ଢେଉରେ

ଝରଣା କୂଳେବସି ଭାବୁଛି ତୁମକଥା
ଲହଡି ର ଢେଉ ରେ ଦିଶୁଥିଲା
ଝଳନା ର ଭାଷା ଝାପ୍ସା
ସ୍ୱପ୍ନ ଦେଖେଇଲ ରାଇଜ

ବାରିଧିର ସ୍ୱପ୍ନ ଦେଖେଇ ଛାଡିଦେଲ
ଝରା ଲୁହ ରେ ଝୁରୁଛି ମୋ ମନ
ତୁମେ କି ବୁଝିବ ମୋ ଝରାଲୁହ
ତୁମରି ଛବି ରେ ଝରୁଛି ମୋ
ଆଖିର ଲୁହ ମୁଁ ଝରାଲୁହ

ରାସୋଳ(ମୁଣ୍ଡିଆପଷି)
ଢେଙ୍କାନାଳ
ମୋ ନଂ-୯୯୩୭୬୪୭୫୦୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଫେରା ଅତୀତ



ବାସନ୍ତୀଲତା ଜେନା

ଅଫେରା ଅତୀତ ମନେ ପଡେ ଆଜି
ରହି ରହି ପ୍ରତିକ୍ଷଣ
ଅତୀତ ହଜିଛି ସାଗର ଗର୍ଭରେ
ନ ମିଳେ ତାର ଦର୍ଶନ ।୧।

ଖଟା ମିଠା କେତେ ସ୍ମୃତି ଅନୁଭୂତି
ପିଲା ଦିନେ ମୋର ଥିଲା
ସାଙ୍ଗ ସାଥି ମେଳ ଲୁଚକାଳି ଖେଳ
ସୁଖ କେତେ ଦେଉଥିଲା ।୨।

କେତେ ବେଳେ ସ୍ମୃତି ଫୁଲ ପାଖୁଡ଼ାରେ
ମଧୁର ମହକ ଦିଏ
ଦରଦ ଘଟଣା କିଛି ଘଟି ଥିଲେ
ମନ ତ ଉଦାସ ହୁଏ ।୩।

ତୋହ ଠାରେ ଯେବେ ସ୍ୱପ୍ନ ଖୋଜୁ ଥିଲି
ଆଶା ଅଙ୍କାକ୍ଷାକୁ ନେଇ
ଆଜି ସେଇ ସ୍ୱପ୍ନ ଦୂରେଇ ଯାଇଛି
ଜଞ୍ଜାଳ ଭିତରେ ରହି ।୪।

ଅଭିମାନ କଲି ବନ୍ଧୁ ଠାରେ ମୁହିଁ
ସମ୍ପର୍କ ହୋଇଲା ଖଟା
ପ୍ରୀତିର ପରଶ ସ୍ନେହ ବନ୍ଧନର
ଆବେଗର ମଧୁ ଛିଟା ।୫।

ଅତୀତ ହଜିଛି ସମୟ କୋଳରେ
ଆଉ ସେ ଫେରିବ ନାହିଁ
ମନ କୁଞ୍ଜବନେ ସ୍ମୃତି ରାଜି ଖାଲି
କଥା ଛଳେ ବସେ କହି ।୬।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୃଦୟେ ସାଇତା ସ୍ମୃତିର ଫରୁଆ

ସୁଖ ଦୁଃଖର ଘଟଣା

ସୁଖକୁ ସୁମରି ଦୁଃଖ ଭୁଲିବାକୁ

କରୁଛି ଆଜି ବାହାନା ।୭।

ଫେରିବନି ବୋଲି ଆଉ ସେ ଅତୀତ

ବେଶୀ ମନେ ପଡେ ଆଜି

ଶୈଶବ ଯୌବନ ବାର୍ଦ୍ଧକ୍ୟ ଆସିଲା

ଆଖିପତା ଗଲା ଭିଜି ।୮।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

ଗାନ୍ଧିନଗର, ନବରଙ୍ଗପୁର ।

 Magazine Downloaded from www.aahwaan.com

# ଅଢ଼େଇ ଦିନ



ରାକେଶ ଷଡ଼ଙ୍ଗୀ

ନଦୀ ସ୍ରୋତ ପରି ଯାଏ ବୋହି ବୋହି
ବର୍ଷ, ମାସ ଆଉ କେତେ ଯେ ଦିନ
ଜୀବନର ରଥ ଯାଏ ଗଡ଼ି ଗଡ଼ି
ପଶ୍ଚିମରେ ରବି ଅସ୍ତୟମାନ
ଗଢ଼ି ଉଠେ ଯେତେ ବାସନା, କାମନା
ସବୁ ଭାଙ୍ଗି ଦିନେ ହେବ ନିଶ୍ଚିହ୍ନ
ଦକ୍ଷିଣୀ ପବନେ ଜଳିଯିବ ଦିନେ
ଅହମିକା ବୃକ୍ଷ, ଜଙ୍ଗଲ,ବନ
ଉଡ଼ିଯିବ ହଂସ ରୁକ୍ଷ ଦ୍ୱାର ମେଲି
ସରିଯିବ ଘୃତ ଦୀପ ଦହନ
କ୍ଷଣିକ ସୁଖରେ ବୁଡ଼ି ଖେଳୁଥିବା
କୃଷ୍ଣ ନାଗ ଦିନେ ଦେବ ଦଂଶନ
ଦେହ ଦେହ ବୋଲି ଦେହେ ଯିବ ପଡ଼ି
ଗରଳ ପ୍ରଭାବେ ନୀଳବର୍ଣ୍ଣ
ମୁଁ ଆଉ ମୋର ଅଟ୍ଟାଳିକା ଘର
ଭାଙ୍ଗି ହେବ ଦିନେ ବିଲୁପ୍ତ ମାନ
ତୃପ୍ତି, ଆତ୍ମତୃପ୍ତି, ହସକାନ୍ଦ ସବୁ
ଦିଶୁଥିବା ଯେତେ ମନୋରଞ୍ଜନ
ଇନ୍ଦ୍ରଧନୁ ରଙ୍ଗ ରହିବ ନାହିଁଟି
ସବୁତ ଅଟଇ ଅଢ଼େଇ ଦିନ ।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ
୭୮୫୩୦୭୬୦୭୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଗ



ସତ୍ୟବ୍ରତ ସାହୁ

ମାଗ..

ଯାହା ମାଗିବାର ଅଛି

ମୋ' ପାଖରେ ତମ ପାଇଁ ଅଦେୟ କିଛି ନାହିଁ

ମୁଁ ତମକୁ ସବୁକିଛି ଦେବାକୁ ପ୍ରସ୍ତୁତ ।

ସ୍ନେହ, ପ୍ରେମ, ପ୍ରୀତି ବା ପ୍ରଣୟ

ପ୍ରସ୍ତୁତ ମୁଁ ଦେବାପାଇଁ ମୋ' ସାରା ଆୟୁଷ ।

ମାଗ..ମୋ' ହୃଦୟ

ଖୋଲି ଦେବି ତମ ଆଗେ

ପଢିନେବ ଆଦ୍ୟ-ପ୍ରାନ୍ତ

ଦେଖିନେବ ସ୍ନେହ, ପ୍ରେମ, ଘୃଣାର ଅସ୍ତିତ୍ୱ ।

ମନ ମାଗ...କଥା ମାଗ..

ମାଗିପାର ଜୀବନ ବୃତାନ୍ତ

ଅବିଳମ୍ବେ କରିବି ପ୍ରଦାନ ।

ଯଦି ନମାଗିବ କିଛି..

ରଖିବ ତ କଥାଟିଏ ମାଗିବି ତମକୁ !

ଭୁଲ୍ କେବେ ବୁଝିବନି ମୋତେ ଥିବା ଯାଏ

ଆମର ଆୟୁଷ

ଭୁଲ୍ କେବେ ବୁଝିବନି ମୋତେ ତମ ଆଗୁ

ମୋର ଯଦି ହୋଇଯାଏ ଅନ୍ତ ।

ପଲ୍ଲାସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସିଛି କଲ୍କୀ



ଅମରନାଥ ବାରିକ

କିହେଲା କିହେଲା ଯୁଗଲୋ ମିତଣୀ
କିହେଲା କିହେଲା ଯୁଗ
ସାନାଟାଇଜର ହାତରେ ମାଖିଲେ
ଦୂରେଇବା ପାଇଁ ରୋଗ ।
ଦଶା ଏ ତ ଭୋଗାଭୋଗ
ନିଶ୍ୱାସ ପ୍ରଶ୍ୱାସ ନେବା କଷ୍ଟସାଧ୍ୟ
ମାଆସ୍କ ଦେଖାଏ ବାଗ ।।

ଦେବାଳୟ ହେଲା ନିଷେଧ ଭକତେ
ପାଦୁକ ଜଳ ବର୍ଜନ
ବିକୃତ ହୋଇଲେ ମନୁଷ୍ୟ ସମାଜ
ଖୋଜିଚାଲେ ଭେକସିନ ।
ଭୁଲିଯାଇ ଭଗବାନ
କୋଭିଡ୍ ନାଇଣ୍ଟିନ୍ ଲଢ଼େଇ ଜିତିବା
ସରକାରଙ୍କ ଆହ୍ୱାନ ।।

କରିଥିଲ ଯାହା ପାପ ହେ ମଣିଷ
ଆଉ କିଏ ଭୋଗିବାକୁ
ଭୂତାଣୁ ନେଉଛି ସବୁ ପ୍ରତିଶୋଧ
ପାରିବ କି ରୋକି ତାକୁ ।
ମହାମାରୀ ଭାବ ଯାକୁ
ଏହା କି କଳକୀ ବାରହାତ ଖଣ୍ଡା
ବୁଲି ବୁଲି ମାରିବାକୁ !!

ମହାମାରୀ ନୁହେଁ ଏ ତ କର୍ମଫଳ
ଯାହା କରିଛି ମାନବ
ପ୍ରକୃତି କରିଛି ଖିନ୍ନଭିନ୍ନ କେତେ
ଜଳସ୍ଥଳ ପୁଣି ନଭ ।
ଭସ୍ମାସୁର ସେ ଦାନବ
ନିଜକୁ ମଣିଲେ ବଳିୟାରଭୁଜ
ବଳିଗଲେ ଦେବଦେବ ।।

କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କୁନି ପକ୍ଷୀର ଗୀତ



ଚନ୍ଦ୍ରିକାରାଣୀ ପଣ୍ଡା

ଦିନେ ମୁଁ ଖୁବ୍ ବିଶ୍ୱାସରେ ତା
ଆଖିରେ ମୋ ନାଁ ଲେଖିଦେଲି
ସେ ଆଖି ବୁଜି ଢ଼ୋକିନେଲା ମତେ ।
ମୁଁ ଆତ୍ମସ୍ଥ ହେଇଗଲି ତା ଭିତରେ ।

ଏମିତି କିଛିଦିନ ଗଲା ।
ସେ ବଦଳି ଗଲା ।
ଯେମିତି ବଦଳେ ଋତୁ ।
କୁନି ପକ୍ଷୀ ଧୀରେ ଧୀରେ ବଡ଼
ହେଲେ ଯେମିତି ବଦଳେ ତା
ଡେଣାର ରଙ୍ଗ ।
ଠିକ୍ ସେମିତି ସେ ବଦଳିଲା
ଆଉ ବଦଳିଲା ।
ମୁଁ କିନ୍ତୁ ଅଟକି ଯାଇଥିଲି
ସେଇ ବସନ୍ତ ପାଖରେ ।
ଭୁଲି ଯାଇଥିଲି ବାକି ସବୁ ଋତୁଙ୍କର
ତିଥି ଠିକଣା ।
ଅଟକି ଯାଇଥିଲି ମୁଁ
କୁନି ପକ୍ଷୀର ନିରୀହ ଶୈଶବରେ ।
ଯା ଭିତରେ କୁନି ପକ୍ଷୀ ଢେର୍ ବଡ଼
ହେଇଗଲାଣି ।
ଦୂର ଆକାଶରେ ସ୍ୱପ୍ନ
ବୁଣିଲାଣି ।
ତାଳ ଗଛର ଅନ୍ଧାରୀ
ଗୁହାରେ ସୁନା ରଙ୍ଗର ସଂସାର
ପାତିଲାଣି ।
ମୁଁ କିନ୍ତୁ ଅଟକି ଯାଇଛି
କୁନି ପକ୍ଷୀର ଶୈଶବରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦିନେ ମୁଁ ତାକୁ ପଚାରିଲି
କହିଲୁ ଦେଖି 'ସ୍ୱପ୍ନର ରଙ୍ଗ କେମିତି ?'
ସେ ଖୁବ୍ ହସିଲା । ମୁଁ କିନ୍ତୁ
ଉତ୍ତରର ଅପେକ୍ଷାରେ ଥିଲି ଜଡ଼ସଡ଼ ।
କହିଲି ହସିଲୁ ଯେ, ସେ କହିଲା
ଆଚ୍ଛା ! ! ତୁ କହିଲୁ 'ଅପେକ୍ଷାର ରଙ୍ଗ
କେମିତି ?'

ମୁଁ ଅମାନିଆ ଠାଣିରେ ତାକୁ
ଉତ୍ତରଟେ ଫିଙ୍ଗିଦେଲି
'ଅପେକ୍ଷା ! ! ! ଅପେକ୍ଷାର କିଛି ରଙ୍ଗ
ନାହିଁ ।ଏହା ଚିରକାଳ ଦୁଃଖ ଦିଏ ।'

ସେ ବି ଠିକ୍ ମୋ ପରି ମତେ
ଉତ୍ତରଟେ ଫିଙ୍ଗିଲା
କେବଳ ଅପେକ୍ଷା ଜାଗାରେ
ଥୋଇଦେଇ 'ସ୍ୱପ୍ନ'କୁ ।
ଅବୋଧ ଶିଶୁଟିଏ ପରି ।

ଏମିତି କେତେଦିନ ଗଲା
ଆମେ ପୁଣି ଦେଖା ହେଲୁ,
ଜୀବନ ଆଉ ସମୟର ଦୋଛକିରେ ।
ସେ ମତେ ପଚାରିଲା 'ଭଲ ଅଛୁ ?'
ମୁଁ ହସିଲି ।
ସେ ବି ହସିଲା.......
ଆଉ କିଛି ବାକି ନଥିଲା କହିବାକୁ ।

ଗବେଷିକା, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନିଷ୍ଠୁର ସମ୍ରାଟ



ପବିତ୍ର ସାହୁ

ଥରେ ଦେଖାହେଲେ ପଚାରନ୍ତି
କେଡେ ନିଷ୍ଠୁର ତୁମେ
ହେ ଭଗବାନ !

ତୁମ ବିନା ସତେ
ଆଉ କେହି ନାହିଁ
ପିନ୍ଧିବାକୁ ଶିରେ ରାଜ ମୁକୁଟ
ଆଉ ଧରିବାକୁ ଶାସନର ଡୋର ।

ତୁମେ ପରା ନ୍ୟାୟ, ସତ୍ୟ
ଧର୍ମର ଅବତାର
ପୁଣି ସୃଷ୍ଟିର ସ୍ରଷ୍ଟା ପୁରୁଷ
ଏବେ କାହିଁ ଭାଙ୍ଗି ଦେଉଛ
ନିଜେ ତିଆରି ଥିବା
ଯେତେସବୁ ଶାସ୍ତ୍ର
ଆଉ ଅକାଟ୍ୟ ବଚନ ।

ଜଗତର ସବୁ ଜନ ପରା
ତୁମରି ସନ୍ତାନ
କାହିଁ କରୁଛ ତୁମେ
ସଭିଙ୍କ ଭିତରେ ଅନ୍ତର ପ୍ରାନ୍ତର ।

କାହାକୁ ଦେଉଛ ଦୁଃଖ ପରେ ଦୁଃଖ
ଅସହ୍ୟ ଯନ୍ତ୍ରଣାର ବୋଝ
ଆଉ କାହାକୁ ଦିଅ
ଅମିର ଅମରାବତୀର ସୁଖ
ଗରିବ ଭୋଗେ ଏଠି
ମୁଠେ ନଖାଇବାର ଦୁଃଖ
ଅମିର ଆରାମ କରେ
ଧନ ଦଉଲତ
ଖାଦ୍ୟ ପ୍ରବଣତାର ସୁଖ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହେ ସର୍ବ ବିଜ୍ଞ ମହା ସମ୍ରାଟ

ଏକି ତୁମର ଅନ୍ୟାୟ ବିଚାର

ଯଦି ପାରୁନ ଚଳେଇ

ତୁମ ରାଜ୍ୟ ଶାଶନ

ତେବେ ଉତ୍ତାରି ଦିଅ

ଚିକଚିକ୍ କରୁଥିବା ଜରି ପୋଷାକ

ଓ ରାଜ ମୁକୁଟ ।

ହେ ପରାକ୍ରମୀ ମହା ସମ୍ରାଟ

ଅବିଳମ୍ବେ ଛାଡି ଦିଅ

ଆତ୍ମ ବଡିମାର ସିଂହାସନ

ଆଉ ଲୋଡାନାହିଁ ତୁମ ପରି

ଏକଛତ୍ର ବାଦୀ ନିଷ୍ଠୁର ସମ୍ରାଟ ।

ଓଡ଼ଙ୍ଗ, କେନ୍ଦ୍ରାପଡା

ଫୋନ-୮୦୯୩୪୫୧୨୪୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅତି ଆପଣାର



ଭାଗିରଥୀ ଯାନୀ

ଏହି ବସ୍ତୁବାଦୀ ସଂସାର ମଧ୍ୟରେ
ନୂଆ ଶିକ୍ଷା ଯିଏ ଦିଏ,
ଯଦି କେହି ଜଣେ ବିଶ୍ୱାସର ସହ
ନିଜର ସେ ଭାବୁଥାଏ ।

ବିପଦ ଆପଦେ ସାହା ହୋଇଥାନ୍ତି
ଅତି ଆପଣଙ୍କର ବନ୍ଧୁ,
ପିତାମାତା ଗୁରୁ ପଥ ପ୍ରଦର୍ଶକ
ପ୍ରକୃତ ଜୀବନ ବିନ୍ଦୁ ।

ଏହି ମାଟିଠାରୁ ଆକାଶ ପର୍ଯ୍ୟନ୍ତ
ସଭିଏଁ ଆମର ବନ୍ଧୁ,
ଏହି ଜଗତରେ ପଞ୍ଚମହାଭୂତ
ଆମ ଜୀବନର ବିନ୍ଦୁ ।

ପ୍ରତ୍ୟେକ୍ଷରେ ଅବା ପରୋକ୍ଷରେ ହେଉ
ସଭିଏଁ ଆମର ଗୁରୁ,
ସଚରାଚରଙ୍କ ଏ ବିଶ୍ୱ ବ୍ରହ୍ମାଣ୍ଡ
ସକଳ ଜୀବନ ମେରୁ ।

ପ୍ରକୃତ ଆନନ୍ଦ ଦିଏ ସେହି ଜନ
ଯିଏ ଅତି ଆପଣାର,
ସଭିଙ୍କୁ ନିଜର କରିପାରେ ସିଏ
ସ୍ୱାର୍ଥକୁ କରେ ଯେ ଦୂର ।

ଦୋଷ ଦୁର୍ବଳତା ଜାଣିପାରି ଯିଏ
ସଚେତନ କରିଦିଏ,
ଅତି ଆପଣାର ଏକା ସେହି ଜନ
ପ୍ରକୃତରେ ବନ୍ଧୁ ସିଏ ।

ରାମଚନ୍ଦ୍ର ପ୍ରାଣବନ୍ଧୁ ବିଦ୍ୟାପୀଠ, ବାସଙ୍ଗ ।
ଗଣିଆ, ନୟାଗଡ, ଓଡିଶା, ଭାରତ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ରକ୍ତର ସଳିତା



ଏମ୍ ବିଜୟ କୁମାର

ରକତର ସଳିତା ଦେହ

ମହମ ପ୍ରାୟେ ଅଗ୍ନି ଲୁହ

ଜଳେ ଜଳୁଛି ଦେହମନ

ଆତ୍ମା ଜଳି ହୃଦ ଦହନ

ତେଲ ତିଳ ଅଳ୍ପ ଆୟୁଷ

ବଜିଁ କି ଲାଭ ମାସ ବର୍ଷ

ହସି ହସି ଯାଉ ଜୀବନ

ସତ୍ୟ ହେଉ ଇଛା ମରଣ

ଅନ୍ଧ ମଣିଷ ପଥ ଦେଖା

ଆଲୋକ ଦୀପ ଅଗ୍ନି ଶିଖା

ଜଳି ପାଉଁଶ ଶବଦେହ

ରକତର ସଳିତା ଦେହ

ତିଳ ତିଳ ଜଳିଣ ଯାଉ

ଅନ୍ଧକାର ଉଜ୍ଜଳା ହେଉ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମଧୁମତି



ବିନୟ ମିଶ୍ର

ବୈଶାଖୀର ଝଞ୍ଜା ବାତ ନିଃଶ୍ୱାସ ପ୍ରୀତିର ଅନ୍ତିମ,
ଅସହ୍ୟ ଲାଗିଲା କିବା ଦେହର ଉଷୁମ ?
ଜ୍ୟେଷ୍ଠର ଗ୍ରୀଷ୍ମ ପ୍ରଚଣ୍ଡ ଅନୁତାପାନଳ ,
ପ୍ରଣୟର ଅଷ୍ଟୋତ୍ତର କଳଶ ଶୀତଳ ସ୍ୱେଦର,

ସ୍ନାନାନ୍ତେ ପ୍ରୀତିର ଜ୍ୱର କରେ ଅସ୍ତବ୍ୟସ୍ତ ।
ନିଷ୍ଠୁର ହେଲ କାହିଁକି ପ୍ରିୟତମ କୁହ,
ତୁମ ବିରହରେ ଆଜି ସନ୍ତାପିତ ମନ,
ଆଷାଢ଼ର କୁଳିଶ ଯନ୍ତ୍ରଣା ସହେନାହିଁ ପ୍ରାଣ,

ଆଖିରେ ମୋ ଦେଇଗଲ ଶ୍ରାବଣର ଧାରା,
ଭୋଦ୍ରଏ ଭେଦେଇ ଥିଲ ମୋ ଜର୍ଜ୍ଜରିତ ବୁକୁ,
ଅଶିଣରେ ଆସିଥିଲା କାଶତଣ୍ଡି ସାଜି,
ପୂର୍ଣ୍ଣଗର୍ଭା କରିଥିଲ ପ୍ରିତୀ ସନ୍ତକରେ ।

କାର୍ତ୍ତିକର ହିମ ବିନ୍ଦୁ ସ୍ନେହର ମୁକୁତା,
ଅଞ୍ଜଳୀରେ ଭରିଥିଲ ମୋର ଆବେଗରେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମଗୁଶିରେ ଆଙ୍କିଦେଲ ଆଲିଙ୍ଗନେ ଝୋଟି,
ପୌଷର ଶୀତୁଆ ସଂଜେ ନେଲ ଗୋ ସାଉଁଟି ।

ମାଘ ରାତି ଉଷ୍ମତାର ସ୍ମୃତି ମୋ ହୃଦୟେ,
ଉନ୍ମନା କରୁଛି କମ୍ପନେ ପ୍ରାବରଣ ଦେହେ,
ମଳୟ ସୁଗନ୍ଧ ବାଆ ବଉଳର ସାଥେ,
ଆସ ଆସ ପ୍ରିୟ ମୋର ଫଗୁଣର ହାତେ ।

ମଧୁ ଚଇତାଳୀ ହୋଇ ଚଇତି ସଞ୍ଜରେ,
ମିଳନର କାକଳି ଶୁଣାଅ ମୋତେ ଜୀବନ ସନ୍ଧ୍ୟାରେ,
ଭୁଲିନାହିଁ ତୁମକୁ ଗୋ ପ୍ରିୟ ତୁମେ ମୋର ସାଥି,
ସବୁ ରାତି ମଧୁମୟ ହେଉ ସାଜିବି ମୁଁ ତୁମ ମଧୁମତି ।

ନିଆଳି, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ଆଉ କବିତା



ସିଦ୍ଧେଶ୍ୱର ତ୍ରିପାଠୀ

ପ୍ରେମିକାକୁ ଖୋଜିଲା ବେଳେ
ମନ ଭିତରେ କେମିତି ଗୋଟେ
ତରବରିଆ ଭାବ ଥାଏ
ସବୁ ଶବ୍ଦ ଥାଏ ଝର ଝର

ଆଉ ତାକୁ ପାଇଗଲା ପରେ
ଖୁସିରେ ସବୁକିଛି ଭୁଲିଯାଏ ମନ
ଦିନ ରାତି ମହକ କୁହୁକ
ଭାବ ଭାଷା ସବୁ ଛନ ଛନ ।

ପ୍ରେମିକାର ନୂଆ ଠିକଣାରେ
କୋହ ସବୁ ବାରିହୁଏ
ପ୍ରତି କବିତାରେ
କିଛି ଶବ୍ଦ ଯାଏବି ଉଭେଇ
ମାଡି ଆସେ ବିରହର ଛାଇ ।

ଦିନ ରାତି ବଦଳିବା ସାଥେ
କବିତା ବି ନିଏ ଭିନ୍ନ ରୂପ
ଭୁଲିବାର ବାହାନା ସାଥିରେ
ଲୁଚିଥାଏ ସେଇ ଭଲ ପାଇବାର ଛାପ ।

କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନର ପଥ...



ଦମୟନ୍ତୀ ଜେନା

ବନ୍ଧୁତ୍ୱର ପରିଚୟ ଦେଇ

ପରିଚିତ ହୁଅନ୍ତି ଅଜଣା ପଥିକ

ବନ୍ଧୁତ୍ୱ ବାନ୍ଧି

ପୁଣି ଅଜଣାର ଅଭିନୟ କରନ୍ତି

ଅତି ଚାତୁରତାର ସହ.....

ସଂପର୍କୀୟ ଏଠି ସଂପର୍କ ବଢାନ୍ତି

ମଧୁର ବଚନ କହି

ଅଜଣା ପଥିକଟେ ବନ୍ଧୁତ୍ୱ ବଢାଏ

ଅନେକ ବିଶ୍ୱାସ ଦେଇ......

ସଂପର୍କ ଭାଙ୍ଗନ୍ତି ତିକ୍ତତାରେ

ଇର୍ଷା କାତର ହୋଇ

ନିଜ ଲୋକ ବି ବହୁ ଦୂର ଚାଲିଯାଆନ୍ତି

ମାନ ଅଭିମାନ ନେଇ.....

କେହି ନିଜର କେହି ଯେ ପର

କହି ହୁଏ ନାହିଁ ଭାଇ

ସମୟର ଖେଳ ଏଠି

ଭାରି ଯେ କଠିନ

ଜୀବନର ପଥ ଦେଇ........ ।।।

ଦମୟନ୍ତି ଜେନା

ଶିକ୍ଷୟିତ୍ରୀ, ବ୍ରହ୍ମପୁର, ଗଞ୍ଜାମ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମୋ ଭାଇ



ଶୁଭକାନ୍ତ ସାହୁ

ମୋ ପ୍ରିୟ ଭାଇ ଦେବାଶିଷ

ତୋଭଳି ଭାଇ ପାଇବା ଦେବଙ୍କ ଆଶିଷ । ।

ଥାଉ ପଛେ ଯେତେ ତିକ୍ତ ଥାଉ ଅବା ବିରକ୍ତ

ସଦା ସର୍ବଦା ରହ ତୁ ଅନୁରକ୍ତ । ।

ମୋର ପ୍ରିୟ ଭାଇ ଦେବାଶିଷ

ଭରିଯାଉ ମନରେ ତୋର ସ୍ନେହ ଆଶିଷ । ।

ସମ୍ପର୍କ ଆମ ଭାତୃତ୍ୱ ର ଚିରନ୍ତ ଶାଶ୍ୱତ

କେବେ ନଆସୁ ହଳାହଳ ବୋହି ଯାଉ

ସଦା ଅମୃତ । ।

ମୋର ପ୍ରିୟ ଭାଇ ଦେବାଶିଷ

ଆମ ସମ୍ପର୍କ କେବେ ନହେଉ ଶେଷ । ।

ବିଶ୍ୱାସ, ଭରସା ର ସୃଷ୍ଟି ଏ ସମ୍ପର୍କ

କେବେ ନହେଉ ବିଭକ୍ତ

ସଦା ରହୁ ଅବିଭକ୍ତ । ।

ମୋର ପ୍ରିୟ ଭାଇ ଦେବାଶିଷ

ତୋ ବିଶାଳ ହୃଦୟଟା ଅସୀମ ଆକାଶ । ।

ତୋ ଜୀବନ ରେ କେବେ

ନହେଉ ପକ୍ଷପାତ

ଏତିକି କାମନା ସର୍ବଦା ରହ ମୁକ୍ତ । ।

ମୋର ପ୍ରିୟ ଭାଇ ଦେବାଶିଷ

ତୋ ମନ ମନ୍ଦିରରେ

ସର୍ବଦା ବରଷୁ ଖୁସିର ପୁଷ୍ପ । ।

ଗ୍ରାମ/ ପୋଷ୍ଟ :- ଖଲାଡି
ଭାୟା/ଥାନା:- ଉଦଳା
ଜିଲ୍ଲା:- ମୟୁରଭଞ୍ଜ
ପିନ:- ୭୫୭୦୪୧
ଦୂରଭାଷ:- ୯୮୫୩୩୭୦୧୫୭

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସୁପ୍ରଭାତ



ସେବକ ବସନ୍ତ
କୁମାର ମହାପାତ୍ର

ଖୁସିର ମୁହୂର୍ତ୍ତ ଆପଣଙ୍କ ସୃଷ୍ଟି,
ପରକୁ ନିଜର କରେ ।
ସୁଗନ୍ଧ ସୌରଭ ହୁଏ ବିକଶିତ,
ସଦ୍ୟ ସଫଳତା ଭରେ ।

ଆଦର୍ଶର ବାକ୍ୟ ଭବନ ନିର୍ମାଣ ,
ସଚ୍ଚୋଟ ବିବେକ ସାଥି ।
ରଙ୍ଗ ବିରଙ୍ଗର ପୁଷ୍ପ ନେଇ ହାତେ,
ମାଳଟିଏ ସତେ ଗୁନ୍ଥି ।

ସ୍ମୃତିର ଫର୍ଦ୍ଦରେ ଚରିତ୍ର ସମୂହ,
ଅବିସ୍ମରଣୀୟ ଚିତ୍ର ।
ବିଶ୍ୱାସର ଦୃଢ଼ ବନ୍ଧ ବାନ୍ଧି ରହେ,
ଆଶା ଭରସାର ସୂତ୍ର ।

ପ୍ରଶଂସାର ଶବ୍ଦ ମାନ ମାନ ଦିଏ,
ଧନ ଧାନ୍ୟ ଠାରୁ ଉଚ୍ଚ ।
ଜୀବନ କାଳର ଶୁଦ୍ଧ ଉପାର୍ଜନ,
ବାକି ସବୁ ହୁଏ ତୁଚ୍ଛ ।

ସମୟ ସୁଅରେ ସମ୍ପର୍କ ନଉକା,
ଭାସୁଛି ଆଗକୁ ବଢ଼ି ।
ହସି ହସାଇବା ମିଳି ମିଶିଯିବା,
ଚଢ଼ି ପାଦେ ପାଦେ ସିଡ଼ି ।

ଚନ୍ଦ୍ରପୁରା, ଝାଡ଼ଖଣ୍ଡ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ ବୁଝିପାରିବନି ଈଶ୍ୱର



ରାଜଲକ୍ଷ୍ମୀ ସାମଲ

ଈଶ୍ୱର ଆଜିକାଲି ଖୁବ ନିରାଶ
ନିଜ ଚକ୍ରବ୍ୟୁହରେ ନିଜେ
ରଚିଥିଲ ମହାଭାରତ ଯୁଦ୍ଧ
ରଚିଥିଲ କୋକୋଆ ଭୟ
ରୋକି ପାରିଥାନ୍ତା ଦ୍ୟୁତକ୍ରୀଡ଼ା
ରୋକି ପାରିଥାନ୍ତ ବସ୍ତ୍ରହରଣର ବିଭତ୍ସତା
କୋଉଠି ନା କୋଉଠି ତୁମ ଈଶ୍ୱରୀୟତା
ଲୋଭ ରେ ପଡି ଯାଇଥିବ କି କଣ ?
କି ଖେଳଟି ଜମେଇସାରିବା ପରେ
ଭାଙ୍ଗିବାକୁ ମନ ନଥିଲା ?
ତୁମେ ଜିତ, ତୁମେ ହସ, ତୁମେ ତାଣ୍ଡବ ବି କର
ସବୁଥିରେ ଜୟ ତୁମର ହିଁ ଥୟ
କିଛି ମଣିଷର ଭାଗ୍ୟ ଏମିତି କାହିଁକି ଲେଖ ?

ସାରାଜୀବନ ଗୋଟେ ସ୍ୱପ୍ନ ଆଶାରେ ମରେ,
ସାରା ରାସ୍ତା କଣ୍ଟାରେ ଚାଲେ,
ସାରା ଶରୀରରେ ଯନ୍ତ୍ରଣା ହିଁ ଭୋଗେ ,
ସାରା ଆକାଂକ୍ଷା ଆଖିରେ ମରେ,
ଜୀବନତମାମ ଚେଷ୍ଟା ପ୍ରଚେଷ୍ଟାରେ ବିତେ,
ଟିକେ ଶାନ୍ତି ଆଶାରେ ଅନେକ ଅଶାନ୍ତି ମୁଣ୍ଡେଇ ଶେଷ ରାସ୍ତା ରେ ଏକା ହିଁ ଥାଏ !
ଦେଇ ଦଉନ ଦିବ୍ୟଦୃଷ୍ଟି
ଦେଇ ଦଉନ ଐଶ୍ୱରୀୟ ଶକ୍ତି
ଛୋଟ ଛୋଟ ଖୁସି ପାଇଁ ଉହଳ ବିକଳ ଆତ୍ମା
ସବୁ ତୁମରି ତ ପରମାତ୍ମା
ଦେଖେଇ ଦିଅ ପ୍ରଭୁପଣିଆ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେ ପ୍ରଭୁତ୍ୱ କୋଉ କାମକୁ ଯଦି ଭକ୍ତି ର ପରାଜୟ ବାରମ୍ବାର ହୁଏ  !

ସେଥିପାଇଁ ତ କୁହେ ଗୋଟି ଚଳେଇ ଜାଣିବା ସହ ଭାଗ୍ୟ କୁ ବି ବସ ରେ ରଖି ହୁଏନି

ବାରବାର ହାରୁଥିବା ଲୋକ ଥର ଥର କରି  ମାରୁଥାଏ

ଗୋଟେ ଲୁହା ଜାଲି ରେ ଭାଗ୍ୟ ମାଜିବା କଣ କମ କଷ୍ଟ

ତୁମେ ବୁଝିପାରିବନି ଈଶ୍ୱର ମଣିଷ ହେବା   କେତେ କଷ୍ଟ

ସବୁଠୁ ଅଧିକା କଷ୍ଟ ନାରୀ ଟିଏ ହବା

ଥରଟିଏ ଗର୍ଭଯନ୍ତ୍ରଣା ଭୋଗିକି ଦେଖ

ନାରୀ ଟିଏ ମାଆ ହୋଉ ହୋଉ ଈଶ୍ୱର ପଲଟିଯାଏ କେମିତି ବିନା ଶକ୍ତି ରେ  !

(କୋଟା) ରାଜସ୍ଥାନ, ୮୨୯୫୫୩୮୮୦୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସବୁ ତ ବଦଳେ



ଆଞ୍ଚଲ୍ କବି

ନିଜ କାନ୍ଦିବାରୁ ଜୀବନ ଆରମ୍ଭ

ପର କନ୍ଦିବାରେ ଶେଷ

ପାରୁଛ ଯଦି ୟା ମଧ୍ୟ ରେ

ସବୁବେଳେ ତମେ ହସ...

କିଛି ନୁହେଁ ସ୍ଥାୟୀ ଏଠି

ଆଜି ହସ କାଲିକି ଲୁହ

କ୍ଷଣିକ ସକାଳ ହେଲେ

ସନ୍ଧ୍ୟା ବି ତ କ୍ଷଣିକ ନୁହଁ !...

କେବେ ଖରା କେବେ ଛାଇ

ଏୟା ହିଁ ତ ପ୍ରକୃତି ନିୟମ

ନା ରହେ ସବୁଦିନେ ଯୌବନ

ନା ଏ ଜୀବନ ...

ସବୁ କିଛି ବଦଳେ ନିଷ୍ଠେ

ବଦଳିଜାଏ ବି ତ ମଣିଷ

ଆଜି ଚିହ୍ନା କାଲିକି ଅଚିହ୍ନା

ତେବେ ହୃଦୟ ଟା କି ଜିନିଷ ...

କରଣ ସାହି, ଓଲ୍ଡ ଟାଉନ୍
କେନ୍ଦୁଝର, ୭୫୮୦୦୧

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଭଗ୍ନ କୋଣାର୍କର ଖେଦ



ରୋହିତ ସେଠୀ

ଇତିହାସର ମୂକସାକ୍ଷୀ ମୁହିଁ
ଗାଉଅଛି ଆଜି ଅମର ଗାଥା
କଳେବର ମୋର ଭଗ୍ନ,ଅସଜଡ଼ା
ଭାବିଲେ ଲାଗୁଛି ଅନେକ ବ୍ୟଥା  ।୧ ।

ଗରବରେ କୁହେ ବାର ଶ' ବଢେଇ
ନରସିଂହ,ଧରମାର କାହାଣୀ
ହେଲେ, ମୁହିଁ ଆଜି ଅବହେଳିତ
ମୋ' ନୟନାକାଶୁ ଶୁଖୁନି ପାଣି  ।୨ ।

ଦିନ ଥିଲା ଚନ୍ଦ୍ରଭାଗା ନିଳାମ୍ବୁର
ତରଙ୍ଗରେ ଦେଖୁଥିଲି ବଦନ
ଆଜି କିନ୍ତୁ,ତାହା ସପନ ହୋଇଛି
ଏତିକି ହିଁ ଖାଲି ପରିବର୍ତ୍ତନ  ।୩ ।

ମୋତେ ନେଇ ଚାଲେ ଅନେକ ଚକ୍ରାନ୍ତ
ନବ କଳେବର ଦେଖିବା ପାଇଁ
ଆଉ ଗୋଟେପଟ ଦ୍ୱିତୀୟ କୋଣାର୍କ
ନିର୍ମାଣ ନିମନ୍ତେ ଲାଗେ ଲଢେଇ  ।୪ ।

କିଛିଦିନ ପରେ ଭୂଇଁରେ ଲୋଟିବି
କଳା କାରିଗରୀ ହୋଇବ ଲୀନ
ଭଗ୍ନ କୋଣାର୍କ କହୁଅଛି ଆଜ
ଓଡ଼ିଆ ପୁଅଙ୍କ ରଖ ହେ ମାନ  ।୫ ।

ଶିକ୍ଷକ, ଦୁତୀମେଣ୍ଡି, ଖଜୁରୀପଡା, କନ୍ଧମାଳ
ସଂପର୍କ:୭୭୩୫୨୧୪୩୭୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନ୍‌ଲାଇନ୍‌ରେ ମଣିଷ



ନୂତନ କୁମାର
ବେହେରା

ଅନ୍ ଲାଇନ୍ ରେ ମଣିଷର ଜୀବନ
ଏବେ ହୁଏ ଯେତିକି ସହଜ ସରଳ,
ସେତିକି ବି ହୁଏ ଜଟିଳ କଠିନ
ବ୍ୟସ୍ତ ବିବ୍ରତରେ ରହି ଚଳ ଚଞ୍ଚଳ ।
ନିର୍ଦ୍ଦିଷ୍ଟ ଅବଧିର ବ୍ୟବଧାନ ମଧ୍ୟରେ
କରିବାକୁ ହୁଏ ସମସ୍ୟାର ସମାଧାନ,
କରି ନ ପାରିଲେ ତାର ଉଚିତ ବିଧାନ
କାମ ରହିଯାଏ ହେଉ ହଇରାଣ ।
ଅନ୍ ଲାଇନ୍ ରେ ମଣିଷର ଜୀବନ
ଚାଲୁଥିବା ଶ୍ୱାସକ୍ରିୟା ସହିତ ସମାନ,
ଅଟକି ଗଲେ ଲାଗେ ଅଣନିଶ୍ୱାସୀ
ଜରୁରୀରେ ଲୋଡ଼ା ହୁଏ ଅମ୍ଳଜାନ ।
ଯନ୍ତ୍ର ସାଥେ ଯାନ୍ତ୍ରୀକ ରହେ କାର୍ଯ୍ୟରତ
ସମୟ ପାଏନା କରିବାକୁ ବିଶ୍ରାମ,
ହୋଇ ପଡେ କ୍ଳାନ୍ତ ଅବଶ ତା' ଶରୀର
ବାଟ ଖୋଜେ ପାଇବାକୁ ଉପସମ ।
ଅନ୍ ଲାଇନ୍ ରେ ମଣିଷର ଜୀବନ
ରହିଥାଏ ହୋଇ ସଦା ସଚେତନ,
କଲେ ଠକାମୀ କି ଆଳସ୍ୟରେ ପ୍ରତ୍ୟାଖ୍ୟାନ
ହୁଏନା ମୁଖ୍ୟସ୍ରୋତ ସାଥେ ତାର ମିଳନ ।

ଯୋଗାଯୋଗ ଲୋକ ସମ୍ପର୍କରେ ବର୍ତ୍ତମାନ
ପୃଥିବୀଟା ହୋଇଯାଇଛି ସଂକୁଚିତ,
ସେ ସବୁକୁ କରି ସୂକ୍ଷ୍ମଭାବେ ଅନୁଧ୍ୟାନ
ସୀମାରେଖା ତାର କରିଚାଲେ ବିସ୍ତୃତ ।
ଅନ୍ ଲାଇନ୍ ରେ ମଣିଷର ଜୀବନ
ନିସ୍ତାର ନାହିଁ କରି ଚାଲେ ଖାଲି ବିସ୍ତାର,
ବିକାଶ ପ୍ରକାଶରେ ପ୍ରମାଣ କରେ ଦକ୍ଷତା
ସହି ସବୁ ସମୟର ଚାବୁକ୍ ପ୍ରହାର ।
ସବୁରି ଭିତରେ କରେ ଯିଏ ନିଜକୁ ନିୟନ୍ତ୍ରଣ
ଗତି ପ୍ରଗତିରେ ତା' ଆସେ ନା ଅନ୍ତରାୟ,
ସୁଖ ଶାନ୍ତି ଆନନ୍ଦରେ କଟାଇ ଜୀବନ
ସହଜରେ ଜୟ କରିପାରେ ଅନ୍ୟର ହୃଦୟ ।

କବିରତ୍ନ ନୂତନ କୁମାର ବେହେରା
କୋହି, ଗଡ଼ିଆ, ମୟୂରଭଞ୍ଜ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭାବୀ ମଣିଷ



ଦୁଷ୍ମନ୍ତ କୁମାର ନାଏକ

ଭଗବାନ ଦେଇଛନ୍ତି ମଣିଷକୁ
ବାଉନ କୋଟି ଭଣ୍ଡାର
ମୁଁ ଅଭାବୀ ମଣିଷ ପାଇ ପାରୁନାହିଁ
ତହିଁରୁ ଟିକିଏ ଭୋଗ୍ୟ
ମୋ ଜୀବନରେ ଅଶ୍ରୁ ଝରା ଆଉ
କିଛି ଲେଖା ନାହିଁ
ଆଡମ୍ବରେ ମୁହିଁ ପାଳି ପାରୁ ନାହିଁ
ପରବ ପରାଣୀ ସବୁ
ମନେ ଇଛା ଅଛି ଆନନ୍ଦ ଉଲ୍ଲାସ
ଅଭାବ ବିନା ଜାଣି ପାରୁ ନାହିଁ ସେହି
ଛାତିର କୋହକୁ ଚାପି ରଖି
ବଂଚି ରହିଛି ଏ ଦୁନିଆରେ
ଖାଇବାକୁ ମତେ ମିଳୁ ନାହିଁ ଦାନା
ଶୋଇବାକୁ ନାହିଁ କନ୍ଥା
ଆଖିର ପାଣିରେ ସ୍ନାନ ସରୁଅଛି
ଛାତିର କୋହରେ ଅଞ୍ଜବନ କରେ

ମୋର ଦୁଃଖକୁ ଦେଖିବ କିଏ
ଏ କଳଙ୍କିତ ଦୁନିଆରେ
ଇଚ୍ଛା  ହରାଇଛି ମୁଁ ଅଭାବ କାରଣୁ
ନିଷ୍ଠା ପାଇଁ ମୋର ଶକ୍ତିନାହିଁ
ଅଭାବ କାରଣୁ କଷ୍ଟ ସହୁଅଛି
ନୀତି ଦିନ ରାତି ବସି
ଭଗବାନ ମତେ ଦେଇଛନ୍ତି ଜନ୍ମ
ଏ ଦୁନିଆଁର କଷ୍ଟ ସହିବା ପାଇଁ
ଧନ୍ୟ ଏ ଦୁନିଆ ଧନ୍ୟ ଏ ଜୀବନ
ରହି ଅଛି ମୋର ଦେହେ
ଚାଲିଜା ରେ ପ୍ରାଣ ମୋ ଦେହ ଛାଡି
କଷ୍ଟ ଅନୁଭୂତି ପାସୋରି ଯିବି

ଗ୍ରାମ - କଦଳିମୁଣ୍ଡା, କଳାହାଣ୍ଡି, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବଦଳ



ସନାତନ ମହାକୁଡ଼

ସମୟ ସ୍ରୋତରେ
ଆଜି ଅବସ୍ଥାପିତ
ଗୋଟେ ପରେ ଗୋଟେ
ସ୍ମୃତିର ସଂଗ୍ରହାଳୟେ ସଜ୍ଜିତ
ହୋଇପାରେ ପୋଷ୍ଟକାର୍ଡ,
ଟେଲିଗ୍ରାମ, ଟାଇପ୍  ମେସିନ୍
ଇତ୍ୟାଦି ଅନେକ  ।

ବିଜ୍ଞାନର ଉଦ୍ଭାବନ ଆବିଷ୍କାର
ବଦଳାଇ ଦେଇଛି
ଘଡି କାଲକୁଲେଟର ରେଡ଼ିଓ ଟର୍ଚ୍ଚ
ଟେଲିଫୋନ୍ ଚିତ୍ର
ବ୍ୟସ୍ତ କରିଛି ଜନ ସମାଜକୁ
ଦେଇ ସୁବିଧା ଏକରେ ଅନେକ  ।

ଅଙ୍ଗୁଳି ସ୍ପର୍ଶରେ ଭାସମାନ ଆଜି
ଦୃଶ୍ୟ ଶ୍ରାବ୍ୟ ସାମାଜିକ ଗଣମାଧ୍ୟମ
ହ୍ୱାଟ୍ସଆପ୍, ଫେସ୍‌ବୁକ୍, ଟୁଇଟର୍
ଆଉ
ଇନଷ୍ଟାଗ୍ରାମ୍  ।

ଗ୍ରାମ/ପୋ.ଅ: ଝେରୁଆଁବାରୀ ୭୫୨୦୮୨
ଜିଲ୍ଲା: ନୟାଗଡ଼ ; ଓଡିଶା  ।
ଦୂରଭାଷ: ୦୯୩୩୯୭୧୦୧୭୮
ଇମେଲ୍: sanmahakud@gmail.com
www.sanatanmahakud.in

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ପ୍ରଭାତ



ବାଲାଜୀ ସେଠୀ

କାନ୍ତ କୋଳ ଧୀରେ ତେଜଇ
ନବ ଯୁବତୀ ବଧୁ
ଭିଡି କର କାନ୍ତ ଲୋଡଇ
ବାମା ଅଧର ବିନ୍ଦୁ ।

ଯାମଘୋଷ ଡାକେ ଭଣ୍ଟୁର
ସୁଖ ପାହାନ୍ତି ନିଦ
ସ୍ନାହାନେ ମିଳନ୍ତି ନାରୀଏ
ତୁଠେ ଘଷିଣ ପାଦ ।

କୁଆଁ ତାରା ଗୋଟି ସାଉଁଟି
ମଣ୍ଡି ମୁକ୍ତ କବରୀ
ଅନ୍ତପୁରେ ବିଧୁ ଚଳିଲେ
ଚଢ଼ି ମେଘ ସବାରୀ ।

କାକ, ପିକ,ଶୁକ ରଟନ୍ତି
ଶୁଭ ପ୍ରାତଃ ବନ୍ଦନା
ତେଜ ଶେଜ ତନୁ ଆଳସ୍ୟ
କର୍ମେ ଭରି ଚେତନା ।

ରକ୍ତିମ ଆଭାରେ ପରାଚୀ
ଦେଖ ହେଡି ତରଙ୍ଗ
ଭଙ୍ଗିଳ ପାହାଡ଼ ସନ୍ଧିରୁ
ସଦ୍ୟ ବାଳ ପତଙ୍ଗ ।

ସୁନେଲି କିରଣେ ଝଟକେ
ରେଣୁ ଶିଶିର ଝରା
ଶେଫାଳି ମଞ୍ଜରୀ ଗଭାରୁ
ଖସି ପଡିଛି ତାରା ।

ବହୁକରୀ ସ୍ୱର୍ଣେ ଅଗଣା
ପରିଚ୍ଛନ୍ନ ବିରାଜୀ
ବାସୁଛି ତୁଳସୀ ଚଉଁରା
ଧୂପ ଚନ୍ଦନ ରାଜୀ ।

କୋମଳ ରଙ୍ଗୋଲି ମୁରୁଜେ
ଦ୍ୱିଜ ଡେଣା ଝାଡ଼ଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କ୍ଷୁଧାର୍ତ୍ତ ଶାବକେ ନୀଡ଼ରେ
ଭୋଜ୍ୟ ସନ୍ଧାନ ପାଇଁ ।
ପଲ୍ଲୀ ପଲ୍ଲବିନୀ ହେମାଙ୍ଗୀ
କାଖେ ଜଳ କଳସୀ
ଗଣ୍ଡ ଦେଶ ଚୁମି ଛିଟିକି
ପଡେ ତନୁରେ ଖସି ।
ହଳ ସଜ କରେ ହଳୁଆ
ହେଲା ବୁଡାଏ ଭେଳା
ପାଗକୁ ନିରେଖି ଚଷିଲେ
ସିନା ମଣ୍ଡିବ ଖଳା ।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅମୃତ ଧ୍ୱନି



ହେମନ୍ତ ନାଏକ

ଦିବାନିଶି ମିଶି     ଏକାଠି ହୁଅନ୍ତି
ସାୟଂକାଳେ ପ୍ରଭାତରେ
ଦେବାଳୟେ ଶୁଭେ     ଘଣ୍ଟ ଶଙ୍ଖ ଧ୍ୱନି
ଅମୃତର ମୂହୁର୍ତ୍ତରେ  । ।

ସର୍ବ ଆସୁରିକ     ଶକ୍ତି ଯେତେ ଥାନ୍ତି
ଘୁଞ୍ଚି ଘୁଞ୍ଚି ଦୂରେ ଯାନ୍ତି
ଅମଣିଷ କର୍ଣ୍ଣେ     ଶ୍ରବଣ ମାତ୍ରକେ
ଦେବତ୍ୱ ର ହୁଏ ପ୍ରାପ୍ତି  । ।

ମହା ମହାପାପ     ଧୂଳିସାତ ହେଇ
ଧ୍ୱଂସ ର ସମୁଦ୍ରେ ବୁଡେ
ସାୟଂକାଳେ ଅବା   ପ୍ରଭାତରେ ଯିଏ
ଅନନ୍ତ ଚରଣେ ପଡ଼େ  । ।

ନିରୁଦ୍ଦିଷ୍ଟ ରୁପେ     ଅଣାକାର ରୂପ
ସର୍ବ ଘଟେ ରହିଥାନ୍ତି
ଶଙ୍ଖ ଘଣ୍ଟ ଧ୍ୱନି     କର୍ଣ୍ଣପାତ ହେଲେ
ସକ୍ରିୟ ହୋଇ ଉଠନ୍ତି  । ।

ରୋଗ ବ୍ୟାଧି ସୃଷ୍ଟି     କାରକ ଯେଉଁଠି
ବିଚରୁଥାନ୍ତି ପବନେ
ଅମୃତ ଧ୍ୱନିରେ     ପ୍ରାଣ ହରାହେଇ
ପଳାନ୍ତି ଛାଡ଼ି ଭୁବନେ  । ।

କିରାବାହାଲ, ଜୁରିଆ, ପାଟଣାଗଡ଼
ମୋ : ୮୧୪୪୪୭୯୩୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭାଉଜ ମୋ କାଚମାର୍କା



ଶିଶିର କୁମାର ପଣ୍ଡା

ସାଇରେ ଗୋଟିଏ ଭାଉଜ ରୁହନ୍ତି
ଦେଖିବାକୁ କାଚ ମାରକା
ଟାଇଟ୍ ଜିନ୍ ରେ ଫଟୋ ପୋଜ୍ ଦେଲେ
ଲାଗିବେ ଫିଲିମି ତାରକା ।

କଲିକତି ମିଠା, ସନ୍ଦେଶ ଖୁଆନ୍ତି
ପ୍ୟାକେଟ ଭିତରୁ କାଢ଼ିକି ।

ସ୍ୱାମୀ ତାଙ୍କ କଲିକତାରେ ରୁହନ୍ତି
ଚାକିରୀଟା ଚଟକଳରେ
ଖାଇବା ପିଇବା ଅଭାବ ହୁଏନି
ପନିପରିବା କି ଫଳରେ ।

ବୋଲହାକ ସବୁ କରୁଛି ତାଙ୍କର
ଭାଇଙ୍କ ଅଭାବ ଦୂରେଇ
ଖାଇବାକୁ ମତେ ଦିଅନ୍ତି ଭାଉଜ
ସବୁବେଳେ ପେଟ ପୁରେଇ ।

ସଞ୍ଜବେଳେ ମତେ ଚାହା ବିସୁକୁଟୁ
ସରାଗେ ଦିଅନ୍ତି ବାଢ଼ିକି

ଲୋକଙ୍କର ଦେହ ସହେନା ।
ଟୁପୁରୁଟାପର ପଛରେ ହୁଅନ୍ତି
ମତେ କେହି କିଛି କହେନା ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୧୭୩୭୨୨୮

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅପାରଗ



ପୁଷ୍ପାଞ୍ଜଳୀ ପଣ୍ଡା

ପରିବର୍ତ୍ତନ ର ପବନ
ଏବେ ପୁଣି ଦିଗ ବଦଳାଉଛି.. !
ପିଟିହେଉଛି ବାରମ୍ବାର
ପାପୁଲିଢ଼ଙ୍କା ମୁହଁ ଟିରେ ।
ବିବର୍ଣ୍ଣ ପୃଥିବୀର ବର୍ଣ୍ଣ ବିଭା
ସଦ୍ୟ ସକାଳୁ ଗୁଡେଇ ହେଉଛି
ରୂପାରଙ୍ଗର କାକରଫୁଲର ଗହଣା ପିନ୍ଧି,
ବିସ୍ତାରିତ ପାଦପ ଦେହ ରେ ।
ପୁଣି ଖୁସୀ ଖୁନ୍ଦିହୋଇ ଯାଉଛି.. !
ସପନ ଭର୍ତ୍ତି ହୋଇଯାଉଛି... !
ଲୁପ୍ତପ୍ରାୟ ମୁକୁଳା ମୁହୂର୍ତ୍ତର
ମନଖୋଲା ମନରେ
ନୟନ ହଳକରେ ,ତନ୍ଦ୍ରାଛନ ନହେବାର
ହାରିବା ର ଆନନ୍ଦରେ... ! !

ତଟସ୍ଥ ,କାକୁସ୍ଥ ମୁଦ୍ରାରେ
ସ୍ଥିର, ଅଚଳ ,ସ୍ଥିତାବସ୍ଥାରେ
ଏବେ ପ୍ରାଣ ସଞ୍ଚରି ଯାଉଛି.. !
ପୁଣି ପରିବର୍ତ୍ତନ ର ପବନ ବାଜୁଛି.. !
କିନ୍ତୁ, ଏବେବି ସ୍ମୃତି ,ସ୍ମରଣଯୋଗ୍ୟ... ! !
ହୁଏତ ଏ ବଳିଯିବାର ଢଙ୍ଗ ଘୋଷଣା
କରିଦେଇପାରେ
ମୁଁ ନିହାତି ଅପାରଗ. !
ସମୟ ସହିତ ତାଳଦେଇଚାଲିବାରେ
ନିହାତି ଅଯୋଗ୍ୟ... ! !

ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ସେତ ମିଠା ଜହର ନାମ



ପଙ୍କଜ କୁମାର ମଙ୍ଗଳ

ସେ ବାଟରେ ପାଦ ରଖିବା ଆଗରୁ
　　ସହି ପାରିବୁକି ତା ପରିଣାମ,
ଯନ୍ତ୍ରଣା ଜୂଇରେ ନୀତି ଜଳିବୁ
　　ଯେବେ ତୁଟିଯିବ ସବୁ ସ୍ୱପ୍ନ,
ବଞ୍ଚିବା ଲାଳସାରେ ନିଇତି ମରିବୁ
　　ପ୍ରେମ ସେତ ମିଠା ଜହରର ନାମ ।
ହସିବାର ଅଭିନୟ କରିବାକୁ ହେବ
　　ତତେ ଆଖିର ଲୁଚାଇ ଲୁହ,
ଯେତେ ଚାହିଁଲେ ବି କହିପାରିବୁନି
　　ତୋର ହୃଦୟରେ ଥିବା କୋହ,
ଏକାକି ବଞ୍ଚିବା ଶିଖାଇ ଦେବ ଏ
　　ପ୍ରେମ ସେତ ମିଠା ଜହରର ନାମ ।
ବୁଢିଆଣୀ ଜାଲ ସେ ପ୍ରେମ ଦୁନିଆ
　　ଫେରିବାଟା ଅସମ୍ଭବ,
ଖସିଗଲେ ପାଦ ଠିକଣା ଭୁଲିବୁ
　　ପ୍ରାଣ ଥାଇ ହେବୁ ଶବ,
ମରିପାରିବୁନି କି ବଞ୍ଚିବାକୁ ଦେବନି ଏ
　　ପ୍ରେମ ସେତ ମିଠା ଜହରର ନାମ ।

କାହିଁ ଅବୁଝା ହୋଇତୁ ଠିକଣା ଭୁଲୁଛୁ
　　ପ୍ରେମ ନୁହଁଇ ପିଲାଖେଳ,
ଥରେ ବାଟବଣା ହେଲେ ଫେରିପାରିବୁନି
　　ଏ ଦୁନିଆ କହିବ ପାଗଳ,
ପ୍ରତି ମୂହୁର୍ତ୍ତରେ ଯନ୍ତ୍ରଣା ଦେବ ଏ
　　ପ୍ରେମ ସେତ ମିଠା ଜହରର ନାମ ।
ଜୀବନରେ କେବେ ପ୍ରେମ କରିବନି
　　ସେତ ଛଳନାର ନୂଆ ନାମ,
ବଦଳିଛି ଏବେ ପ୍ରେମ ପରିଭାଷା
　　ଖାଲି ପ୍ରତାରଣା ତାର କାମ,
ନିର୍ବାଣ ଆଶାରେ ନରକ ପାଇବ
　　ପ୍ରେମ ସେତ ମିଠା ଜହରର ନାମ ।

ବଡପାହି,ଭୋଗରାଇ, ବାଲେଶ୍ୱର
ଭ୍ରାମ୍ୟଭାଷ : ୭୭୪୯୯୩୬୭୮୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମକୁ ଖୋଜେ ମୁଁ



ହେମବତୀ ସାହୁ

ତୁମକୁ ଖୋଜେ ମୁଁ ସଂସାର ଭିଡ଼ରେ
ସହର ଭିତରେ ମୋ ଚଲାପଥରେ
ମିଳେନା ତୁମରି ଦେଖା.....
ତୁମ ପ୍ରତିଛବି ହୃଦୟ ମନ୍ଦିରେ
ପ୍ରତି ପ୍ରସ୍ତରରେ କାନ୍ଥବାଡ଼ରେ
ଜୀବନ୍ତ ଭାବରେ ଅଙ୍କା ।।

ତୁମକୁ ଖୋଜେ ମୁଁ ପୂଜା ପାର୍ବଣରେ
ମେଲଣ ଯାତ୍ରା ଗହଳି ଭିତରେ
ଖାଲି ମିଳେ ତୁମ ସ୍ମୃତି ରେଖା....
ହଜିନାହଁ ତୁମେ ତଥାପି ଖୋଜୁଛି
ବାସ୍ତବରେ ନୁହେଁ ସପନେ ଦେଖୁଛି
ଥରୁଟିଏ ଦିଅ ଦେଖା ।

ଖୋଜେ ମୁଁ ତୁମକୁ ଭାବନା ରାଇଜେ
ତୁମ ସ୍ମୃତିଚିହ୍ନ ଲିଭେନି ସହଜେ
ସ୍ପନ୍ଦନେ ତୁମ ନାଁ ଲେଖା.....
ତୁମକୁ ପାଏ ମୁଁ ମୋ ନିରବତାରେ
ଲୁହଭିଜା ରାତି ବୈଶାଖୀ ତାତିରେ
ତୁମ ସ୍ମୃତି ସାଜେ ସଖା ।

ଖୋଜେ ମୁଁ ତୁମକୁ ଝରା ଶ୍ରାବଣରେ
ସାତ ରଙ୍ଗଭରା ଭରା ଋତୁ ଫଗୁଣରେ
ତୁମ ବିନା ସବୁ ଫିକା....
ଜଗିଛି ତୁମକୁ ଫେରିବା ବାଟରେ
ଜାଣିଛି ଆଶା ମୋ ସରିବ ଆଶାରେ
ତଥାପି କରେ ପ୍ରତୀକ୍ଷା ।

ଧଉରାମୁଣ୍ଡା, ପଦମପୁର, ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗଣତନ୍ତ୍ର ଦିବସ



ଗୌରୀ ପଣ୍ଡା

ଉଡେ ତିରଙ୍ଗା ଆକାଶରେ
ଫର, ଫର, ହୋଇ ଦେଖରେ ।୧
ଏଇ ତିରଙ୍ଗା ପାଇଁ କେତେ
ଜୀବନ ଯାଇଛି ଏଠି ସତେ ।୨
ବାଜି ଲଗାଇ ଜୀବନକୁ
ତଡିଲେ ଦେଶୁ ଇଂରେଜଙ୍କୁ ।୩
ଏ ତିରଙ୍ଗା ଆମ ଗରବ
ସଂସ୍କୃତି, ଐତିହ୍ୟର ଭାବ ।୪
ଏ ତିରଙ୍ଗା ଆମ ବିଶ୍ୱାସ
ବିଦ୍ରୋହରେ ଦେଲା ସାହସ ।୫
ଗୋରା ସରକାର ଶାସନ
ଅତିଷ୍ଠ ହେଲେ ଦେଶ ଜନ ।୬
କଳା ଗୋରାର ଭେଦଭାବ
ଶିକ୍ଷାର ଥିଲା ଯେ ଅଭାବ ।୭
ଧନ, ଦରବ ବୋହି ନେଲେ
ନାନା ପ୍ରକାର ଦଣ୍ଡ ଦେଲେ ।୮
ଊଣେଇଶ ସତଚାଳିଶି
ଦେଶ ସ୍ୱାଧୀନ ହେଲା ଆସି ।୯

ଆମ ଶାସନ ଆମ ହାତ
ବଞ୍ଚିବା ଆମେ ଯେଝା ମତେ ।୧୦
ହେଲା ସମସ୍ୟା ଶାସନରେ
ନୀତି ନ ଥିଲେ ଜୀବନ ରେ ।୧୧
ଚାଲିବ ନାହିଁ ଏ ଜଗତ
ସେଥି ମଧ୍ୟରୁ ମୋ ଭାରତ ।୧୨
ବିଚାର କଲେ ସାଧୁଜନ
ଗଢି ତୋଳିଲେ ସମ୍ବିଧାନ ।୧୩
ଆମ୍ବେଦକର ନାମେ ଜ୍ଞାନୀ
ସମ୍ବିଧାନ ଗଢିଲେ ଜାଣି ।୧୪
ଜାନୁଆରୀ ଛବିଶି ଦିନ
କାମ କରିଲା ସମ୍ବିଧାନ ।୧୫
ତେଣୁ ପାଳୁଛୁ ଆମେ ଖୋଜି
ଗଣତନ୍ତ୍ର ଦିବସ ଆଜି ।୧୬

ଜୟପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନ ଚାହେଁ



ରାଧାମୋହନ
ପୂଜାହାରୀ

ମନ ଚାହେଁ...

ଅସୀମ ଆକାଶର ହୃଦୟକୁ ଛୁଇଁବ
ବିହଙ୍ଗ ସଦୃଶ ସେ ଡେଣା ମେଳି ଉଡ଼ିବ
ମୁକ୍ତ ଆକାଶର ସେହି ମୁକ୍ତ ସଭା ସ୍ଥଳେ
ମନ କଥା କହିବ ସେ ତାରା ଚାନ୍ଦ ମେଳେ
ଚନ୍ଦ୍ରମା ର ସୁଶୀତଳ କିରଣ ପରଶେ
ପୁଲକିତ କରିବ ସେ ହୃଦୟ ହରଷେ □

ମନ ଚାହେଁ...

ନିଜ ଦେହେ ଇନ୍ଦ୍ରଧନୁ ସପ୍ତରଙ୍ଗ ବୋଳିବ
ତା' ସମ ସଭିଙ୍କୁ ସେ ଆପଣାର କରିବ
ସୌହାର୍ଦ୍ଦ୍ୟ ର ଭାବନାରେ ବଶୀଭୂତ ହୋଇ
ଶାନ୍ତି, ମୈତ୍ରୀ, ବନ୍ଧୁତ୍ୱ ର ସଂକଳ୍ପ କୁ ବହି
ସ୍ନେହ, ଶ୍ରଦ୍ଧା, ଭରସା ର ବାରତା ଯେ ଦେବ
ପ୍ରାଣୀ ମନେ ବିଶ୍ୱାସ ର ମଞ୍ଜି ସେ ବୁଣିବ □

ମନ ଚାହେଁ...

ବିଶାଳ ସାଗର ର ଗଭୀରତା ମାପିବ
ତା' ଶୀତଳ ଉଦକ ସନ୍ନିହିତେ ଆସିବ
ହୃଦୟ କୁ ନିଜର ଆନ୍ଦୋଳିତ କରିବ
ନୀଳ ଜଳରାଶି ର ସେ ଉରମି ସହିତ
ପିଲାଦିନ ଲୁଚକାଳି ଖେଳ ଯେ ଖେଳିବ
ସିନ୍ଧୁସମ ମନ ମଧ୍ୟେ ସ୍ୱାଭିମାନୀ ହୋଇବ □

ଲସ୍ତଲା, ସୋନପୁର (ଓଡ଼ିଶା)
ମୋବାଇଲ - ୮୯୧୭୪୧୬୮୫୨

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରେମ ଗଭୀରତା



ଅମୂଲ୍ୟ କୁମାର ପଣ୍ଡା

ଭଲ ପାଇବାର ଗଭୀରତା ତୁମ
କେବେ ମୁଁ ଯେ ମାପି ନାହିଁ,
ଏଇ ମନେ ପ୍ରୀତି ଦେଇଛି ଗୋ ଆଙ୍କି
ଜନମ ଜନମ ପାଇଁ ।
ଆଖିରେ ଆଖିରେ ଚାହିଁ... !
ପାଖେ ପାଖେ ରହି ମନ ବୁଝି ନେଇ
ପଣତରେ ଦେଲ ଛାଇ... ! !

ମୁକ୍ତା ପରି ତୁମ ନୟନ ଯୁଗଳେ
କରିଲ ଏମିତି ବନ୍ଦୀ
ଚାହିଁଲେ ଫେରେନି ନଜର ତୁମଠୁ
ପ୍ରେମରେ ଗୋ ଦେଲ ଛନ୍ଦି ।
ମୋ ମନରେ ବସା କଲ... !
ଅଦିନେ ଲେଖିଲ ଅଲିଭା କାହାଣୀ
ହୃଦୟକୁ ପାଇ ଭଲ... ! !

ଯେବେ ତୁମେ ଟିକେ ହସି କଥା କୁହ
ଅଦିନେ କୋଇଲି ଗାଏ,
ଯେତେ ଦୁଃଖ ଥାଏ ହୃଦୟେ ମୋହର
ନିମିଷେ ଉଭେଇ ଯାଏ ।
ତୁମ ମଧୁ ବୋଳା କଥା... !
ପ୍ରଚଣ୍ଡ ଗ୍ରୀଷ୍ମରେ ମଥା ପରେ ମୋର
ଦିଏ ଶୀତଳତା ଛତା... ! !

ଅରଙ୍ଗାବାଦ, ବରୀ , ଯାଜପୁର
ମୋବାଇଲ : ୯୯୩୮୯୦୭୦୭୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୋଉ



ବୈଦ୍ୟନାଥ ପଣ୍ଡା

ଅଝଟ ହେଲେ ଅବା ରଷିଲେ
କୋଳକୁ ନେଇ ଚାନ୍ଦ ଦେଖାଇ
କହେ କାନ୍ଦେନା ଧନ ଆଉ
ଏମିତି କଥା କହେଟି ସିଏତ ମୋ ବୋଉ
ବୋଉ ସେ ମୋ ବୋଉ...........
ରାତି ରାତି ସେ ଶୁଅଇ ନାହିଁ
କାନ୍ଦିଲେ ମୁହିଁ ଧରି ବସଇ
ବୁଝାଇ  କହେ ଚାନ୍ଦ ମୁଁ ଦେବି
ତୁ କାନ୍ଦେନାରେ ଧନ ଆଉ
ବୋଉ ସେ ମୋ ବୋଉ........ ll
ତା କୋଳ ମୋର  ଶରଗ ପୁର
କଥାରୁ ଝରେ  ଅମୃତ ଝର
ନିଜେ ନଖାଇ ଖୁଆଇ ଦିଏ
ତା ପରି କିଏସେ ହେବ ଆଉ
ବୋଉ ସେ ମୋ ବୋଉ............. ll

ମମତାର ସେ ଝରଣାଟିଏ
ଭରଷାର ସେ ପ୍ରତୀକଟିଏ
କରୁଣାର ସେ ପୁଣ୍ୟ ଡ଼ଙ୍ଗା
ସନ୍ତାନ ପାଇଁ ପ୍ରେମର ଗଙ୍ଗା
ତା ପରି କିଏସେ ହେବ ଆଉ
ବୋଉ ସେ ମୋ ବୋଉ.......... ll
ତାହାରି କଥା ତାହାରି ଭାଷା
ମନରେ ଭରି ଦିଏ ଭରଷା
ମୋ ପାଇଁ ସିଏ ସବୁଠୁ ବଡ଼
ତାହାରି ସେବାରେ ଦିନ ଯାଉ
ବୋଉ ସେ ମୋ ବୋଉ............ ll

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁଃଖରେ ହେଉ ସୁଖରେ ହେଉ

ଆସୁ ଯେତେ ଝଡ଼ଝଞ୍ଜା ଢେଉ

ପାଖରେ ଥିଲେ ଜାବୁଡି ଧରି

ପାଟିରୁ ବାହାରି ଯାଏ ବୋଉ

ବୋଉ ସେ ମୋ ବୋଉ............ ||

ନିଜ ରକତ ଶୁଖାଇ ଯିଏ

ହସ ଭରାଏ ସନ୍ତାନ ମୁହେଁ

ଜୀବନ ଯିବ ସରିବ ନାହିଁ

ତା ଗୁଣ ଗାଉ ଗାଉ

ବୋଉ ସେ ମୋ ବୋଉ.......... ||

ଅବଦଲପୁର, ଯାଜପୁର

ଦୂରଭାଷ : ୯୪୩୯୮୫୪୧୯୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚକ୍ର ସମୟର



ସଂଜୀବ ଦାସ

କୋଡ଼ିଏ ଏକୋଇଶି ।

କୋଡ଼ିଏ କୋଡ଼ିଏକୁ ଦେଇ ମେଲାଣି ଆସିଲା ଆଉ ଏକ ଇଂରାଜୀ  ନୂଆ

ବରଷ

ସାରା ଜଗତଟାରେ କାହାରି ମୁଖେ ନଥିଲା ଖୁସି ବା ହରଷ

ଜାଣିଛ, କାହିଁକି  ଫିକା ପଡିଗଲା ଉତ୍ସବର ସବୁ ପ୍ରୟାସ  !

ନା ଥିଲା ଆତସବାଜି, ନା ବଣଭୋଜିର ଆୟୋଜନ ତା ପାଇଁ,

'ଜିରୋ ଆୱାର ସେଲିବ୍ରେସନ'  କୁ ଲାଗିଗଲା ସତେ ଅବା ଗ୍ରହଣ !

'ଏସଓପି' ଜରିଆରେ କଟକଣା କେତେଯେ କଅଣ  !

ମହାମାରୀ ଯୋଗୁଁ ଏତେ ସବୁ ପ୍ରବନ୍ଧନ, ବଞ୍ଚାଇବାକୁ କୋଟି  ଜନଗଣ ।

ମାନିନେଲେ ମୁଣ୍ଡ ନଇଁ  ଆମେ ସବୁ ନିର୍ଦ୍ଦେଶ ଦେଲା ଯାହା   ପ୍ରଶାସନ ।

ଯେଣୁ ଜୀବନ ଆଗ, ଘୁଞ୍ଚାଯାଇ ପାରିବ ଯାବତୀୟ 'ସେଲିବ୍ରେସନ ' ।

ନଥାନ୍ତା ଯଦି କୋଭିଡର ତାନାଶାହୀ ହୋଇଥାନ୍ତେ ସଭିଏଁ ମତୁଆଲା

ଜିଁଭରି ହୋଇଥାନ୍ତେ ଉନ୍ମାଦିତ ଆକାଶ ପାତାଳ କରି ଏକାକାର ।

ନେଇଥାନ୍ତେ ଭିନ୍ନ କେତେ ଅକୁହା 'ରିଜୋଲୁସନ'

ରହିଗଲା ସପନ ରାଇଜର କେତେ କଥା,ଅଡ଼ି ବସିଲା ଶତାବ୍ଦୀର ବଡ ଅସୁରୁଣୀ ।

ନିର୍ଘାତ ବେତରେ ତାର ଧରାଶାୟୀ କେତେ ଯେ ଅମୂଲ୍ୟ ଜୀବନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲେଖିଦେବ ଇତିହାସ ତା ସୁବର୍ଣ୍ଣପୃଷ୍ଠାରେ ମାରଣାତ୍ମକ ଅଜଣା ଆତତାୟୀ ଭୁତାଣୁର କାହାଣୀ ।

ନିମିଷକେ ମାଡିଯାଇଥିଲା ଯାହା ଉହାଣରୁ ସଂସାରର ସବୁ କୋଣେ ଅନୁକୋଣେ,

କୋଡ଼ିଏ କୋଡିଏର ଆଦ୍ୟଭାଗେ ,ସେଇ କରୋନାର ଭିନ୍ନରୁପ କରୁଣ କାହାଣୀ

ଶୁଣିବ ଆଗ ପିଢ଼ି ,ହୁଏତ ଏକୋଇଶି ଏକୋଇଶି ରେ ,

ବିରାଜି ଏକ ଶତକ ଅନ୍ତରାଳେ କରି ସତ୍ୟ ନିଜର ସମୟ ସାରଣୀ ।

ସତରେ ବ୍ୟତିବ୍ୟସ୍ତ ସମ୍ପୂର୍ଣ ବ୍ରହ୍ମାଣ୍ଡ ,ନୂଆ ବରଷ ଆଉ ଲାଗିଲାନି ନୂଆ ନୂଆ ।

ଯେ କଅଣ ପ୍ରକୃତିର ଅଟ୍ଟହାସ୍ୟ ! ମାନବ ଜାତିକୁ ଅଶନି ସଂକେତ !!

ତା ବକ୍ଷେ କରି ଯେତେ ପରୀକ୍ଷା ନୀରିକ୍ଷା ଭିଆଇଛି କରୋନାର ଏଇ ତାଣ୍ଡବ ।

ବେଳହୁଁ ହେବ ସାବଧାନ ଏ ଜିଜ୍ଞାସୁ ଜାତିଟା, ନତୁବା ସମର୍ପି ଦେବାକୁ ହେବ କେତେ ନିରୀହ ଜୀବନ

ଚୁକାଇ ବଡ ଏକ ମୂଲ୍ୟ, ସ୍ତବ୍ଧ ହୋଇଯିବା ଆଗରୁ ମାଗିନେଇ କ୍ଷମାଟିଏ ଚିରନମସ୍ୟ ଧରିତ୍ରୀ ମାଆଠୁ ।

ସିଡିଏ, କଟକ

୭୩୭୭୬୧୯୦୦୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମୁଁ ରାୟଗଡ଼ାର ଝୁଲାପୋଲ କହୁଛି



କ୍ଷୀରସିନ୍ଧୁ ନାଏକ

ବନ, ପାହାଡ଼ ଘେରା ରାୟଗଡ଼ାରେ
ଅଛି ମୋର ବାସସ୍ଥାନ,
ରାୟଗଡ଼ା ମାଟିରେ ଜନମୀ
ମୁଁ ହୋଇଅଛି ଧନ୍ୟ ।

ପ୍ରକୃତିର ଗନ୍ତାଘର ନାଗାବଳୀ
ନଦୀ ତୀରେ ମୁଁ ପ୍ରକୃତିର ରାଣୀ,
କେତେ ଇତିହାସ,କିମ୍ବଦନ୍ତୀ କହିବି
ହେ ଜନ, ସବୁକିଛି ଜାଣି ଜାଣି ।

ନାଗାବଳୀ ନଦୀ ସହ ଖେଳ
ଖେଳେ ମୁଁ ଲୁଚକାଳି,
ନାଗାବଳୀ ସହ
ନାଚେ ମୁଁ ହଲିଝୁଲି ।

ମୋ ଦରଶନେ ଆସନ୍ତି
ଯେ କେତେ ଜନ,
ବାସ୍ତବରେ ନୟନର ଶୋଷ କୁ
ମେଣ୍ଟେଇ ପାରିବ କେଉଁ ଜନ ।

ହେ, ଜନ ଦେଖିବାକୁ
ଆସ ଥରେ ମୋତେ,
ପ୍ରକୃତିର ସ୍ମୃତି ନେଇ
ଘରକୁ ଫେରିବ ସତେ ।

ମୋ ଦରଶନେ ଆସିଲେ
ହେବ ନାହିଁ ଅତିରୁ ଇତି,
ଜନତାଙ୍କ ମନରେ
କମିଯିବ ମୋ ପ୍ରତି ଭାବ ପ୍ରିତୀ ।

ମାତୃଭାଷା ମାତୃଭୂମିକୁ ଭଲ ପାଉଥିବା,
ଜଣେ ଓଡିଆ ସ୍ୱାଭିମାନୀ ଛାତ୍ର ।

+୩ ଇଂରାଜୀ ଭାଷା ସାହିତ୍ୟ
ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ,ରାୟଗଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମ ବିରହୀ



ଭାର୍ଗବୀ ମାଝୀ

ବିତିଯାଏ ଦିନ   ତୁମ ଅପେକ୍ଷାରେ
ପ୍ରିୟା ମୋ ବଦନଶଶୀ
ନୟନେ ମୋହର  ଲୁହର ସମ୍ଭାର
ବିରହେ କାନ୍ଦୁଛି ବସି

ମିଳନ କାଳରେ ଏ କି ବିଡ଼ମ୍ବନା
ପାରୁନି ତିଳେ ମୁଁ ବୁଝି
ଶତକ୍ରୋଶ ଦୂରେ ତୁମେ ଅଛ ପ୍ରିୟା
ହୁଏ ମୁଁ ବିରହେ ଭଜି

କଳାକୃଷ୍ଣ ତୁମ   କେଶଗୁଚ୍ଛ ସବୁ
ବଉଦ ପକାଇ ମନେ
କେତେ ଦୂର ଦେଖୁ ଉପମା ପରଶେ
ଢଳ ଚଞ୍ଚଳ ନୟନେ

କିଆଫୁଲ ସମ  ଅଧରୁ ତୁମର
ଝରି ପଡୁଥାଏ ମହୁ
ସେଥିରୁ ଟିକକ ଦେବ ବୋଲି ପ୍ରିୟା
ମେଲାଇ ରଖିଛି ବାହୁ

ରକ୍ତ କୁସୁମ   ରକ୍ତ କଙ୍କଣ
ପାଦରେ ଅଳତା ଗାର
କଜ୍ୱଳ କଳା  ଆହେ ମଧୁଶୀଳା
ତୁମେ ସବୁଠି ଅସାର

ଜ୍ୟୋସ୍ନା ରଜନୀ  ପଥ ତୁମ ଚାହିଁ
ରୋମାଞ୍ଚ କରି ଜାତ
ଶିଥିଳ ଚିକୁର   ଚୁମ୍ବନା କୂଳ
ସ୍କନ୍ଧରେ ବାହୁଘାତ

ଆହେ ସୁନ୍ଦରୀ  ଧୀର ଆଗମନୀ
ଉଜ୍ୱଳେ ପ୍ରଭାତ ତାରା
ବହିଯାଏ ଅଶ୍ରୁ    ତୁମ ପଥ ଚାହିଁ
ଶୀଘ୍ର ଆସ ହେ ପ୍ରିୟା ।।

ଧର୍ମଗଡ଼,କଳାହାଣ୍ଡି
ମୋ : ୯୮୭୧୪୭୩୨୪୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନର ଆଶା



ସ୍ୱାଗତ ମିଶ୍ର

ମୋ ମନର ଭାବନା ସବୁ
ସାଗରର ଜୁଆର ଭଳି
ପ୍ରତିଯୋଗିତା କରୁଥାନ୍ତି
ବେଳାଭୂମିକୁ ସ୍ପର୍ଶ କରିବା ପାଇଁ ।

ସତରେ କ'ଣ ସମସ୍ତଙ୍କର
ସ୍ୱପ୍ନ ସାକାର ହୁଏ ?
କିଛି ଜୁଆର ଅସ୍ତିତ୍ୱ ହଜାଇଦିଏ
ଅନ୍ୟ ଏକ ଜୁଆରର ପ୍ରତ୍ୟାବର୍ତ୍ତନରେ,
କିନ୍ତୁ ବେଳାଭୂମିର ଆକର୍ଷଣକୁ
ସେ କ'ଣ ଭୁଲିଯାଇପାରେ,
ନିଜକୁ ସେ ଗଢ଼ି ତୋଳେ
ପହଞ୍ଚିବାକୁ ନିଜ ଲକ୍ଷ୍ୟରେ ।

କିଏ ଅବା ଜାଣିଛି
ହୁଏତ ସେ ହାରିଯିବ ପୁଣିଥରେ,
ହାରିବା ଜିତିବା ଲାଗି ରହିଛି
ଏ ଜୀବନ ପ୍ରତିଯୋଗିତାରେ ।
ହାରିଗଲେ ଦୁଃଖ ନାହିଁ
ଜିତିଗଲେ ଖୁସି ନାହିଁ,
କାରଣ ଏ ସବୁ ନିୟନ୍ତ୍ରିତ ହେଉଥାଏ
କେଉଁ ଏକ ଅଦୃଶ୍ୟ ଶକ୍ତିରେ ।

ପଦ୍ମାଦେଇପୁର, ନୟାଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁ ଗଲାପରେ



ସନ୍ତୋଷ କୁମାର ସାହୁ

ତୁ ଗଲା ପରେ....
　　ମୁଁ କାନ୍ଦେ
ଶୁନଶାନ୍ ରାତ୍ରିରେ
　　ସମସ୍ତେ ଶୋଇଗଲା ପରେ ।

ତୁ ଗଲା ପରେ....
　　ମୁଁ ଜଳେ
ମୋ ଅନ୍ତର ଭିତରେ
　　ତୋ ଅଭୁଲା ସ୍ମୃତିରେ ।

ତୁ ଗଲା ପରେ....
　　ତତେ ପାଏ
ମୋ ମନର କୋହରେ
　　ଆଉ ଆଖିର ଲୁହରେ ।

ବିନାୟକପୁର, ନୟାଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲେଉଟା ବନ୍ଧୁତ୍ୱ



ହାସ୍ୟମୟୀ ରାଜ

ଆଜି ଖୁବ୍ ମନେପଡେ ତୋ କଥା
ଭାବିନଥିଲି କେବେ
ଏତେ ବଢିଯିବ ହୃଦୟର ଦୂରତା
ଆଜି କଳ୍ପନାରେ ଦେଖେ ତୋ ମୁଁହ
ଖୋଜିପାଏନା ବାସ୍ତବରେ
ଆଶା କୁହୁଡି ପହଁରେ
ତୁ ଆସିବୁ ପୂର୍ଣ୍ଣଚ୍ଛେଦ ଟାଣି
ମୋ ଅସରନ୍ତି ଅପେକ୍ଷାରେ
ପୁନଶ୍ଚ ଆମେ ଚାଲିବା
ପିଲାଦିନେ ଯେମିତି
ଧରାଧରି ହୋଇ ଚାଲୁଥିଲେ ହାତ
ସରୁନଥିବ ଅନ୍ତହୀନ ପଥ
କୋଇଲି ଗାଉଥିବ ଗୀତ
ଫେଲିଆସିବ ଆମ ଅନାବିଳ ବନ୍ଧୁତ୍ୱ ।।

ହେଲେ
ଆଉଟୁ ପାଉଟୁ ହୁଏ ହୃଦୟ
ସ୍ୱପ୍ନ କ'ଣ ହେବ ସତ
ତୋ ବିନା ବାଟ ଚାଲିବାକୁ
ଆଜି ଲାଗେ ଭାରି କଷ୍ଟ
ସବୁ ଲାଗେ ଶୁଷ୍କ
ଅଧରରୁ ଲିଭିଯାଏ ହସ
ବନ୍ଧୁତ୍ୱର ଡାକ
ସୃଷ୍ଟିକରେ ହୃଦୟରେ
ଏମିତି କଂପନ
ଯୋଜନ ଯୋଜନ ଦୂରତାରେ ବି
ଯୋଡି ହୋଇଯାଏ ମନ
ଅନନ୍ୟ ସେ ସତରେ ମହାନ୍ ।।

*ଓରାଳି, ହାଟଡିହି, କେନ୍ଦୁଝର ।*

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସତେ କଣ ସେଦିନ ଆସିବ



ଗଦାଧର ମହାପାତ୍ର

ସତେ କଣ ସେଦିନ ଆସିବ
ହେ ମୋର ଉଦୟଗିରି
ତୋ ବକ୍ଷର କୋରଡରେ
ସେ ଘଞ୍ଚ ବୃକ୍ଷ ମଧ୍ୟରେ
କଣ୍ଟକିତ ପଥ  ଚିରି
ପ୍ରବେଶିଲେ କହ କେଉଁ
ବୁଦ୍ଧ ମୁନି
ତୋର ସେହି ନିର୍ଜନ ସ୍ଥାନକୁ

ଆଶ୍ଚର୍ଯ୍ୟ ଲାଗୁଛି ଦେଖି
ଉତ୍‌ଫୁଲିତ ହୁଏ ଛାତି
ଆଜି ତୋ ଭଗ୍ନ ପ୍ରାଚୀର
ଅପୂର୍ବ ଲାବଣ୍ୟ ତାର
ସେଦିନ ସେ ଯେବେ ପୂର୍ଣ୍ଣ ଦେହ ଧରି
ଶୋଭିଥିବ ତୋ ଧରା ବକ୍ଷରେ
ଆନନ୍ଦେ ତୋ ମନ ନିଶ୍ଚେ ଯାଇଥିବ ପୂରି

ସତେ କଣ ସେଦିନ ଆସିବ
ଆସୁଥିବେ କେତେ ସାଧୁ
କେତେ ସନ୍ଥ
କେତେ ପୁଣି ବୌଦ୍ଧ ଭକ୍ତ
କେଉଁ ଅଜଣା ପ୍ରାନ୍ତରୁ
ବାମ୍ଫି ଜଳେ କରି ସ୍ନାନ
ଏକ ଲୟେ ଏକ ଧ୍ୟାନେ
କରି ତପ
ଲଭୁଥିବେ ନିଶ୍ଚେ ଦିବ୍ୟ ଜ୍ଞାନ

ବସନ୍ତର ମଳୟ ପବନେ
ଘଞ୍ଚ ବୃକ୍ଷ ଛାୟା ତଳେ
ମେଳ ହୋଇ କେତେ ପଥକ୍ଲାନ୍ତ  ଭକ୍ତଗଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆନନ୍ଦରେ ଲଭୁଥିବେ ମଳୟ ପବନ
ବାମ୍ପିଜଳ କରି ପାନ
ଦେହୁ କ୍ଲାନ୍ତ ଦୂର କରି
ଦେଖୁଥିବେ ଯାଇ ତୋର
ବୌଦ୍ଧସ୍ତୁପ, ବୌଦ୍ଧ ମୂର୍ତ୍ତି
ସାର୍ଥକ ସେ ମଣୁଥିବେ ତାଙ୍କରି ଜୀବନ

ଆଷାଢର ପହିଲି ପରଶ ପାଇ
ଶୁଷ୍କ ତୋର ସେ ଭୂମିରେ
ଜୀର୍ଣ୍ଣ ବୃକ୍ଷ  ଉଠିଥିବ ଜିଇଁ
ଭକ୍ତ ଭିଡ କମିଥିବ
ଫେରିଥିବେ ଯେ ଯାହା ଘରକୁ
ନିଜର କ୍ଷେତ ମଧ୍ୟକୁ
ଲାଗିଥିବେ ମାଟି ସଂଗେ ମାଟି ହୋଇ
ନିଜର ଓ ନିଜ ପରିବାର ପାଇଁ
ପେଟ ପାଇଁ ମୁଠେ ଦାନା
ପିଠିପାଇଁ ଖଣ୍ଡେ କନା ପ୍ରସ୍ତୁତ କରିବା ପାଇଁ

ବନ୍ୟା ଯେବେ ଆସୁଥିବ

ଭୟଙ୍କର ଗର୍ଜନ ବୁହାଇ
ଦୁଇଟି ନଦୀର ମନ
କରିବାକୁ ତୋ ଦର୍ଶନ
ସତେ ଅବା କରୁଥିବେ କଳି
କିଏ ଆସି ତୋ ପାଦ ଦେଶକୁ
ଆଗ ଯିବ ଛୁଇଁ

ଆସନ୍ତି ଉଭୟେ ମିଶି
ତୋ ପାଦ ଯାନ୍ତି ପରଶି
କିନ୍ତୁ କେତେ ଜିଆ
କେତେ ସୂକ୍ଷ୍ମ ଜୀବ
ଧାଇଁ ଥିବେ ତୋ କୋଳକୁ
ରଖିବାକୁ ତାଙ୍କର ସେ ମୁହୂର୍ତ୍ତ ଜୀବନ

ବନ୍ୟା ଜଳେ ଜଳ ମଗ୍ନ
ଆସନ୍ନ ତାର ଜୀବନ
ଛାଡି ନିଜ ଖାଦ୍ୟ ଶସ୍ୟ
ଆପଣା ନିବାସ
ସଂଗେ ଧରି ନିଜ ଗାଈଗୋରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରଖିବାକୁ ତାଙ୍କରି ଓ ତାଙ୍କର ଜୀବନ

ଧାଇଁଥିବେ ସାଧୁ ସନ୍ଥ

ଦେବାପାଇଁ ସାନ୍ତ୍ୱନା ତାହାଙ୍କୁ

ଆଜି କିନ୍ତୁ ନାହିଁ ସେହି

ପାହାଡର ସାଞ୍ଜା  ସାଞ୍ଜା ଅନ୍ଧାରି ଅରଣ୍ୟ

ତାହା ଆଜି ଜଣ ଶୂନ୍ୟ

ଭଗ୍ନ ଦେହ ଧରି

ମାଟିତଳୁ ହେଲେସିନା

ତୋର ନବଜନ୍ମ,

ଦିନେ ଯେଉଁ ନିହାଣ ମୁନରେ

ଗଢ଼ିଥିଲେ କେଉଁ ଦିବ୍ୟ ବ୍ୟକ୍ତି

ବଢ଼ିଥିଲା ତୋ ରୂପ ଲାବଣ୍ୟ

ତଥାପି ତୋ ଭଗ୍ନ ଜୀର୍ଣ୍ଣ ଦେହ

ସେଦିନର ଶିଳ୍ପକଳା

ଧର୍ମ ଓ ସଂସ୍କୃତିର ମୋହ

ପ୍ରମାଣିତ କରେ ଆଜି

ବିଶ୍ୱ ଦରବାରେ

ତୋ ତନୁର

କାରୁକାର୍ଯ୍ୟ  ସୌନ୍ଦର୍ଯ୍ୟ ଦର୍ଶନେ

ଆସନ୍ତି ଓ ଆସୁଥିବେ

କେତେଯେ ବିଦେଶୀ

ତୋ ରୂପର ଆକର୍ଷଣେ

ପାରିଛୁ ଓ ପାରୁଥିବୁ ତାଙ୍କୁ ତୁ ଆକର୍ଷି  !

ଭ୍ରାମ୍ୟଭାଷ : ୯୭୭୮୫୫୨୨୭୬

ଇମେଲ୍: gadadharmohapatra2@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୃଷ୍ଟିର ବିଡ଼ମ୍ବନା



ରଶ୍ମୀରେଖା ମଲିକ

ବରଷାର ଚିରନିଦ୍ରା
ଆକାଶର ନିର୍ଲିପ୍ତ ବକ୍ଷରେ
ଋଷିଛି ଶ୍ରାବଣୀ କନ୍ୟା
ଉଠିବନି ଆଉ ବୋଧେ
ମେଘ ମହ୍ଲାର ଶବ୍ଦରେ

ଶୀତର ଅଜ୍ଞାତବାସ
ବୃକ୍ଷଶୂନ୍ୟ ମରୁଭୂମି ପରେ
ଉଷ୍ଣତା ଯାଇଛି ହଜି
ଧରା ଆଜି କବଳିତ
କୁହୁଡ଼ିର ବଳୟରେ

ଋତୁରାଜ ବସନ୍ତ ଏବେ
ହୋଇଅଛି ଗାଦିଚ୍ୟୁତ
ମଳୟ ପବନ କୋଇଲିର କୁହୁତାନ
ଆଉ ଆମ୍ବ ବଉଳର ବାସ
ସବୁ ଆଜି ସାଜିଛି ଅଜଣା ଅତୀତ

ବଢ଼ିଯାଏ ଧୀରେ ଧୀରେ
ସିନ୍ଧୁ କଳେବର
ଶୁଭୁନି ତ ରାତ୍ରିକାଳେ
ଝିଙ୍କାରୀର ସ୍ୱର
କେମିତିକା ବିଡମ୍ବନା
ଏ ସବୁ ଧରଣୀର

ଶ୍ରେଷ୍ଠତ୍ୱ ମୁକୁଟଧାରୀ
ମନୁଷ୍ୟର କରାଘାତେ
ସୃଷ୍ଟି ଆଜି ଭୂଲୁଣ୍ଠିତ
ହଜିଛି ତା' ଅପରୂପ ଶୋଭା
ସଞ୍ଚିତ ଥିଲା ଯାହା ଜଗତର ହିତେ

ଶ୍ରୀଜଙ୍ଗ, ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପା



ରଞ୍ଜୀତ
ଅରେବେଡ଼ିଆ

ବାପା ତୁମ ତନୁ କେଉଁ ବସ୍ତୁରେ ଗଢ଼ା
ମାଂସ ନା ପଥର ?
ଏତେ କଷ୍ଟ କିପରି ସହ୍ୟ କରିପାର ?
ଏମିତି ପରିଶ୍ରମ କିପରି କରିପାର ?
ଖରା ହେଉକି ବର୍ଷା ବା ଶୀତ
କାହାକୁ ଖାତିର ନକରି !
ତୁମେ ତମ କର୍ମ ପଥରେ ଆଗେଇ ଚାଲ
ସତରେ ବାପା ତୁମ ତନୁ କେଉଁ ବସ୍ତୁ ରେ ଗଢା ?

ବାପା ତୁମେ ଏମିତି ନିଃସ୍ୱାର୍ଥପର
କିପରି ହୋଇପାର ?
ନିଜେ ଦୁଃଖ ସହି ମଧ୍ୟ
ପରିବାର କୁ ଖୁସି ରଖ !
ନିଜେ କ୍ଷୁଧାରେ ଜଳି ମଧ୍ୟ
ପରିବାର କୁ ପୋଷଣ ଯୋଗାଅ !
ନିଜେ କାନ୍ଦି ମଧ୍ୟ ପରିବାରକୁ ଖୁସିରେ ରଖ !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସତରେ ବାପା ତୁମ ତନୁ କେଉଁ ବସ୍ତୁରେ ଗଢା ?

ବାପା ତୁମେ ତ ଦୟା ର ସାଗର

କ୍ଷମାର ଆଧାର ,ସ୍ନେହ, ମମତାର ଅପାର

ତୁମ ପ୍ରେମର ପରିସୀମା ହିଁ ନାହିଁ

ତୁମେ ତ ସର୍ବଦାତା

ସତରେ ବାପା ତୁମ ତନୁ କେଉଁ ବସ୍ତୁରେ ଗଢା ?

ବାପା ତୁମ ସ୍ଥାନ ଦେବତା ଠାରୁ ମଧ୍ୟ ଉଚ୍ଚରେ !

ତୁମ ସହ ତୁଳନୀୟ ବସ୍ତୁ ଏ ସଂସାରରେ ନାହିଁ !

ତୁମର ଧୈର୍ଯ୍ୟ,ତୁମର ତ୍ୟାଗ

ତୁମର ସହନଶୀଳତା ଆଗରେ ସମସ୍ତେ ନତ ମସ୍ତକ !

ତୁମର ଋଣ ଶୁଝିବା ଆମ ପକ୍ଷେ

ସାତ ଜନମରେ ମଧ୍ୟ ସମ୍ଭବ ନୁହେଁ !

ସତରେ ବାପା ତୁମ ତନୁ କେଉଁ ବସ୍ତୁରେ ଗଢା ?

ଗ୍ରାମ - ମିର୍ଜାପୁର,କଳାହାଣ୍ଡି

ଓଡିଶା ବିଶ୍ୱବିଦ୍ୟାଳୟ କୋରାପୁଟ

ସ୍ନାତକୋତ୍ତର ପ୍ରଥମ ବର୍ଷ ଛାତ୍ର ( ଓଡ଼ିଆ )

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋ ଜୀବନ ନକ୍ସା ତୁମେ



କମଳ ଲୋଚନ ମଲ୍ଲିକ

ଆସିଲ ହେଇ ଯେବେ ମୋ ଜୀବନେ ରାଧା
ଫୁଟିଗଲା କେତେ କଳ୍ପନାର ବାସ୍ତବତା,
ଜୀବନ ଅଚିରେ ସାଜିଲା ମଧୁର
ଦୂରେଇଲା ଯେତେ ଜହର ପିତା ।

ନିଦାଘେ ଆସିଲା ମଳୟ ପବନ
ମରୁରେ ମିଶିଲା ତରୁ,
ଆଖିରେ ଖେଳିଲା କାଦମ୍ବରୀ ନିଶା
ଜୀବନଟା ହେଲା ସୁରୁ ।

କିମିଆ କରିଲା ସତେ ମୋତେ ଆଜି
ତୁମ ସେ ଦେହର ବାସ୍ନା,
ଅନ୍ଧାରରେ ଦିଶିଗଲା ମୋତେ ହାଏ
ଶୀତଳ ଜହ୍ନର ଜ୍ୟୋସ୍ନା ।

ବାସନାରେ ହେଇ ବାଟବଣା ମୁହଁ
ଖୋଜିଲି ତୁମକୁ ଯେ ଦିନରାତି,
ତୁମ ବିନା ବଞ୍ଚିବାଟା କେତେ ଯେ କଷ୍ଟ
ସେଦିନୁ ହେଲା ଅନୁଭୂତି ।

ଚିତ୍ତ ବିନୋଦିନୀ ତୁମ ନୟନର
ପ୍ରଲୁବ୍ଧ ମୁଗ୍ଧ ଆଭାରେ,
ହଜିଗଲି ମୁଁ ଯେ ତୁମ ନୟନର
ତରଙ୍ଗ ବୋଳା ଢ଼େଉରେ ।

ପ୍ରେମ କି ମରଣ ଶେଯ ନା ସିଏ
ବଞ୍ଚିବାର ନୂଆ ଆଶା,
ଭାବିଣ ତୁମକୁ ଭାଳିହୁଏ ମୁହିଁ
ସାଜିଲ ତୁମେ ମୋ ଜୀବନ ନକ୍ସା ।

ଗ୍ରାମ - ତାଳପଦା, ଦ୍ୱାରିକା, ବାଲେଶ୍ୱର, ୭୫୬୦୪୪
ଦୂରଭାଷ - ୭୩୭୭୦୦୯୫୯୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ମନ୍ତ୍ର ଏ ତ ସ୍ୱାଭିମାନ



ପ୍ରତିମା ମେହେର

ନିଃସଙ୍ଗତା ଦିଏ ଅନେକ ଯାତନା
ଲଭିବାକୁ ଆତ୍ମ ଜ୍ଞାନ
ମୁଠାଏ ମାଟିର ଅକୁହା ବେଦନା
ଚକ ମଧ୍ୟେ ବଳିଦାନ।।

ବୃକ୍ଷଟିଏ ବଢ଼େ ବୁନ୍ଦା ବୁନ୍ଦା ଜଳେ
ବିଛାଇ ତା'ଡ଼ାଳପତ୍ର
ଭଲ ପାଇବାର ତ୍ୟାଗର ବଳେ
ଆଦର ଲଭେ ସର୍ବତ୍ର।।

ଚାଲିବାକୁ ଏକା କରନାହିଁ ଭୟ
ଅଭିଜ୍ଞତା ସଦା ସାଥି
ବିଛିଦିଅ ଫଗୁ ନିଶ୍ଚେ ହେବ ଜୟ
ମନେ ରଖ ଯେ,ନିହାତି।।

ଅତି କ୍ଷୁଦ୍ର ଜୀବ ବୁଢ଼ୀଆଣୀ ସଦା
ବୁଣୁଥାଏ ତା'ର ଜାଲ
ଉଠି ପଡ଼ି ଉଠି ହାରେ ନାହିଁ କଦା
ହୁଏନି କେବେ ବିଫଳ।।

ଦୀର୍ଘ ପଥଟିଏ ଲମ୍ବି ଯାଇଅଛି
କାୟା ତା'ବିସ୍ତାର କରି
ପଥ ନୁହେଁ ସେ ବୟସ ଆମରି
ଡାକୁଅଛି ହାତ ଠାରି।।

ଗୋଲାପ'ର ଜନ୍ମ କଣ୍ଟକ ମଧ୍ୟରେ
ରୂପ ତା'ଅଗ୍ନି ସମାନ
ବିଫଳତା ମଧ୍ୟେ ସଫଳତା ଲଭେ
ମନ୍ତ୍ର ଏ'ତ ସ୍ୱାଭିମାନ ।।

ପାଟଣାଗଡ଼, ଜିଲ୍ଲା-ବଲାଙ୍ଗିର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ



ଆଶୁତୋଷ ମେହେର

ସମୟ ବେଳାରେ ଠିଆ ଏ ମଣିଷ ଖୋଜୁଛି ଆଗକୁ ବାଟ
ପରସ୍ତ ପରସ୍ତ ଖିଅ ଭରା ଏହି ଜୀବନ ଗୋଟାଏ ହାଟ ।
କେତେ ଯେ ଦରବ ପସରା ମେଲାଇ ବନ୍ଧୁ କିଏ ପରିଜନ
ଦୁଃଖ ଧରି କିଏ ହସର ଚାଙ୍ଗୁଡି ଚତକେ ଆତୁର ମନ ।।

ଇନ୍ଦ୍ରଧନୁ ସମ ରଙ୍ଗର ରୋଷଣୀ ଆହରହ ବୁଣାବୁଣି
ଜୀବନ ଆକାଶେ ଚମକୁ ଥାଏ ସେ ଆହ୍ଲାଦେ ମନକୁ କିଣି ।
କେବେ ଝରିଯାଏ ଦୁଃଖର ଫୁଆରା କଳା ବାଦଲର ଛାଇ
ବାଟ ବଣା ହୁଏ ବାଟୋଇ ବିଚାରା ଘାଣ୍ଟି ହେଉଥାଏ ବାଇ ।।

ସୁଖ ଦୁଃଖ ଭରା ଜୀବନ ଜଞ୍ଜାଳ ଜନମ ଏ ଜଉଘର
ସଂସାର ସାଗରେ ତରୀ ବାହିବାକୁ ନାଉରୀ ର ତରତର ।
ପ୍ରଭୁଙ୍କୁ ସୁମରି ସୁର ମେଲିଦିଏ ସଙ୍ଗ କରି ବନ୍ଧୁ ଭାବ
ଅଥଳ ଦରିଆ ପାରି ହେବା ପାଇଁ ହିସାବେ କି କ୍ଷତି ଲାଭ ??

ଜୀବନ ଏମିତି ଆଗେ ମାଡି ଚାଲେ ସୁମରି ପ୍ରଭୂଙ୍କ ପାଦ
ସେ ପଦ୍ମ ଆଶୀଷ ଜନମ ସେ ପାରି ଗଭୀର ସୁନ୍ଦର ସ୍ୱାଦ ।।

୫୪ ଆର୍ଯ୍ୟପଲ୍ଲୀ, କିଟଛକ,ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅସରାଏ ଅଶ୍ରୁ



ପବିତ୍ର ଦାସ

ତୁମେ ସାଗରରେ ଉର୍ମି ହୋଇ ଯେବେ
ଖେଳୁଥାଏ ଲୋଳାୟିତ
ମୁଁ କିନ୍ତୁ ପାରେନି ତୁମକୁ ପାସୋରି
ବୁକୁରେ ତୁମେ ପ୍ଲାବିତ ।।୧

ଅସରାଏ ବର୍ଷା ପାଣିରେ ଫୋଟକା
ଭାସିଯାଏ ଶୂନ୍ୟ ହୋଇ
ତୁମରି ବାସ୍ନାରେ ତମାମ ଜୀବନ
ଯାଉଅଛି ମୁ ଯେ ବହି ।।୨

ଚିରୁଡାଏ ହସ ଚେନାଏ ମହକ
ତୁମେ ନିତି ବାଣ୍ଟୁଥିଲ
ଏବେ ଅପାସୋରା ସେ ସବୁ ମୋ ପାଇଁ
କେଣେ ତୁମେ ରହିଗଲ ।।୩

ତୁମରି ପ୍ରେମରେ ତନୁ ମନ ମୋର
ହେଇଯାଏ ଆହ୍ଲାଦିତ
କ୍ଲାନ୍ତ ମନ ମୋର ବଢ଼ଇ ବିବଶ
ଜୀବନଟା ନର୍କ ପଥ ।।୪

ଜୀବନ ଯନ୍ତ୍ରଣା ବଢେ ଦିନୁ ଦିନ
ଚାଲୁଛି ଆପଣା ଛାଏଁ
ଅସରନ୍ତି ଆଶା, ମୁଠାଏ ସପନ
ସବୁ ଜଳି ପୋଡିଯାଏ ।।୫

ମନ ପ୍ରଗଣାରେ ପଡି ତ ରହିଛି
ପୁଳା ପୁଳା ଅବଶୋଷ
ଭଙ୍ଗାରୁଜା ହୋଇ ବିକ୍ଷିପ୍ତ ମନଟା
ପଡି ଅଛି କିଛି ଅଂଶ ।।୬

ଝର ଝର ହୋଇ ଝରୁଛି ଝରଣା
ଆଖିର ଲୋତକ ପରି
ଅପର୍ଯ୍ୟାପ୍ତ ଦୁଃଖ ସାଗର ଭିତରେ
ମୁହିଁ ହେଇଯାଏ ବାରି ।।୭

#ରେଭେନ୍ସା_ବିଶ୍ୱବିଦ୍ୟାଳୟ_କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଗବାନଙ୍କ ସୃଷ୍ଟିରେ ଭେଦଭାବ



ରୀକ୍ଷିରାମ ମେହେର

ହେ ଭଗବାନ ଗଢିଲ ଛତିଶ କୋଟି ଜୀବ
　　ଶ୍ରେଷ୍ଠ ଜୀବ ମାନ୍ୟତା ଦେଲେ ମଣିଷ
ସମସ୍ତ ଙ୍କ ଠୁଁ ଅଲଗା ଗଢ଼ିଲ ଦେଇ
　　ମସ୍ତିଷ୍କରେ ଦେଲ ଅନେକ ବୁଦ୍ଧି ବିବେକ,
ମଣିଷ ମଣିଷ ଭିତରେ ସୃଷ୍ଟି କଲେ
　　କେବଳ ମାତ୍ର ଦୁଇଟି ଜାତି ସ୍ତ୍ରୀ ଓ ପୁରୁଷ,
ଦେଖ ପ୍ରଭୁ ତମ ଦେଇଥିବା ବିବେକ କୁ
　　କିପରି କରିଲେ ଜାତି ଜାତି ରେ ବିଭକ୍ତ,
ସୃଷ୍ଟି ରୁ କରିଥିଲ ଚାରି ଭାଗ ବିବକ୍ତ
　　ତାହା ପୁଣି ନିରେଖିଲ ସମସ୍ତ ଙ୍କ ବିବେକ,
ଦୁନିଆ ପାଇଁ ଜ୍ଞାନ ଦେବା ପାଇଁ ବ୍ରାହ୍ମଣ,
　　ଶାନ୍ତି ପାଇଁ ଶତ୍ରୁ ରୁ ରକ୍ଷା ନିମନ୍ତେ କ୍ଷତ୍ରିୟ,
ସେବା ଭାବ ଯୋଗାଇବା ପାଇଁ ବୈଷ୍ଣବ,
　　କର୍ମ ଭାବ ଦେବା ପାଇଁ କଲ ଜାତି ଶୁଦ୍ର,
ହେଲ ଆଜି ହେଉଛି ତମ ସୃଷ୍ଟି ଜାତି
　　ହୋଉଛି ଅନେକ ଭେଦ ଭବାର ନିର୍ମାଣ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତମ ସୃଷ୍ଟି ର ବିବେକ ମଣିଷ କରୁଛି

ବିଭିନ୍ନ ଜାତିରେ ଅନେକ ଭାଗ ଭାଗ,

ଦଳିତ ହରିଜନ ଆଦିବାସୀ ଜାତି ନାମ

ଦେଇ କଲେ ଜାତିରେ ଅଛୁଆଁ ଭେଦଭାବ,

ଦେଇଥିଲ ତମେ ସମସ୍ତଙ୍କୁ ସମାନ

ଶରୀରେ ରକ୍ତ ହାଡ଼ ମାଂସ  ସମତୁଲ ଭାଗ,

ତମରି ସୃଷ୍ଟି କୁ କରୁଛନ୍ତି ଆଜିର ମନୁଷ୍ୟ

ଏମାନଙ୍କ ପାଇଁ ଅନେକ ତମ ସୃଷ୍ଟି ଛାର ଖାର,

ତମ ଗୀତା ଭାଗବତ ପୁରାଣ ଜ୍ଞାନ ପୋଥି

ଅହଂକାରୀ ମନୁଷ୍ୟ କରିସାରିଲେଣି ଚୁଲିକି,

ତମ ବଡ଼ ଦେଉଳରେ ନାହିଁ ଭେଦ ଭାବ

ଅଛୁଆଁ ଭେଦ ଭାବ ସମାଜେ କାହିଁକି ହୁଅଇ,

ମହାଲକ୍ଷ୍ମୀ ତାଙ୍କ ଲୀଳା କରି ସମାଜ କୁ

ଶିକ୍ଷା ଦେବା ପାଇଁ ଚଣ୍ଡାଳୁଣୀ ଘରେ ଖାଇ,

ନିଜେ ଚଣ୍ଡାଳି ହୋଇ ରହି ଥିଲେ ଯାଇ

ବାର ବର୍ଷ ଅଭିଶାପ ତମେ ପାଇ ନିଜେ ଥିଲ,

ଶେଷେ ଯାଇ ଚାଣ୍ଡାଳି ଲକ୍ଷ୍ମୀ ହାତ ରନ୍ଧା

ନିଜେ ତାଙ୍କ ଉଆସେ ଦୁଇ ଭାଇ ଖାଇଥିଲ,

ତଥାପି ଏ ଯୁଗ ସଭ୍ୟ ସମାଜ କିଛି ଶିଖିନି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମିଛରେ କାହିଁକି ଲକ୍ଷ୍ମୀ ବ୍ରତ ଉପାସନା କରୁଛି,

ଜାତି ପ୍ରଥା ପାଇଁ ଆଜି ସମଗ୍ର ଅଖଣ୍ଡ ଭାରତ

ହେଲାଣି କେତେ କେତେ ଖଣ୍ଡିତ ଅନେକ,

ତଥାପି ସମାଜ କୁ ଟିକେ ବି ବୁଦ୍ଧି ଦିସୁନି

ନିଜ ସ୍ୱାର୍ଥ ପୂରଣ ପାଇଁ ଜାତି ପ୍ରଥା କୁ ଧରିଛି,

ହେ ପ୍ରଭୁ ଜଗତର ନାଥ ଜଗନ୍ନାଥ

ପୁଣି ଥରେ ଆସି ତମ ଲୀଳା ଖେଳା ଆରମ୍ଭ,

ଜାତି ପ୍ରଥା କୁ ସମୂଳେ ସର୍ବ ନାଶ କର

ମୁ ରୀକ୍ଷିରାମ ଡାକୁଛି ଧରି ତବ ପାଦପଦ୍ମ ପୟର,

ରୀକ୍ଷିରାମ ମେହେର, ସାନପୋଡାଗୁଡା, କଳାହାଣ୍ଡି,

୭୭୩୫୯୪୬୨୯୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦିଅ ହେ ଆଶିଷ



ସରୋଜିନୀ ମିଶ୍ର

ଭାବ ରାଇଜରେ
ବୁଲୁ ବୁଲୁ ଦିନେ
ଲେଖିବାକୁ ଚିଠି
ହେଲା ମନ
ରକତ କାଳୀରେ
ମନ କାଗଜରେ
ଲେଖୁଛି ଚିଠି
ରଖିବ ମାନ
ପ୍ରଭୁହେ
ଏତିକି କରୁଣା କରିବ
ସତ୍ ପଥେ ସତ୍ କର୍ମେ
ମୋର ମନ
ସଦା ସର୍ବଦା ରଖିବ ।

ହୃଦୟ କନ୍ଦର
ହେବ ଉଦ୍ଭାସିତ
ନାମରୂପୀ ସୂର୍ଯ୍ୟାଲୋକେ
ଚକ୍ଷୁ ଝଲସିବ
ମୁକ୍ତାରୂପୀ କର୍ମେ
ଆଶିଷର ବାରିସ୍ରାବେ ।

ଜୀବନ ଯମୁନା
ଖୋଜି ପାଇଯିବ
ବିସ୍ତୀର୍ଣ୍ଣ ସାଗର କୂଳ
ସୌଭାଗ୍ୟେ ପାଇବ
ପରମାତ୍ମା ସହ
ଆତ୍ମାର ମିଳନ ସ୍ଥଳ ।

ମନ ମାନୁଥିବ
ବିବେକର କଥା
ଚିନ୍ତନ ସକ୍ରିୟାତ୍ମକ
ପର ଉପକାରେ
ଲିପ୍ତ ଥିବ ହସ୍ତ
ପାଇ ଆମୋଦ ମୋଦକ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଷ୍ଠା ଓ ବିଶ୍ୱାସ

ହେବ ଚିରନ୍ତନ

ସ୍ୱର ମୋ ପ୍ରାର୍ଥନାରତ

ନୟନର ନୀର

ସଦା ଦେବ ଧୋଇ

ହେ ପ୍ରଭୁ ତୁମ ଶ୍ରୀପଦ ା

ଦୟା ,କ୍ଷମା ,ନ୍ୟାୟ

ପଥକୁ ଆଦରି

ଠୁଳ କରି ପୂଣ୍ୟଧନ

ସବୁକିଛି ତୁମ

ଟ୍ରେଜେରୀରେ ରଖି

ପାଇବି ବୈକୁଣ୍ଠଧାମ ା

ଆଲୋକ ନଗର, ବ୍ରହ୍ମପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱପ୍ନର ଝଙ୍କାର



ପ୍ରାଚୀପ୍ରଭା ନନ୍ଦ

ସ୍ୱପ୍ନର ଝଙ୍କାର କେବେ ମଧୁର ତ
କେବେ କରାଏ ଆତୁର
ନୀଳ ସମୁଦ୍ରର ଢେଉପରି କେବେ ଉଚ୍ଛନ୍ନ ତ
କେବେ ମନକୁ କରିଦିଏ ପ୍ରସନ୍ନ
ଦୁଃଖରେ ଜର୍ଜରିତ ଆତ୍ମାକୁ
କେବେ ଦିଏ ଆତ୍ମସନ୍ତୋଷର ପ୍ରକାଶ ତ
କେବେ ଉଲ୍ଲସିତ ମନକୁ ବି
କରିଦିଏ ନିରାଶ
ମରୁଭୂମିର ବିଶାଳ ବାଲୁକା ସ୍ତୁପ ମଧ୍ୟେ
କେବେ ଖେଳାଇଦିଏ ଜଳସନ୍ଧାନର ସାହାସ ତ
କେବେ କେବେ ସହଜ ସରଳ ଗନ୍ତବ୍ୟସ୍ଥଳୀକୁ ବି
କରିଦିଏ ରହସ୍ୟ
ସ୍ୱପ୍ନଟିଏ ତ ଇଏ, କେବେ କିଏ ଦିନରେ ଉନ୍ମୁକ୍ତ ନୟନରେ ଦେଖେ ତ
କେବେ କାହାର ଘନ ରଜନୀରେ ଗଭୀର ନିଦ୍ରାରେ ଚମକେ
ଜୀବନର ପ୍ରତି ମୁହୂର୍ତ୍ତକୁ ବଞ୍ଚିବାକୁ କେବେ
ଆଶାର ପସରା ମେଲାଏ ତ
କେବେ ବଞ୍ଚିବାର ରାହାଙ୍କୁ ବି ଘନ ଅନ୍ଧକାରେ ଭରି
ଭରସାର ପ୍ରଦୀପ ଶିଖା ଲିଭାଏ ।

ଗୁଣ୍ଡିଚା ବିହାର, ପୁରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲହଡ଼ି ଭାଙ୍ଗୁଥିବା ସେଇ ସ୍ମୃତି



ସ୍ମୃତିରଞ୍ଜନ ପାତ୍ର

ପାହାନ୍ତି ଉଷାର ରେଶମୀ ସ୍ପର୍ଶରେ
ନୀଳାମ୍ବୁ କରୁଛି ନିନାଦ
ପହିଲି ଉର୍ମିଳା ଉଜାଣି ଭାଙ୍ଗୁଛି
ବିଦୂରେ ଦିଶୁଛି ଜଳଦ ।

ସୂର୍ଯ୍ୟାଭ ବେଳାରେ ବସିଛି ପ୍ରଣୟୀ
ଭାଙ୍ଗୁଛି ସ୍ମୃତିର ଲହଡ଼ି
ଅନ୍ଧାରି ଅତୀତ ଜୀବନ୍ତ ହେଉଛି
କନକ ସାଜୁଛି ଦୁହୁଡ଼ି ।

ହୃଦୟବିସ୍ତାରି ମଧୁର ଛାୟାଟା
ସତେ କିଛି ଲୁଚି କହୁଛି
ପୁରୁଣା ଦିନର ଅଭୁଲା ଗୀତରେ
ସଙ୍ଗୀତ ସର୍ଜନା କରୁଛି ।

ଆଖିରେ ନାଚୁଛି ତରୁଣ ଯୌବନ
ପ୍ରୀତିର ପ୍ରଥମ ମିଳନ
ମନର ଫର୍ଦ୍ଦରେ ସାଇତି ରଖିଛି
ପାରିଜାତ ଫୁଲେ ସପନ ।

ସତେ କି ଶାମୁକା ହସିକି କହୁଛି
ହଇରେ ପାଗଳ ପ୍ରେମିକ
କାହିଁକି ଭାବୁଛୁ ବିଗତ ଦିନକୁ
ଫେରିବ କି ସେ ପ୍ରୀତି ମହକ ।

ମାଦକତା ଭରା ପ୍ରଣୟ ମଦିରା
ଆଉ ମୁଁ ପିଇବି ପାରୁନି
କ'ଣ ବା କରିବି କହରେ ସାଗର
ମନରୁ ସ୍ମୃତିଟା ଯାଉନି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶିକ୍ଷା



ସରୋଜ କୁମାର ସାହୁ

ଅନ୍ଧାର ଗୁହାର ଜୀବନ ଭିତରେ
ଆଲୋକ ଦେଖାଏ ଶିକ୍ଷା
ମନରୁ ହଟାଇ ଗର୍ବ ଅହଂକାର
ଦୁର୍ଦ୍ଦିନରୁ କରେ ରକ୍ଷା ।

ଶିକ୍ଷାଦ୍ୱାରା ବ୍ୟକ୍ତି ହୁଏ ସଚେତନ
ଆଦର୍ଶ ହୁଅଇ ଗଢ଼ା
ଜନମାନସରେ ପାଏ ସେ ସମ୍ମାନ
ଧନ ସାଥେ ମିଳେ ଘୋଡ଼ା ।

ଦେଶ ବିଦେଶର ଜ୍ଞାନକୌଶଳ
ହୁଏ ତା ପାଇଁ ସରଳ
ପଙ୍ଗୁ ଲଙ୍ଘିପାରେ ଗିରିପଥ ପୁଣି
ଶରୀରରେ ଜାଗେ ବଳ ।

ଲୋଭ, ମୋହ, ହିଂସା, ଇର୍ଷ୍ୟାପରାୟଣ
ଶରୀରରୁ ଦିଏ ତେଜି
କୁସଂସ୍କାର ଦ୍ୱାର ମୁକ୍ତ କରିଦିଏ
ପୁରାଣଶାସ୍ତ୍ରରୁ ଖୋଜି ।

ସକଳ କାର୍ଯ୍ୟରେ ହୁଏ ସେ ବିଜୟୀ
ଧରିଲେ ଶିକ୍ଷାର ମଙ୍ଗ
ଜନ୍ମଠାରୁ ମୃତ୍ୟୁ ସଜାଗ ରଖେ ସେ
ଛାଡ଼ିଯାଏ ନାହିଁ ସଙ୍ଗ ।

ଆଠଗଡ଼, କଟକ, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନଟା ଗୋଟେ ରାସ୍ତା



ଲିଜା ପଟେଲ

ଜୀବନଟା ଗୋଟେ ରାସ୍ତା
ଆରମ୍ଭ ହୁଏ, ଏଣ୍ଟୁଡ଼ିଶାଳରୁ
ଶେଷ ହୁଏ ପୁଣି ସ୍ୱର୍ଗଦ୍ୱାରରେ ।
କେତେ ଯେ ଘଟଣା, ଅଘଟଣା
ପୁଣି ଘଟିଯାଏ ସେଇ ମଝିରେ ।
କେତେ ଯେ ସ୍ମୃତି ସ୍ମରଣ ରହିଯାଏ
କେତେ ଯେ ପୁଣି ଭୁଲି ହୋଇଯାଏ ।
କେତେବେଳେ ଜୀବନଟା ଦୁଃଖରେ ଭରା ତ
ପୁଣି କେତେବେଳେ ସୁଖରେ ଭରା ।
କେତେବେଳେ ରାଗରୋଷରେ ଭରା ତ
କେତେବେଳେ ପୁଣି ଆନନ୍ଦ ଉଲ୍ଲାସରେ ଭରା ।
ଚାଲୁ ଚାଲୁ ଏହି ଜୀବନପଥରେ ଝୁଣ୍ଟି ପଡ଼ିଯାଏ ମୁହିଁ
ହେଲେ ଚଲାପଥେ କେବେ ହାର ମାନିବି ନାହିଁ ।
ହେଲେ ଚାଲୁଥିବି ପୁଣି
ଜୀବନ ଚାଲୁଥିବ ମଧ୍ୟ ଜୀବନର ଶେଷ ନିଶ୍ୱାସ ଯାଏଁ ।

ଲଙ୍କାହିଡ଼, ସୁନ୍ଦରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ଏଇ ଆମ ଦେଶରେ



ଜଗଦୀଶ ସାହୁ

ଏଇ ଆମ ଦେଶରେ
ଫର ଫର ହୋଇ ଉଡ଼େ
ତ୍ରିରଙ୍ଗାଟି ଖୁସିରେ ।

ଆମେ ସବୁ ଭାରତୀୟ ଭଉଣୀ ଭାଇ
ଗୋଟିଏ ମାଆର ପିଲା ଏକାଠି ହୋଇ
ଗାଇଯିବୁ, ନାଚିଯିବୁ
ଦେଶ ପ୍ରେମ ପ୍ରୀତିରେ
ଏଇ ଆମ ଦେଶରେ ।

ରକ୍ତ ଆମ ଏକ ରଙ୍ଗ ଗୋଟିଏ ଜାତି
ବାଣ୍ଟିଯିବୁ ଶାନ୍ତି, ମୈତ୍ରୀ, ସେନେହ, ପ୍ରୀତି
ଦେଶପାଇଁ ଛିଡ଼ା ହେବୁ
ଶତ୍ରୁଗୁଳି ଆଗରେ
ଏଇ ଆମ ଦେଶରେ ।

ଦୁର୍ନୀତି ହଟାଇ ଦେବୁ ସ୍ୱଚ୍ଛ ଶାସନ
ଗରିବକୁ ମିଳୁ ଯଥାଯୋଗ୍ୟ ଆସନ
ଘୃଣାଭାବ ଦୂରେ ଯାଉ
ନ ରହୁ କା' ମନରେ
ଏଇ ଆମ ଦେଶରେ ।

ସଞ୍ଜପଡ଼ା, ହିନ୍ଦୋଳ, ଢେଙ୍କାନାଳ
ଭ୍ରାମ୍ୟଭାଷ : ୯୦୭୮୯୮୫୬୧୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନୁଚିନ୍ତା ଗଣତନ୍ତ୍ର ଦିବସର



ନିରଞ୍ଜନ ସାହୁ

ଆମେ ଭାରତୀୟ ସ୍ୱାଧୀନ ସନ୍ତାନ ଦେଶପ୍ରେମେ ଅଭିମନ୍ତ୍ରିତ
ଆମେ ଗଢ଼ିଅଛୁ ଆମ ସମ୍ବିଧାନ ଆମେ ଏବେ ଗଣତନ୍ତ୍ରିତ ।
ବିରାଟ ଭୂଖଣ୍ଡ ଆମର ଅଖଣ୍ଡ ସାର୍ବଭୌମତ୍ୱ ତହିଁରେ
ଆମର ନାଆର ନାଉରୀ ଆମେ ତ କାହାରିକୁ ଭୟ ନାହିଁରେ ।
ଧର୍ମ ନିରପେକ୍ଷ ଘୋଷଣା ଆମର ଭାଇଚାରା ରଖୁ ବଜାୟ
ସମାଜବାଦର ନୀତି ମାନୁ ଆମେ ଅସମତା ଠାରେ ବିଜୟ ।
ସାଧାରଣତନ୍ତ୍ର ଦେଶ ଆମର ବିଶ୍ୱ ଦରବାରେ ପୂଜିତ
ମନେ ରଖିଅଛୁ ବହୁ କଷ୍ଟଲବ୍ଧ ସ୍ୱାଧୀନତା ଯାହା ଅର୍ଜିତ ।
ଆମ ସମ୍ବିଧାନ ଦେଇଛି ଆମକୁ ଅଧିକାର ପୁଣି କର୍ତ୍ତବ୍ୟ
ଦୋଷାଦୋଷ ପାଇଁ ଦଣ୍ଡବିଧାନ ବ୍ୟବସ୍ଥା ବି ଅଛି ଧର୍ତ୍ତବ୍ୟ ।
ସମ୍ବିଧାନ ମାନି ଚଳୁଛୁ ଚଳିବୁ ଦେଶକୁ ସୁରକ୍ଷା କରିବୁ
ଭାରତମାତାଙ୍କୁ ଅଖଣ୍ଡ ରଖିବୁ ମରିଲେ ପଛକେ ମରିବୁ ।
ସମ୍ବିଧାନକୁ ସମ୍ମାନ ଜଣାଇ ସଚ୍ଚା ନାଗରିକ ସାଜିବୁ
ସମ୍ବିଧାନ ନୀତି ଆଦର୍ଶକୁ କେବେ କଦାପି ଆମେ ନ ଭାଜିବୁ ।
ପାଳନ କରିବୁ ସାଧାରଣତନ୍ତ୍ର ଦିବସର ସମାରୋହରେ
ଶପଥ କରିବୁ ପଡ଼ିବୁନୁ କେବେ ଶତ୍ରୁର ମୋହ ମାୟାରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି ଜନରାଜ୍ୟ ଦିବସରେ ଆମେ ଅତୀତକୁ ମନେ ପକାଇ

ଏହି ଗଣତନ୍ତ୍ର ଦିବସରେ ଆମେ ନୂଆ ବାର୍ତ୍ତା ଦେବା ଶିଖାଇ ।

ହାତେ ହାତ ରଖି ଶପଥ କରିବା ଗୋଟିଏ ସ୍ୱରରେ କହିବା

'ଆଗେ ଦେଶ ପଛେ ଆଉ ଯାହା କିଛି' କଷ୍ଟ ପଡ଼ିଲେ ବି ସହିବା ।

ଆଜି ଜାନୁଆରୀ ଛବିଶି ତାରିଖ ମହନୀୟ ତିଥି ଆମର

'ଭାରତମାତା କୀ ଜୟ୍' ଉଚ୍ଚାରଣ ଜୟଧ୍ୱନୀ ମାଆ ନାମର ।

ଆସ ଦେଶବାସୀ ପ୍ରତିଜ୍ଞା କରିବା ଆଜିର ପବିତ୍ର ଦିବସେ

ଗଣତନ୍ତ୍ର ରାଷ୍ଟ୍ର ଭାରତ ହୋଇବ ଶ୍ରେଷ୍ଠ ସାରା ଦେଶବିଦେଶେ ।

ନିହଲ ପ୍ରସାଦ, ଗଡିଆପାଟଣା, ଢେଙ୍କାନାଳ, ୭୫୯୦୧୬

ଭ୍ରାମ୍ୟଭାଷ : ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସିଏ ଆମ ପ୍ରିୟ



ରାଜକିଶୋର ସ୍ୱାଇଁ

ଜାଣିଛକି ପିଲେ କିଏ କହିଥିଲେ
ରକ୍ତ ଦିଅ ଦେବି ମୁଁ ସ୍ୱାଧୀନତା
ଗଢ଼ିଥିଲେ କିଏ ଆଜାଦ୍ ହିନ୍ଦ୍ ଫୌଜ
ମୁକ୍ତ କରିବାକୁ ଭାରତମାତା ।

ବିଦେଶୀ ଶାସନ ଦମନଲୀଳାରେ
ହୋଇଥିଲେ କିଏ ଅତି ବ୍ୟଥିତ
ଦେଶୁ ହଟାଇବା ପାଇଁ ବିଦେଶୀଙ୍କୁ
ନେଇଥିଲେ କିଏ ବଜ୍ର ଶପଥ ।

ଏ ଦେଶର ମହା ମୁକ୍ତିସଂଗ୍ରାମରେ
କା' ଭୂମିକା ତାଙ୍କୁ କଲା ମୋହିତ
ଜାତି ପିତା ବୋଲି ଡାକିଲେ ସେ ତାଙ୍କୁ
ବାପୁଜୀ ନାମେ ଯେ ହୋଇଲେ ଖ୍ୟାତ ।

ଲକ୍ଷ୍ୟ ଏକ ଆଉ ଅଭିନ୍ନ ଥିଲେ ହେଁ
ମାର୍ଗ ଦୁହିଁଙ୍କର ଥିଲା ଅଲଗା
ବିରୋଧ କଲାରୁ ଗାନ୍ଧୀଙ୍କ ନୀତିକୁ
ପଡ଼ିଲା ଏ ତାଙ୍କ ପାଇଁ ମହଙ୍ଗା ।

ପୂର୍ଣ୍ଣ ସ୍ୱାଧୀନତା ଅଖଣ୍ଡ ଭାରତ
ଏ ଥିଲା ତାଙ୍କର ଦୃଢ଼ ସଂକଳ୍ପ
ଏ ଲକ୍ଷ୍ୟ ହାସଲ ପାଇଁ ସବୁ ତେଜି
ଛାଡ଼ିଗଲେ ସିଏ ଅଲିଭା ଛାପ ।

ଇତିହାସ ସିଏ ରଚିବାକୁ ଯାଇ
ନିଜେ ଇତିହାସ ପାଲଟିଗଲେ
ଭୁଲି କେ ପାରିବ ତାଙ୍କ ଦେଶପ୍ରେମ
ତାଙ୍କ ବୀରଗାଥା କିଏ ନ ଭାଳେ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜୀବନ ତାଙ୍କର ଥିଲା ସମର୍ପିତ
ମାଟି ମାଆ ସେବା କରିବାପାଇଁ
ହୋଇଗଲେ ସିଏ ଏ ଜାତି ନମସ୍ୟ
ତାଙ୍କ ପରି ଆଉ କିଏ ବା କାହିଁ ?

ସାଲିସ ବିହୀନ ସଂଗ୍ରାମ ଯେ କରି
ସାଜିଲେ ସଭିଙ୍କ ପାଇଁ ଦୃଷ୍ଟାନ୍ତ
ସିଏ ଆମ ପ୍ରିୟ ନେତାଜୀ ସୁବାସ
ତାଙ୍କ ମୃତ୍ୟୁ ଏବେ ରହସ୍ୟାବୃତ୍ତ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡ଼ା, ନୂଆବଜାର, କଟକ - ୭୫୩୦୦୪
ଭ୍ରାମ୍ୟଭାଷ : ୯୪୩୭୪୪୨୦୪୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏଇ ପୃଥିବୀରେ



ଅଭିମନ୍ୟୁ ବେହେରା

ତୃଷ୍ଣା କବଳିତ ଏଇ ପୃଥିବୀରେ
ମୁଁ ଟିକେ ପାଣି ମାଗୁଛି
ମୁଁ ତୃଷ୍ଣାର୍ତ୍ତ ମୋତେ ଟିକେ ପାଣି ଦିଅ
ଟିକେ ବିଶୁଦ୍ଧ ପାନୀୟ ଜଳ
କୋଉଠି ମିଳିବ
ଅସଲି ବୋତଲରେ ଏଠି ନକଲି ଜଳ
ସାଧାରଣ ଜଳ ଠାରୁ ଗଙ୍ଗା ଜଳ ପର୍ଯ୍ୟନ୍ତ
କ୍ଷୁଦା କବଳିତ ଏଇ ପୃଥିବୀରେ
ମୁଁ ଗଣ୍ଡେ ଖାଦ୍ୟ ମାଗୁଛି
ମୁଁ କ୍ଷୁଦାର୍ତ୍ତ ମୋତେ ଗଣ୍ଡେ ଖାଇବାକୁ ଦିଅ
ଟିକେ ନିରୋଗୀ ଖାଦ୍ୟ
କୋଉଠି ମିଳିବ

ଯୋଉଠି ଛେନା ନକଲି ଘିଅ ନକଲି
ଲଙ୍କା ଗୁଣ୍ଡ, ହଳଦି ଗୁଣ୍ଡ ନକଲି
ତେଲ ଲୁଣ ସଂସାରରେ ସଧାରଣ ତେଲ
ପର୍ଯ୍ୟନ୍ତ
ନକଲି କବଳିତ ଏଇ ପୃଥିବୀରେ
ମୁଁ ଗୋଟେ ଅସଲି ମଣିଷ ଖୋଜୁଛି
ଯାହାର ଅସଲି ହୃଦୟ ଥିବ
ନହେଲେ ନକଲି ହୃଦୟରେ ଅସଲି ପ୍ରେମ
ଭଲପାଇବା
କୋଉଠୁ ଆସିବ
ନକଲି କବଳିତ ଏଇ ପୃଥିବୀରେ ......

ଅଧ୍ୟକ୍ଷ – ମାଇଁ ପ୍ଲାନେଟ୍ ପବ୍ଲିକ୍ ସ୍କୁଲ
ସ୍ୱାମପାଟଣା,କେନ୍ଦୁଝର
ମୋ - ୯୯୩୮୮୧୬୦୬୯

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ତମେ ଆଉ ମୁଁ



ପ୍ରିୟଦର୍ଶୀ

ମୁଁ ମହାଭାରତ ମୁକସାକ୍ଷୀ
ତମେ ମଶାଣିର ମଲା ଜହ୍ନ,
ମୁଁ ମେଘଦୁତ ମୃଗତୃଷ୍ଣା
ତମେ ମୟାଜାଲ ସାତ ସ୍ୱପ୍ନ ।

ତମେ ନିଶିଗନ୍ଧା -
କେବେ ନିଶାର୍ଦ୍ଧର ସ୍ୱପ୍ନ ଟିଏ ,
ତମେ ମଧୁଛନ୍ଦା -
କେବେ ନୈପଥ୍ୟର ରାଗିଣୀ ଟିଏ ,
ତମେ ପ୍ରୀତିଗନ୍ଧା -
କେବେ ପ୍ରୀତିର ପ୍ରତିମା ଟିଏ ,
ତମେ କଳ୍ପନା -
ଝଙ୍କୃତ ଝଙ୍କାର ଟିଏ,
ତମେ ସାଧନା -
କେବେ ସୁଧାମୟ ଦିବ୍ୟ ଚେତନା ଟିଏ,
ତମେ ମୂର୍ଚ୍ଛନା -
ହୃଦୟର ଦୀପ୍ତ କବିତା ଟିଏ ।

ତମେ ନିଆରା ଅଭିସାର
ମୁଁ ସ୍ୱପ୍ନ ବାଲିଘର,
ତମେ ସ୍ୱପ୍ନ ଶିଥିଳା
ମୁଁ କଳଙ୍କରେ ବୋଳା ।

ତମେ ଶ୍ରାବଣୀର ଧାରା
ମୁଁ ଶୁଷ୍କ ମରୁଝରା,
ତମେ ଅଫୁରନ୍ତି ଜ୍ୱାଳା
ମୁଁ ନୀରବ ପାନ୍ଥଶାଳା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେବେ ପଚାରିଛ

ପାନ୍ଥଶାଳା କୁ

ପଥିକର ହିସାବ,

ସାଗର କୁ

ନୀଳ ଢେଉର ହିସାବ,

ଚନ୍ଦ୍ରମା କୁ

ଶୀତଳ ସ୍ପର୍ଶର ହିସାବ  !

ଥରେ ପଚାରିବୁଝ

ମୋ ଯନ୍ତ୍ରବତ ଜୀବନର

ହିସାବ କିତାବ ,

ତମେ ଶୁଣିବ

ମୋ ମତୁଆଲା ମନର

ପିଆଲା ଜବାବ ।

ଗୋବିନ୍ଦ ନିବାସ,ପୁଟିଆ,

ଆନନ୍ଦପୁର,କେନ୍ଦୁଝର

ଭ୍ରାମ୍ୟଭାଷ : ୮୨୪୯୦୪୬୪୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଶାନ୍ତି



ଡଃ ଆଭାଞ୍ଜଳି
ଶତପଥୀ

କିବା ମାଦକତା ତବ ଆକର୍ଷଣେ
ଜୀବନ ଉତ୍ସର୍ଗ  ତୁମରି ଶରଣେ
ମଣିଷ ହୃଦୟେ ତୁମ ପ୍ରୟୋଜନ
ଧରା ପୃଷ୍ଠେ ଯିଏ ପାଇଲା ଜୀବନ
ଦରିଦ୍ର ଭିକାରୀ ଉଆସର ରାଜା
ନାରୀ ଅବା ନର  ତୁମର ସେ ପ୍ରଜା
 କାମାର୍ଥୀ ପୁରୁଷ ବାସନାରେ ଛନ୍ଦା
କିବା ସଂସାରୀ ସେ ସଂସାରରେ ବନ୍ଧା
ଜ୍ଞାନୀ , ମହାଜ୍ଞାନୀ ମୁନି ଋଷି ଭକ୍ତ
ତୁମ ଅଭୀପ୍ସାରେ ସଭିଏଁ ତ ସିକ୍ତ
 କାନ୍ଦରେ, ହସରେ ଅଥୟ ବୁକୁରେ
ଶାନ୍ତି, ଶାନ୍ତି ଡ଼ାକ ସଭିଙ୍କ କଣ୍ଠରେ ।

ଖୋଜେ କିଏ ପୁଣି
କୀର୍ତ୍ତନ ତାଳରେ ମନ୍ଦିର ଦୁଆରେ
ଜଣାଣ ଭଜନ ଗୀତ ଗୋବିନ୍ଦରରେ
ନମାଜପାଠ ବା ସୁଫି ସଙ୍ଗୀତରେ
ଯୀଶୁ ଙ୍କ ଆଶିଷ ସାଣ୍ଟା ଉପହାରରେ  ।
କିଏ ଅବା ଖୋଜେ
ସାଗର ବୁକୁର ଜୁଆର ଭାଙ୍ଗରେ
ଉଁଆସ ରାତିର ତାରା ଝଲକରେ
ପୂର୍ଣ୍ଣମୀ ତିଥିର ସ୍ନିଗ୍ଧ ପରଶରେ
ତିକ୍ତ ହୃଦୟର ରିକ୍ତ  ଆକାଶରେ
ଚାତକ ଆଖିର ସମ୍ପର୍କ ବର୍ଷା ରେ ।

ଖୋଜେ କିଏ ପୁଣି
ପ୍ରିୟ, ମୋଦ,ପ୍ରମୋଦ  ରୂପ ରୂପାନ୍ତରେ
 ଦର୍ଶନ ଶାସ୍ତ୍ରର ତର୍କ ବିତର୍କରେ
ଶବ୍ଦ ଭଣ୍ଡାରର ଅଭଙ୍ଗା ଅଙ୍କରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଏ ଖୋଜୁ ଥାଏ

ଦୂର ଦୂରାନ୍ତରେ

ଫଟା ସଂପର୍କର  କାନ୍ଥର ଫାଟରେ

ଝିଲି ମିଲି ଭରା ମୋହ ବନ୍ଧନରେ

 ଚୋରାବାଲି ଶଯ୍ୟା ବସ୍ତୁ ପଦାର୍ଥରେ

ମାୟାମିରିଗର ଜାଲର ଫାଶରେ

ଅତୃପ୍ତ କାମନା ନବକଳବରେ ।

ଯେବେ କିଏ ଆସେ  ତୁମ ସମୀପରେ

କାଳଚକ୍ରବାତ  ସମୟଡୋରିରେ

 ପ୍ରତ୍ୟକ୍ଷ ପ୍ରମାଣେ ଅନୁଭବ କରେ

ମହକିତ ତୁମେ  ତୃପ୍ତି ସ୍ତବକରେ

ସଦା ବିରାଜିତ ହୃଦ କାନନରେ  ।

ଭୁଲି ପୁଣି କ୍ଷଣେ କ୍ଷଣର ଉର୍ମିରେ

ପ୍ରତିଧ୍ୱନି ଶୁଣେ ସେ ଅଶାନ୍ତ ଧ୍ୱନିରେ

ସବୁ ବୁଝିଲେବି ଅବୁଝା ମନରେ

ଖୋଜେ  ଚକମକ  ବାହ୍ୟ ରାଇଜରେ

ଡାକୁଥାଏ ଓମ୍ ଶାନ୍ତି ସ୍ୱସ୍ତି ତରଙ୍ଗରେ ।

ଗବେଷିକା , ଇମେଲ୍ : avanjali@yahoo.co.uk

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆ ବୋଲି ଥରେ ତମେ ଡାକ



ଡା ନୀଳମାଧବ କର

ମୁଁ ଫେରିବି ତମ ପାଖକୁ
ସେଇଟା ମୋ ପ୍ରତି ନିଶ୍ୱାସର ଇଚ୍ଛା
ସଜ ହେଇ ବସିଛି - ପାଦ ଟେକି
ଆ ବୋଲି ଥରେ ତମେ ଡାକ
ଡାକ ଥରୁଟିଏ !

ସେ କ୍ଷଣ ଆସିବା ବେଳକୁ - ବୋଧେ
ଗ୍ରାସିଥିବ ଜରା,
ଥାଇ କି ନଥିବା ଆମେ
ପାଚିଲା ବାଳର ଅଲରା ଜଟା
ଗୋଟେ ଗୋଟେ ଦୀର୍ଘଶ୍ୱାସ
କେବେ କେମିତି ଆମେ ବଞ୍ଚିଛେ ବୋଲି
ସୂଚେଇବାକୁ କେବଳ !

ପାଟି ପଡ଼ିଯାଇଥିବ
ନିଶ୍ଚଳ ହେଇ ଯାଇଥିବ ହାତ ଦିଟା
ଆ ବୋଲି ଡାକିବାକୁ -
ଆଲିଙ୍ଗିବାକୁ ।

ଯାହା ବାକିଥିବ ଆମଠି
ଛଳଛଳ, ପଲକ ପଡୁନଥିବା
ଆଖି ଚାରିଟା
କହୁଥିବେ - ଯାହା ଆମେ
ଶୁଣିବାକୁ ଚାହୁଁଥିଲେ
ଜୀବନସାରା ।
ଯା ଅପେକ୍ଷାରେ, ବିତେଇଲେ ଆମେ
ସାରା ଜୀବନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୂର୍ଣ୍ଣ ହେଇ ଯାଉଥିବା ଆମେ

ଚାରି ଆଖି ଲାଖି ରହିଥିବ

ପ୍ରାଣବାୟୁ ଉଡିଯାଇଥିବ ।

କିନ୍ତୁ ତମ ଡାକ ପାଇଁ

ମୁଁ କିଆଁ ଅପେକ୍ଷା କରିଛି

ଏ ଜୀବନଟା ସାରା

ତମ ପାଶେ ଯିବାପାଇଁ - ତମ ଡାକ

କଣ ନିତାନ୍ତ ଜରୁରୀ ?

ନୀଳମାଧବ କର,

ଓଲଭରହାମ୍ପଟନ, ୟୁକେ

nmadhab@yahoo.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସନ୍ଦେହୀ ପ୍ରିୟତମା



ଦୀପକ ଷଡ଼ଙ୍ଗୀ

ପ୍ରେମିକା କଣ ସତରେ ରହିପାରିବ
ମୋ ପେଟର କ୍ଷୁଧା ଜ୍ୱାଳାରେ
ତପସ୍ୱୀ ହୋଇ ରହି ପାରିବ ବିରହ ବେଦନାରେ
ମୋର ଅସଜଡା ଜୀବନ ପରିଧି ଭିତରେ ...
କାନ୍ଦୁଛି, ହସୁଛି ଲେଖୁଛି, ଆଙ୍କୁଛି
ସ୍ୱପ୍ନକୁ ସତ୍ୟ ବୋଲି ପ୍ରମାଣ କରିବାକୁ
ହେଲେ ଲୁହର ନଈ ଭସାଇ ଦେବନି ତ ମୋ ପ୍ରିୟାକୁ...
ହୃଦୟର ପଞ୍ଜୁରି ଭିତରେ ମୋ ପ୍ରିୟାର ମୁକ୍ତ କେଶ
ହଜାଇ ଦେଉଛି ଆଖିରୁ ନିଦ
କେବେ ସ୍ୱଳ୍ପ ମନ କେବେ ଅସିମୀତ ସ୍ୱପ୍ନ
କାହିଁ ଶୂନ୍ୟ ହସ୍ତ ଆସି
ପ୍ରାଣରେ ଭରି ଦିଏ ଖାଲି ସନ୍ଦେହ...
ମୋ ହୃଦୟେ ତିଳେ ମାତ୍ର ନାହିଁ ସନ୍ଦେହ ତୁମ ଚରିତ୍ରକୁ ନେଇ
ମୁଁ ଗରିବ  ବୋଲି ସିନା ତୁମ ପାଖେ ବିଶ୍ୱସ୍ତ
କିନ୍ତୁ ପ୍ରିୟା ତୁମେ ଜାଣିରଖ ମୁଁ ଟିକେ
ଭାବୁକ ରସିକ ଆଉ ଟିକେ ସନ୍ଦେହୀ ....

ଅଧ୍ୟାପକ,ରୋଲାଣ୍ଡ ଫାର୍ମାସୀ କଲେଜ
ଖୋଡାସିଂଗି, ବ୍ରହ୍ମପୁର – ୧୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସତ୍ୟଭାମା



ଅନସୂୟା ପଣ୍ଡା

ସତ୍ୟଭାମା ତୁମେତ ନିଖୁଣ ସତ୍ୟ
ରାଧା କେବଳ ଉପେକ୍ଷିତ ଭାବର ସାନିଧ୍ୟ ............
କେବେ କେବେ ଭାବର ଅବେଗରେ ରାଧା ଆସେ
ଚାଲିଯାଏ ଅକୁହା ବେଦନା ଦେଇ
ତୁମେ ଚିର ସତ୍ୟ ,ତୁମେ ମୋର ରାତିର ସାନିଧ୍ୟ
ରାଧା ଏକ କଳ  କଳ ନଈ ବହିଯାଏପଦାକୁ ମୋ ଛୁଇଁ
ଏ ଠି କେବଳ ଭାବରେ ଭାବରେ
ତୁମେ ଥାଅ ଦିନ ରାତି ସାଧ୍ୟ ସାଧନାରେ
ତୁମେ ଥାଅ ସୁଖେ ଦୁଖେ ବେଦନ  ।ର ପଥେ
ରାଧା କେବଳ ଫୁଲର ବାସ୍ନା ମନର ଆକର୍ଷଣ
ଭରେନି ଯନ୍ତ୍ରଣା
ତୁମେ କିନ୍ତୁ ବ୍ୟାକୁଳ ମନର କ୍ଷୁଧା ଭରିଦିଅ
ଅନ୍ଧାର ରାତିରେ ତୁମେ ମାଟିରେ ଜହ୍ନକୁ ପାଅ
ଆକାଶର ଶୂନ୍ୟତାରେ ମତୁଆଲା ରାଗ ଭରିଦିଅ
ସତ୍ୟଭାମାରୁ ରୁକ୍ମଣୀ ତୁମେ ହେଇଯାଅ
ରାଧା ପୁଣି ଯନ୍ତ୍ରଣାରେ ଯୁଗରୁ ଯୁଗକୁ ଯାଏ
ସ୍ୱପ୍ନକୁ ଅବସନ୍ନ ସମୟର ପାଖୁଡାରେ
ନିର୍ବାସିତ କରି ରାଧାରୁ କୃଷ୍ଣା ହେଇଯାଏ

୫ଆର/୧, ଇଞ୍ଜିନିୟରିଂ କଲେଜ, ବୁର୍ଲା, କଲୋନୀ
ସମ୍ବଲପୁର, ଓଡିଶା, ୭୬୮୦୧୮,
ଭ୍ରାମ୍ୟଭାଷ : ୯୪୩୯୨୧୧୯୭୧

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସ୍ୱାଗତ ନବବର୍ଷ



ଡମ୍ବରୁଧର ଦାଶ

( ରାଗ - ଚୋଖି )

ଆସିଲା ନବବରଷ   ଆଣିଲା ମନେ ହରଷ
ହସ ଖୁସୀ ସ୍ନେହ ପ୍ରେମ ହୃଦୟେ ଭରି ;
କରୋନା ହୋଇବ ଦୂର   ହସିବ ସାରା ସଂସାର
ଆନନ୍ଦରେ ବରଷିବ ଅମୃତ ବାରି  ।
ସ୍ୱାଗତ ହେ ନବ ବରଷ
ଦିଅ ସୁଖଶାନ୍ତି ଭରା ଦିବ୍ୟ ପରଶ  ।।୧  ।।

ମନରେ ନବୀନ ଆଶା   ସପନ ବାନ୍ଧଇ ବସା
ଆଳସ୍ୟ ନିରାଶା ମନୁ ଦୂର କରିବା ;
ବାଧାବିଘ୍ନ ଘୁଞ୍ଚିଯିବ   ଯାତନାର ଅନ୍ତ ହେବ
ସଫଳତାର ପାହାଚ ଆମେ ଚଢ଼ିବା  ।
ଦୋଷ ତ୍ରୁଟି ନେବା ସୁଧାରି
ସୁଖ ସମୃଦ୍ଧିର ପଥ ଯିବ ପ୍ରସରି  ।।୨  ।।

ଛାଡ଼ି ରାଗ ଅଭିମାନ   ବାନ୍ଧିଣ ପ୍ରେମ ବନ୍ଧନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ଥାପନ କରିବା ସଦା ଶାନ୍ତି ମୈତ୍ରୀକୁ ;
କାମ କ୍ରୋଧ ହିଂସା ଦ୍ୱେଷ ଆବର ମଦିରା ମାଂସ
ତ୍ୟାଗ କରିବା ସର୍ବଦା ଲୋଭ ମୋହକୁ ।
ଭାଇଚାରା ସୃଷ୍ଟି କରିବା
ନାରୀ ଜାତିର ସମ୍ମାନ ରକ୍ଷା କରିବା ।।୩ ।।

ଦୁର୍ନୀତି ସାଥୀ ନହେବା କର୍ତ୍ତବ୍ୟ ପ୍ରେମେ ପାଳିବା
ସମାଜକୁ ସୁଧାରିବା ନିଜ କର୍ମରେ ;
ସତ୍ୟ କ୍ଷମା ଆଚରିବା ଦୟା ଧର୍ମ କରୁଥିବା
ସମଭାବ ରଖିଥିବା ସବୁ ଧର୍ମରେ ।
ବିନୟ କରିଣ ପୋଷଣ
କାହା ମନେ ଦେବା ନାହିଁ ଦୁଃଖ କଷଣ ।।୪ ।।

ସୁଖ ଶାନ୍ତିରେ ବଞ୍ଚିବା ଦୁଃଖ କଷ୍ଟ ଭୁଲିଯିବା
ଭୁଲିଯିବା କରୋନାର ଯାତନା ସବୁ;
ନବ ବରଷକୁ ଆମେ ସ୍ୱାଗତ କରିବା ପ୍ରେମେ
ସର୍ବେ ମିଶି କରୋନାକୁ କରିବା କାବୁ ।
କରୋନା ନିଶ୍ଚୟ ହାରିବ
ସବୁରି ଓଠରେ ପୁଣି ହସ ଫୁଟିବ ।।୫ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନର ସ୍ୱାଦ



ଡଃ ମନୋରଞ୍ଜନ ବିଷୋୟୀ

ପିତାମହ ଭୀଷ୍ମଙ୍କ ଭଳି
ମୁଁ ଶରଶଯ୍ୟାରେ ଶୋଇଛି ।
କୁଢ଼ କୁଢ଼ ପ୍ରଶ୍ନବାଣ
ମୋ ଦେହରେ ବାଜିଛି ।
ଏତେ ସବୁ ପ୍ରଶ୍ନବାଣର
ସାମ୍ନା କଲାବେଳେ
ଜୀବନଟା ପୁରା
ଘାଇଲା ହୋଇଯାଇଛି ।
ତେଣୁ ଯାହା ଘଟୁଛି
ତାକୁ ଆପଣା ବାଗରେ
ଘଟିବାକୁ ଛାଡ଼ିଦେଇ
ମୃତ୍ୟୁ କୋଳରେ
ଶୋଇଯିବାକୁ ଚାହୁଁଛି ।
ପିତାମହ ତ ଇଚ୍ଛାମୃତ୍ୟୁ
ଲାଭ କରିଥିଲେ
ହେଲେ ମୁଁ ମୃତ୍ୟୁକୁ
ଇଚ୍ଛା କଲେ ବି
ମୃତ୍ୟୁ ମୋ ଠାରୁ
ଦୂରେଇ ଯାଉଛି ।
କାହିଁକି ବଞ୍ଚିଛି
ନିଜକୁ ପଚାରି
ଶେଷରେ ସତ୍ୟ ହିଁ
ଜୀବନର ଆୟୁଧ
ଜାଣି ପାରିଛି ।
ସତ୍ୟକୁ ଆୟୁଧ କରି
ଯେତେ ସବୁ ପ୍ରଶ୍ନବାଣର
ସମ୍ମୁଖୀନ ହେଉଛି ।
ତେଣୁ ତ ମୃତ୍ୟୁ କୋଳରେ
ଶୋଇଯିବା ଇଚ୍ଛା
ପ୍ରତିବଦଳରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜୀବନ ସଂଗ୍ରାମରେ

ଯୋଦ୍ଧାର ଭୂମିକା

ନିର୍ବାହ କରୁଛି ।

ଆଉ ଅନ୍ୟାୟ ରୂପକ

ଅନ୍ଧାରୀ ମୂଳକରେ

ଆଶାର ଆଲୋକ

ଦେଖିପାରି

ଜୀବନର ସ୍ୱାଦ

ଚାଖିବାକୁ

ଚାହିଁ ବସିଛି ।

-0-

ସ୍ନାତକୋତ୍ତର ଓଡ଼ିଆ ବିଭାଗ,

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଫୋନ୍: ୮୮୯୫୧୪୧୭୨୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏଇ ତ ଜୀବନ ରହସ୍ୟ



ଲକ୍ଷ୍ମୀକାନ୍ତ ପୃଷ୍ଟି

ଶୂନ୍ୟରୁ ଆରମ୍ଭ ଶୂନ୍ୟରେ ହିଁ ଶେଷ
ଥିଲେ ସତ୍ୟପଥେ ଆସଇ ବିଶ୍ୱାସ
ମିଥ୍ୟାପଥେ ଅବିଶ୍ୱାସ
ଏଇତ ଜୀବନ ରହସ୍ୟ ।
ସୁକର୍ମେ ସରଗ କୁକର୍ମେ ନରକ
ଫଳ ରଚିଥାଏ ସୃଷ୍ଟିର ନାୟକ
ଧର୍ମପଥେ ମିଳଇ ଆଶୀଷ
ଏଇତ ଜୀବନ ରହସ୍ୟ ।
ମନୁଷ୍ୟଜନମ ଅମୁଲ୍ୟ ରତନ
ଉପଯୋଗ କରି ସ୍ୱଦିବ୍ୟ ଜ୍ଞାନ
ରଚିବ ମହାନ ଇତିହାସ
ଏଇତ ଜୀବନ ରହସ୍ୟ ।
ବିଚିତ୍ର ଅଟଇ ଏ ସୂକ୍ଷ୍ମ ଜୀବନ
ଜନ୍ମମୃତ୍ୟୁ ପାପପୂଣ୍ୟର ମିଳନ
ମିଳିଯାଏ ତାର ପୂର୍ବାଭାସ
ଏଇତ ଜୀବନ ରହସ୍ୟ ।
ଅତୀତ, ବର୍ତ୍ତମାନ, ଭବିଷ୍ୟତ
ଚିନ୍ତାରେ ମନୁଷ୍ୟ ହୁଏ ବ୍ୟଥିତ
ରହେ ଅପୂର୍ଣ୍ଣ ଅବଶୋଷ
ଏଇତ ଜୀବନ ରହସ୍ୟ ।
ମନୁଷ୍ୟ ବୁଝେନି ସମ୍ପର୍କର ମୂଲ୍ୟ
ହିଂସା, କ୍ରୋଧ, ଲୋଭ, ମାୟାର ଝୁଲ
ନିଷ୍ଫଳ ହୁଅଇ ପ୍ରୟାସ
ଏଇତ ଜୀବନ ରହସ୍ୟ ।
ସୁଖ ପରେ ଦୁଃଖ, ଦୁଃଖ ପରେ ସୁଖ
ସତ୍ୟକୁ ଆଦରି ଦର୍ଶନେ ଶ୍ରୀମୁଖ
ବଢ଼ଇ ଆତ୍ମବିଶ୍ୱାସ
ଏଇତ ଜୀବନ ରହସ୍ୟ ।
ଜୀବନ ତ ପାଣିଫୋଟକା ସଦୃଶ
ଆଜି ଅଛି କାଲି ନାହିଁ ଅଟେ କ୍ଷଣିକ
କରନାହିଁ ଉପହାସ
ଏଇତ ଜୀବନ ରହସ୍ୟ ।

ବିଶ୍ରା, ଜରାଇକେଲା, ସୁନ୍ଦରଗଡ଼, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୭୫୨୪୦୭୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଗୃହଶତ୍ରୁ



କୃଷ୍ଣଚନ୍ଦ୍ର ବାରିକ

ସୂଚନାଯୋଗ୍ୟ ହେଉ ଅବା ହସ୍ତାନ୍ତର ;
ତାଳପତ୍ର ଶୁଖିଲା ପତ୍ରର ପୋଥିରୁ ହେଉ
ଅବା ଇତିହାସର ନିର୍ଲଜ ପଣିଆରୁ
ଖଣ୍ଡ ଖଣ୍ଡ ହେଇ ଗଢୁଅଛି ରାଜ୍ୟ ବିଭାଜନର କାହାଣୀ...
ଖଣ୍ଡେ ଚାଦର ଓ ମୁଠାଏ ଫୁଲରେ
ପୂଜା ପାଉଥିବା ଧର୍ମର ଈଶ୍ୱର ପାଇଁ
ଏ ଅଲାଜୁକ ମଣିଷର ବିଚିତ୍ର ଭଗ୍ନାଂଶ
ଆଉ ଗଢ଼ା ହେଉଛି ଚର୍ମକୁ ଚମ୍ପଟ କହିବାର ଚାଟଶାଳୀ...
ଷଡ଼ଯନ୍ତ୍ର ବିନା ବସ୍ତୁରେ ତିଆରି
ଏକ ସ୍ୱତନ୍ତ୍ର ମାରଣାସ୍ତ୍ର
ଯାହା ପାଇଁ କିଣିବାକୁ ହୁଏ କୂଟନୀତିର କର୍ଣ୍ଣ କୁଣ୍ଡଳ
ଓ ବିକିବାକୁ ହୁଏ ମଣିଷତ୍ୱର ମଥାମଣି .....
ଏହା ଏକ ଅବ୍ୟାହତ ପରମ୍ପରା କୁହ
ଅବା ଆକ୍ରାନ୍ତ କାରି ମାରାତ୍ମକ ବ୍ୟାଧି
ବୋଧେ ଏଥିପାଇଁ ଦେଶ ହେଉ ଅବା ମଣିଷ
ଉନ୍ନତି ପଛରେ ଲାଗୁଛି ବିପତ୍ତି ର ବିକୃତ ପ୍ରଣାଳୀ...

ଗ୍ରା/ପୋ:ଅ - ରଜିବ, ଭାୟା - କଳାପଥର, ଜିଲ୍ଲା- କଟକ ;  ପିନ୍- ୭୫୪୦୦୯
କଥାହେବା - +୯୧୬୩୭୦୯୧୦୦୬୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବତୀଘର



ଦୁର୍ଗାମାଧବ ମହାରଣା

ଋତୁ ଆସେ ଋତୁ ଯାଏ
ପ୍ରକୃତିର ଯୌବନ କୋଳେ
ଲୁଚକାଳି ଖେଳେ
ସମୟର ପଣତ କାନିରେ ।

ନିଶୀଥର ଆକାଶ ବୁକୁରେ
କେତେ ତାରା ହଜିଯାଇ
ପୁଣି ତ ନଜର ଆସନ୍ତି ।

ପୃଥିବୀଟା କେତେ ବୁଲିଲାଣି
ତା'ରି ଅକ୍ଷରେ
ନଦୀ ମଧ୍ୟ ମୁହାଣ ଛୁଇଁବାକୁ
କେତେଥର ସଜେଇ ହେଇଛି
ପୂର୍ଣ୍ଣଗର୍ଭା ମୃଦୁଳ ଶରୀରେ ତ
ପୁଣି କ୍ଷୀଣକଟି ରୌଦ୍ରତାପେ !

ହିସାବ ନାହିଁ
ହିସାବ ନାହିଁ ମଧ୍ୟ
ନିଦାଘରେ ଝରି ପଡିଥିବା
ପତ୍ର ଗୁଡ଼ିକର ।

ମୁଁ ତ ସେମିତି ଠିଆ ହୋଇଛି
ଲହଡ଼ି ଗୁଡ଼ାକୁ ଗଣି ଗଣି
ତୁମ ପରିତ୍ୟକ୍ତ ସ୍ମୃତିର ବେଳାଭୂମି ପରେ
ଜଳୁନଥିବା ବତୀଘରଟିଏ ।

ଶିକ୍ଷକ
ଚିକିଟି, ପିତାଡଳି, ଗଞ୍ଜାମ, ଓଡ଼ିଶା
ଭ୍ରାମ୍ୟଭାଷ : ୯୪୩୭୭୭୮୯୨୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଛିଃ ଛିଃ ଥୁ



ସହଦେବ ଧରୁଆ

ହେ ସମୟ ! ଦେଖ
କଥାରେ ଲତା ଯୋଡ଼ି
ବାଟ ଚାହିଁ ବସିଥିବେ
ଫୁଲମାଳ ଧରି
ଝୁଲାଇବାକୁ ଗ୍ରିବାରେ ।।

ପୁଣି କିଏ ଲୁଚି ରହିଥିବ
ତାଚ୍ଛଲ୍ୟର ଦଣ୍ଡା ସଜାଡ଼ି
ଉପଯୁକ୍ତ ସମୟ ଓ ସୁଯୋଗକୁ
ଅପେକ୍ଷା କରି
ପ୍ରହାରିବ ଠିକ୍ ପିଠିରେ ।।

ବିଜୟ ଧ୍ୱଜା ଟେକିଲା ପ୍ରାୟେ
ଟେକିଥିବ କିଏ
ଦୁର୍ନାମର ନିଆଁ ଖୁଂଟା
ଦାଗି ଦେବ ଗାଁ ଦାଣ୍ଡରେ
ଇଜତ୍ କୁ ବେଜ୍ଜିତ୍ କରିବାରେ ।।

ହେଲେ, ଦୁନିଆର କେଉଁ କୋଣରେ
ଥିବେ କେଇ ଜଣ
ଉଖାରିବାକୁ ଗୁଣଗାନ
ଭଲମନ୍ଦ ବିବେଚନା କରି
ପ୍ରଶଂସା କରିବେ ଉଦାର ହୃଦରେ ।।

ନ ହେଲେ,
ଏଠି ତ ଅମୃତରେ ବିଷ ଘୋଳି
ଫୋପାଡିବେ ଛିଃ ଛିଃ ଥୁ କହି
କାହା ମୁହକୁ ବନ୍ଦ କରିବ ?

ଦୁର୍ଗନ୍ଧର ବାହକ "ମାଛି" ପରି
ଭଣ ଭଣ ଚାରିପଟେ
ତଟକା ଦ୍ରବ୍ୟକୁ ନଷ୍ଟଭ୍ରଷ୍ଟ
ପଚାସଢ଼ା କରିବେ ବାକ୍ୟ ବାଣରେ ।।

ସାଇପାଲି, ବିଜେପୁର, ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜପ ହରେକୃଷ୍ଣ ହରେ



କୌଶିକ ସାହୁ

ଶରୀର ରଥରେ ଜୀବ ମହାରଥୀ
ବୁଦ୍ଧି ସାଜଇ ସାରଥୀ,
ମନ ଲଗାମରେ ଚାଲୁଥାଏ ରଥ
ଇନ୍ଦ୍ରିୟ ଘୋଡା ଅଟନ୍ତି ।୧।

ଆତ୍ମା ମନ ଆଦି ଇନ୍ଦ୍ରିୟ ସ୍ପର୍ଶରେ
ସୁଖ ଦୁଃଖ ଭୋଗେ ନିତି,
ବୁଦ୍ଧିର ଆକଟେ ଅଚଳନ୍ତି ମନ
ମନର ଆଦେଶେ ବୁଦ୍ଧି ।୨।

ଅମନ,ବିମନ, କୁମନ, ସୁମନ
ମନ ମିଶି ପାଂଚ ମନ,
ସୁବୁଦ୍ଧି ବିବେକ ନିର୍ଦ୍ଦେଶେ ଅମାନ୍ୟ
ମନ ଏତେ ବଳବାନ ।୩।

ଯୋଗଭ୍ୟାସ କରି ସଂଯତ ବଳରେ
ବଳିଷ୍ଠ ମନ ଆକଟେ,
ହେଲେ ସେ ଅର୍ଜ୍ଜୁନ ଯୋଗଭ୍ୟାସ ବଳେ
ସାଧି ନପାରି ସଂକଟେ ।୪।

ଧରି ହେବ ନାହିଁ ପ୍ରବାହ ବୟୁକୁ
ଚଂଚଳ ମନକୁ ତିଳେ,
ଧରିବା ଉପାୟ ସହଜ ଅଟଇ
ଜପ "ହରେକୃଷ୍ଣ" ହରେ ।୫ ।

ଭେଜିଁପଦର, ଘୁନସର, ବଲାଙ୍ଗିର
ମୋ.ନଂ. ୭୭୩୫୪୦୫୨୪୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତିରଙ୍ଗାର ଅଶ୍ରୁ



ସୁଧାଂଶୁ ମୋହନ ସାହୁ

ତିରଙ୍ଗା ବୁହାଏ ଅଶ୍ରୁର ଧାର
ମାନ ମର୍ଯ୍ୟାଦା ହାରି
ଧିକାରୁଛି ସିଏ ଭାରତବାସୀଙ୍କୁ
ହୃଦୟ ହୁଏ ବିଦାରି ।
କିଏ ବା ଶୁଣିବ ଦୁଃଖ ତାହାର
କହି ନ ପାରଇ ସିଏ
ଯନ୍ତ୍ରଣାଦାୟକ ପୁତ୍ରମୋହ ନିଷ୍ଟେ
ଆକଳନ କରେ କିଏ ।
ଧୂଳିସାତ ଆଜି ଆତ୍ମ ସ୍ୱାଭିମାନ
ପାରୁଛି କି ସେ ପାସୋରି
ପୁତ୍ର-ଉତ୍ପୀଡନ ସୀମା ଲଂଘିଗଲା
ରକ୍ତ ହେଲା ଅତ୍ୟାଚାରୀ ।
ଭାବିଥିଲା ସିଏ ପୁଅ ତାର ସାଧୁ
ନିରୀହ ସରଳ ବାଳକ
ତୁଟିଗଲା ମନ ଭ୍ରମ ତାର ଆଜି
ସଭିଏଁ ହୋଇଲେ ଅବାକ ।
କିଶାନ ଅଟନ୍ତି ଅନ୍ନଦାତା ବୋଲି
ଜଗତରେ ପରିଚିତ
ଛଦ୍ମବେଶେ ଆଜି ଉପଦ୍ରବ କରି
ଭୁଲି ଗଲେ ଦେଶ ହିତ ।
ଦେଶବାସୀଙ୍କୁ ତ ସର୍ମସାର କଲେ
ହୋଇଲେ ଆହତ ଅନେକ
ଫେରି ଆସିବ କି ଦେଶର ସମ୍ମାନ
ହରାଇଲେ ନିଜ ମହତ୍ତ୍ୱ ।
ଲାଲ କିଲ୍ଲା ଆଜି ଉତ୍ତର ମାଗୁଛି
ଐତିହ୍ୟ ତାହାର କ୍ଷୁର୍ଣ୍ଣ
ରାଜନୀତି ପାଇଁ ସମ୍ମାନ ହାରିଲ
ଆତଙ୍କି ନ ହୁଅ କିଶାନ ।
ଦେଶଦ୍ରୋହୀ ତୁମେ ଦଣ୍ଡ ପାଇବାକୁ
ରହିଥାଅ ହୋଇ ତତ୍ପର
ଯୋଗ୍ୟ ନୁହଁ ତୁମେ କ୍ଷମା ପାଇବାକୁ
ଦେଶ କରିବ ବିଚାର ।

ବି ଏଚ ଇ ଏଲ, ହାଇଦ୍ରାବାଦ
ମୋବାଇଲ - ୮୯୧୯୫୦୩୪୧୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୃଶ୍ୟାନ୍ତର



ପ୍ରହ୍ଲାଦ ସାହୁ

ଏଠି ଏ ପାଦେ ରୁଧିର ପଡୁଛି ଝରି
ସେଠି ନାଲିପାଦେ ତୋର ଅଳତାଗାର;
ଏପଟେ ମସିଆ ବସନ ଯାଉଛି ଫିଟି
ସେପଟେ ପାଟବସନୀରେ ଭରା ତନୁ ତୋର ।। ୧ ।।
ଏଠି ମୁଁ ଖୋଜୁଛି ମଧୁମାଳତୀର ବାସ୍ନା
ସେଠି ତୁ ସାଜିଛୁ ଚୋରା ପୀରତିର ତୃଷ୍ଣା;
ଏପଟେ ମୁଁ ତୋ' ନୀରବ ସୃଷ୍ଟିରେ ମଗ୍ନ
ସେପଟେ ତୁ ବିରହୀ ଚନ୍ଦ୍ରର ଶୀତଳ ଜ୍ୟୋତ୍ସ୍ନା ।। ୨ ।।
ଏଠି ଏ ଆଖିରୁ ବରଷେ ଲୋତକ ଧାର
ସେଠି ତୋ ଆଖି କୋଣେ କଜ୍ଜଳ ରେଖା;
ଏପଟେ ମଦିରା ଚୁମୁଛି ଅଧର ମୋର
ସେପଟେ ତୋ ଅଧରେ ଚାଲିଛି ରଂଗ ମଖା ।। ୩ ।।
ଏଠି ଏ ମୁହଁରେ ଅସଜଡା କେଶ-ଶ୍ମଶ୍ରୁ
ସେଠି ତୋ ମୁହେଁ ଟିପଟିପି ଚନ୍ଦନ ବିନ୍ଦୁ;
ଏପଟେ ଉଲୁରି ଗଲାଣି କେଶ ଚନ୍ଦା ମୁଣ୍ଡୁ
ସେପଟେ ତୋ କବରୀରେ ଜୁଆର ଆସେ ସାଗରୁ ।। ୪ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଠି ମୁଁ ନିସ୍ତବ୍ଧ ପାହାନ୍ତି ପହର ତାରା
ସେଠି ତୁ ବନିଛୁ ପ୍ରିତୀର ଅଲିଭା ରେଖା;
ଏପଟେ ଏ ପ୍ରାଣ ତୋବିନା ଲାଗେ ଅଧୁରା
ସେପଟେ ତୁ ବାନ୍ଧିଛୁ ଆଉ କା' ହୃଦୟେ ବସା ।। ୫ ।।
ଏଠି ମୁଁ ଜଳୁଛି ବିରହ ନିଆଁରେ ଦାଉ-ଦାଉ
ସେଠି ତୋ ବିବାହ ହୋମ-ନିଆଁ ଉଠୁଥିବ ଜଳି;
ଏପଟେ ଦୁର୍ଗନ୍ଧ ବିତରୁଛି ଆଜି ବାସିଫୁଲୁ
ସେପଟେ ମହକ ଛୁଟାଏ ତୋ ଫୁଲ କବରୀ ।। ୬ ।।
ଏଠି ଲୋଡାନାହିଁ ରାଜକୀୟ ଶେଯ-ସୁପାତୀ
ସେଠି ଶୋଇଥିବୁ ତୁ ଅନ୍ତପୁରେ ରାଣୀ ସାଜି;
ଏପଟେ ଭାବୁଛି ମୁଁ ଦିବା-ନିଶି ଯାହାପାଇଁ
ସେପଟେ ଖୋଜୁଛି ସେ' ଆଉକା'ରେ ଯିବ ମଜି ।। ୭ ।।
ଏଠି ଯାହାଲାଗି ଏ ପ୍ରାଣ ବେଦନା ବିଧୁର
ସେଠି ସେ ଖେଳେଇ ଦେଇଛି ହସର ହିଲ୍ଲୋଳ;
ଏପଟେ ନିଇତି ଯିଇଁ ମରୁଛି ମୁଁ ଯାହା ସ୍ମୃତିର
ସେପଟେ ସେ ନାୟିକା ସାଜିଛି ଆଉ କାହାର ।। ୮ ।।

ଚିଫ୍ ଏଡିଟର, ଆକାଶ ଇନଷ୍ଟିଚ୍ୟୁଟ୍, ନୂଆଦିଲ୍ଲୀ
ଫୋନ୍ – ୮୧୭୮୨୪୪୨୭୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶୀତୁଆ ସାୟାହ୍ନ



ଦଣ୍ଡାସି ପ୍ରଧାନ

"ନମୋ ଶାନ୍ତାୟ ଘୋରାୟ   ମୁଢାୟ ଗୁଣ ଧର୍ମିଣେ ।

ନିର୍ବିଶେଷାୟ ସାମ୍ୟାୟ   ନମଃ ଜ୍ଞାନ ଘନାୟ ଚ  । ।"ଭାଗବତ  । ।

ଶୀତୁଆ ପରିପାଟୀ ସରୁ ଶୀତଳ ମଳୟ

ସୁମନୋହର ଦିଗବଳୟ

ପୌଷ କୁଜ୍ଝଟିକା

ଆଢୁଆଳରେ ସାୟାହ୍ନ ;

ଶତ କନକ ଆଭା ଜିଣି

ରଶ୍ମି ମୁକ୍ତ ତପନ  ।

ଅଦ୍ଭୁତ ପ୍ରକାଶର ଅଭୁଲା ଦୃଶ୍ୟ ରାଜି-

ଲାଲ୍ ଟହଟହ ରାଗ ରକ୍ତିମ ଜ୍ୟୋତି ସୃଜି-

ବାରୁଣୀ ଆକାଶ ଶୋଭା ବର୍ଦ୍ଧନ ବଳେ;

କି ଉପମା ଦେବା କେଉଁ ଶବ୍ଦ ଆଳେ ।

ସୁବର୍ଣ୍ଣାଚ୍ଛାଦିତ ଜଳ ସ୍ଥଳ -

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅପଲକ ବିସ୍ମୟ ବିମଣ୍ଡିତ;

ନେତ୍ର ଅନ୍ତରାଳେ ରଚେ

ପ୍ରାଣପୂର୍ଣ୍ଣ ଅନୁଭବ

ପୁଲକ ବିଚିତ୍ର ।

ରବି-ଶସ୍ୟଭରା ସୁବିସ୍ତୃତ କ୍ଷେତମାଳ

ଶାଦବଳ ସମତଳ

ମଧ୍ୟେ ମଧ୍ୟେ ହରିଦ୍ରା ବର୍ଣ୍ଣ ସୁସଜ୍ଜିତ

ସୁଷମା ଖଚିତ ପାଖୁଡ଼ା ;

ପ୍ରଫୁଲ୍ଲ ପ୍ରସୂନ

ରଙ୍ଗାରଙ୍ଗ ଗେଣ୍ଡୁଫୁଲ ତୋଡା ତୋଡା ।

ବନବୃକ୍ଷ ବର- ଶିଶୁ- ଶାଳ ,

ଶୀର୍ଣ୍ଣ-ଜୀର୍ଣ୍ଣ-ବିବର୍ଣ୍ଣ ପଲ୍ଲବେ ବୁଣେ

ବିଭବ ଅତୁଳ ।

ବନ-ଉପବନେ ସୁନିଶ୍ଚିତ ସମ୍ଭାବନା

ନବ କିଶଳୟ କାନ୍ତି-

କମନୀୟ ନଦୀ ପଠା ପ୍ରାନ୍ତରେ ଢାଳିଅଛି

କୁଢ଼କୁଢ଼ ଶୁଦ୍ଧ ସ୍ୱର୍ଣ୍ଣମୟ ରୂପାନ୍ତର ଭ୍ରାନ୍ତି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗିରି ପାହାଡ଼ ଶିଖ ସ୍ପର୍ଶେ

ନୀଡମୁହାଁ ବିହଙ୍ଗମ ;

କ୍ଲାନ୍ତ ଅବଶ ପ୍ରାଣେ ଭରିଦିଏ

ପରିପୂର୍ଣ୍ଣ ତୃପ୍ତି ଆବେଗ ଅସୀମ ।

ଗୋ- ଗୋଷ୍ଠ ଫେରାଳି ଗୋପାଳିଆ

ଗାଈ, ଗୋ-ବତ୍ସା

ହ'ମ୍ବା ରଡି ଚୟ୍ନ ଗୀତ,

କ୍ଷୁରା ଶବ୍ଦ ତାଳେ ତାଳେ

ଗୋଧୂଳି ଗନ୍ଧେ ଧରା ମହକିତ ।

ସୁମଧୁର ଶୃତି ସ୍ୱର

ବେଣୁ ସ୍ୱନେ ନିନାଦିତ ;

ନିରାମୟ ଆନନ୍ଦ

ଚୌଦିଗ ବିମୁଗ୍ଧ ଦୁର୍ଲ୍ଲଭ ମୁହୂର୍ତ୍ତ ।

କଳ୍ପନାତୀତ ଦିବ୍ୟ ଚିତ୍ର

ଭବ୍ୟ ଭାବାନ୍ତର

ଅନୁପମ ଶୋଭା ବିବର୍ଦ୍ଧନେ ;

ଶବ୍ଦ-ଶିଳ୍ପୀ , ଚିତ୍ର- ଶିଳ୍ପୀ

ମାନସ ମନ୍ଥନେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୀତୁଆ ସାୟାହ୍ନ;

ଶତ କନକ ଆଭା ଜିଣି

ରଶ୍ମି ମୁକ୍ତ ତପନ ।

ସଦ୍ୟ ଧାନ୍ୟ ଲକ୍ଷ୍ମୀ ଉଭା ଏଇଠି

ସୁନା ଚାନ୍ଦୁଆ ତଳେ

ସାଇତି ଆହାର ।

ଗ୍ରାମ ତଳ ଖଳା ମୁଣ୍ଡେ ,

ଧାନ ଗଦା ଉହାଡରେ

ଅଜାଡି ଦେବାକୁ

ସୁଠାମ ସଜ ଶ୍ରଦ୍ଧା ରାଜି ପରିଣାମ ଫଳ ।

ଚଷା ପୁଅ ଆନନ୍ଦିତ

ତମାମ ଦିନର ପରିଶ୍ରମ ସାରି;

ଘର ମୁହାଁ ଉଚ୍ଚାଟ ମନ

ହୃଦୟ ଭରିଦେଇ

ଫୁର୍ତ୍ତି ପୂର୍ଣ୍ଣ ବିଶ୍ୱାସ ପସରା ।

ମୁଣ୍ଡରୁ ପାଗ ଅପସାରି ଥୋଉଅଛି

ଦୁଇ ହାତ ଯୋଡ଼ି ଶ୍ରଦ୍ଧା ଯୁକ୍ତ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିରୋଳା ନମସ୍କାର ଟିଏ ।

କାଳ ଯୋଗୀ ଭକ୍ତ

ଅନ୍ତରଂଗ ଅନୁଭବେ ମେଣ୍ଟାଏ ତୃଷ୍ଣା ।

ଆଜିର ଅସ୍ତଗାମୀ ଦିବାକର

ବିଦାୟୀ ଦର୍ଶନ ; ମଥାନତ ସମର୍ପଣ ।

ପୁଣି ଥରେ ଆଶାଭିଳାଷି

ଆଗାମୀ ମୁଲାୟମ ଉଦିତ ସକାଳ କୁ ଅପେକ୍ଷା ରଖି ।

ଶୀତୁଆ ସାୟାହ୍ନ;

ଶତ କନକ ଆଭା ଜିଣି

ରଶ୍ମି ମୁକ୍ତ ତପନ ।

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ, ବାଦପୁର, ଗଞ୍ଜାମ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନାରୀଶକ୍ତିର ଉଦୟ କେବେ ?



ପ୍ରଦୀପ କୁମାର
ଜିଲିକାରା

ମୁଁ ଆଜିର ସୀତା ଦ୍ରୌପଦୀ ,
ଏ କାଳର କେତେ କେତେ
ବହୁରୂପୀ ରାବଣ ଆଉ
ଦୁଶାସନ କବଳରେ ଛନ୍ଦି ହୋଇଯାଇଛି ।
ସେ କାଳେ ରାବଣ ମୋ ଇଚ୍ଛା ବିନା
ମୋତେ ସ୍ପର୍ଶ କରିନଥିଲା
କିନ୍ତୁ ଆଜିର ରାବଣ ଶଙ୍ଖ ପଦ୍ମ ଗୁଣ
ବଳିଯାଇ ମୋ ଇଚ୍ଛା ବିରୁଦ୍ଧରେ
ମୋର ଶରୀରକୁ ମୁକ୍ତ ଜଳ ସମ
ବ୍ୟବହାର କରିଚାଲିଛି ।
ସେ ରାବଣ ତୋ ଜ୍ଞାନୀ ମାନୀ ଥିଲା
ଧରା ପାଇଁ ଗୋଟେ ବିଦ୍ୱାନର ଉପହାର
କିନ୍ତୁ ଏ ରାବଣ ଅବନୀକୁ ମୋଟେ
ବୋଝ ବୋଝ ଲାଗୁଛି ।
ସେ ଦୁଶାସନ ତ ଭାଇ ଆଜ୍ଞାକାରୀ ଥିଲା
ଯିଏ ମୋର କେଶ ଧରି ମୋତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଭା ମଧ୍ୟକୁ ଟାଣି ଭିଡି ନେଇଯାଇଥିଲା

ହେଲେ ଏ ଦୁଶାସନର କିଛି ଲଜ୍ଜା ନାହିଁ

ଯେ ତ ମାତା ଭଗ୍ନୀ ସୁତାକୁ ମଧ୍ୟ ଚିହ୍ନି ପାରୁନାହିଁ ।

ଦୁର୍ଯ୍ୟୋଧନ ତ ମହାମାନୀ ମାନ ଗୋବିନ୍ଦ ଥିଲା

ତାକୁ କଣ ବା ଦୋଷ ଦେବା ?

ହେଲେ ଆଜିର ଦୁର୍ଯ୍ୟୋଧନକୁ କଣ ବା କହିବା

ଯେ ତ ନିଜ ଶାସନ ବାହାରେ ରହିଛନ୍ତି ଅଣାୟତରେ

ସେମାନେ କଣ ବା ଜାଣିବେ

ନାରୀ ସମ୍ମାନର ପ୍ରକୃତ ଅର୍ଥ କଣ ?

ଏଠି ତ ବାସୁଦେବଙ୍କ ପଞ୍ଚଜନ୍ୟ ଶଙ୍ଖ

ଶବ୍ଦ ଶୁଭାଯାଉନାହିଁ, ଆଉ ସେ କାହୁଁ

ଧର୍ମର ଜୟ କରିବା ପାଇଁ ଆଗେଇ ଆସିବେ ।

କର୍ଣ୍ଣକୁ ଏଠି କଣ ତତ୍ତ୍ୱ ଜଣା ଯେ

ସେ ତ ସଖାର ସୁଖ ପାଇଁ ପ୍ରତିଜ୍ଞା ପୂର୍ଣ୍ଣ କରୁଛି

ଭୀମର କଣ ଏଠି ଦ୍ରୌପଦୀର ପ୍ରତିଶୋଧ

ମନେ ପଡିବ; ତାର ଆଉ କଣ ସେ ବିରାଟ ପ୍ରକାଣ୍ଡ ରୂପ ଅଛି

ତାର ତ ଶରୀର କ୍ଷୀଣ ହେଇଯାଇଛି

ଅର୍ଜୁନର ଆଉ ସେ ଗାଣ୍ଡିବ ଧନୁର ଟଙ୍କାର

କଣ ଶୁଭିବ, ସେ ଧନୁରୁ ଗୁଣସୂତ୍ର ତ ଛିଡିଯାଇଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭୀଷ୍ମ ଭଳି କେତେ ମହାପଦର ଅଧିକାରୀ ଏଠି ମଉନ

ତାଙ୍କର ବାକ୍ୟ ତ କ୍ରୁର ଦୁର୍ଯ୍ୟୋଧନ ଛଡେଇ ନେଇଛି

ଗାନ୍ଧାରୀ କୁରୁପତିଙ୍କ ନେତ୍ରରେ ପଟି ଲାଗିଛି

ସେମାନେ କଣ ଘଟୁଛି କିପରି ବା ଦେଖିପାରିବେ ?

ଏଠି ଆଉ କଣ ଯୁଧିଷ୍ଠିର ର ଧର୍ମ ନିଷ୍ଠାପର ଭାବ ଚାଲିବ

ଏଠି ତ ମିଥ୍ୟା ଦୁର୍ନୀତି ଗ୍ରାସ କରିଛି ।

ଏଠି ଆଉ ଶ୍ରୀ କୃଷ୍ଣଙ୍କର ସୁଦର୍ଶନ ଚକ୍ର ମଧ୍ୟ

ଘୂରିବୁଲିବ ନାହିଁ, ଏଠି ହିଂସାର ପାଦୁର୍ଭାବ ବଢି ଯାଇଛି ।

ଏଠି ସଂୟତ୍ର ବାସୁଦେବ ଆସି ମଧ୍ୟ ଦ୍ରୌପଦୀକୁ

ରକ୍ଷା କରପାରିବେ ନାହିଁ, କାହିଁକି ନା

ଦେବା ପାଇଁ ତାଙ୍କ ପାଶେ ବସ୍ତ୍ର କାହିଁ ?

ରାମ ଆଉ ଏଠି ସୀତା ଚୋରି ହୋଇଗଲେ ମଧ୍ୟ

ଆଉ ଖୋଜିବ ନାହିଁ କାହିଁକି ନା ଆଉ

ଏବେ ରାମରାଜ୍ୟ ହେଇ ଆଉ ନାହିଁ କି

ସେ ରାମଙ୍କ ଉକ୍ତି ପ୍ରାଣ ଯାଉ କିନ୍ତୁ ବଚନ ନ ଯାଉ ଆଉ ନାହିଁ ।

ଅବଳା ସୁର୍ପଣକା ପ୍ରାୟତ୍ର ନାରୀର ଏଠାରେ ନାସା କର୍ଣ୍ଣ ଚେଦନ

କରାଯାଉଛି, ହେଲେ ପ୍ରତିବାଦ କରିବାକୁ ରାବଣ ସମ ଭ୍ରାତା ଭାବ ହଜିଯାଇଛି ।

ସୀତା ଏଠି ବାରମ୍ବାର ଅଗ୍ନିରେ ଯାଶ ଦେଇ

ପ୍ରାଣ ହାରୁଛି, ହେଲେ ଶ୍ରୀ ରାମ ମୌନବ୍ରତି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏ ଯୁଗର ହିଂସ୍ର ମନଭାବନାର ରାବଣ, ଦୁଶାସନ, ଦୁର୍ଯ୍ୟୋଧନ ଆଉ କଣ ନାଶ ହେବେ,

ସେମାନେ ଆଧିପତ୍ୟ ବିସ୍ତାର କରି ଦେବ ଶକ୍ତିର ବିନାଶ

କରିଚାଲିଛନ୍ତି । ମୋ ଭଳି କେତେ ଯେ

ସୀତା ଦ୍ରୌପଦୀର ଅଶ୍ରୁ ଧାରର ନଦୀ

ଏ ଅବନୀରେ ପ୍ରବାହିତ ହେଉଛି

ଆଉ ସେ ଅବଳା ର ରକ୍ତ ପାନ କରି

ସେ କ୍ରୁର ରାକ୍ଷସ ନିଜ ପିପାସା ନିବାରଣ କରୁଛନ୍ତି ।

ମୁଁ ନିଶ୍ଚଳ ତରୁ ପ୍ରାୟ ନିସ୍ତେଜ ।

ମୋତେ କଣ ନ୍ୟାୟ ମିଳିବ ନାହିଁ,

କଣ ଆଉ ସେ ବାସୁଦେବଙ୍କ

ପଞ୍ଚଜନ୍ୟ ଶଙ୍ଖ ବାଜିବ  ନାହିଁ କି

ଆଉ ଭୀମର ଶକ୍ତି ଲେଉଟିବ ନାହିଁ

ସେ ଦୁରାଚାରୀ କୀଚକ କୁ ଜଳାଇ

ମାଟି ରେ ପୋତି ଦେବା ପାଇଁ  ?

କଣ ରାବଣ ପ୍ରଭାବ ବିସ୍ତାର କରିଚାଲିବ

ନା ରାମଚନ୍ଦ୍ର ଆସିବେ, ଭୀମ କଣ ଦୁର୍ଯ୍ୟୋଧନ ଆଉ

ଦୁଶାସନର ବାହୁ ଜାନୁ ଭଗ୍ନ କରିବେ ନାହିଁ

ଆଉ ଦ୍ରୌପଦୀର କେଶ ବାନ୍ଧିବେ ନାହିଁ

ନା ପାଞ୍ଚାଳୀ କେଶ ଏମିତି ଖୋଲା ରହିବ  ?

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସୀତା କଣ ସବୁ ଦିନ ପାଇଁ ରସାତଳଗାମୀ ହୋଇଯିବ
କଣ ରାମଚନ୍ଦ୍ରଙ୍କ ପ୍ରାଣପଣ ବଚନ ଲିଭିଯିବ ?
କଣ ଏ ରାକ୍ଷସ ମାନେ ସର୍ବଦା ନାରୀ ରୁଧିର
ପାନ କରିବେ ପୁଣି ସ୍ନାନ କରିବେ ?
କଣ ନାରୀ ଶକ୍ତିର ଉଦୟ ହେବନାହିଁ କି ?
ନାରୀ ଜାତି କଣ ଏତେ ନୀଚ ହୋଇଗଲା
ଶେଷରେ ମହାଦେବୀଙ୍କୁ ଏ ଦଶା
ପରିଣାମ ଭୋଗ ପ୍ରାପ୍ୟ କରିବାକୁ ପଡୁଛି ।
ହାୟରେ ଜୀବନ, ଧରଣୀ ରାଣୀ କ୍ରନ୍ଦନରେ
ବୁକୁ ପାଟି ରୁଧିର ଝରୁଛି
ନେତ୍ରରୁ ଧାର ଧାର ହୋଇ ଶୋଣିତଧାର । ହେ ବିଧାତା,
କଣ ଏ ନାରୀ ଜାତିର ବିନାଶ ର ରୂପ ନେଲାଣି !
ସହସ୍ର ହସ୍ତଶକ୍ତି ଥିବା ନାରୀଶକ୍ତି କଣ ଏମିତି
ଅତ୍ୟାଚାରର କବଳିତ ହେଉଥିବ ?
ଧନ୍ୟ ତୁମେ ଜଗତ ପାଳକ
ଆଖି ଥାଇ ମଧ୍ୟ ଅନ୍ଧ ରୂପରେ
ଅଭିନୟ କରି ନାରୀ ଜାତିକୁ
କଷଣ ଦେଉଛ, ରକ୍ଷା କରିବାକୁ କଣ କ୍ଷମତା ବଳ
ଆଉ ହେତୁ ହେଜ ହେଉନାହିଁ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଣ ତମେ ସୁପ୍ତ ଅବସ୍ଥାରେ ଅଛ କି ?

ଦେଖିବ ଯଦି ନାରୀ ଜାତି ଅଧପତନ ଦିଗକୁ ମୁହଁ କରିବ

ତେବେ ସାରା ସଂସାରରେ ହାହାକାର ପଡିଯିବ

ଆଉ ସେ ନାରୀଜାତି କ୍ରୋଧିତ ହେଲେ

କ୍ରୋଧାଗ୍ନି ଦାବାନଳକୁ ନିର୍ବାପିତ କରି

ଏ ଜଗତକୁ ସ୍ୱୟଂ ନାରାୟଣ ମଧ୍ୟ

ରକ୍ଷା କରପାରିବେ ନାହିଁ ।

ଲିଭିଯିବ ସବୁଦିନ ପାଇଁ ଏ ଜଗତର ଦୀପ୍ତି ।

ଦିଶୁ ନାହିଁ କି ଗୋଟେ

ଅବଳା କର ସିଞ୍ଚାଡି କାକୁତି ମୀନତି ହୋଇ ଆର୍ତ୍ତ ଚିତ୍କାର କରି

କେତେ ଯେ ଅତ୍ୟାଚାର କଷଣ ଭୋଗ କରୁଛି ।

ଧରା ତ ରସାତଳଗାମୀ ହୋଇଲାଣି ।

ସବୁଆଡ଼େ ନାରୀର କ୍ରନ୍ଦନ ଆଉତ

ଚିତ୍କାର ସ୍ୱର ହିଁ କେବଳ ଶୁଭା ଯାଉଛି ।

ରକ୍ଷା କର ରକ୍ଷା କର ରକ୍ଷା କର.............

ଗ୍ରାମ- ହାଡ଼ଶିଙ୍ଗୁଲା, ପୋ- ଚାଟିକୋଣା,

ଗୋଷ୍ଠୀ- ବିଷମକଟକ, ଜିଲ୍ଲା- ରାୟଗଡ଼ା, ଓଡ଼ିଶା ।

ମୋ : ୮୨୪୯୪୩୯୯୩୯

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନ୍ତ୍ରୀ ସୁଶାନ୍ତ ସିଂ

ସତ୍ ଆଏ, ଯେନ୍'ଟା ଭି ହଉଛେ ଭଲ୍ ଲାଗିର୍ ହଉଛେ । ବିପଦ୍ ଘାଏ ଘାଏ ଅନେତ୍ କରି ଦେସି । ସେ ବିପଦ୍ ଆମ୍'କୁ ଭଲ୍ ଭଲ୍ ଲୁକର୍ ସାଂଗେ ଭେଟ୍ ଭି ପକେଇଦେସି । ଆମ୍'କୁ ବିପଦର୍ ସାମ୍'ନା କର୍'ବାର୍ ଲାଗି ଅଲ୍'ଗା ଲୁକର୍ ସାହାରା ନେବାର୍ କେ ପଡ଼୍'ସି । ଇ ସମିଆଁକେ ଝନେ ଝନେ ମହାପୁରୁ ଲେଖେ ଆସିକରି ବିପଦ୍ କେ ଦୂର୍ କରି ନେସନ୍ । ଲୁକ୍'କର୍ ଆଁଖି ସେ ଶୋଜ୍ ମୁନୁଷ୍ ଟେ ହେଲେ ଭି ସାହାଯ୍ ପେଇଥିବାର୍ ଲୁକର୍ ଆଁଖି ସେ ମହାପୁରୁ ।

ହେନ୍ତା ଝନେ ଇହାଦେ ଆମର୍ ସମ୍'କିରର୍ ନଜର୍ ଥି ଅଛନ୍ । ସେ ମହାପୁରୁ ଲେଖେ ବହୁତ୍ ଲୁକ୍'କୁ ବିପଦ୍ ସମିଆଁକେ ଆସିକରି ଉଦ୍ଧାର୍ କରୁଛନ୍ । ସେ ହେଉଛନ୍ ଆମର୍ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ।




ବିଶ୍ୱନାଥ ଭୁଏ

ବରଗଡ଼ ଜିଲ୍ଲାର୍ ସୋହେଲା ବଲକ୍ ର ବାଉସେନ୍'ମୁରା ଗାଁନୁ ମନ୍ତ୍ରୀ ସୁଶାନ୍ତ ସିଂଙ୍କର୍ ଜନମ୍ । ଧଏନ୍ ତାଙ୍କର୍ ମାଁ ବୁଆ । ତାଙ୍କୁ କୋଟି କୋଟି ଜୁହାର୍ । ମନ୍ତ୍ରୀ ସୁଶାନ୍ତ ସିଂ ସବୁବେଲେ ସେବାର୍ ବାଟେ ଚାଲୁଛନ୍ । ନିଜର୍ ନୁ ଜହଁକରି ଅଲ୍'ଗା ଲୁକର୍ ଚିନ୍ତା କର୍'ସନ୍ । ନିଜର୍ ଭୋକ୍ ଭୁଲକରି ଅଲ୍'ଗା ଲୁକ୍'କୁ ଖୁଆସନ୍ । ମହାପୁରୁ ଲେଖେ ଆସିକରି ଗରିବ୍ ଲୁକର୍ ସେବା କରୁଛନ୍ । ସଥେ ସେ ଅନ୍ଧାର୍ ଦୁନିଆଁଥି

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

ଉଜାଲା ଆନ୍ । ଗରିବ୍ ଦୁଖିର୍ ପାଠ୍ ପଢ଼ା ଥି ତାକର୍ ସାହାଯର୍ ହାଁତ୍ ଲମିଛେ । ମର୍'ଲା ସମିଆଁ ନୁ ଭି ବଁଚାବାର୍ ହାଁତ୍ ଟା ସବୁବେଲେ ଲମିଛେ । ତାଙ୍କର୍ ଦୁଆର୍ ଟା ସମ୍'କିରର୍ ଲାଗି ଖୁଲା ଆଏ । ଯିଏ ଭି ତାକର୍ ଦୁଆର୍ କେ ଆସିଛନ୍ ଖାଲି ହାଁତେ ନେ ଫିରି । ଗରିବ୍ ଦୁଖିର୍ ପାଠ୍ ପଢ଼ା, ବିହାବର୍'ପନ୍, ଚିକିତ୍ସା, ଘର୍ ଦ୍ୱାର୍, ଖାନାପିନା ସବୁଥି ତାଙ୍କର୍ ଆଶୀର୍ବାଦ୍ ଟା ଲମିଛେ । ଅହରହ ଚୋବିଶ୍ ଘନ୍ଟା ଗରିବ୍ ଦୁଖିର୍ ସେବା କରୁଛନ୍ ନ ।

ଏନ୍ତା ଲାଗ୍'ସି ଯେନ୍ତା କି ସ୍ୱୟଂ ଭଗବାନ୍ ଆସିକରି ସବୁ ଦୁଖ୍ ଦରଦ୍ ଦୂର୍ କରୁଛନ୍ । ସେ ଯେନୁ ଭି ଥଉନ୍ ଭଲ୍ ହେଇକରି ରହିଥଉନ୍ ।ତାଙ୍କର୍ ଆଶୀର୍ବାଦ୍ ଟା ସମ୍'କିରର୍ ଉପ୍'ରେ ରହିଥଉ । ସମ୍'କିରର୍ ମୁହେଁ ସୁଶାନ୍ତ ସିଂ ଆଙ୍କାଙ୍କର୍ ନାଁ ଶୁଭୁଥଉ । ତାଙ୍କର୍ ଆଦର୍ଶର୍ ବାନା ସବୁବେଲେ ଉଡୁଥଉ ।

କେଶାଇପାଲି, ଭଟଲି
ଜିଲ୍ଲା - ବରଗଡ଼, ମୋ-୯୬୭୮୮୭୮୪୮୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦରବାରୀ ବେଁଟିଆ

ଅଜବ୍ ଆଏ 'ନିତୀ' ଆମର୍

ଗଜବ୍ ନିଏ,

ଦେଲା ଅଜବ୍ ଗଜବ୍

'ଅଗାବଗା'ର୍ ହାତେ

ଦରବାରୀ ବେଁଟାଆ ....

ଧରବାର୍ ଭାର୍,

ଗୁବରୀ ମୁଣ୍ଡେଁ

ଟିଖେ ନାଁଇଁ ଅଗାବଗାର୍

ଦେଲେ ନ' କରି ଇ'ଫାଲେ

ବେଁଟିଆ ଗୁଲା ଫାଲ୍ ଫାଲ୍,

ବିନ୍ ମୋଲର୍ 'ସାହେବି ପନ୍'

ସ୍ୱାଧୀନ୍ ରାଏଜେ 'ଗୁରା'ର୍ ତାଉ,

ଠାନ୍ ଜାନି ବଲବାକେ ହେସି

ସେନର୍ ହଲିଆ କେ ବୁଆ,

ପୁରଥୀ ଗୁଲା ଆବାକାବା

ତବ୍ ଭି' ଇ'ଫାଲେ

କାଏଁ ଦଖବ ତାଁକର୍ ଭାଉ,,



ସୁନୀଲ କୁମାର ଅଗସ୍ତି

ଟିଟିଲାଗଡ଼, ବଲାଙ୍ଗୀର

ମୋ/୭୬୮ ୪୮୬ ୯୬୩୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମକର ମୋର୍ ମକର



ଅଞ୍ଜଳି ଆଚାର୍ଯ୍ୟ

ମକର୍, ତପିସା ମୋର୍ ମକର ।
"ମକର ବଏଲେ ମକର"
ବଢେ ସାଂଗ୍ ସେ ।
ସାନ ଥିଲୁ ଦୁହେଁ ଆମେ,
ମୋର୍ ମାଁ ମକର ଚାଉଲ୍ ଥି
ଆମକୁଁ ମକର ବସେଇ ଥିଲା ।
ଲୁକଲୁକାନି, ଡେଗାନି ସବୁ
ଖେଲ୍ ମୋର୍ ମକର ସାଂଗେ ।
ଗାଧି ଯିମୁ, ଭାତ୍ ଖାଏମୁ
ସବୁ ଗୁଟେ ଠାନେ ।
ମକର ମୋର୍ ମନର୍ ଦରପନ୍
ବଏଲେ ଠିକ୍ ହେବା ।
ଖଜୁର୍ ବେଟା ଠାନୁ ତାଲ୍ ଖୁକୁଡି
ଖାଏବାର୍ ତକ୍, ମକର ନାଇଁ
ହେଲେ କିଛି ନାଇଁ ହଏ ।
ମକର ବଏଲେ କା'ଣା ଗା,
'ଜୀବନ୍'
ମୁଇଁ କହେମି ହଁ ସେ ମୋର୍
ଜୀବନ୍
ଜୀବନ୍ ବଏଲେ କା'ଣା ଗା ?
ହସବାର୍ ଖେଲବାର୍ ଟା
ହଁ ହସୁଥିଲେ ତ ମୋର୍ ମକର୍
ଆଁଖଲ୍ ଭିଲା ଭିଜୁଥିସି ।
ଖିଲ୍ ଖିଲ୍ କରି ହସିଥିବା
ଧାଂଗରିପନ୍ ମୋର୍
ମକର ସାଂଗେ
କୁତକୁତେଇ ଆନସି ସୋର୍
ପଡଲେ ।
ଖଟିଗଲାର୍ କାଁଦି ଆର୍
ଖୁଆନି ଖାଇଯିବାର୍ ଚାଉଲ୍ ବରା
ସାଂଗେ
ମୋର୍ ମକର ବିରଖାନି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁ ମୋର୍ ସୁରତାଥି ।
ବାଃ ରେ ମକର କେଭେଁ
ନାଇଁ ଛାଡଲା ମକର୍ ।
ଛୁଆକର୍ ଜଂଜାଲ୍ ସାଂଗେ ମକର
ଶୁନସି ଆଉ ଦେଖସି ।
ମକର ବେଲେ ଆର୍ କା'ଣା ସେ
ମୋର୍ ଜୀବନ୍ ସେ ।
ସବୁ ଥି ମକର
ମୋର୍ ମାଁ ର୍ ସେ ମକର୍ ଚାଉଲ୍
ଟିକାକ ତ ସାଖି ।
ଲୁରୁଥୁରୁ ବୟେସେ ଭିଲା
ମୋର ପାଖେ ମୋର୍ ମକର ।
ମୋର୍ କଥା ଶୁନୁଥିସି ଆର୍
କେତେନେ କେତେ ହଁସୁଥିସି ।
ଆଏଜ୍ ମୋର୍ ମାଁ ନାଇଁନ,
ମୋର୍ ମକର ଅଛେ
ମୋର୍ ସାଂଗେ ।
ହସପିଟାଲର୍ ଖଟେ
ଗୋଡ୍ ଆଡେ ମୋର୍ ମକର ।

ଦେଖୁଛେ ମତେ ଏକସକଁଟି ।
ଏ ମକର ଯ ନିଜେ ଗା
ଖାଇ ଆଏବ ।
ମୋର୍ କଥା ସେ ଶୁନଲେ ଭିଲା
ନାଇଁ ସୁନବାର୍ ।
ନାଇଁ ମକର ତୋର୍ ସାଂଗେ ଥିମି
ହଁ ଯେତେ କହେଲେ ନାଇଁ ସୁନ ଗା
ମୁନୁଷ୍ ପରକୁତି ମଲେ ଯାଏସି ଗା ।
ହଁ ରେ ମକର ।
ଫୁପଲି ମୁହର୍ ସେ ହଁସି
ଆର୍ ସେ ଆଁଖିର୍ ଝରନ୍
ଯେତେ ଲୁକାଲେ ବି
କା'ଣା ଲୁକୁଥିଲା ।
ସବୁ ଦିଶୁଥିଲା ମୋର୍
ଆଁଖିର୍ ଦରପନେ ।

୫-ଆର୍/୫, ଆର.ଆଇ.ଇ., କ୍ୟାମ୍ପସ, ଭୁବନେଶ୍ୱର
ମୋ. ନଂ -୭୮୯୪୨୦୩୫୪୦୦

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଶୀକାରୀ

( ଭାଗ ୫ )

କେତେ ଝାର୍ଝାର୍ ବୁଲିଛେଁ ଦେଖିଛେଁ
ପାଖେଆଖେ କେତେ ଗାଆଁ,
ମୋର୍ କଥା ଶୁନି କହେଲା ସେ ବୁଢ଼ୀ
ସବ୍ରିଆ ତାର୍ ନାଆଁ ।
ଜାନିଛେଁ ବଏଲି ଦେଖିଛେଁ ବଏଲିଁ
ଚୁପ୍ ରହିଗଲିଁ ଘାଏ,
ବୁଢ଼ୀ ଫେର୍ ମତେ ଗାଧବ ବଏଲା
ଢୁକି ଜଅ ସାଏଁସାଏଁ ।
ତାର୍ କଥା ଶୁନି ଚୁପ୍ ରହିଗଲିଁ
ଗାଧୁଛନ୍ ଦୁଇଝନ୍,
ଦେଖିଁ ତାହାକେ କହେଲିଁ ବୁଢ଼ୀକେ
ନେଇନ ଇହାଦେ ମନ୍ ।
ତୁମେ ଗାଧିସାର ପରେକା ଗାଧିଁ
ଛିନା ହେଇଯାଉ ଘାଟ୍,
ଏନ୍ତି କହେଲିଁ ଚୁପ୍ ହେଇଗଲିଁ
ଦେଖୁଥାଏ ଖାଲି ବାଟ୍ ।



ଦେବଦତ୍ତ ସନ୍ସ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାହାର୍ଲେ ଦୁଇ କଥା ହେଇହେଇ
ବୁଢ଼ୀ ଏକା ଗାଧୁଥାଏ,
ବୁଢ଼ୀ କେ ଯେ ଦୁଇ କେତେ କଥା କହି
ବାହାର୍ ବଏଲେ ଘାଏ ।
ସାନ୍‌ଟା ସୁତର୍ ଗୁଣ୍ୱତୀ ବଲି
ଜାନ୍ଲିଁ ହେ ଚୁପ୍ ଥିଲା,
ବଡ୍ ଟା ମାଁ କାଳୀ ଭୈଁରବୀ କି ଦୁର୍ଗା
ସବୁ ମିଶାଗୁଲା ଥିଲା ।
ହେ ଦିନ୍ ଠାନୁଲେ ବର୍ଷେ ଉତାରୁ
ଘର୍ ଦେଖିଗଲା କକା,
ମନା କରୁଥିଲି ନେଇଁ ଯାଏଁ ବୋଲି
ବର୍କଷା ଦେଲା ଧକା ।
ତାର୍ ସାଙ୍ଗେ ମୁଇଁ ଘର୍ ଦେଖିଗଲିଁ
ଢୁକେଇ କରି ଢୁକାଲା,
ହେ ବୁଢ଼ୀ ଘର୍କେ ସୁତ୍ରେଇ କରି
ଦେଖି କରି ଦୁଇ ବାଳା ।
ଛୋଟେ କୁଡ଼ିଆ ଗାଆଁ ମୁଡ଼େଁ ଠିଆ
ବୁଢ଼ୀର୍ ଦୁଇ ନାତେନ୍,
ତାର୍ ପୁଓବହୁ ନେଇନ କମେଇ
ସହର୍କେ ଯାଇଛେନ୍ ।

ଚାର୍ ବିତି ପାଞ୍ଚ ବଛର୍ ହେଲାନ
ନେଇଁ ଫିର୍ବାର୍ ତାଲ୍,
କହି କରି ବୁଢ଼ୀ କାନ୍ଦି ପକାଲା
ନାତେନ୍ ଦୁଇଟା କାଲ୍ ।
ଗୁଟେକେ ବଟାବେ ଆର୍ ଗୁଟେ ଥିବା
ବୋଲି ବୁଢ଼ୀ କହୁଥିଲା,
କକାର୍ ଆଗାଡ଼େ ଖଟ୍ ଗୁଟେ ପାରିଁ
ମୋର୍ ପାଖେ ବସିଥିଲା ।
ସବୁ ଦେଖୁଥିଲିଁ ସାନ୍ ମୋର୍ ଶାଳୀ
ବୁଲାବୁଲି କରୁଥାଏ,
ବଡ୍‌ଟା ଯେ ଘରେଁ ଆମର୍ ଲାଗିଁ ତ
ରନ୍ଧାରନ୍ଧି କରୁଥାଏ ।
କକାର୍ ପସନ୍ଦ୍ ବଡ୍‌ଟା ଥିଲା ଯେ
ସାନ୍‌ଠାନେ ମୋର୍ ମନ୍,
ବଡ୍ ଟାକେ କକା ବର୍କଷା କଲା
ନାଇଁ ଚାହିଁ ଗୁଟେ ଧନ୍ ।
କକାର୍ ପସନ୍ଦ୍ ମୋର୍ ଠିକ୍ ଥିଲା
ପରେଁ ଜାନିଗଲିଁ ସତ୍,
ଦୁଇ ବଛର୍ ତ ଗଲା ଯେ ଉତାରୁଁ
ଶାଳୀ ଭୁଲ୍ଲା ମହାତ୍ ।

(କ୍ରମଶଃ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଗବତ୍ ଜ୍ଞାନ

"ଶ୍ରୀମଦ୍ଭାଗବତ ମହାପୁରାଣର ବିଷୟ ସୂଚୀ ତଥା ୧୨ଟି ସ୍କନ୍ଦର ସଂକ୍ଷିପ୍ତ ପରିଚୟ ଓ ଏହି ପୁରାଣର ମହିମା"

ଓଡ଼ିଶା ପ୍ରଦେଶ ନିବାସୀ ଓଡ଼ିଆ ଜାତିର ପରମପୂଜ୍ୟ ଅତିବଡ଼ି ଶ୍ରୀ ଜଗନ୍ନାଥ ଦାସକୃତ ଓଡ଼ିଆ ଭାଷାନୁବାଦିତ ଶ୍ରୀମଦ୍ଭାଗବତ ପୁରାଣ ଷୋଡ଼ଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ରଚିତ । ଶ୍ରୀଜଗନ୍ନାଥ ଦାସ ଉକ୍ତ ପୁରାଣକୁ ଓଡ଼ିଶାର ସର୍ବସାଧାରଣ ଅତି ସହଜରେ ନିଃସନ୍ଦେହରେ ବୁଝିପାରିବା ଭଳି ସରଳ, ପ୍ରାଞ୍ଜଳ ତଥା ବୋଧଗମ୍ୟ ଶବ୍ଦରେ ରଚନା କରିଥିଲେ । କିନ୍ତୁ ଆଜିର ମାନବ, ଜଞ୍ଜାଳମୟ କର୍ମବ୍ୟସ୍ତ ଜୀବନ ଅତିବାହିତ କରିବା ପରିପ୍ରେକ୍ଷିରେ ସମୟ ଅଭାବ ବାହାନାରେ ଉକ୍ତ ବିଶାଳ ଗ୍ରନ୍ଥକୁ ଅଧ୍ୟୟନ କରିବା ନିମନ୍ତେ ଆଗ୍ରହୀ ହୁଅନ୍ତି ନାହିଁ । ଅନ୍ୟ କେତେକେ ଏହାର ଅଧ୍ୟୟନ ପ୍ରତି ଆଗ୍ରହୀ ଥିଲେ ବି ଗ୍ରନ୍ଥଟିର ବିଶାଳତା ଯୋଗୁଁ ଏହାକୁ ସମ୍ପୂର୍ଣ୍ଣରୂପେ ଅଧ୍ୟୟନ କରିବା ନିମନ୍ତେ ସକ୍ଷମ ହୋଇପାରୁନାହାନ୍ତି । ଅତଏବ ଆଗାମୀ ମାସଠାରୁ ଆହ୍ୱାନ୍-ଇ-ପତ୍ରିକା ମାଧ୍ୟମରେ ପ୍ରକାଶିତ ହେବାକୁ ଯାଉଥିବା **'ଓଡ଼ିଆ ଶ୍ରୀମଦ୍ଭାଗବତ ପୁରାଣ ସାରାଂଶ ଓ ବିଶ୍ଳେଷଣ'** ଆଧାରିତ **"ଭଗବତ୍ ଜ୍ଞାନ"** ଶୀର୍ଷକ ଧାରାବାହିକଟି ଉପରୋକ୍ତ ସମସ୍ୟାକୁ ସମାଧାନ କରି ସମ୍ୟକ୍ଭାବେ ତଥା



ସହଦେବ ପ୍ରଧାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନାଗ୍ରହରୂପକ ଅସୁବିଧା ଗୁଡ଼ିକୁ ଦୂର କରିବା ନିମନ୍ତେ ଏକ କ୍ଷୁଦ୍ର ଅଭିନବ ପ୍ରୟାସ ମାତ୍ର । ଏହି ଧାରାବାହିକରେ ବିଭିନ୍ନ ସ୍କନ୍ଧର ଅଧ୍ୟାୟଗତ ସାରାଂଶ ନିଷ୍କାସନ କରାଯାଇ ସମସ୍ତ ବିଷୟକୁ ସଂକ୍ଷିପ୍ତରୂପରେ ବିଶ୍ଲେଷଣାତ୍ମକ ମାର୍ଗରେ ପ୍ରତିପାଦନ କରାଯାଇଛି । ଓଡ଼ିଶାର ଅଧିକରୁ ଅଧିକ ସଂଖ୍ୟକ ସାଧାରଣ ଜନତା ଏହି ପୁସ୍ତିକାକୁ ଅଧ୍ୟୟନ କଲେ ମୋର ନିଷ୍ଠାପର ଉଦ୍ୟମ ଓ ଅଦମ୍ୟ ପ୍ରଚେଷ୍ଟା ସାର୍ଥକ ହେବ ବୋଲି ଆଶା ଓ ବିଶ୍ୱାସ ।

ଏହି ଧାରାବାହିକଟି ପସ୍ତୁତି ସମୟରେ ଅତି ସାବଧାନତା ଅବଲମ୍ବନ କରାଯାଇଥିଲେ ମଧ୍ୟ ସ୍ଥାନେ ସ୍ଥାନେ ସାମାନ୍ୟ ତ୍ରୁଟି ରହିଯିବା କିଛି ଅସମ୍ଭବ ନୁହେଁ । ଏଥିପାଇଁ ସୁଧୀ ପାଠକ ମାନେ ନିଜ ଉଦାର ଗୁଣରେ କ୍ଷମା ଦେବା ସହିତ ମୋତେ ତାହା ଅବଗତ କରାଇଲେ ମୁଁ ମୋର ଭ୍ରମ ବୁଝିପାରି ବିଷୟବସ୍ତୁକୁ ସୁଧାରି ପାରିବି ।

ଶ୍ରୀମଦ୍ଭାଗବତାଭିଧଃ ସୁରତରୁସ୍ତାରାଙ୍କୁରଃ ସଜ୍ଜନିଃ
ସ୍କନ୍ଧୈର୍ଦ୍ୱାଦଶଭିସ୍ତତଃ ପ୍ରବିଳସଦ୍ ଭକ୍ତ୍ୟାଳବାଳୋଦୟଃ ।
ଦ୍ୱାତ୍ରିଂଶ୍ରିଶତଂ ଚ ଯସ୍ୟ ବିଳସଚ୍ଛାଖାଃ ସହସ୍ରାଣ୍ୟଳଂ
ପର୍ଣ୍ଣାନ୍ୟଷ୍ଟଦଶେଷ୍ଟଦୋଽତିସୁଲଭୋ ବର୍ବର୍ତ୍ତି ସର୍ବୋପରି ।।

ଭାଗବତ ପୁରାଣରୁ ଉଦ୍ଧୃତ ଉପରୋକ୍ତ ଶ୍ଳୋକ ଅନୁସାରେ ଧାରାବାହିକଟି "ସସ୍ୱରୂପ ପରମାତ୍ମାଙ୍କ ଠାରୁ ଉତ୍ପନ୍ନ, ବ୍ରହ୍ମାଙ୍କ ହୃଦୟରେ ଓଁକାରରୂପେ ଅଙ୍କୁରିତ, ମହର୍ଷି ବ୍ୟାସଦେବ ରଚିତ, ଅଠର ହଜାର ଶ୍ଳୋକରୂପୀ ତଥା ଦ୍ୱାଦଶ ସଂଖ୍ୟକ ସ୍କନ୍ଧ ଆଧାରିତ, ତିନି ଶତ ବତିଶ ଅଧ୍ୟାୟରୂପୀ ସୁଦୂରପ୍ରସାରୀ ଶାଖାରେ ବିମଣ୍ଡିତ ଭକ୍ତିରୂପୀ ମନ୍ଦା ଦ୍ୱାରା ସୁରକ୍ଷିତ ଓ ପୋଷିତ ସଂସ୍କୃତ ଶ୍ରୀମଦ୍ଭାଗବତ ପୁରାଣର ଅତିବଡ଼ି ଶ୍ରୀ ଜଗନ୍ନାଥ ଦାସକୃତ ଓଡ଼ିଆ ଭାଷାନୁବାଦିତ ଶ୍ରୀମଦ୍ଭାଗବତ ପୁରାଣର ସଂକ୍ଷିପ୍ତ ସାରସଂଗ୍ରହ ଓ ବିଶ୍ଳେଷଣ ମାତ୍ର ।"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟାସଦେବକୃତ ସଂସ୍କୃତ ଭାଗବତ – ୧୨ ସ୍କନ୍ଧ;

ମୋଟ ଅଧ୍ୟାୟ – ୩୩୨;

ଅଠର ସହସ୍ର ଶ୍ଲୋକ ।

ଅତିବଡ଼ି ଶ୍ରୀଜଗନ୍ନାଥ ରଚିତ ଶ୍ରୀମଦ୍ଭାଗବତ ମହାପୁରାଣ (ବଡ଼ ବହି)– ମୋଟ ୧୨ ସ୍କନ୍ଧ । ମୋଟ – ୩୪୨ ଅଧ୍ୟାୟ । ଏଥିରୁ ୭ ଅଧ୍ୟାୟ ଶ୍ରୀମଦ୍ ଭାଗବତ ଗୀତରସ । ତେଣୁ ମୋଟ ୩୩୫ ଅଧ୍ୟାୟ । ଏକାଦଶ ସ୍କନ୍ଧ ଯାଏଁ ୩୨୯ ଅଧ୍ୟାୟ । ୧ମରୁ ୧୨ଶ ସ୍କନ୍ଧ ପର୍ଯ୍ୟନ୍ତ ମୋଟ ଚୌବିଂଶ (୨୪) ସହସ୍ର ଟୀକା ଓ ୩୨୭୭ ପଦ । ୧୨ଶ ସ୍କନ୍ଧ ୧୨ଶ ଅଧ୍ୟାୟ ଶ୍ଲୋକ ୪୫ ଏବଂ ୧୨ଶ ସ୍କନ୍ଧ ୧୩ଶ ଅଧ୍ୟାୟ ପୃଷ୍ଠା୧୧୦୭ ଓ ୧୧୦୮ ରୁ ଉଦ୍ଧୃତ ।

ଅତିବଡ଼ି ଶ୍ରୀଜଗନ୍ନାଥ ରଚିତ ଶ୍ରୀମଦ୍ଭାଗବତ ମହାପୁରାଣ (ଛୋଟ ୩ଟି ବହି)- ମୋଟ ୧୩ ସ୍କନ୍ଧ; ମୋଟ – ୩୫୪ ଅଧ୍ୟାୟ ।

୧ମ ବହି – ୧ମ ସ୍କନ୍ଧରୁ ୬ଷ୍ଠ ସ୍କନ୍ଧ

୨ୟ ବହି – ୭ମ ସ୍କନ୍ଧରୁ ୧୦ମ ସ୍କନ୍ଧ (ଗୋପଲୀଳା)

୩ୟ ବହି – ୧୦ମ ସ୍କନ୍ଧ (ଦ୍ୱାରିକାଲୀଳା)ରୁ ୧୩ଶ ସ୍କନ୍ଧ

ବିଷୟ ସୂଚୀ ବିବରଣ –

ପରବର୍ତ୍ତୀ ପୃଷ୍ଠାରେ ଦିଆଯାଇଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

| ସ୍କନ୍ଧ | ମୂଳ ସଂସ୍କୃତ ଅଧ୍ୟାୟ ସଂଖ୍ୟା | ଓଡ଼ିଆ ବଡ଼ ବହି ଅଧ୍ୟାୟ ସଂଖ୍ୟା | ଓଡ଼ିଆ ଛୋଟ ବହି ଅଧ୍ୟାୟ ସଂଖ୍ୟା | ଭାଗବତ ଲକ୍ଷଣ ନାମ | ଲକ୍ଷଣ ସଂଖ୍ୟା | ଓଡ଼ିଆ ବଡ଼ ବହି ପୃଷ୍ଠା | ଓଡ଼ିଆ ଛୋଟ ବହି ପୃଷ୍ଠା |
|---|---|---|---|---|---|---|---|
| ୧ମ | ୧୯ | ୧୯ | ୧୯ | - | - | ୩୭ ରୁ ୯୬ = ୬୦ | ୧ ରୁ ୧୦୨ |
| ୨ୟ | ୧୦ | ୧୦ | ୧୦ | - | - | ୯୭ରୁ ୧୨୭ = ୨୯ | ୧ ରୁ ୪୮ |
| ୩ୟ | ୩୨ | ୩୩ | ୩୩ | ସର୍ଗ | ୧ମ | ୧୨୭ ରୁ ୨୨୪ = ୯୭ | ୧ ରୁ ୧୪୬ |
| ୪ର୍ଥ | ୩୧ | ୩୧ | ୩୧ | ବିସର୍ଗ | ୨ୟ | ୨୨୫ ରୁ ୩୩୪ = ୧୦୯ | ୧ ରୁ ୧୭୨ |
| ୫ମ | ୨୬ | ୨୬ | ୨୬ | ସ୍ଥାନ | ୩ୟ | ୩୩୫ ରୁ ୩୮୮ = ୫୩ | ୧ ରୁ ୮୭ |
| ୬ଷ୍ଠ | ୧୯ | ୧୯ | ୧୯ | ପୋଷଣ | ୪ର୍ଥ | ୩୮୯ ରୁ ୪୪୦ = ୫୧ | ୧ ରୁ ୮୮ |
| ୭ମ | ୧୫ | ୧୫ | ୧୫ | ଉତି | ୫ମ | ୪୪୧ ରୁ ୪୯୬ = ୫୫ | ୧ ରୁ ୧୦୦ |
| ୮ମ | ୨୪ | ୨୪ | ୨୩ | ମନ୍ୱନ୍ତର | ୬ଷ୍ଠ | ୪୯୭ ରୁ ୫୫୬ = ୫୯ | ୧ ରୁ ୧୧୪ |
| ୯ମ | ୨୪ | ୨୪ | ୨୪ | ଈଶାନୁ | ୭ମ | ୫୫୭ ରୁ ୬୨୮ = ୭୧ | ୧ ରୁ ୧୧୨ |
| ୧୦ମ (ଗୋପ ଲୀଳା) | ୪୯ | ୪୮ | ୪୮ | ନିରୋଧ | ୮ମ | ୬୨୯ ରୁ ୭୭୦ = ୧୪୧ | ୧ ରୁ ୨୫୪ |
| ୧୦ମ (ଦ୍ୱାରିକାଲୀଳା) | ୪୧ | ୪୮ | ୪୮ | ନିରୋଧ | ୮ମ | ୭୭୧ ରୁ ୯୪୬ = ୧୭୫ | ୧ ରୁ ୩୨୦ |
| ୧୧ଶ | ୩୧ | ୩୨ | ୩୨ | ମୁକ୍ତି | ୯ମ | ୯୪୭ ରୁ ୧୦୫୬ = ୧୦୯ | ୧ ରୁ ୨୧୮ |
| ୧୨ଶ | ୧୩ | ୧୩ | ୧୩ | ଆଶ୍ରୟ | ୧୦ମ | ୧୦୫୭ ରୁ ୧୧୦୮ = ୫୧ | ୧ ରୁ ୧୨୬ |
| ୧୩ଶ | - | - | ୧୩ | - | - | - | ୧ ରୁ ୪୭ |
| ମୋଟ | ୩୩୪ | ୩୪୨ | ୩୫୪ | - | - | ୧୦୭୦ | ୧୯୩୪ |

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

**ଶ୍ରୀମଦ୍ଭାଗବତ ମହାପୁରାଣର ୧୨ଟି ସ୍କନ୍ଧର ସଂକ୍ଷିପ୍ତ ବିଷୟ ପରିଚୟ –**

ପ୍ରଥମ ସ୍କନ୍ଧରେ, ଭକ୍ତିଯୋଗ ବିଷୟରେ ଉତ୍ତମରୂପେ ନିରୂପଣ କରାଯାଇଛି ଏବଂ ତା'ସହିତ ଭକ୍ତିଯୋଗରୁ ଉତ୍ପନ୍ନ ତଥା ଭକ୍ତିଯୋଗକୁ ସ୍ଥିର ରଖୁଥିବା ବୈରାଗ୍ୟର ମଧ୍ୟ ବର୍ଣ୍ଣନା କରାଯାଇଛି । ବ୍ରହ୍ମାଙ୍କର ଆବିର୍ଭାବ ଓ ସୃଷ୍ଟିର ଉତ୍ପତ୍ତି ତଥା ବିଷ୍ଣୁଙ୍କର ୨୪ଟି ଅବତାର ମଧ୍ୟରୁ ହଂସ ଓ ହୟଗ୍ରୀବ ୨ ଅବତାର ବ୍ୟତୀତ ଅନ୍ୟ ୨୨ଟି ଅବତାରର ଉଲ୍ଲେଖ ଅଛି । ପୁନଶ୍ଚ, ଏହି ସ୍କନ୍ଧରେ ନାରଦଙ୍କ ଦାସୀ ଗର୍ଭରୁ ଜନ୍ମ ବୃତ୍ତାନ୍ତ, ଭୀଷ୍ମଙ୍କ ମହାପ୍ରୟାଣ, ଯୁଧିଷ୍ଠିରଙ୍କ ଦ୍ୱାରା ପ୍ରଳୟ ଲକ୍ଷଣ ବର୍ଣ୍ଣନ ତଥା କଳିନିଗ୍ରହ ଆଦି ବିଷୟ ବର୍ଣ୍ଣନା କରାଯାଇଛି । ପରୀକ୍ଷିତଙ୍କ ଜନ୍ମବୃତ୍ତାନ୍ତ, ପରୀକ୍ଷିତଙ୍କ ଜାତକବିଚାର, ତାଙ୍କର ରାଜାଭିଷେକ ଓ ବ୍ୟାସ-ନାରଦ ସଂବାଦ ପ୍ରସଙ୍ଗରେ ନାରଦ ଚରିତ ମଧ୍ୟ କୁହାଯାଇଛି । ବ୍ରାହ୍ମଣଙ୍କ ଅଭିଶାପ ପାଇବା ପରେ ପରୀକ୍ଷିତ କିପରି ନିରାହାର ବ୍ରତ ପାଳନ କରି ଗଙ୍ଗାତଟେ ଶୁକଦେବଙ୍କ ସହିତ ସଂବାଦ ଆରମ୍ଭ କଲେ ତାହା ମଧ୍ୟ ପ୍ରଥମ ସ୍କନ୍ଧରେ ପ୍ରଦତ୍ତ ଯାହା କି ଆହ୍ୱାନ୍-ଇ-ପତ୍ରିକା ଆଗାମୀ ସଂସ୍କରଣର ଏହି ଧାରାବାହିକରେ ପୁଙ୍ଖାନୁପୁଙ୍ଖ ଭାବେ ବର୍ଣ୍ଣନା କରାଯିବ ।

ଦ୍ୱିତୀୟ ସ୍କନ୍ଧରେ. ଖଟ୍ୱାଙ୍ଗ ରାଜା ଉପାଖ୍ୟାନ, ଭକ୍ତିଯୋଗ ପ୍ରାଧାନ୍ୟ, ସୃଷ୍ଟ୍ୟାଦି ବର୍ଣ୍ଣନ, ପ୍ରକୃତି ବର୍ଣ୍ଣନ ତଥା ଭାଗବତର ଦଶ ଲକ୍ଷଣର ସଂକ୍ଷିପ୍ତ ବିବରଣ କରାଯାଇଛି । ଏହି ଅଧ୍ୟାୟରେ ପୁଣି ଯୋଗଧାରଣା ଦ୍ୱାରା ଦେହତ୍ୟାଗର ବିଧି, ବ୍ରହ୍ମା ଓ ନାରଦଙ୍କ ସଂବାଦ, ଅବତାରମାନଙ୍କର ସଂକ୍ଷିପ୍ତ ଚର୍ଚ୍ଚା ତଥା ମହତତ୍ତ୍ୱ ଆଦି କ୍ରମରେ ପ୍ରାକୃତିକ ସୃଷ୍ଟିର ଉତ୍ପତ୍ତି ଉତ୍ୟାଦି ବିଷୟର ବର୍ଣ୍ଣନା କରାଯାଇଛି ।

ତୃତୀୟ ସ୍କନ୍ଧରେ, ବିଦୁର ଉଦ୍ଧବ ସଂବାଦ ମାଧ୍ୟମରେ ଯଦୁବଂଶ ସମାଚାର, ସଂକ୍ଷିପ୍ତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋପଲୀଳା ବର୍ଣ୍ଣ; ବିଦୁର ମୈତ୍ରେୟ ସଂବାଦ କ୍ରମରେ ସୃଷ୍ଟିକ୍ରମ ବର୍ଣ୍ଣନ, ବ୍ରହ୍ମାଙ୍କ ବିଭିନ୍ନ ଅଙ୍ଗ ପ୍ରକୃତି ବର୍ଣ୍ଣନା, ବିଷ୍ଣୁଙ୍କ ନିର୍ଦ୍ଦେଶ କ୍ରମେ ବ୍ରହ୍ମାଙ୍କ ସୃଷ୍ଟି ସର୍ଜନା ତଥା ସତ୍ୟକାଳ ବର୍ଣ୍ଣନ, ହିରଣ୍ୟ କଶିପୁ – ହିରଣ୍ୟାକ୍ଷ ଚରିତ, କର୍ଦ୍ଦମ ଦେବହୁତି ବିବାହ ଏବଂ କପିଳ ଦେବହୂତି ସଂବାଦ ଉପକ୍ରମରେ ଯୋଗର ଲକ୍ଷଣ, ପ୍ରାଣାୟାମ ପ୍ରକ୍ରିୟା ଓ ସାଂଖ୍ୟଜ୍ଞାନ ଦର୍ଶନ, ଭକ୍ତି ମାର୍ଗ ଇତ୍ୟାଦିର ବିସ୍ତୃତ ବିବରଣ କରାଯାଇଛି । ଅର୍ଥାତ୍ ସ୍ଥୂଳ ଓ ସୂକ୍ଷ୍ମ କାଳର ସ୍ୱରୂପ, ଚଉଦ ଭୁବନର ଉତ୍ପତ୍ତି, ବରାହ ଅବତାରେ ଭଗବାନଙ୍କ ଦ୍ୱାରା ହିରଣ୍ୟାକ୍ଷ ଓ ନୃସିଂହ ରୂପରେ ହିରଣ୍ୟ କଶିପୁ ଭଳି ରାକ୍ଷସ ମାନଙ୍କର ବଧ ବିଷୟର ପୂର୍ବାଭାସ ଏବଂ ସ୍ୱାୟମ୍ଭୁବ ମନୁ – ଶତରୂପା ବିବାହ, କର୍ଦ୍ଦମ ଦେବହୂତି ବିବାହ ତଥା କପିଳ-ଦେବହୂତି ସଂବାଦ ବର୍ଣ୍ଣିତ ।

ଚତୁର୍ଥ ସ୍କନ୍ଧରେ, ମନୁବଂଶ ଅନୁକ୍ରମରେ ଆକୂତି, ଦବେହୂତି, ପ୍ରସୂତି, ପ୍ରିୟବ୍ରତ ଓ ଉତ୍ତାନପାଦ ବଂଶାନୁଚରିତ ଏବଂ ମରୀଚି ଆଦି ନଅ ପ୍ରଜାପତିଙ୍କର ଉତ୍ପତ୍ତି, ଦକ୍ଷଯଜ୍ଞ ବିଧ୍ୱଂସନ, ଧ୍ରୁବ ଚରିତ, ପୃଥୁ ଚରିତ ତଥା ପ୍ରଚୀନବର୍ହି ଓ ନାରଦଙ୍କ ସଂବାଦ ବର୍ଣ୍ଣିତ । ପୁରଞ୍ଜନ ଉପାଖ୍ୟାନ, ପ୍ରଚେତାଗଣଙ୍କୁ ଭଗବାନଙ୍କ ବରଦାନ, ସେମାନଙ୍କୁ ନାରଦଙ୍କ ଉପଦେଶ ଓ ତାଙ୍କର ପରମପାଦ ଲାଭ ଇତ୍ୟାଦି ବିଷୟର ସବିସ୍ତୃତ ବିବରଣ ଏହି ସ୍କନ୍ଧରେ ବର୍ଣ୍ଣନା କରାଯାଇଛି ।

ପଞ୍ଚମ ସ୍କନ୍ଧରେ, ପ୍ରିୟବ୍ରତ ଉପାଖ୍ୟାନ, ନାଭିରାଜା, ଋଷଭ ଓ ଜଡ଼ଭରତଙ୍କ ଚରିତ, ଭରତ ବଂଶାନୁଚରିତ, ସପ୍ତଦ୍ୱୀପ ତଥା ସେଗୁଡ଼ିକ ମଧ୍ୟରେ ଥିବା ବର୍ଷ, ସମୁଦ୍ର, ପର୍ବତ ଓ ନଦୀମାନଙ୍କର ବର୍ଣ୍ଣନା; ଜ୍ୟୋତିଷ୍ଚକ୍ରର ବିସ୍ତାର, ବିଭିନ୍ନ ଗ୍ରହଙ୍କର ସ୍ଥିତି ଓ ଗତି, ଶିଶୁମାର ଚକ୍ର, ରାହୁଙ୍କ ଅବସ୍ଥିତି, ସଂକର୍ଷଣ ଦେବଙ୍କ ମାହାତ୍ମ୍ୟ, ପ୍ରସଙ୍ଗ ଓ ସ୍ତୁତି ଏବଂ ପାତାଳ ତଥା ନରକମାନଙ୍କର ସ୍ଥିତି ନିରୂପିତ ହୋଇଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଷଷ୍ଠ ସ୍କନ୍ଧରେ, ଅଜାମିଳ ଉପାଖ୍ୟାନ, ଯମଙ୍କ ଦ୍ୱାରା ବିଷ୍ଣୁଙ୍କ ମହିମା ଗାନ, ପ୍ରଚେତାମାନଙ୍କ ଠାରୁ ଦକ୍ଷମାନଙ୍କ ଉତ୍ପତ୍ତି, ଦକ୍ଷ ପ୍ରଜାପତିଙ୍କ ଷାଠିଏ କନ୍ୟାଙ୍କର ବଂଶ ବିବରଣୀ, ଦକ୍ଷମାନଙ୍କଠାରୁ ସନ୍ତାନରୂପେ ଦେବତା, ଅସୁର, ମନୁଷ୍ୟ, ପଶୁ, ପକ୍ଷୀ, ପର୍ବତ ପ୍ରଭୃତିଙ୍କ ଜନ୍ମ ଓ ସେମାନଙ୍କର ବିଭିନ୍ନ କର୍ମ ତଥା ଇନ୍ଦ୍ରଙ୍କ ଦ୍ୱାରା ଅପମାନିତ ହୋଇ ବୃହସ୍ପତିଙ୍କ ଆତ୍ମଗୋପନ, ବିଶ୍ୱରୂପାଙ୍କ ଇନ୍ଦ୍ରଙ୍କୁ ବୈଷ୍ଣବୀ ବିଦ୍ୟା ଦାନ, ବିଶ୍ୱରୂପା ବଧ, ଚିତ୍ରକେତୁ ଉପାଖ୍ୟାନ କ୍ରମରେ ବୃତାସୁରର ପୂର୍ବ ଜନ୍ମ ଚରିତ ବର୍ଣ୍ଣନ, ବୃତ୍ରାସୁରର ଉତ୍ପତ୍ତି ଓ ତାର ପରମ ଗତି ପ୍ରାପ୍ତ ବିଷୟ ବର୍ଣ୍ଣନା କରାଯାଇଛି ।

ସପ୍ତମ ସ୍କନ୍ଧରେ, ହିରଣ୍ୟାକ୍ଷ ଓ ହିରଣ୍ୟ କଶ୍ୟପୁ ରାକ୍ଷସ ମାନଙ୍କ ଜନ୍ମ ଓ ଅତ୍ୟାଚାର ଆଦି କୁକର୍ମ ତଥା  ଭଗବାନଙ୍କ ବରାହ ଅବତାରରେ ହିରଣ୍ୟାକ୍ଷ ଓ ନୃସିଂହ ଅବତାରରେ ହିରଣ୍ୟ କଶ୍ୟପୁ ବଧ ଉଲ୍ଲେଖ ଅଛି । ପୁଣି ପ୍ରହ୍ଲାଦ ରାଜାଭିଷେକ, ଶିବଙ୍କ ଦ୍ୱାରା ମୟ ଅସୁର ବଧ, ଯୁଧିଷ୍ଠିର ନାରଦ ସଂବାଦ ଛଳରେ ସଦାଚାର ବର୍ଣ୍ଣନ, ଆଠଟି ଆଶ୍ରମର ବର୍ଣ୍ଣନ, ଗୃହସ୍ଥାଶ୍ରମର ନିୟମ ବର୍ଣ୍ଣନ,  ଏବଂ ଗୃହସ୍ଥଙ୍କ ନିମନ୍ତେ ମୋକ୍ଷଧର୍ମ ବର୍ଣ୍ଣନା ଏହି ସ୍କନ୍ଧରେ କରାଯାଇଛି ।

ଅଷ୍ଟମ ସ୍କନ୍ଧରେ, ସ୍ୱାୟମ୍ଭୁବ, ସ୍ୱାରୋଚିଷ, ଉତ୍ତମ, ତାମସ, ରୈବତ, ଚାକ୍ଷୁଷ, ବୈବସ୍ୱତ ବା ଶ୍ରାଦ୍ଧଦେବ, ସାବର୍ଣ୍ଣି, ଦକ୍ଷସାବର୍ଣ୍ଣି, ବ୍ରହ୍ମସାବର୍ଣ୍ଣି, ଧର୍ମସାବର୍ଣ୍ଣି, ରୁଦ୍ରସାବର୍ଣ୍ଣି, ଦେବସାବର୍ଣ୍ଣି ଓ ଇନ୍ଦ୍ରସାବର୍ଣ୍ଣି ଆଦି ଚଉଦ ମନ୍ୱନ୍ତର ବିବରଣୀ, ଗଜେନ୍ଦ୍ର ମୋକ୍ଷଣ, ବିଷ୍ଣୁଙ୍କର ମତ୍ସ୍ୟ, କୂର୍ମ, ବାମନ, ଧନ୍ୱନ୍ତରୀ, ହୟଗ୍ରୀବ ଆଦି ଅବତାର ବର୍ଣ୍ଣନ, ସମୁଦ୍ର ମନ୍ଥନ, ଦେବାସୁର ସଂଗ୍ରାମ ତଥା ବାମନଙ୍କ ଦ୍ୱାରା ବଳି ନିବନ୍ଧନ ଉପାଖ୍ୟାନ ଆଦି ବିଷୟ ବର୍ଣ୍ଣନା କରାଯାଇଛି । ଏହି ସ୍କନ୍ଧର ଶେଷ ଅଧ୍ୟାୟଟିରେ ଭଗବାନଙ୍କ ମୀନ ଅବତାରରେ ସତ୍ୟବ୍ରତ ରାଜାଙ୍କୁ ଚମତ୍କାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରଦର୍ଶନ ଏବଂ ସେ ବୈବସ୍ୱତ ମନୁ ହେବା ନିମନ୍ତେ ବରଦାନ ବିଷୟ ବର୍ଣ୍ଣିତ ।

ନବମ ସ୍କନ୍ଧରେ, ରାଜବଂଶମାନଙ୍କର ବର୍ଣ୍ଣନା ରହିଛି । ଇକ୍ଷ୍ୱାକୁଙ୍କର ଜନ୍ମ ଓ କର୍ମ ବଂଶବିସ୍ତାର, ମହାତ୍ମ୍ୟା ସୁଦ୍ୟୁମ୍ନ, ଇଳା ଏବଂ ତାରାଙ୍କ ଚରିତ ଉପାଖ୍ୟାନ ଇତ୍ୟାଦିର ବର୍ଣ୍ଣନା ରହିଛି । ସୂର୍ଯ୍ୟବଂଶର ବୃତ୍ତାନ୍ତ, ଶଶାଦ, ନୃଗ ଆଦି ରାଜାମାନଙ୍କର କଥା, ସୁକନ୍ୟା ଚରିତ, ଶର୍ଯ୍ୟାତି, ଖଟ୍ୱାଙ୍ଗ, ମାନ୍ଧାତା, ସୌଭରି, ସଗର, ଭଗୀରଥଙ୍କ ଗଙ୍ଗା ଆନୟନ ଚରିତ, ବୁଦ୍ଧିମାନ୍ କକୁତ୍ସ ଓ କୋଶଳେନ୍ଦ୍ର ସର୍ବପାପହାରୀ ଭଗବାନ ଶ୍ରୀରାମଙ୍କ ଚରିତ ମଧ୍ୟ ଏହି ସ୍କନ୍ଧରେ ବର୍ଣ୍ଣିତ ହୋଇଛି । ନିମିଙ୍କ ଚରିତ, ଜନକ ବଂଶାନୁଚରିତ, ଭୃଗୁପତି ପର୍ଶୁରାମଙ୍କ କ୍ଷତ୍ରୀୟସଂହାର, ଚନ୍ଦ୍ରବଂଶୀ ନରପତି ପୁରୁରବା, ଯଯାତି, ନହୂଷ, ଦୂଷ୍ୟନ୍ତନନ୍ଦନ ଭରତ, ଶାନ୍ତନୁ ଓ ତାଙ୍କର ପୁତ୍ର ଭୀଷ୍ମ ଆଦି ତଥା କୁରୁବଂଶ ଅନୁକ୍ରମରେ ପରୀକ୍ଷିତ ଓ ଜନ୍ମଜେୟ ପର୍ଯ୍ୟନ୍ତ ସମସ୍ତ ରାଜା ମାନଙ୍କର ସଂକ୍ଷିପ୍ତ କଥାମାନ ବି ଏହି ସ୍କନ୍ଧରେ ବର୍ଣ୍ଣନା କରାଯାଇଛି ।

ଦଶମ ସ୍କନ୍ଧ ଦୁଇ ଭାଗରେ ବିଭକ୍ତ । ପ୍ରଥମ ଭାଗ ପୂର୍ବାର୍ଦ୍ଧରେ ଭଗବାନ ଶ୍ରୀକୃଷ୍ଣଙ୍କର ଗୋପଲୀଳା ଓ ଦ୍ୱିତୀୟ ଭାଗ ଉତ୍ତରାର୍ଦ୍ଧରେ ଦ୍ୱାରିକାଲୀଳା ବର୍ଣ୍ଣିତ ।

ଦଶମ ସ୍କନ୍ଧର ପୂର୍ବାର୍ଦ୍ଧ ଗୋପଲୀଳାରେ ବସୁଦେବ-ଦେବକୀ ବିବାହ, ବଳରାମ ଓ ଭଗବାନ ଶ୍ରୀକୃଷ୍ଣଙ୍କର ଯଦୁବଂଶରେ ଜନ୍ମ, ଅସୁର ସଂହାର ଯଥା ପୁତନା, ଶକଟାସୁର, ତୃଣାବର୍ତ୍ତର, ବତ୍ସାସୁର, ବକାସୁର, ଅଘାସୁର, ଧେନୁକାସୁର, ପ୍ରଳମ୍ବାସୁର, ଶଙ୍ଖଚୂଡ଼, ଷଣ୍ଢାସୁର, କେଶୀ ଓ ବ୍ୟୋମାସୁର, କୁବଳୟାପୀଡ଼ ଗଜ ବଧ ଇତ୍ୟାଦି ବର୍ଣ୍ଣନା କରାଯାଇଛି । ଏଥିରେ ଯାମଳାର୍ଜୁନ ମୋକ୍ଷ, କାଳିୟଦଳନ, ବର୍ଷାଋତୁ ଓ ଶରତ୍ ଋତୁ ବର୍ଣ୍ଣନ କରାଯାଇଛି । ସେହିପରି ଗୋପୀ ବସ୍ତ୍ରହରଣ ଲୀଳା, ଇନ୍ଦ୍ରକୋପେ ପ୍ରଳୟତୁଲ୍ୟ ବୃଷ୍ଟି ସମୟେ ଶ୍ରୀକୃଷ୍ଣଙ୍କ ଦ୍ୱାରା ଗୋବର୍ଦ୍ଧନ ଗିରି ଧାରଣ, ଗୋବର୍ଦ୍ଧନ ପୂଜା, ସୁଦର୍ଶନ ମୋକ୍ଷଣ, ଅକ୍ରୂରଙ୍କ ସଙ୍ଗତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ରୀକୃଷ୍ଣଙ୍କ ମଥୁରା ଗମନ, କୁବ୍ଜାର ସୌନ୍ଦର୍ଯ୍ୟ ଲାଭ, ଚାଣୁର-ମୂଷ୍ଟିକ ସହ ଶ୍ରୀକୃଷ୍ଣଙ୍କର ମଲ୍ଲଯୁଦ୍ଧ ତଥା କଂସ ବଧ ଏବଂ ପରିଶେଷରେ ଉଗ୍ରସେନ ରାଜ୍ୟାଭିଷେକ ଆଦି ବିଷୟ ବର୍ଣ୍ଣନା କରାଯାଇଛି ।

ଦଶମ ସ୍କନ୍ଧର ଉତ୍ତରାର୍ଦ୍ଧ ଦ୍ୱାରିକାଲୀଳାରେ ଭଗବାନ ଶ୍ରୀକୃଷ୍ଣଙ୍କର ଭାଇ ବଳରାମ ସହ ବିଦ୍ୟାଧ୍ୟୟନ ନିମନ୍ତେ ଗୁରୁଗୃହ ଗମନ, ଜରାସନ୍ଧ ସହ ଯୁଦ୍ଧ, ମୁଚୁକୁନ୍ଦ ଦ୍ୱାରା କାଳଯବନର ବିନାଶ, ଶ୍ରୀକୃଷ୍ଣଙ୍କର ଦ୍ୱାରକା ଗମନ, ରୁକ୍ମିଣୀ ହରଣ, ଶିଶୁପାଳକୁ ଜିଣି ରୁକ୍ମିଣୀଙ୍କ ସହ ବିବାହ, ପ୍ରଦ୍ୟୁମ୍ନ ଜନ୍ମ ଓ ହରଣ ତଥା ଶମ୍ବରାସୁର ବଧ ଇତ୍ୟାଦି ବିଷୟ ବର୍ଣ୍ଣନ । ଏଥି ସହିତ ସ୍ୟମନ୍ତକ ମଣି ବୃତ୍ତାନ୍ତ, ଜାମ୍ବବତୀ ଓ ସତ୍ୟଭାମା ସହ କୃଷ୍ଣଙ୍କ ବିବାହ; ଶତଧନ୍ୱା ବଧ, ଖାଣ୍ଡବ ବନ ଦହନ; ଶ୍ରୀକୃଷ୍ଣଙ୍କ କାଳିନ୍ଦୀ, ମିତ୍ରବିନ୍ଦା, ଲକ୍ଷ୍ମଣା, ସତ୍ୟା ଓ ଭଦ୍ରା ସହ ବିବାହ; ନାରକାସୁର (ଭୌମାସୁର) ବଧ ; ଷୋଳସହସ୍ର ଏକଶତ ରାଜକନ୍ୟାଙ୍କ ସହ କୃଷ୍ଣଙ୍କ ବିବାହ ଏବଂ ସ୍ୱର୍ଗରୁ ପାରିଜାତ ପୁଷ୍ପ ଆନୟନ, ଅନିରୁଦ୍ଧ ବିବାହ ଓ ରୁକ୍ମଣ ବଧ, ବାଣାସୁର ପରାଜୟ ଓ ଅନିରୁଦ୍ଧ-ଉଷା ବିବାହ, ପୌଣ୍ଡ୍ରକ ଓ କାଶୀରାଜା ବଧ, ଶିଶୁପାଳ ବଧ, ଶାଲ୍ୱ ବଧ, ଦନ୍ତବକ୍ର, ବିଦୂରଥ ଓ ବଲ୍ୱଳ, ଦ୍ୱିବିଦ, ପୀଠ, ମୁର, ପଜନ୍ୟ ଆଦି ରାକ୍ଷସ ବଧ, ଶ୍ରୀକୃଷ୍ଣ-ସୁଦାମା ଚରିତ, ସୁଭଦ୍ରା ହରଣ, ବୃକାସୁର ବଧ, ସଂକ୍ଷେପ ଶ୍ରୀକୃଷ୍ଣ ଲୀଳା ବର୍ଣ୍ଣନ । ଭଗବାନଙ୍କ ଚକ୍ର କିପରି କାଶୀକୁ ଜଳାଇଦେଲା ଏବଂ ମହାଭାରତ ଯୁଦ୍ଧରେ ଭଗବାନ ପାଣ୍ଡବମାନଙ୍କୁ ନିମି[3] କରି ପୃଥିବୀର ଏକ ବିରାଟ ଭାର କିପରି ଲାଘବ କଲେ ସେହି ବିଷୟ ଭାଗବତର ଏହି ଭାଗରେ ବର୍ଣ୍ଣନା କରାଯାଇଛି ।

ଏକାଦଶ ସ୍କନ୍ଧରେ, ବ୍ରାହ୍ମଣମାନଙ୍କର ଅଭିଶାପ ବାହାନାରେ ଭଗବାନ କିପରି ଯଦୁବଂଶ ସଂହାର କଲେ, ତାହା ବର୍ଣ୍ଣନା କରାଯାଇଛି । ଏହି ସ୍କନ୍ଧରେ ବସୁଦେବ-ନାରଦ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଂବାଦ କ୍ରମରେ ଭାଗବତ ଧର୍ମ ବିଶ୍ଲେଷଣ, ମାୟାକୁ ତରିବାର ଉପାୟ; ଶ୍ରୀକୃଷ୍ଣ ଓ ଉଦ୍ଧବଙ୍କ ସଂବାଦ ମାଧ୍ୟମରେ ଅବଧୂତଙ୍କ ଚବିଶ ଗୁରୁ ଉପାଖ୍ୟାନ, ସମ୍ପୂର୍ଣ୍ଣ ଆତ୍ମଜ୍ଞାନ ଓ ଧର୍ମନିର୍ଣ୍ଣୟ ବିଷୟ ନିରୂପଣ କରାଯାଇଛି । ଲୌକିକ ଓ ଅଲୌକିକ ଭୋଗର ଅସାରତା ନିରୂପଣ; ବଦ୍ଧଜୀବ, ଜୀବଜନ୍ତୁ ଓ ଭକ୍ତଜନଙ୍କ ଲକ୍ଷଣ; ସାଧୁସଙ୍ଗର ମହିମା, କର୍ମ ଓ କର୍ମତ୍ୟାଗର ବିଧି; ଭକ୍ତିଯୋଗର ମହିମା ଓ ଧ୍ୟାନବିଧି, ଅଷ୍ଟାଦଶ ସିଦ୍ଧିର ନାମ ଓ ଲକ୍ଷଣ, ବର୍ଣ୍ଣାଶ୍ରମ ଧର୍ମ ବର୍ଣ୍ଣନା କରାଯାଇଛି । ଭକ୍ତି, ଜ୍ଞାନ ଓ ଯମ ନିୟମାଦି ତଥା ଜ୍ଞାନଯୋଗ, ଭକ୍ତିଯୋଗ ଓ କର୍ମଯୋଗର ବର୍ଣ୍ଣନା, ତ୍ରିଗୁଣର ବୃତ୍ତି ନିରୂପଣ, କ୍ରିୟାତ୍ମକ ଉପାସନା ବିଧି, ପରମାର୍ଥ ନିରୂପଣ ଇତ୍ୟାଦି ବିଷୟର ବର୍ଣ୍ଣନା କରାଯାଇଛି । ଏବଂ ପରିଶେଷରେ ବ୍ରହ୍ମଶାପ ହେତୁ ଯଦୁବଂଶର ବିନାଶ, ଭଗବାନ ଶ୍ରୀକୃଷ୍ଣଙ୍କ ନିଜର ଆତ୍ମଗୋପନ ପ୍ରଭାବରେ ମର୍ତ୍ତ୍ୟଲୋକ ପରିତ୍ୟାଗ, ଅଷ୍ଟପାଟରାଣୀଙ୍କ ଅଗ୍ନିପ୍ରବେଶ; ବଜ୍ରନାଭର ରାଜ୍ୟାଭିଷେକ ବିଷୟ ବର୍ଣ୍ଣନା କରାଯାଇଛି ।

ଦ୍ୱାଦଶ ସ୍କନ୍ଧରେ, କଳିଯୁଗ ରାଜବଂଶ, କଳିଯୁଗର ଲକ୍ଷଣ; କଳ୍କି ଅବତାର ଏବଂ ସତ୍ୟଯୁଗ ଆଗମନର ସୂଚନା; ଯୁଗଧର୍ମ ବିବରଣ, ନାମସଂକୀର୍ତ୍ତନ ମହତ୍ତ୍ୱ; ଚାରି ପ୍ରକାର ପ୍ରଳୟ ଓ ତିନି ପ୍ରକାର ଉତ୍ପତ୍ତି; ପରୀକ୍ଷିତଙ୍କ ପରମଗତି ଲାଭ ତଥା ଅଥର୍ବ ବେଦର ଶାଖାଭେଦ ଓ ପୁରାଣ ଲକ୍ଷଣ ଇତ୍ୟାଦି ବିଷୟ ବର୍ଣ୍ଣନା କରାଯାଇଛି । ପୁଣି ମାର୍କଣ୍ଡେୟଙ୍କର ପବିତ୍ର ଆଖ୍ୟାନ; ଭଗବାନଙ୍କର ଅଙ୍ଗ, ଉପାଙ୍ଗ ଓ ଆୟୁଧମାନଙ୍କର ରହସ୍ୟ ତଥା ନିଜ ନିଜ ଗଣଙ୍କ ସହ ଦ୍ୱାଦଶ ଆଦିତ୍ୟଙ୍କର ସରଣ ଇତ୍ୟାଦି ବିଷୟର ସବିସ୍ତୃତ ବର୍ଣ୍ଣନା କରାଯାଇଛି । ପରିଶେଷରେ, ଶ୍ରୀମଦ୍ଭାଗବତୋକ୍ତ ବିଷୟବସ୍ତୁର ସଂକ୍ଷିପ୍ତ ବିବରଣ ଏବଂ ଭାଗବତ ପାଠର ମହିମା ତଥା ପୁରାଣମାନଙ୍କର ଶ୍ଳୋକସଂଖ୍ୟା ନିରୂପଣ ଏବଂ ଶ୍ରୀମଦ୍ଭାଗବତର ଶ୍ରେଷ୍ଠତ୍ୱ ପ୍ରତିପାଦନ କରାଯାଇଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

## ଶ୍ରୀମଦ୍ଭାଗବତ ମହାପୁରାଣର ମହିମା –

ଶ୍ରୀମଦ୍ଭାଗବତ ମହାପୁରାଣରେ ସର୍ବପାପହାରୀ ସ୍ୱୟଂ ଭଗବାନ ନାରାୟଣ ଶ୍ରୀହରିଙ୍କର ଲୀଳା ହିଁ ସଂକୀର୍ତ୍ତନ କରାଯାଇଛି । ଏଥିରେ ଅତ୍ୟନ୍ତ ଗୋପନୀୟ ବ୍ରହ୍ମ ବିଷୟରେ ବର୍ଣ୍ଣନା କରାଯାଇଛି, ଯେଉଁଥିରେ କି ଜଗତର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟର ପ୍ରତୀତି ହୋଇଥାଏ । ଏଥିରେ ସେହି ପରମତତ୍ତ୍ୱର ଅନୁଭବାତ୍ମକ ଜ୍ଞାନ ଓ ତାହାକୁ ଲାଭ କରିବାର ଉପାୟ ବିଷୟରେ ସ୍ପଷ୍ଟ ନିର୍ଦ୍ଦେଶ ରହିଛି । ଭାଗବତରେ ବର୍ଣ୍ଣିତ ଭଗବାନଙ୍କର ଅଦ୍ଭୁତ ଚରିତ, ଶରୀରତତ୍ତ୍ୱ, ଜ୍ଞାନ ଦର୍ଶନ, ଭକ୍ତିଯୋଗ, ମୋକ୍ଷମାର୍ଗ ପ୍ରଭୃତି ବିଷୟ ସବୁ ମନୁଷ୍ୟଙ୍କର ପଠନ, ଶ୍ରବଣ, ଚିନ୍ତନ, ସ୍ମରଣ କରିବା ଯୋଗ୍ୟ ।

ସର୍ବବେଦାନ୍ତସାରଂ ହି ଶ୍ରୀମଦ୍ଭାଗବତ ମିଷ୍ୟତେ ।
ତଦ୍ରସାମୃତତୃପ୍ତସ୍ୟ ନାନ୍ୟତ୍ର ସ୍ୟାଦ୍ରତିଃ କ୍ୱଚିତ୍ । ।

ଅର୍ଥାତ୍ ଶ୍ରୀମଦ୍ଭାଗବତ ହେଉଛି ସମସ୍ତ ଉପନିଷଦର ସାର । ଯିଏ ଏହି ରସସୁଧା ପାନ କରି ଏଥିରେ ମଜ୍ଜି ଯାଇଛନ୍ତି, ସେ ଅନ୍ୟ କୌଣସି ପୁରାଣରୁ ଆନନ୍ଦ ପାଇବେ ନାହିଁ ।

ନିମ୍ନଗାନାଂ ଯଥା ଗଙ୍ଗା ଦେବାନାମଚ୍ୟୁତୋ ଯଥା ।
ବୈଷ୍ଣବାନାଂ ଯଥା ଶମ୍ଭୁଃ ପୁରାଣାନାମିଦଂ ତଥା । ।

ଅର୍ଥାତ୍ ନଦୀମାନଙ୍କ ମଧ୍ୟରେ ଗଙ୍ଗା ଯେପରି ଶ୍ରେଷ୍ଠ, ଦେବତା ମାନଙ୍କ ମଧ୍ୟରେ ବିଷ୍ଣୁ ଯେପରି ଶ୍ରେଷ୍ଠ ଏବଂ ବୈଷ୍ଣବମାନଙ୍କ ମଧ୍ୟରେ ଶିବ ଯେପରି ଶେଷ୍ଠ, ପୁରାଣମାନଙ୍କ ମଧ୍ୟରେ ଶ୍ରୀମଦ୍ଭାଗବତ ସେହିପରି ଶ୍ରେଷ୍ଠ ।

କ୍ଷେତ୍ରାଣାଂ ଚୈବ ସର୍ବେଷାଂ ଯଥା କାଶୀ ହ୍ୟନୁ³ମା ।
ତଥା ପୁରାଣବ୍ରାତାନାଂ ଶ୍ରୀମଦ୍ଭାଗବତଂ ଦ୍ୱିଜାଃ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅର୍ଥାତ୍ ସକଳ କ୍ଷେତ୍ରମାନଙ୍କ ମଧ୍ୟରେ କାଶୀ ଯେପରି ସର୍ବଶ୍ରେଷ୍ଠ, ପୁରାଣମାନଙ୍କ ମଧ୍ୟରେ ଶ୍ରୀମଦ୍ଭାଗବତର ସ୍ଥାନ ସେହିପରି ସର୍ବୋଚ୍ଚ ।

ଶ୍ରୀମଦ୍ଭାଗବତ ଗ୍ରନ୍ଥର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ଏହି ଯେ, ଏହାର ନୈଷ୍କର୍ମ୍ୟ ଅର୍ଥାତ୍ କର୍ମରୁ ଆତ୍ୟନ୍ତିକ ନିବୃତ୍ତି ମଧ୍ୟ ଜ୍ଞାନ-ବୈରାଗ୍ୟ ଏବଂ ଭକ୍ତି ସହିତ ସଂଯୁକ୍ତ । ଯିଏ ଏହା ଶ୍ରବଣ, ପଠନ ଓ ମନନ କରିବାରେ ମଜ୍ଜି ରହନ୍ତି, ତାଙ୍କୁ ଭଗବାନଙ୍କର ଭକ୍ତି ଓ ଆଶୀର୍ବାଦ ମିଳିଯାଏ ଏବଂ ସେ ମୁକ୍ତ ହୋଇଯାଆନ୍ତି ।

ଏ ଜ୍ଞାନ ପ୍ରଦୀପ ପୁରାଣ ।<br>
ବ୍ରହ୍ମାରେ ଦେଲେ ନାରାୟଣ । ।<br>
ସେ ପୁଣି ନାରଦେ କହିଲେ ।<br>
ନାରଦୁଁ ବ୍ୟାସ ଶିକ୍ଷା କଲେ । ।<br>
ସେ ବ୍ୟାସ ଶୁକଦେବେ କହି ।<br>
ସେ ଶୁକ ପରୀକ୍ଷେ ବୁଝାଇ । ।<br>
ସେଠାରୁ ଜଗତେ ବିଖ୍ୟାତ ।<br>
ନାମ ହୋଇଲା ଭାଗବତ । ।

ଅତଏବ, ଶ୍ରୀମଦ୍ଭାଗବତ ହେଉଛି ଭଗବତ୍ ତତ୍ତ୍ୱଜ୍ଞାନର ଏକ ଶ୍ରେଷ୍ଠ ପ୍ରକାଶକ । ଏହା ଏକ ଅତୁଳନୀୟ ପୁରାଣ । ଏହାକୁ ସର୍ବପ୍ରଥମେ ସ୍ୱୟଂ ଭଗବାନ ନାରାୟଣ ବ୍ରହ୍ମାଙ୍କ ନିମନ୍ତେ ପ୍ରକଟ କରିଥିଲେ । ତା'ପରେ ସେହି ନାରାୟଣ ହିଁ ବ୍ରହ୍ମାଙ୍କ ରୂପରେ ଦେବର୍ଷି ନାରଦଙ୍କୁ କହିଥିଲେ ଏବଂ ନାରଦଙ୍କ ରୂପରେ କୃଷ୍ଣଦ୍ୱୈପାୟନ ବ୍ୟାସଙ୍କୁ କହିଥିଲେ । ତା'ପରେ ସେହି ନାରାୟଣ ହିଁ ବ୍ୟାସରୂପରେ ଯୋଗୀନ୍ଦ୍ର ଶୁକଦେବଙ୍କୁ କହିଥିଲେ ଏବଂ ଅତ୍ୟନ୍ତ କରୁଣାବଶ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ହୋଇ ଶୁକଦେବଙ୍କ ରୂପରେ ରାଜର୍ଷି ପରୀକ୍ଷିତଙ୍କୁ ଉପଦେଶ ଦେଇଥିଲେ ।

ସେହି ଭଗବାନ ହେଉଛନ୍ତି ପରମ ଶୁଦ୍ଧ ଓ ମାୟାମଳବର୍ଜିତ । ଶୋକ କିମ୍ବା ମୃତ୍ୟୁ ତାଙ୍କ ନିକଟରେ ପ୍ରବେଶ କରିପାରେ ନାହିଁ । ଆସନ୍ତୁ, ଆମେ ସମସ୍ତେ ସେହି ପରମ ସତ୍ୟସ୍ୱରୂପ ପରମେଶ୍ୱରଙ୍କୁ ଧ୍ୟାନ କରିବା ଏବଂ ଶ୍ରୀମଦ୍ଭାଗବତ ମହାପୁରାଣ ମାଧ୍ୟମରେ ତାଙ୍କର ଗୁଣକୀର୍ତ୍ତନ, ପଠନ, ଶ୍ରବଣ, ପ୍ରଚାର ଓ ପ୍ରସାର କରିବା ।

କ୍ରମଶଃ - - - - - -

ଓଁ ନମଃ ଭଗବତେ ବାସୁଦେବାୟ !

"ଜୟ ଜଗନ୍ନାଥ"

ସୁବର୍ଣ୍ଣପୁର, ଜରଡ଼ାଗଡ, ଗଞ୍ଜାମ

ସହଦେବ ପ୍ରଧାନ

ମୋବାଇଲ୍ ନଂ – ୬୩୭୨୧୩୩୭୩୫

e-mail: sahadeva.pradhan04@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭୀମଭୋଇଙ୍କ ଅମୃତବାଣୀ

"ଭୀମ ଭୋଇଙ୍କ ଅମୃତବାଣୀ ଏବଂ ମହିମା ଧର୍ମ "

'ଅମୃତ' ଈଶ୍ୱର ପ୍ରଦତ୍ତ । କିମ୍ବଦନ୍ତୀ ଅନୁସାର ସମୁଦ୍ର ମନ୍ଥନରୁ ହିଂ ଏହା ଦେବତାଙ୍କୁ ପ୍ରାପ୍ତ ହୋଇଥିଲା । କିନ୍ତୁ ସଂସାରରେ ମନୁଷ୍ୟ ଏକ ମାତ୍ର ପ୍ରାଣୀ, ଯାହାର ବାଣୀରେବି ଅମୃତ ବର୍ଷା ହୋଇଥାଏ । ଏମିତି ଏକ ମନୁଷ୍ୟ ଓଡିଶାର ଜନ୍ମ ଗ୍ରହଣ କରିଥିଲେ । ଯିଏ ଥିଲେ ଆଜନ୍ମ ଅନ୍ଧ ଏବଂ ଦୁଃଖ, ଦାରିଦ୍ରତାରେ ଜର୍ଜରିତ ଏକ କନ୍ଧ ପରିବାରର ସନ୍ତାନ, ଓଡିଶାର ଗର୍ବ ଓ ଗୌରବ - ସନ୍ଥ କବି ଭୀମ ଭୋଇ । ତାଙ୍କର ସେହି ମୁଖ ନିଶୃତ ବାଣୀ -

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ,<br>
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"



ପ୍ରହ୍ଲାଦ ସାହୁ

ଓଡିଶା ମାଟିର ବରପୁତ୍ର ସେହି ମହାନ ଅନ୍ଧ-କନ୍ଧ-ସନ୍ଥ କବି ଭୀମ ଭୋଇଙ୍କର ଏଇ କବିତାଂଶଟି ସ୍ୱର୍ଣ୍ଣାଭ ଅକ୍ଷରରେ ବିଶ୍ୱ ଜାତିସଂଘର ଲଲାଟରେ କାହିଁ କେତେକାଳରୁ ଖୋଦିତ ହୋଇରହିଛି ଏବଂ ଭାରତର ସଂସଦର ମୁଖ୍ୟ ଦ୍ୱାରରେବି ଅଦ୍ୟାବଧି ଲିଖିତ । ତାଙ୍କ ଦ୍ୱାରା ରଚିତ ଉକ୍ତ ପଦ୍ୟାଂଶଟିର ଭାବାର୍ଥ ଆଜିବି ସମଗ୍ର ବିଶ୍ୱକୁ ଚକିତ କରୁଅଛି । ଏସଂସାରର ଦୁଃଖ-କଷ୍ଟ, ସତ-ମିଛ, ଅନ୍ୟାୟ-ଅତ୍ୟାଚାର ତାଙ୍କ ପାଇଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସହ୍ୟ ଥିଲା ଏବଂ ସେ ଏଇ କଳୁଷିତ ଜଗତର ଉଦ୍ଧାର ନିମନ୍ତେ ନିଜକୁ ନର୍କଗାମି ହେବାକୁବି ପଛେଇ ନଥିଲେ ।

ଭୀମ ଭୋଇ (୧୮୫୫-୧୮୯୫) ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ । କିମ୍ବଦନ୍ତୀ ଓ ଜନଶ୍ରୁତି ମୁତାବକ ଭୀମ ଭୋଇ ବାଲ୍ୟକାଳରୁ ଅନାଥ ଥିବା ସହିତ ଅନ୍ଧ ମଧ୍ୟ ଥିଲେ ଏବଂ ବଡ଼ ଦୁଃଖ-କଷ୍ଟରେ କାଳାତିପାତ କରୁଥିଲେ । ଏହା ସତ୍ତ୍ୱେ ସେ ମହିମାଧର୍ମର ପ୍ରଚାର ଓ ପ୍ରସାର ମଧ୍ୟ କରିଥିଲେ । ତାଙ୍କ ଦ୍ୱାରା ରଚିତ ସ୍ତୁତି ଚିନ୍ତାମଣି, ନିର୍ବେଦ ସାଧନା, ଆଦିଅନ୍ତ ଗୀତା, ଅନାଦି ସଂହିତା, ଭୀମ ଭୋଇ ମାଳିକା ଆଦି ଗ୍ରନ୍ଥ ଆଜି ମଧ୍ୟ ଦେଶ ବିଦେଶରେ  ବେଶ୍ ଆଦୃତ ଲାଭ କରୁଛି । ଯିଏ ଆଜନ୍ମ ଅନ୍ଧ ସେ କଣ କେବେ କବିତା ଲେଖିପାରେ ? ଏହା କଣ ସମ୍ଭବ ? ସମ୍ଭବ ନୁହେଁ, କିନ୍ତୁ ତାଙ୍କ ଦ୍ୱାରା ସମ୍ଭବ ହେଇପାରିଥିଲା କେବଳ ମାତ୍ର ମହିମା ସ୍ୱାମୀଙ୍କ କୃପା ଯୋଗୁଁ । ଏହାବି ସତ୍ୟ ସେ ନିଜେ ଲେଖୁନଥିଲେ, କିନ୍ତୁ ଅନବରତ ତାଙ୍କ ମୁଖ ନିଶୃତ ବାଣୀକୁ ତାଙ୍କ ସହଚରମାନେ ଲେଖୁଥିଲେ ।

ଜନଶ୍ରୁତିରୁ ଏହା ପ୍ରତୀତ ହୁଏ ଯେ, ମହିମା ଅଲେଖ ସ୍ୱାମୀ ସନ୍ଥ ଭୀମ ଭୋଇଙ୍କୁ ଚକ୍ଷୁ ପ୍ରଦାନ କରିଥିଲେ, କିନ୍ତୁ ସେ ଏହି ମିଛମାୟା ଭରା ସଂସାରର ଦୁଃଖ ନିର୍ଯାତନା, ବ୍ୟଭିଚାର, ଚୋରି ଇତ୍ୟାଦିକୁ ଦେଖି ବ୍ୟଥିତ ହେଇଗଲେ ଏବଂ ସହିନପାରି ପରଂବ୍ରହ୍ମଙ୍କୁ ପ୍ରାର୍ଥନା କଲେ ପୁଣି ସେ ସେହି ଅନ୍ଧ ଭାବେ ଜୀବନଯାପନ କରିବା ବରଂ ଶ୍ରେୟସ୍କର ମନେକରନ୍ତି । ମହିମା ସ୍ୱାମୀ ତାଙ୍କ ପ୍ରାର୍ଥନା ଶୁଣିଥିଲେ ଏବଂ ପୁଣି ତାଙ୍କୁ ଚକ୍ଷୁହୀନ କରିଦେଲେ । ତପୃରାନ୍ତ ଭୀମ ଭୋଇ ମହିମା ମହାପ୍ରଭୁଙ୍କ ଆଶିର୍ବାଦ ଗ୍ରହଣ କରି ଅନେକ ଭଜନ, ଜଣାଣ, ଗ୍ରନ୍ଥ ଆଦି ରଚନା କରିଥିଲେ । ପରଂବ୍ରହ୍ମ ପରମେଶ୍ୱର, ସତ୍ୟ ସନାତନ, ଆରାଧ୍ୟ ମହିମା ସ୍ୱାମୀଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସାନିଧ୍ୟ ହିଁ ତାଙ୍କୁ ପରବର୍ତ୍ତି ସମୟରେ ଜଣେ ଦୂରଦୃଷ୍ଟି ସମ୍ପର୍ଣ ସମାଜ ସୁଧାରକ, ନିଷ୍ଠାବାନ୍ ଭକ୍ତ ଏବଂ ସନ୍ଥ କବି ଭାବେ ପରିଚୟ ପ୍ରଦାନ କରିଥିଲା ।

ଯାହାଙ୍କର ମହିମାରେ ଅନ୍ଧ ଦେଖିପାରେ, ମୁକ କଥା କହିପାରେ ଏବଂ ବଧିର ଶୁଣିପାରେ ତେବେ ସେ ମହିମା ଶବ୍ଦର ଅର୍ଥ କଣ ଓ ସେହି ମହିମାମୟ, ଅଜୋନୀସମ୍ଭୁତଙ୍କ ଅଲୌକିକ ଗୁଣାବଳୀ ସମ୍ବନ୍ଧରେ ଆସନ୍ତୁ ଜାଣିବା । ମହିମାର ଅର୍ଥ - ମାହାତ୍ମ୍ୟ, ଗୌରବ, ଆଦର, ସାର, ନିତ୍ୟସତ୍ୟ ଓ ଶ୍ରେଷ୍ଠ ଅଟେ । ମହିମା ଶବ୍ଦର ଅର୍ଥ - ମହତ୍ତ୍ୱର ଚରମତ୍ୱ ଅର୍ଥାତ୍ ଆଉ ଶ୍ରେଷ୍ଠ କିଛି ନାହିଁ ।

ଏହି ମହିମା ଶବ୍ଦରୁହିଁ ମହିମା ଅଲେଖ ସ୍ୱାମୀ ମହିମା ଧର୍ମର ଉତ୍ପତି ତଥା ନିତି ନିର୍ଦ୍ଧାରଣ କରିଥିଲେ । ମହିମା ଧର୍ମ ଏକ ବିଶଦ୍ଧ, ସତ୍ୟ, ସନାତନ ହିନ୍ଦୁ ଧର୍ମ । ଏକ ଓ ଅଦ୍ୱତୀୟ ପ୍ରଭୁ ପରଂବ୍ରହ୍ମ ପରମାତ୍ମା ଜୀବର ଏକମାତ୍ର କାରଣ କର୍ତ୍ତା ଓ ତ୍ରାତା । ଏହାହିଁ ତାଙ୍କର ଉପାସନା ମାର୍ଗ । ମହିମା ଅଲେଖ ଯିଏ ସମସ୍ତଙ୍କ ଉପରେ ଅଛନ୍ତି, ଯେଉଁଆଡେ ମୁଖକଲେ ଆଗକୁ ହେଉଛି ।

ମହିମା ଅଲେଖ ନାମ ମୁଖେ ନୁହେଁ କହି;
ଗୋଟିଏ ମୁଣ୍ଡିଆରେ କୋଟି ପାତକ ହରଇ ।

ମହିମା ଶବ୍ଦର ଉଚ୍ଚାରଣ ମାତ୍ରେ ଅଲେଖ ସ୍ୱାମୀଙ୍କ ଏକାଧାରରେ ସ୍ୱରୂପ ତଟସ୍ଥ ଲକ୍ଷଣ ସମ୍ପୂର୍ଣରୂପେ ପ୍ରତିଭାତ ହୁଏ । ଅଲେଖର ଅର୍ଥ ରେଖା ଶୂନ୍ୟ, କେହି ତାଙ୍କୁ ଲେଖି ସ୍ଥିର କରିପାରି ନାହାନ୍ତି । ଜଗତର ସକଳ ଜ୍ଞାତ ବା ଜ୍ଞାତବ୍ୟ ବସ୍ତୁରୁ ବ୍ରହ୍ମ ଭିନ୍ନ ଅଟନ୍ତି ଏବଂ ଅବିଦତ । ସୂକ୍ଷ୍ମ ହେତୁରୁ ଯାହା ଜ୍ଞାନ ଗୋଚର ହୁଏନାହିଁ, ସେଥିରୁ ମଧ୍ୟ ବ୍ରହ୍ମ ଭିନ୍ନ । ସେ ସର୍ବଜ୍ଞାନର ଅଗୋଚର । ଏଥିପାଇଁ ସେ ଅଲେଖ ପରଂବ୍ରହ୍ମ, ମହାବ୍ରହ୍ମ, ଓ ଶୂନ୍ୟବ୍ରହ୍ମ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭୀମ ଭୋଇଙ୍କ ସାହିତ୍ୟରୁ ପରିଲକ୍ଷିତ ହୁଏଯେ, ଊନବିଂଶ ଶତାବ୍ଦୀରେ ସାମାଜିକ ଏବଂ ଧାର୍ମିକ କଳୁଷତାର ବଳୟ ମଧ୍ୟରୁ ମହିମା ଧର୍ମର ଉତ୍ପତି ହୋଇଥିଲା ସାମାଜିକ ଶାନ୍ତି ଓ ସଂହତି ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ । ମହିମା ଧର୍ମର ଲକ୍ଷ୍ୟ ସେହି ପରମ ଆରାଧ୍ୟ ମହିମା ଗୋସେଁଇଙ୍କ ଅନ୍ତର୍ନିହିତ ଲକ୍ଷ୍ୟ ଉପରେ ହିଁ ପ୍ରତିଷ୍ଠିତ ଯାହାଦ୍ୱାରାକି ଜଣେ ସାଧାରଣ ମଣିଷ ସେହି ମହିମା ଗୋସେଁଇଙ୍କୁ ଏକନିଷ୍ଠଭାବେ ନିଜକୁ ଅର୍ପଣ କରିପାରିଲେ ସେ ହିଁ ମୁକ୍ତିର ପଥ ଉନ୍ମୁକ୍ତ କରିପାରିବେ । ସେହି ମହିମା ଗୋସେଁଇଙ୍କର ମୂଳ ଲକ୍ଷ୍ୟଥିଲା ସତ୍ୟ ସନାତନ ଧର୍ମକୁ ଅବକ୍ଷୟ ଅବସ୍ଥାରୁ ପୁନର୍ଉଦ୍ଧାର କରି ଶାନ୍ତି ପ୍ରତିଷ୍ଠା କରିବା ।

୧୮୨୬ ଖ୍ରୀଷ୍ଟାବ୍ଦରେ ମହିମା ଗୋସେଁଇ ସର୍ବ ପ୍ରଥମେ ପୁରୀରେ ପ୍ରକଟ ହୋଇଥିଲେ । ମହିମା ସ୍ୱାମୀ ଶରୀର ଧାରଣ କରି ମଧ୍ୟ ଅଜୋନୀସମ୍ଭୂତ ଥିଲେ, ସେ ଜୋନିଜନ୍ମା ନୁହଁନ୍ତି । ଆମେ ଯୋନିଜନ୍ମା । ଆମ୍ଭେମାନେ ଯୋନିରୁ ଜାତ । ଆମ୍ଭମାନଙ୍କର ପୂର୍ବପୁରୁଷ ଥିଲେ । କିନ୍ତୁ ମହିମା ସ୍ୱାମୀ - ଅଲେଖ, ଅବ୍ୟକ୍ତ, ଅନନ୍ତ, ଅନାମ, ଅଣାକାର, ଅରୂପ, ଅଧେୟ୍ୟ, ଅବିନଶ୍ୱର । ସେ ନିଜେ ତାଙ୍କର ପୂର୍ବ ଏବଂ ପର ପୁରୁଷ । ସେ ଅତୀତରେ ଥିଲେ, ବର୍ତ୍ତମାନରେ ଅଛନ୍ତି ଏବଂ ଭବିଷ୍ୟତରେ ଥିବେ । କେବଳମାତ୍ର ଏ ପାପ କଳୁଷମୟ ଧରାଧାମକୁ ଉଦ୍ଧାର କରିବା ପାଇଁ ବିଭିନ୍ନ ସମୟରେ ବିଭିନ୍ନ କଳେବର ଧାରଣ କରିଥାନ୍ତି । "ଜାତସ୍ୟ ମୃତ୍ୟୁ ଧୃବମ୍ ।" ଆମ୍ଭମାନଙ୍କର ମୃତ୍ୟୁ ସୁନିଶ୍ଚିତ । ଯେହେତୁ ସେ ମର ଶରୀର ଧାରଣ କରିଥିଲେ ତାଙ୍କରବି ଶରୀର ତ୍ୟାଗ ହୋଇଥିଲା । ସେ ୧୮୭୬ ଖ୍ରୀଷ୍ଟାବ୍ଦ ଫାଲଗୁନ ଶୁକ୍ଳ ଦଶମୀରେ ଢେଙ୍କାନାଳ ଜିଲ୍ଲାର ଯୋରନ୍ଦା ଗ୍ରାମରେ ଇହଲୀଳା ସମ୍ବରଣ କରିଥିଲେ । ମହିମା ସ୍ୱାମୀଙ୍କ କଳେବରକୁ ୬୪ ସିଦ୍ଧ ବଳକଳଧାରୀ ସନ୍ୟାସୀ ଏବଂ କେତେକ କୌପୀନଧାରୀ ସନ୍ୟାସୀ ନେଇ ମହିମା ଗାଦିରେ ଶୁଭ ଦେଇଥିଲେ । ଯେଉଁ ପାଞ୍ଚ ହାତିଆ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଟୁଂଗିରେ ସେ ସମାଧିସ୍ଥ ହୋଇଥିଲେ ସେହିଠାରେ ଶୂନ୍ୟମନ୍ଦିର ନିର୍ମାଣ କରାଯାଇଥିଲା ।

କାର୍ତ୍ତିକ, ମାଘ ଓ ବୈଶାଖ ପୂର୍ଣ୍ଣିମା ତ୍ରୟ ମହିମା ଗାଦିରେ ପାଳିତ ହୋଇଥାଏ । ବିଶେଷକରି ମାଘ ପୂର୍ଣ୍ଣିମାଟି ଆକର୍ଷଣୀୟ ହୋଇଥାଏ । ମାଘ ମାସ ଶୁକ୍ଳ ଚତୁର୍ଦ୍ଦଶୀ ଠାରୁ ସାତଦିନ ଧରି ଏହି ମେଳା ବସେ । ଏହି ମେଳା ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକମାନଙ୍କ ମନରେ ଆଧ୍ୟାତ୍ମିକ ଆନନ୍ଦ ସଞ୍ଚାର କରିବା ସହିତ ବିବିଧ ସଂପ୍ରଦାୟ ମଧ୍ୟରେ ସଂହତି ପ୍ରତିଷ୍ଠା କରିଥାଏ ।

ଗୁରୁବ୍ରହ୍ମ ମହିମା ଅଲେଖ !

ପ୍ରହ୍ଲାଦ ସାହୁ – ଚିଫ୍ ଏଡିଟର ।
ଆକାଶ ଇନଷ୍ଟିଚ୍ୟୁଟ୍ , ନୂଆଦିଲ୍ଲୀ ।
ଫୋନ୍ – ୮୧୭୮୭୪୪୨୭୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅହଂଭାବ

କୌଣସି ସାମାଜିକ ମାନ୍ୟତାରେ କିଛି ପରିବର୍ତ୍ତନ ଅନୁଭବ କରିବାରେ ନିଜ ତଳେ ରହିଥିବା ମଣିଷଙ୍କ ପାଖରେ ଅହଂଭାବ ପ୍ରଦର୍ଶନ କରିବା ସାଧାରଣ ମଣିଷର ଗୋଟିଏ ଜନ୍ମଗତ ଚରିତ୍ର !

ସେହି ଅହଂଭାବ ଜଣେ ମଣିଷକୁ ଉପରକୁ ନେଇଥାଏ ନା ନୀଚ କରିଦିଏ ବୁଝିବା କ୍ଷମତା ବହିର୍ଭୁତ ମଣିଷର ବାସ୍ତବତା କ'ଣ... ? !

ଅହଂଭାବ ରଖିବା ଅର୍ଥାତ ନିଜକୁ ନିଜେ ଠକିବା ! କେମିତି... ? ଉତ୍ତର ବିହୀନ ମଣିଷ ଆଲେଖ୍ୟଟି ସହଜରେ ହଜମ ନକରିପାରିଲେ ମଧ୍ୟ ନିଜର ଦୃଷ୍ଟିକୋଣ ପରିବର୍ତ୍ତନ କରି ଦେଖିଲେ ହୁଏତ କିଛି ସଚେତନତା ସୃଷ୍ଟି ହୋଇପାରେ ମନରେ ଯାହା ନିଜର ଭାବଧାରାକୁ ଆଂଶିକ ପ୍ରଭାବିତ କରି ଚାରିତ୍ରିକ ସୁଧାର ଆଣିପାରିବ ବୋଲି ଆମର ଆଶା । ଷଡ଼ରିପୁ ଗୁଡିକ ମଣିଷକୁ ବିଭିନ୍ନ ଦିଗରେ ମାନବୀୟତାରୁ ଦୁରେଇ ରଖି ନିଜର ଚରିତ୍ର ସଂହାରରେ ସହାୟକ ହେଉଥିବା ବେଳେ ଅହଂଭାବ ଏମିତି ଏକ ଚରିତ୍ର ଯାହା ମଣିଷର ଦୂରଦୃଷ୍ଟିକୁ କ୍ଷୀଣ କରି ଗୋଟିଏ ସୀମାରେଖା ମଧ୍ୟରେ ରଖିଦିଏ । କାରଣ କୌଣସି ପ୍ରାପ୍ତ ବସ୍ତୁ ହେଉକି ବିଷୟକୁ ନେଇ ମଣିଷ ମନରେ ଯଦି ଅହଂଭାବ ସୃଷ୍ଟି ହୋଇଥାଏ ସେହି ନିର୍ଦ୍ଦିଷ୍ଟତା ମଧ୍ୟରେ ସୀମିତ ରହିଯାଏ ତାହାର ଦୂରଦୃଷ୍ଟି ! ଅଧିକ



ପଙ୍କଜ କୁମାର
ପାଣିଗ୍ରାହୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ଉପରକୁ ଯିବାପାଇଁ ଅନ୍ଦାଜ୍ ନହୋଇ କେବଳ ସୀମିତ ପରିଧି ମଧ୍ୟରେ ସମ୍ପୃକ୍ତ ମଣିଷର ଭାବଧାରା ଘୁରିବୁଲୁଥାଏ ଯାହା ତା'ର ଦୂରଦୃଷ୍ଟିକୁ ବାଧିତ କରିଥାଏ । ନିଜର କ୍ଷମତା ପରିସରକୁ ହିଁ ସର୍ବଶ୍ରେଷ୍ଠ ମନେକରି ନିମ୍ନସ୍ଥଙ୍କୁ ଦୁର୍ବ୍ୟବହାର କରି ପଛରେ ସେମାନଙ୍କ ଦ୍ୱାରା ଘୃଣିତ ହେଉଥିବା ଆକଳନ ବହିର୍ଭୁତ ହୋଇଥାଏ ସମ୍ପୃକ୍ତ ଅହଂକାରିଙ୍କର ।

କଥାରେ ଅଛି ଦରିଦ୍ର ଯେବେ ଧନ ପାଇ, ପ୍ରାଣଠୁ ବଳି ସମ୍ଭାଳଇ ! ଅର୍ଥାତ ଦରିଦ୍ର ଲୋକଟିଏ ଧନ ପ୍ରତି ଯେତେ ପ୍ରଗାଢ଼ ଆସକ୍ତି ରଖିଥାଏ, ଯଦି କୌଣସି ସୂତ୍ରରୁ ପ୍ରାପ୍ୟ ହୁଏ ତାହେଲେ ସେହି ଧନକୁ ନିଜ ପ୍ରାଣଠାରୁ ବଳି ଭଲ ପାଏ ଏବଂ ତାହାର ସୁରକ୍ଷା କରେ । ଅନୁରୂପ ଅଶୃଜନ କୌଣସି ବିଷୟରେ ବାହ୍ୟ ଅନୁଭୂତି ପାଇବା ପରେ ନପରଖୀ ସେଇଟାହିଁ ସଂସାରର ସର୍ବଶ୍ରେଷ୍ଠ ବୋଲି ବିଚାରି ଅନ୍ୟକୁ ପ୍ରଦର୍ଶନ କରିଥାଏ ଯାହାର ପ୍ରତିଫଳନ ସ୍ୱରୂପ ଅହଂଭାବ ସୃଷ୍ଟି ହୋଇଥାଏ ତାହା ମନରେ । ପୁନର୍ବାର ସେହି ଅହଂଭାବ ସମ୍ପୃକ୍ତ ମଣିଷର ହିତାହିତ ଜ୍ଞାନ ଶୂନ୍ୟ କରି ସମାଜରେ କୌଣସି ପ୍ରତିଷ୍ଠା ସୃଷ୍ଟି କରିବାରେ ସହାୟକ ହୋଇନଥାଏ ! କାରଣ ନିଜସ୍ୱ ସୃଜନଶୀଳତାରେ ପରୀକ୍ଷିତ ବିଷୟକୁ ଉପସ୍ଥାପନା କରିବା ଏବଂ କୌଣସି ଉତ୍ସରୁ ଆହରଣ କରିଥିବା ଅନୁଭୂତି ମଧ୍ୟରେ ରହିଥିବା ପ୍ରଭେଦକୁ ଆକଳନ କରିବା କ୍ଷମତା ନଥାଏ ଅହଂକାରିଙ୍କର । ତେଣୁ ଅଶୃଜନ ବାହ୍ୟ ଉତ୍ସରୁ ଆହରଣ କରିଥିବା ଅନୁଭୂତିର ସତ୍ୟାସତ୍ୟ ବୁଝିବା କ୍ଷମତା ରଖିନଥା'ନ୍ତି । ଇତି ମଧ୍ୟରେ ସମ୍ପୃକ୍ତ ଅନୁଭୂତି କୌଣସି ସତ୍ୟ ଉପରେ ଆଧାରିତ କିମ୍ବା ଅସତ୍ୟ ତାକୁ ପରଖି ଗ୍ରହଣ କରିବା ବିପରୀତେ ଅନ୍ଧ ଭଳି ତା'କୁହିଁ ସତ୍ୟ ବୋଲି ମାନିନେଉଥିବା ମଣିଷର ଭାବଧାରରେ ଅହଂକାର ଜାଗ୍ରତ ହେଉଥିବା ଗୋଟିଏ ସାଧାରଣ ଲକ୍ଷଣ । ତେଣୁ ଅହଂକାରୀ ନିଜକୁ ନିଜେ ଠକେ କେମିତି

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ପରଖି ଦେଖିଲେ ଜାଣିହେବ ଯେ.........

କାହାଦ୍ୱାରା ଲିଖିତ ପୁସ୍ତକ ହେଉ କିମ୍ବା କୌଣସି ପ୍ରଦତ୍ତ ସୂଚନାରେ କେତେଦୂର ସତ୍ୟାସତ୍ୟ ରହିଥାଏ ଏବଂ ସେଗୁଡିକ କେତେଦୂର ସତ୍ୟ ଉପରେ ଆଧାରିତ ସେସବୁ ତର୍ଜମା / ଅନୁଶୀଳନ କରି ଗ୍ରହଣ କରିବା ମଣିଷ, ଖୋଜିଲେ ମିଳିବେକି ନାହିଁ ସନ୍ଦେହ ! ଏହା ସତ୍ୟଯେ ପ୍ରାୟତଃ ସମସ୍ତ ମଣିଷ ସମାଜରେ ପ୍ରବାହିତ ଭାବଧାରା ଗୁଡିକୁ ଅନୁକରଣ କରି ନିଜର ଅନୁଭୂତି ବୃଦ୍ଧି କରିଥା'ନ୍ତି । ପୁସ୍ତକରୁ ଯେଉଁସବୁ ଜ୍ଞାନ ମିଳିଥାଏ ତାହାଠାରୁ ଯଥେଷ୍ଟ ଅଧିକ ନିର୍ଭର କରିଥା'ନ୍ତି ସାମାଜିକ ଅନୁଭୂତି ପ୍ରବାହ ମାଧ୍ୟମ ଗୁଡିକ ଉପରେ । ଏବଂ ବିଭିନ୍ନ ମାଧ୍ୟମରୁ ସଂଗୃହିତ ଅନୁଭୂତିକୁ ସତ୍ୟ ଏବଂ ନିଶ୍ଚିତ ବୋଲି ଧରିନେଇଥା'ନ୍ତି ସାଧାରଣ ସବୁ ମଣିଷ । ଅତଏବ ବିଭିନ୍ନ ଲେଖା ତଥା ଗଣମାଧ୍ୟମ ଗୁଡିକରେ ପ୍ରଚାରିତ / ପ୍ରସାରିତ ଅନେକ କଥାକୁ ସହଜରେ ଗ୍ରହଣ କରି ନିଜର ଜ୍ଞାନ ବୃଦ୍ଧି ହେବାଭଳି ଅନୁଭୂତି ରହିଥାଏ ପ୍ରାୟ ସମସ୍ତଙ୍କର । ସେହି ପ୍ରଚାରିତ / ପ୍ରସାରିତ ମାଧ୍ୟମ ଗୁଡିକରେ କିଏ କ'ଣ କହିଥାଏ ଅଥବା ଲେଖିଥାଏ ତାହାର କୌଣସି ନିୟନ୍ତ୍ରଣ କିମ୍ବା ଅନୁଶୀଳନ ବିଶେଷାଙ୍କର ନିର୍ଦ୍ଧାରିତ ନିୟାମକ ନଥାଇ ବ୍ୟାପକ ହେଉଥିବା ବିଷୟ ସମସ୍ତଙ୍କୁ ଜଣା । ତେଣୁ ସେହି ମାଧ୍ୟମ ଗୁଡିକ ଉପରେ ନିର୍ଭରଶୀଳ ମଣିଷଙ୍କୁ ମିଥ୍ୟା ତଥ୍ୟ ଦେଇ ଚତୁର କେଳେଙ୍କାରୀ ମଣିଷ ଗୁଡିଏ ଅନେକ ନିଜସ୍ୱ ସ୍ୱାର୍ଥ ହାସଲ କରୁଥିବାବେଳେ ଏହି ସଂଖ୍ୟା ଗରିଷ୍ଠ ଅଶୃଜନ ସେହି ଅବାସ୍ତବ, ମିଥ୍ୟା ତଥ୍ୟ ଗୁଡିକୁ ନେଇ ନିଜର ଜ୍ଞାନ ଉଦୟ ହେବାଭଳି ଅନୁଭବ କରି ଅଜସ୍ର କ୍ଷତିରେ ପଡୁଥିବାବେଳେ ପୁନର୍ବାର ଅହଂଭାବ ସୃଷ୍ଟିକରି ଆହୁରି ଅଜ୍ଞାନ କରିଥା'ନ୍ତି ନିଜକୁ । ଅର୍ଥାତ ଯେଉଁସବୁ ବିଷୟ ଗୁଡିକୁ ସାଧାରଣ ଲୋକେ ଜ୍ଞାନ ବୋଲି ଗ୍ରହଣ କରିଥା'ନ୍ତି ସେଇଥିରେ ରହିଥବା ସତ୍ୟ ଏବଂ ମିଥ୍ୟାର ଆନୁପାତିକ ବ୍ୟବଚ୍ଛେଦ ନଥାଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେମାନଙ୍କ ପାଖରେ । ତଥାପି କୌଣସି ବିପରୀତମୁଖୀ ମନ୍ତବ୍ୟକୁ ମଧ୍ୟ ଉତ୍ତମ ଜ୍ଞାନ ସଦୃଶ୍ୟ ଗ୍ରହଣ କରିବାକୁ ପଛାଇ ନଥା'ନ୍ତି ଅଶୃଜନ । ପୁନର୍ବାର ଅନେକ ମିଥ୍ୟାର ଆଧାରକୁ ନେଇ ନିଜର ଜ୍ଞାନ ଉଦୟ ହେବାଭଳି ଅନୁଭବ ସାଙ୍ଗକୁ ସେଗୁଡିକର ଉପସ୍ଥାପନା ସହିତ ନିଜର ଅହଂଭାବାପନ୍ନ ବିଚାରଧାରା ସେମାନଙ୍କୁ ପରୋକ୍ଷରେ ବ୍ୟାପକ ଠକାମିର ଶିକାର କରୁଥିଲେ ମଧ୍ୟ ସେଗୁଡିକ ସେମାନଙ୍କ ଭାବବହିର୍ଭୁତ ବିଷୟ ହୋଇଥାଏ । କାରଣ ଅହଂକାରୀ ସବୁବେଳେ ମିଥ୍ୟା କଥା ପ୍ରତି ଆସକ୍ତ ହେଉଥିବା ଜାଣନ୍ତି ଚତୁର କେଳେଙ୍କାରୀ । ତେଣୁ ସେମାନଙ୍କୁ ବିଭିନ୍ନ ମିଥ୍ୟା କଥାର ନାରାଦେଇ ସତ୍ୟକୁ ଆଢୁଆଳରେ ରଖି ସେମାନଙ୍କ ମନକୁ ଏତେ ସତେଜ କରିଦିଅନ୍ତିଯେ ଅହଂକାରୀ ଅଶୃଜନ ବ୍ୟକ୍ତି ସେହି ମିଥ୍ୟା କଥାରେ ପଡି ନିଜେ ଠକି ହେଉଥିବାବେଳେ ସମାଜରେ ମଧ୍ୟ ସେହି ମିଥ୍ୟାକୁ ବାଣ୍ଟି ନିଜର କୃତିତ୍ୱ ହାସଲରେ ଲାଗିପଡିଥା'ନ୍ତି । ଇତିମଧ୍ୟରେ ସେମାନେ ଅନେକ ମିଥ୍ୟା ଭିତ୍ତିହୀନ କଥାକୁ ନେଇ ଅନ୍ୟର ପ୍ରରୋଚନାରେ ପଡି ଠକିହେଉଥିବା ବିଷୟ ଆଦୌ ମନକୁ ନେଇନଥା'ନ୍ତି ।

ସୃଜନ କୌଣସି ବିଷୟକୁ ଅଚିରେ ଗ୍ରହଣ କରିବା ପୂର୍ବରୁ ପ୍ରଥମେ ସମ୍ପୃକ୍ତ ବିଷୟଟିର ସର୍ବଦିଗ ପରଖି ସତ୍ୟର ଅନୁସନ୍ଧାନ ପାଇବା ପରେହିଁ ଗ୍ରହଣ କରିଥା'ନ୍ତି । ଅଶୃଜନଙ୍କ ବ୍ୟକ୍ତିଗତ ବି·ରଶୀଳତା ଅଭାବରୁ ନିଜକୁ ଦେଖାଣିଆ ଭାବ ବହନ କରି କିଛି ଜାଣିନଥାଇ ସବୁ ଜାଣିଲା ଭଳି ଅଭିନୟ କରିଥା'ନ୍ତି । ତେଣୁ ସାଧାରଣ ଲୋକଙ୍କ ସେହି ଅଶୃଜନତାର ସୁଯୋଗ ନେଇ ଆଜିସମୟରେ ଆଶାତୀତ ମିଥ୍ୟା, ପ୍ରତାରଣାପୂର୍ଣ୍ଣ ମନ୍ତବ୍ୟ ଦେବାରେ କୌଣସି ବାଧକତା ନଥାଇ ବରଂ ସମସ୍ତେ ଗୋଟିଏ ବାଟର ବାଟୋଇ ହୋଇ କେବଳ ଅହଂଭାବ ପ୍ରଦର୍ଶନ ପୂର୍ବକ ନିଜକୁ ବ୍ୟାପକ ଅମାନବୀୟତାରେ ଜୀବନ ବଂଚୁଥିବା ଦେଖିବାକୁ ମିଳୁଛି ସର୍ବତ୍ର । ଯେତେବେଳ ପର୍ଯ୍ୟନ୍ତ ସତ୍ୟର ଉନ୍ମୋଚନ କରିବା ଶିଖିନାହିଁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମଣିଷ ସେତେବଳ ଯାଏଁ କେବଳ ମିଥ୍ୟା ଜ୍ଞାନକୁ ଅନୁସରଣ, ଅନୁକରଣ କରି ନିଜକୁ ନିଜେ ସତ୍ୟରୁ ବାଦଦେଇ ଠକାମିର ଶିକାର ହେଉଥିବାରୁ କେହି ଉଦ୍ଧାର କରିପାରିବେ ନାହିଁ । ତେଣୁ ଆଜିସମୟର ଯେକୌଣସି ମତବାଦ ଗୁଡିକୁ ଅଚିରେ ଗ୍ରହଣ ନକରି ଭିନ୍ନ ଏକ ଦୃଷ୍ଟିରେ ତର୍ଜମା କରିବା ପରେ ଗ୍ରହଣ କଲେହିଁ ନିଜର ସୃଜନଶୀଳତା ବୃଦ୍ଧି ପାଇବ ଏବଂ ସାଧାରଣ ମଣିଷ ସତ୍ୟର ଅନୁସନ୍ଧାନ ପାଇବା ପରେ ନିଜେହିଁ ଅହଂଭାବରୁ ଦୁରେଇ ରହିପାରିବ ବୋଲି ଆମର ବିଚାରରେ ଆପଣଙ୍କ ଭାବଧାରା ବ୍ୟକ୍ତ କରିବେ ବୋଲି ଆଶା !

ସୋସିଆଲ ଫୋରମ (ଭାରତ)

ଛତ୍ରପୁର, ଗଞ୍ଜାମ.

ଦୂରଭାଷ.: ୯୪୩୭୩୭୨୪୯୧୭.

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନାରୀଶକ୍ତି ସଦା ବନ୍ଦନୀୟା



ବାସନ୍ତୀଲତା ଜେନା

ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ । ଅର୍ଥାତ ମାତା ଆଉ ଜନ୍ମଭୂମି ହେଉଛନ୍ତି ସ୍ୱର୍ଗଠାରୁ ମଧ୍ୟ ବଡ଼ । ନାରୀ ଶକ୍ତି ସ୍ୱରୂପିଣୀ, ମମତାମୟୀ, ସନ୍ତାନ ବତ୍ସଳା, କରୁଣାମୟୀ, ଆନନ୍ଦଦାୟିନୀ, ପ୍ରୀତି ସୁହାସିନୀ । ନାରାୟଣୀ ସ୍ୱରୂପା । ଝିଅଟିଏ ଜନ୍ମ ନେଲେ ଘର ପୂରି ଉଠେ । ଲୋକେ କହନ୍ତି ତୋ ଘରକୁ ଲକ୍ଷ୍ମୀ ଆସିଲା । ଯେଉଁ ଘରେ ଝିଅ ବା ନାରୀ ନଥାଏ ସେ ଘର ଖାଲି ଖାଲି ଲାଗେ । ଯୁଆଡେ ଚାହିଁଲେ ଶୂନଶାନ ଦିଶେ ।

ନାରୀ ବିନା ସୃଷ୍ଟି ଅସମ୍ଭବ । ଭଗବାନ ନାରୀକୁ ଦେଇଛନ୍ତି ଏକ ଅପୂର୍ବ ଶକ୍ତି । ସେ ଧରିତ୍ରୀ ଭଳି ସର୍ବଂସହା । ସେ ସୃଷ୍ଟି କାରିଣୀ । ନୂତନ ଜୀବକୁ ଜନ୍ମ ଦେଇ ସେ ହୁଏ ପରିପୂର୍ଣ୍ଣା । ନରୀ ବିନା ପୁରୁଷ କେବେ ବି ସ୍ୱୟଂ ସମ୍ପୂର୍ଣ୍ଣ ହୋଇ ନଥାଏ । ସେ ସବୁବେଳେ ଚାହେଁ ଜଣେ ନାରୀର ସହାୟତା । ସେ ଜନ୍ମଦାତ୍ରୀ ମା'ହେଉ ବା ସ୍ନେହମୟୀ ଭଉଣୀ ହେଉ, ବା ପ୍ରଣୟ ଦାୟିନୀ ପତ୍ନୀ ହେଉ, ବା ଜଣେ ବାନ୍ଧବୀ ହେଉ । ଯେ କୌଣସି ପରିସ୍ଥିତିରେ ସେ ନାରୀର ସହାୟତା ଲୋଡିଥାଏ । ନାରୀ ବୁଦ୍ଧିମତି, ବିଚକ୍ଷଣା ସମ୍ପର୍ଣ୍ଣା । ସ୍ୱଳ୍ପ ଆୟରେ ସେ ଘର ଚଳାଇପାରେ । ପରିବାରେ ସେବା କରେ । ସମାଜର ସେବା କରେ । ସନ୍ତାନର ହୁଏ ପ୍ରଥମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶିକ୍ଷୟତ୍ରୀ । ମା ପିଲା ମାନଙ୍କୁ ଗପ କାହାଣୀ ମଧ୍ୟମରେ ନୀତି ଶିକ୍ଷା ଦେଇଥାଏ । ସତ୍ୟ ପଥରେ ଚାଲିବା ପାଇଁ ପଥ ଦେଖାଇଥାଏ । ଧର୍ମପରାୟଣାତା, ଶୃଙ୍ଖଳାଜ୍ଞାନ, ଦେବ - ଗୁରୁଜନଙ୍କୁ ଭକ୍ତି କରିବା ପାଇଁ ପ୍ରେରଣା ଦେଇଥାଏ । ସୁଚରିତ୍ର ଓ ସଂଯମୀ ହୋଇ ସମାଜରେ ମଣିଷ ଭଳି ମଣିଷଟିଏ ହୋଇ ନିଃସ୍ୱାର୍ଥରେ ସେବା କରିବା ପାଇଁ ଶିକ୍ଷା ଦେଇ ଥାଏ ।

ଯୁଗେ ଯୁଗେ ନାରୀ ଶକ୍ତି ବନ୍ଦନୀୟା । ଚିର ନମସ୍ୟା । ପୁରାଣ କହେ : ସୀତା, ସାବିତ୍ରୀ, କୁନ୍ତୀ,ଦ୍ରୌପଦୀ, ଅନୂସୟା, ମନ୍ଦୋରୀ ଏମାନଙ୍କ ଆଦର୍ଶ ଶିକ୍ଷା ସମାଜକୁ କରିଛି ପ୍ରଭାବିତ । ତ୍ରେତୟା ଯୁଗରେ ସୀତା ଶ୍ରୀରାମ ବନବାସ ସମୟରେ ପାପାଚାରୀ, ଦୁରାଚାରୀ ରାବଣଙ୍କ ଦ୍ୱାରା ଅପହୃତା ହୋଇଥିଲେ । ଅଶୋକ ବନରେ ଅସୁରୁଣୀ ମାନଙ୍କ ଦ୍ୱାରା ଏକାକୀ ଥିଲେ । ରାବଣ ଯେତେ ପ୍ରଲୋଭନ ଦେଖାଇଲେ ବି ମାତା ସୀତା ନିଜର ପତିଧର୍ମ ଛାଡି ନଥିଲେ । ସତୀ ସାବିତ୍ରୀ ନିଜର ସତୀତ୍ୱ ବଳରେ ମୃତ ସ୍ୱାମୀଙ୍କୁ ଯମରାଜଠାରୁ ଛଡାଇ ଆଣିଥିଲେ ଏବଂ ନିଜର ବିଦୂଷି ଗୁଣରେ ଅନ୍ଧ ପିତାମାତାଙ୍କୁ ଚକ୍ଷୁ ଓ ଶଶୁର ହରାଇଥିବା ରାଜ୍ୟ ଫେରି ପାଇଥିଲେ । ମହାଭାରତରେ ଦ୍ରୌପଦୀଙ୍କ ଦୁଃଖର କଥା ସମସ୍ତେ ଜାଣିଛନ୍ତି । ଅଭିମାନୀ, ଅହଙ୍କାରୀ ଦୁର୍ଯ୍ୟୋଧନ ଦ୍ରୌପଦୀଙ୍କୁ ରାଜ ସଭାରେ ଦୁଃଶାସନଙ୍କ ଦ୍ୱାରା ବିବସନା କରିବାକୁ ଚେଷ୍ଟା କରିଥିଲା । ସ୍ୱୟଂ ନାରାୟଣ କୋଟି ବସ୍ତ୍ର ଦେଇ ଲଜ୍ୟା ନିବାରଣ କରିଥିଲେ । ସତୀ ଦ୍ରୌପଦୀଙ୍କର ଅଭିଶାପ ଓ ଅଶ୍ରୁରେ ସାରା କୁରୁବଂଶ ଧ୍ୱଂସ ହୋଇ ଯାଇଥିଲା ।

ପୁରୁଷଙ୍କ ପାଖରେ ଥାଏ ବଳ । ନାରୀ ପାଖରେ ଥାଏ ଶକ୍ତି । ପୁରୁଷ ଯେତେ ବେଳେ ଦୁର୍ବଳ ହୋଇ ଯାଏ, ନାରୀ ଶକ୍ତି ପ୍ରଦାନ କରିଥାଏ । ଯଥା : ଇନ୍ଦ୍ରଦେବ ଅସୁର ମାନଙ୍କ ସହିତ ଯୁଦ୍ଧ କରି ଦୁର୍ବଳ ହୋଇ ଯାଇଥିଲେ । ସେତେ ବେଳେ ଇନ୍ଦ୍ରାଣୀ ରକ୍ଷା ସୂତ୍ର ମାଧ୍ୟମରେ ଦେବ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗୁରୁ ବୃହସ୍ପତିଙ୍କ କଥାନୁସାରେ ଇନ୍ଦ୍ରଦେବଙ୍କୁ ଶକ୍ତି ପ୍ରଦାନ କରିଥିଲେ । ତା'ପରେ ଇନ୍ଦ୍ରଦେବ ବିଜୟୀ ହୋଇଥିଲେ । ଏହି ପରି ବହୁ ଉଦାହରଣ ଅଛି । କଳି ଯୁଗରେ ଏହି ପ୍ରଥା ଆମ ସମାଜରେ ପ୍ରଚଳିତ ହୋଇ ଆସୁ ଅଛି ରାକ୍ଷୀ ବନ୍ଧନ ମାଧ୍ୟମରେ । ଭଉଣୀ ରକ୍ଷୀ ପୂର୍ଣ୍ଣିମା ଦିନ ସ୍ନେହ ବନ୍ଧନର ଡୋର ବାନ୍ଧି ଦିଏ । ତାର ପ୍ରିୟ ଭାଇ ହସ୍ତରେ । ଭାଇ ଭଉଣୀକୁ କଥା ଦିଏ ବିପଦ ସମୟରେ ତାକୁ ରକ୍ଷା କରିବାକୁ ।

ଜଣେ ନାରୀ ଏକ ସମୟରେ ବହୁ କାମ କରିଥାଏ । ସେ ଘର ସମ୍ଭାଳେ, ରାଜ୍ୟ ଶାସନ କରେ,ସମାଜ ସଂସ୍କାରକ ଓ ଦୁଃଖୀ ରଙ୍କିଙ୍କ ସେବା କରେ, କାର୍ଯ୍ୟାଳୟରେ କାମ କରେ, ଅତିଥି ପୂଜନ କରେ । ସେ ହୁଏ ପରିବାରର ରକ୍ଷା କର୍ତ୍ତ୍ରୀ । କିନ୍ତୁ ବିପଦ ପଡିଲେ ସେ ହୁଏ ରୁଦ୍ରାଣୀ । ଶାନ୍ତ, ସରଳତାକୁ ଭୁଲି ସେ ଚଣ୍ଡୀକାର ରୂପ ନିଏ । ମାତା ଦୁର୍ଗା ମହିଷାସୁରକୁ ବଧ କରି ସୃଷ୍ଟିକୁ ରକ୍ଷା କରି ଥିଲେ । ମା' କାଳୀ ରକ୍ତ ବୀଜକୁ ବଧ କରି ଧର୍ମ ରକ୍ଷା କରିଥିଲେ । ସୃଷ୍ଟିକୁ ବଞ୍ଚାଇ ଥିଲେ । ତେଣୁ ନାରୀ ଚିରବନ୍ଦନୀୟା, ଚିରସ୍ମରଣୀୟା, ସେ ଯୁଗେ ଯୁଗେ ପୂଜିତା । ସେ ନରରୂପୀ ନାରାୟଣୀ । ଲକ୍ଷ୍ମୀ ପ୍ରତିମା ଅନ୍ନପୂର୍ଣ୍ଣା, ଜ୍ଞାନଦାତ୍ରୀ ସରସ୍ୱତୀ ।

ଗାନ୍ଧିନଗର, ନବରଙ୍ଗପୁର ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଜନସଂଖ୍ୟା ବିସ୍ଫୋରଣ

ଜନସଂଖ୍ୟା ବିସ୍ଫୋରଣ : ମଣିଷ ପାଇଁ ଅଭିଶାପ

ବୈଜ୍ଞାନିକଙ୍କ ମତରେ ଧରାପୃଷ୍ଠ ଏଯାବତ ୫ଟି ମହାବିଧ୍ୱଂସର ମୂକସାକ୍ଷୀ ଏବଂ ଏହି ମହାବିନାଶରେ ପୃଥିବୀ ନିଜ ୮୦ ପ୍ରତିଶତ ଜୀବଜୀବନକୁ ହରାଇଛି । ଏହି ପ୍ରଳୟଙ୍କାରୀ ବିନାଶ ଗୁଡିକରେ ଅନେକ ବଳଶାଳୀ ଓ ବିରାଟକାୟ ଜୀବ ପୃଥିବୀରୁ ନିଶ୍ଚିହ୍ନ ହୋଇ ଯାଇଛନ୍ତି । ଏସବୁ ସତ୍ତ୍ୱେ ମନୁଷ୍ୟ କ୍ରମିକ ବିକାଶକୁ ପାଥେୟ କରି ଆଜି ଧରାପୃଷ୍ଠରେ ରାଜୁତି କରୁଛି । କିନ୍ତୁ ବର୍ଦ୍ଧିତ ଜନସଂଖ୍ୟା ମାନବସମାଜ ଉପରେ ବୋଝ ପାଲଟି ଯାଇଥିବା ବେଳେ ଦିନେ ଏହାର ବିନାଶର ପ୍ରମୁଖ କାରଣ ମଧ୍ୟ ପାଲଟିବ । ଆଜି ସମଗ୍ର ବିଶ୍ୱ କରୋନା ମହାମାରୀର କବଳରେ ଏବଂ ଏଥିରୁ ମୁକ୍ତି ପାଇବା ପାଇଁ ଟୀକାର ଆବଶ୍ୟକତା ରହିଛି କିନ୍ତୁ ବିଶାଳ ପୃଥିବୀର ବିଶାଳ ଜନସଂଖ୍ୟା ପାଇଁ ଟୀକାଦାନ ସମୟ ସାପେକ୍ଷ ଓ ଅନେକ ଗରିବ ଦେଶ ଟୀକା କ୍ରୟ କରିବା ପାଇଁ ମଧ୍ୟ ଅସମର୍ଥ ।



ନିଗମ କୁମାର ବେହେରା

ଜନସଂଖ୍ୟା ବୃଦ୍ଧି ମନୁଷ୍ୟର ମୃତ୍ୟୁ ଉପରେ ବିଜୟକୁ ସୂଚିତ କରୁଥିବା ବେଳେ ଅନ୍ୟ ଦିଗରେ ଏହା ମଧ୍ୟ ସତ ଆଜିର ଦିନରେ ପ୍ରାୟ ୨୦୦ କୋଟି ଲୋକ ଉପଯୁକ୍ତ ଭୋଜନ ପାଇବା ପାଇଁ ସକ୍ଷମ ନୁହଁନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି ସମଗ୍ର ବିଶ୍ୱର ଜନସଂଖ୍ୟା ୭୮୦ କୋଟିରେ ପହଞ୍ଚିଥିଲା ବେଳେ ୩ ପ୍ରମୁଖ ଜନସଂଖ୍ୟା ବହୁଳ ଦେଶରେ ଚୀନ, ଭାରତ ଓ ଆମେରିକା ରହିଛନ୍ତି । ଆଜି ଚୀନର ଜନସଂଖ୍ୟା ୧୪୦ କୋଟି, ଭାରତର ଜନସଂଖ୍ୟା ୧୩୫ କୋଟି ଏବଂ ଆମେରିକାର ଜନସଂଖ୍ୟା ୩୨ କୋଟିରେ ପହଞ୍ଚିଛି । ୧୮୦୦ ମସିହାରେ ବିଶ୍ୱ ଜନସଂଖ୍ୟା ୧୦୦ କୋଟିରେ ସୀମିତ ରହିଥିଲା ଏବଂ ୧୦୦ କୋଟିରୁ ୨୦୦ କୋଟିରେ ପହଞ୍ଚିବା ପାଇଁ ୧୩୦ ବର୍ଷ ସମୟ ଲାଗିଥିଲା । ଏହାର ପରବର୍ତ୍ତୀ ସମୟରେ ୧୯୬୦ ମସିହାରେ ୩୦୦ କୋଟି, ୧୯୭୪ ମସିହାରେ ୪୦୦ କୋଟି, ୧୯୮୭ ମସିହାରେ ୫୦୦ କୋଟି, ୧୯୯୯ ମସିହାରେ ୬୦୦ କୋଟିରେ ପହଞ୍ଚିଥିଲା ବିଶ୍ୱ ଜନସଂଖ୍ୟା । ବିଶ୍ୱର ପ୍ରାୟ ୫୨ ପ୍ରତିଶତ ଜନସଂଖ୍ୟା ୩୦ ବର୍ଷରୁ କମ ବୟସ୍କ ହୋଇଥିବା ବେଳେ ୯୦ ପ୍ରତିଶତ ଯୁବ ବିକାଶିତ ଦେଶର ନିବାସୀ । ଅର୍ଥାତ ପୂର୍ବ ତୁଳନାରେ ଯୁବ ଜନସଂଖ୍ୟାରେ ବୃଦ୍ଧି ଘଟିଛି କିନ୍ତୁ ଏହାର ସୁବିନିଯୋଗ କରିବାରେ ଅନେକ ଦେଶ ଆଜି ଅସମର୍ଥ । ଆଜି ସମଗ୍ର ବିଶ୍ୱରେ ପ୍ରତି ସେକେଣ୍ଡ ପିଛା ୫ ଜଣ ଶିଶୁ ଜନ୍ମ ନେଉଥିବା ବେଳେ ୨ ଜଣ ବ୍ୟକ୍ତି ମୃତ୍ୟୁବରଣ କରୁଛନ୍ତି । ଜାତିସଂଘର ତଥ୍ୟାନୁସାରେ ବିଶ୍ୱ ଜନସଂଖ୍ୟା ୨୦୬୪ ମସିହାରେ ୯.୭ ଅରବ ଏବଂ ୨୧୦୦ ମସିହା ବେଳକୁ ୧୦.୯ ଅରବରେ ପହଞ୍ଚିବ ।

ଦୁନିଆର ୫ ଜନବହୁଳ ସହର ଦକ୍ଷିଣ ଏସିଆରେ ହିଁ ରହିଛି ଏବଂ ଏଥିରେ ଆମ ଦେଶର ୨ଟି ସହର ସ୍ଥାନିତ । ବାଂଲାଦେଶର ରାଜଧାନୀ ଢାକାରେ ୪୪ ହଜାର ଲୋକ ପ୍ରତି ବର୍ଗ କିମି ଅଞ୍ଚଳରେ ରହୁଥିବା ବେଳେ ପାକିସ୍ତାନର ହାଇଦ୍ରାବାଦ ସହରରେ ୪୧ ହଜାର ଲୋକ ପ୍ରତି ବର୍ଗ କିମି ଅଞ୍ଚଳରେ ରହୁଛନ୍ତି । ସେହିପରି ଭାରତର ବିଜୟୱାଡ଼ା ସହରର ଜନସଂଖ୍ୟା ପ୍ରତି ବର୍ଗ କିମି ପିଛା ୩୧ ହଜାର ଏବଂ ଭାରତର ସ୍ୱପ୍ନର ସହର ତଥା ବାଣିଜ୍ୟ ରାଜଧାନୀ ମୁମ୍ବାଇରେ ପ୍ରତି ବର୍ଗ କିମି ପିଛା ୨୬ ହଜାର ଲୋକ ନିବାସ କରୁଛନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁନିଆର ସହରୀ ଜନସଂଖ୍ୟା ୩୯୦ କୋଟି ହୋଇଥିବା ବେଳେ ଦୁନିଆର ୩୦ ପ୍ରତିଶତ ସହରୀ ଜନସଂଖ୍ୟା ଚୀନ ଓ ଭାରତରେ ବସବାସ କରନ୍ତି । ୧୯୭୫ ମସିହାରେ ବିଶ୍ୱରେ ୩ଟି ମେଗା ସହର ରହିଥିଲା କିନ୍ତୁ ୨୦୧୫ ମସିହା ବେଳକୁ ଏହି ସଂଖ୍ୟା ୩୫ଟି ପହଞ୍ଚିଛି । ଏକ ସର୍ଭେ ଅନୁଯାୟୀ ୨୦୫୦ ବେଳକୁ ବିଶ୍ୱର ୭୦ ପ୍ରତିଶତ ଜନସଂଖ୍ୟା ସହରରେ ବସବାସ କରିବେ ।

ସମଗ୍ର ଦୁନିଆରେ ମୁଣ୍ଡପିଛା ହାରାହାରି ମାସିକ ଆୟ ୯୯ ହଜାର ହୋଇଥିବା ବେଳେ ଦୁନିଆର ପ୍ରାୟ ୧୨୦ କୋଟି ଲୋକ ଏମିତି ମଧ୍ୟ ରହିଛନ୍ତି ଯେଉଁମାନଙ୍କ ଦୈନିକ ଆୟ ୬୭ ଟଙ୍କାରୁ ମଧ୍ୟ କମ । ସେହିପରି ୮୦ କୋଟି ଲୋକଙ୍କ ପ୍ରତିଦିନ ଆୟ ୧୩୦ ଟଙ୍କା ହୋଇଥିବା ବେଳେ ଦୁନିଆର ୬୨ ପ୍ରତିଶତ ଧନୀଙ୍କ ପାଖରେ ଦୁନିଆର ୫୦ ପ୍ରତିଶତ ଗରିବଙ୍କଠାରୁ ଅଧିକ ଧନ ରହିଛି । ପ୍ରତିଦିନ ୩୪ ହଜାର ଲୋକ ରୋଜଗାର ପାଇଁ ନିଜ ଦେଶ ତଥା ରାଜ୍ୟ ତ୍ୟାଗ କରିବାକୁ ବାଧ୍ୟ ହେଉଥିବା ବେଳେ ଜାତିସଂଘର ତଥ୍ୟାନୁସାରେ ବର୍ତ୍ତମାନ ବିଶ୍ୱରେ ପ୍ରାୟ ୨ କୋଟିରୁ ଊର୍ଦ୍ଧ୍ୱ ଶରଣାର୍ଥୀ ରହିଛନ୍ତି ।

ନାରୀ ପ୍ରଗତି ଓ ଶିକ୍ଷା ସମସ୍ତ ଦେଶର ଶାସକ ଦଳର ପ୍ରମୁଖ ନାରା ହୋଇଥିବା ବେଳେ ପ୍ରତିବର୍ଷ ସମଗ୍ର ବିଶ୍ୱରେ ୬ କୋଟି ୨୦ ଲକ୍ଷ ଛାତ୍ରୀ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ସେହିପରି ବିକାଶିତ ଦେଶଗୁଡ଼ିକରେ ଝିଅମାନଙ୍କ ପାଠପଢ଼ା ପଞ୍ଚମ ଶ୍ରେଣୀରେ ବନ୍ଦ ହୋଇଯାଉଥିବା ବେଳେ ଗରିବୀ ଯୋଗୁଁ ଦୈନିକ ୪୭ ହଜାର ଝିଅ ୧୮ ବର୍ଷରୁ କମ ବୟସରେ ବିବାହ କରିବା ପାଇଁ ବାଧ୍ୟ ହେଉଛନ୍ତି । ଦୁନିଆର ପ୍ରାୟ ୬୬ କୋଟି ଲୋକ ମୌଳିକ ସୁବିଧା ତ ଦୂରର କଥା ସ୍ୱଚ୍ଛ ପାନୀୟ ଜଳରୁ ମଧ୍ୟ ବଞ୍ଚିତ । ବିଶ୍ୱର ପ୍ରାୟ ୨୦୦ କୋଟି ଲୋକଙ୍କ ପାଇଁ ଆଜି ବି ଶୌଚାଳୟ ସାତ ସ୍ୱପ୍ନ ହୋଇଥିବା ବେଳେ ସ୍ୱଚ୍ଛ ପାନୀୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଳ ଅଭାବ ଯୋଗୁଁ ପ୍ରତିବର୍ଷ ୧ କୋଟି ୨୦ ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି ।

ଭାରତ ମଧ୍ୟ ଏକ ଜନବହୁଳ ରାଷ୍ଟ୍ର ଓ ଏହା ହିଁ ଭାରତର ପ୍ରଗତିରେ ବାଧକ । ଭାରତର ବିଶାଳ ଜନସଂଖ୍ୟାର ପ୍ରମାଣ ଆମକୁ ଭାରତୀୟ ବଜାର ଓ ଭାରତୀୟ ରେଳରୁ ମିଳିଥାଏ । ଆଜି ଭାରତର ଜନସଂଖ୍ୟା ୧୩୫ କୋଟି ଛୁଇଁଥିବା ବେଳେ ଜାତିସଂଘର ତଥ୍ୟାନୁଯାୟୀ ୨୦୨୨ ମସିହା ବେଳକୁ ଭାରତର ଜନସଂଖ୍ୟା ଚୀନକୁ ଟପିଯିବ । ୧୮୦୦ ମସିହାରେ ମାତ୍ର ୧୭ କୋଟି ଥିବା ଭାରତୀୟ ଜନସଂଖ୍ୟା ୧୯୯୮ ମସିହାରେ ୧୦୦ କୋଟି ଛୁଇଁଥିଲା । ୧୭ କୋଟିରୁ ୧୦୦ କୋଟିରେ ଭାରତୀୟ ଜନସଂଖ୍ୟା ପହଞ୍ଚିବା ପାଇଁ ୧୯୮ ବର୍ଷ ସମୟ ଲାଗିଥିବା ବେଳେ ଗତ ୨୨ ବର୍ଷରେ ଭାରତର ଜନସଂଖ୍ୟାରେ ୩୫ କୋଟିର ଦ୍ରୁତ ଅଭିବୃଦ୍ଧି ଘଟିଛି । ଭାରତର ସମୁଦାୟ ଜନସଂଖ୍ୟାର ୩୫ ପ୍ରତିଶତ ହେଉଛନ୍ତି ୧୦ରୁ ୨୪ ବର୍ଷୀୟ ଯୁବକ ଅର୍ଥାତ ଭାରତ ବିଶ୍ୱର ସର୍ବବୃହତ ଯୁବଶକ୍ତିଯୁକ୍ତ ଦେଶ । ଭାରତର ୫,୫୦୦ ବାଣିଜ୍ୟ କଲେଜର ଏମବିଏ ଛାତ୍ରଛାତ୍ରୀ ମଧ୍ୟରୁ ମାତ୍ର ୭ ପ୍ରତିଶତ ହିଁ ଚାକିରୀ ପାଇବା ପାଇଁ ଯୋଗ୍ୟ; ଏହା ଭାରତର ଦୁର୍ବଳ ଶିକ୍ଷା ବ୍ୟବସ୍ଥାକୁ ଦର୍ଶାଉଛି । ଭାରତର ବର୍ଦ୍ଧିତ ଜନସଂଖ୍ୟା ଏହାର ପରିବହନ ସେବା ଉପରେ ଭାରି ପଡୁଛି, ଏଣୁ ପ୍ରତିଦିନ ବସ ଠାରୁ ଆରମ୍ଭ କରି ଟ୍ରେନ ପର୍ଯ୍ୟନ୍ତ ସବୁଥିରେ ଆବଶ୍ୟକତା ଠାରୁ ଅଧିକ ଯାତ୍ରୀ ଯାତ୍ରା କରିବା ପାଇଁ ବାଧ୍ୟ ହେଉଛନ୍ତି । ଭାରତର ସଡ଼କ ସଂଯୋଗ ସମଗ୍ର ବିଶ୍ୱରେ ଦ୍ୱିତୀୟ ହୋଇଥିଲେ ମଧ୍ୟ ବର୍ଦ୍ଧିତ ଜନସଂଖ୍ୟା ଯୋଗୁଁ ଏହା ଭାରତୀୟଙ୍କ ପାଇଁ କମ ପଡୁଛି । ଭାରତରେ ପ୍ରତି ୧ ହଜାର ଲୋକଙ୍କ ପାଇଁ ୩ କିମି ରାସ୍ତା ଉପଲବ୍ଧ ହୋଇଥିବା ବେଳେ ଆମେରିକାରେ ପ୍ରତି ୧ ହଜାର ଲୋକଙ୍କ ପାଇଁ ୨୧ କିମି ରାସ୍ତା ଉପଲବ୍ଧ । ସେହିପରି ଭାରତର ବେରୋଜଗାର ହାର ବୃଦ୍ଧିର ପ୍ରମୁଖ କାରଣ ମଧ୍ୟ ଏହାର ବର୍ଦ୍ଧିତ ଜନସଂଖ୍ୟା । ଭାରତରେ ବର୍ତ୍ତମାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରୋଜଗାର ବୃଦ୍ଧି ଦର ମାତ୍ର ୩ ପ୍ରତିଶତ ରହିଥିବା ବେଳେ ଏହି ଦରରେ ଆମେ ଆଗକୁ ବଢିଲେ ୨୦୨୫ ମସିହା ବେଳକୁ ଦେଶରେ ମାତ୍ର ୮ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ସେହିପରି ସହରରେ ଜନସଂଖ୍ୟା ଅହେତୁକ ଭାବେ ବୃଦ୍ଧି ଘଟୁଥିବା ବେଳେ ସହରର କ୍ଷେତ୍ରଫଳରେ କୌଣସି ପରିବର୍ତ୍ତନ ଘଟିନାହିଁ । ଲୋକମାନେ ଗୃହ ନିର୍ମାଣ ଓ ସହରୀକରଣ ପାଇଁ ଚାଷ ଜମିକୁ ବ୍ୟବହାର କରୁଛନ୍ତି ଫଳରେ କୃଷି ଉପଯୋଗୀ ଭୂମିର ଅଭାବ ହେଉଛି ଏବଂ ପ୍ରାକୃତିକ ସଂଶାଧନ ପାଇଁ ଖଣିଖନନ ଓ କାରଖାନା ନିର୍ମାଣ ପାଇଁ ସବୁଜିମା ନଷ୍ଟ କରିବା ଫଳରେ ପରିବେଶ ଧ୍ୱଂସ ହେବା ସହ ଜଳବାୟୁ ପରିବର୍ତ୍ତନ ଘଟୁଛି । ଏଣୁ ଅନବରତ ଭାବେ ଲୋକମାନଙ୍କ ଆବଶ୍ୟକତା ପୂରଣ କରି ପୃଥିବୀ ଆଜି ଅଣନିଶ୍ୱାସୀ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ସାମଗ୍ରିକ ଭାବେ କହିବାକୁ ଗଲେ ଜନସଂଖ୍ୟା ବୃଦ୍ଧି ଗରିବୀ ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ପରିବେଶ ଧ୍ୱଂସ ଏବଂ ସାମାଜିକ ଓ ଧାର୍ମିକ ସମସ୍ୟା ବୃଦ୍ଧିର ମୂଳ କାରଣ । ସେହିପରି ଜନସଂଖ୍ୟା ବୃଦ୍ଧି ଲୋକଙ୍କ ମୌଳିକ ସୁବିଧା ଓ ପ୍ରାକୃତିକ ସଂଶାଧନ ମଧ୍ୟରେ ସନ୍ତୁଳନ ବିଗାଡୁଛି ।

ଜନସଂଖ୍ୟା ହ୍ରାସ ପାଇଁ ସରକାରକୁ ଅନେକ ନୀତି ପ୍ରଣୟନ କରିବା ସହ ବ୍ୟାପକ ଜନସଚେତନତା ଉପରେ ଗୁରୁତ୍ୱାରୋପ କରିବାକୁ ହେବ । ଜନସଂଖ୍ୟା ହ୍ରାସ କଥା ମନକୁ ଆସିଲେ ପ୍ରଥମେ ଆମ ମନରେ ଚୀନର "ଏକ ଶିଶୁ" ନୀତି ଆସିଥାଏ କିନ୍ତୁ ବାସ୍ତବରେ ଚୀନର ଏହି ନୀତି ବିଫଳ ହୋଇଥିଲା । ଏଣୁ ଏହି ନୀତି ପ୍ରଣୟନର ଦୀର୍ଘ ୩୦ ବର୍ଷ ପରେ ୨୦୧୫ ମସିହାରେ ଚୀନ ସରକାର ଏହାକୁ ପ୍ରତ୍ୟାହାର କରିଥିଲେ । ଏହି ନୀତି ଲାଗୁ ହେବା ପରେ ଚୀନରେ ଲିଙ୍ଗଗତ ଅସନ୍ତୁଳନ ଦେଖିବାକୁ ମିଳିଥିଲା କାରଣ ଭାରତୀୟଙ୍କ ଭଳି ଚୀନୀଙ୍କ ମଧ୍ୟରେ ମଧ୍ୟ ପୁତ୍ରମୋହ ଅଧିକ । ଚୀନବାସୀଙ୍କ ପୁତ୍ରପ୍ରାପ୍ତି ମୋହ ଯୋଗୁଁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚୀନରେ କନ୍ୟାଭ୍ରୁଣ ହତ୍ୟା ଓ ଗର୍ଭପାତ ସଂଖ୍ୟା ବୃଦ୍ଧି ପାଇଲା ଏବଂ ଅନେକ କନ୍ୟା ସନ୍ତାନଙ୍କୁ ଦୁନିଆ ଆଲୋକ ଦେଖିବା ପୂର୍ବରୁ ହତ୍ୟା କରାଯାଇଥିଲା । ଲିଙ୍ଗଗତ ବ୍ୟବଧାନ ହେତୁ ଚୀନରେ ପୁଅ ତୁଳନାରେ ଝିଅଙ୍କ ସଂଖ୍ୟା ହ୍ରାସ ପାଇଥିଲା ଏଣୁ ଅନେକ ସ୍ଥାନରେ ପୁଅମାନେ ବିବାହ ପାଇଁ ଝିଅଙ୍କୁ ଟଙ୍କା ଦେବା ଭଳି ପରିସ୍ଥିତି ଉପୁଜିଥିଲା । ଲିଙ୍ଗଗତ ବ୍ୟବଧାନ ଅଧିକ ଥିବା ଭାରତରେ "ଏକ ଶିଶୁ" ନୀତି ଲାଗୁ କରିଲେ ଏହି ଲିଙ୍ଗଗତ ବ୍ୟବଧାନ ଆହୁରି ବୃଦ୍ଧି ପାଇବ ଏଣୁ ଏହା ପରିବର୍ତ୍ତେ ଏକାଧିକ ଶିଶୁ ଜନ୍ମ କରୁଥିବା ପରିବାରକୁ ସମସ୍ତ ସରକାରୀ ସୁବିଧାରୁ ବାଦ ଦେବା ଭଳି ନୀତି ଯଦି ସରକାର ପ୍ରଣୟନ କରିବେ ତେବେ ତାହାର ପ୍ରଭାବ ଜନତାଙ୍କ ମଧ୍ୟରେ ପଡ଼ିବ ।

ଭାରତୀୟଙ୍କ ମନରେ ମଧ୍ୟ ପୁତ୍ରପ୍ରାପ୍ତିର ଇଚ୍ଛା ଅଧିକ ଦେଖିବାକୁ ମିଳେ । ହିନ୍ଦୁ ଶାସ୍ତ୍ରାନୁଯାୟୀ ପୁଅ ନିଜ ପିତାମାତାଙ୍କୁ ପୁତ ନାମକ ନର୍କରୁ ମୁକ୍ତି କରିବ ଓ ଗରିବ ଶ୍ରେଣୀର ଲୋକଙ୍କ ଚିନ୍ତାଧାରା ଅନୁସାରେ ପିଲାସଂଖ୍ୟା ଯେତେ ଅଧିକ ହେବ ସେତେ ଅଧିକ ଉପାର୍ଜନ ହେବ । ସେହିପରି ମୁସଲମାନମାନେ ଏକାଧିକ ବିବାହ କରି ଭାରତର ଜନସଂଖ୍ୟା ବୃଦ୍ଧିରେ ପ୍ରମୁଖ ଅଂଶୀଦାର ହେଉଛନ୍ତି । ଆଜିର ଏକବିଂଶ ଶତାବ୍ଦୀରେ ପୁଅଝିଅରେ ଫରକ ଓ ଏକାଧିକ ବିବାହ ଘୃଣ୍ୟ ମାନସିକତାକୁ ଦର୍ଶାଉଛି । ସରକାର ବ୍ୟାପକ ଜନସଚେତନତା ମାଧ୍ୟମରେ ଲୋକମାନଙ୍କ ଏହି ଭ୍ରାନ୍ତଧାରଣାକୁ ଦୂର କରିବାକୁ ହେବ ।

ଜନସଂଖ୍ୟା ହ୍ରାସ ପାଇଁ ବନ୍ଧ୍ୟାକରଣ ମଧ୍ୟ ଏକ ପ୍ରମୁଖ ଅସ୍ତ୍ର । ୧୯୭୬ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଭାରତରେ ଜରୁରୀ ସ୍ଥିତି ଘୋଷଣା କରିଥିଲେ ଏବଂ ତାଙ୍କ ପୁତ୍ର ସଞ୍ଜୟ ଗାନ୍ଧୀଙ୍କ ଆଦେଶରେ ୧୦ ଲକ୍ଷ ପୁରୁଷଙ୍କ ବନ୍ଧ୍ୟାକରଣ କରାଯାଇଥିଲା । ଏହି ବନ୍ଧ୍ୟାକରଣ ଯୋଗୁଁ ଲୋକଙ୍କ ମାନବାଧିକାର କ୍ଷୁର୍ଣ୍ଣ ହୋଇଥିଲା କାରଣ ପ୍ରଜନନ ଓ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବଂଶବୃଦ୍ଧି ପ୍ରତ୍ୟେକ ବ୍ୟକ୍ତିର ମୌଳିକ ଅଧିକାର । କିନ୍ତୁ ଗୋଟିଏ କିମ୍ବା ଦୁଇଟି ଶିଶୁ ପରେ ଲୋକମାନେ ସ୍ୱତପ୍ରବୃତ୍ତ ଭାବେ ଆଗକୁ ଆସି ବନ୍ଧ୍ୟାକରଣ କରିବା ଉଚିତ ଫଳରେ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ସହ ଜନସଂଖ୍ୟା ବୃଦ୍ଧିରେ ରୋକ ଲାଗିପାରିବ । ଆଜି ସରକାରଙ୍କ ଦ୍ୱାରା ଦେଶର ସମସ୍ତ ସରକାରୀ ଡ଼ାକ୍ତରଖାନାରେ ଉଭୟ ପୁରୁଷ ଓ ମହିଳାଙ୍କ ମାଗଣା ବନ୍ଧ୍ୟାକରଣ କାର୍ଯ୍ୟ ସମ୍ପାଦନ କରାଯାଉଥିବା ବେଳେ ପ୍ରଜନନ ରୋକିବା ପାଇଁ ମାଗଣାରେ ନିରୋଧ ବଣ୍ଟନ କରାଯାଉଛି ।

ଏହା ବ୍ୟତୀତ ଶିକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟସେବା ଦ୍ୱାରା ମଧ୍ୟ ଆମେ ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ହୋଇପାରିବା । ଶିକ୍ଷାହାର ବୃଦ୍ଧି ହେଲେ ପ୍ରଜନନହାର ମଧ୍ୟ ହ୍ରାସ ପାଇଥାଏ; ଉଦାହରଣ ସ୍ୱରୂପ କେରଳରେ ଶିକ୍ଷାହାର ୧୦୦ ପ୍ରତିଶତ ଏଣୁ ସେଠାକାର ପ୍ରଜନନ ହାର ମଧ୍ୟ କମ । କିନ୍ତୁ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ରାଜସ୍ଥାନ ଓ ବିହାରରେ ଶିକ୍ଷାହାର ନିମ୍ନ ହେତୁ ପ୍ରଜନନ ହାର ସର୍ବୋଚ୍ଚ ସ୍ତରରେ । ସମଗ୍ର ଉତ୍ତର ଭାରତରେ ପ୍ରଜନନ ହାର ସର୍ବାଧିକ ହୋଇଥିବା ବେଳେ ଦକ୍ଷିଣ ଭାରତରେ ଏହା ସର୍ବନିମ୍ନ । ଏଣୁ ଯେଉଁ ରାଜନୈତିକ ଦଳ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରକୁ ଗୁରୁତ୍ୱ ଦେଉଥିବ ତାକୁ ଜନତା ଭୋଟ ଦେବା ଉଚିତ କାରଣ ଶିକ୍ଷା ହିଁ ପ୍ରଗତି ଓ ଜନସଂଖ୍ୟା ନିୟନ୍ତ୍ରଣର ମୂଳ ଆଧାର । କେରଳ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଦିଲ୍ଲୀ ଓ ତ୍ରିପୁରା ସରକାର ନିଜ ବଜେଟର ସିଂହଭାଗ ଶିକ୍ଷାକ୍ଷେତ୍ରରେ ବିନିଯୋଗ କରୁଥିବା ବେଳେ ପ୍ରତିବର୍ଷ କେନ୍ଦ୍ର ବଜେଟରେ ଶିକ୍ଷାକ୍ଷେତ୍ରରେ ନିବେଶ ହ୍ରାସ ପାଇବାରେ ଲାଗିଛି । ୨୦୧୩ ମସିହାରେ କଂଗ୍ରେସ ସରକାର ଅମଳରେ ଶିକ୍ଷା ବଜେଟ ସମଗ୍ର ବଜେଟର ୪.୫୭ ପ୍ରତିଶତ ରହିଥିଲା କିନ୍ତୁ ୨୦୧୭ ମସିହାରେ ବିଜେପି ସରକାରରେ ଅଧୀନରେ ଏହା ହ୍ରାସ ପାଇ ୩.୭୫ ପ୍ରତିଶତରେ ପହଞ୍ଚିଛି । ପ୍ରତିମୂର୍ତ୍ତି ନିର୍ମାଣ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓ ବିଜ୍ଞାପନରେ କୋଟି କୋଟି ଖର୍ଚ୍ଚ କରିବା ପରିବର୍ତ୍ତେ କେନ୍ଦ୍ର ସରକାରକୁ ଶିକ୍ଷାକ୍ଷେତ୍ରକୁ ଅଗ୍ରାଧିକାର ଦେବା ଉଚିତ । କେନ୍ଦ୍ର ସରକାର ଶିକ୍ଷା ବ୍ୟତୀତ ଖାଦ୍ୟ ସୁରକ୍ଷା, ଜନସ୍ୱାସ୍ଥ୍ୟ, ସୁଗମ ଗମନାଗମନ ପାଇଁ ଭାରି ନିବେଶ କରିବାକୁ ହେବ ଏବଂ ରୋଜଗାର ପାଇଁ ଅଧିକରୁ ଅଧିକ ପୁଞ୍ଜିନିବେଶକୁ ଆକୃଷ୍ଟ କରିବାକୁ ହେବ । ଫଳରେ ଯୁବ ସମାଜର ଜୀବନଯାପନ ଉତ୍କୃଷ୍ଟ ହେବା ସହ ଯୁବଶକ୍ତି ଦେଶ ପ୍ରତି ବୋଝ ହେବା ପରିବର୍ତ୍ତେ ଦେଶର ପ୍ରଗତିରେ ସହଭାଗୀ ହୋଇପାରିବେ ।

ନିଗମ କୁମାର ବେହେରା
ରାମନାଗୁଡ଼ା, ରାୟଗଡ଼ା
୭୦୦୮୯୫୦୩୫୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଓଡ଼ିଆ ସାହିତ୍ୟର ଇତିହାସ



ପୁଷ୍ପଲତା ସାହୁ

ବିରାଟ ପୃଥିବୀରେ ମନୁଷ୍ୟ ଶ୍ରେଷ୍ଠପ୍ରାଣୀ । ମଣିଷର ବାକ ଓ ଜ୍ଞାନ ଶକ୍ତି ଥିବାରୁ ଶ୍ରେଷ୍ଠ ବିବେଚିତ ହୋଇଛି । ଅମୃତର ସନ୍ଧାନୀ ହେଉଛି ମଣିଷ । ଜଞ୍ଜାଳବ୍ୟସ୍ତ ଜୀବନଯାତ୍ରା ମଧ୍ୟରେ ଅମୃତର ସନ୍ଧାନ କରିବାରେ ସାହିତ୍ୟ ହିଁ ଶ୍ରେଷ୍ଠ ଉପାୟ । ସତ୍ୟ ଶିବ ସୁନ୍ଦରର ଆରାଧନା ସାହିତ୍ୟରେ ହୋଇଥାଏ ।

ମନୁଷ୍ୟ ନିଜର ଭାବ ରାଜି, ଚିନ୍ତା, ଚେତନାକୁ ଭାଷାରେ ପ୍ରକାଶ କରେ । ଭାଷାର ସ୍ଥାୟୀତ୍ୱ ନିମିତ୍ତ ଲିପିର ସୃଷ୍ଟି ।

ପୁରାତନ ଯୁଗର ସାହିତ୍ୟ ଠାରୁ ଆଧୁନିକ ସାହିତ୍ୟର ପୁନଃରୁଦ୍ଧାର ସାରସ୍ୱତ ସାଧକମାନଙ୍କ ଦ୍ୱାରା ସମ୍ଭବ ।

ଓଡ଼ିଆ ସାହିତ୍ୟର ଇତିହାସ ଆମ ପାଇଁ ଏକ ମୁଖ୍ୟ ବିଷୟ । ଆମେ ଆମ ଭାଷା ଓଡ଼ିଆକୁ ଭଲ ପାଉ । ଓଡ଼ିଆ ସାହିତ୍ୟକୁ ବିଶ୍ଳେଷଣ କଲେ ଆମେ ତାର ପରିବର୍ତ୍ତନ ଶୈଳୀ ଜାଣିପାରିବା । ଆମେ ଆମ ଭାଷାକୁ ଉନ୍ନତ କରିବାକୁ ପଡିବ । କଥାରେ ଅଛି ---

ଉଚ୍ଚ ହେବା ପାଇଁ
କର ଯେବେ ଆଶା,
ଉଚ୍ଚ କର ଆଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜ ମାତୃଭାଷା !!

ମାତୃଭାଷା ଓ ସାହିତ୍ୟ ଉନ୍ନତ ସେତେବେଳେ ହୁଏ ଯେତେବେଳେ କବି ଲେଖକ ତାଙ୍କର ଭାବନାର ପ୍ରକାଶ ଓଡ଼ିଆରେ କରନ୍ତି ।

ସମାଜ ସହ ତାଳ ଦେଇ ସାହିତ୍ୟର ପରିବର୍ତ୍ତନ ହୁଏ । ସାହିତ୍ୟରେ ଶାରଳା ଦାସ ଯୁଗ, ପଞ୍ଚସଖା ଯୁଗ, ଭଞ୍ଜ ଯୁଗ, ସବୁଜ ଯୁଗ, ଆଧୁନିକ ଯୁଗର ଆବିର୍ଭାବ ହୋଇଛି । ଯାହା ଦ୍ୱାରା ସାହିତ୍ୟର ଉନ୍ନତି ହୋଇଛି । ଓଡ଼ିଆ ଭାଷା ବିଭିନ୍ନ ଜାତୀୟ ଚେତନା, ଭକ୍ତି ଭାବ, ଆମୋଦ ପ୍ରମୋଦ ସହ ଆଦି ସମାଜର ପ୍ରତିଛବିକୁ ସାହିତ୍ୟିକ ଲେଖନୀ ମୁନରେ ପରିପ୍ରକାଶ କରିଥାଏ । ଓଡ଼ିଆ ଭାଷାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି !

୧. କଥିତ ଭାଷା

୨. ଲିଖିତ ଭାଷା

ମନର ଭାଷାକୁ ଅଙ୍ଗଭଙ୍ଗୀ, ତାଳ, ସ୍ୱର ମାଧ୍ୟମରେ ପ୍ରକାଶ କରିବା ଦ୍ୱାରା କଥିତ ସାହିତ୍ୟର ସୃଷ୍ଟି ହେଲା । ଆଦିମ କାଳରୁ କଥିତ ସାହିତ୍ୟ ଚଳି ଆସିଛି । ଶୀଘ୍ର ମନେ ରହିବା ସହିତ ଲୋକଙ୍କ ମନରେ ଗଭୀର ଭାବରେ ପ୍ରଭାବ ପକାଉଥିଲା ।

ପାଲା, ଦାସକାଠିଆ, ନାଟକ, ଢଗ, ରୂଢ଼ି, ଆଦିର ପ୍ରୟୋଗ କରି ମଣିଷ ମନର ଭାବ ପ୍ରକାଶ କରୁଥିଲା । ସେତେବେଳେ ତାହା କଥିତ ଭାଷା ଭାବେ ପରିଗଣିତ ହେଲା !

କାଳକ୍ରମେ ଲିଖିତ ସାହିତ୍ୟର ସୃଷ୍ଟି ହେଲା । ବିଭିନ୍ନ ପୁସ୍ତକ ଦ୍ୱାରା ସମାଜର ବିଭିନ୍ନ କ୍ରିୟାକୁ ସାହିତ୍ୟରେ ଯୋଡି ଦିଆଗଲା । ପୁସ୍ତକ ପଠନ କରି ସାହିତ୍ୟର ସ୍ୱରୂପ ଜାଣିବାରେ ମଣିଷ ପ୍ରୟାସ କଲା ।

ପାଞ୍ଚ ଯୁଗରେ ବିଭିନ୍ନ ବିଷୟରେ ଅବଗତ ହୋଇ ଓଡ଼ିଆ ସାହିତ୍ୟର ଅଗ୍ରଗତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଛି । ପ୍ରକୃତରେ କହିବାକୁ ଗଲେ ଓଡ଼ିଆ ସାହିତ୍ୟର ଇତିହାସ ଏକ ପ୍ରବାହମାନ ନଦୀ ସଦୃଶ । ପୁରାତନ ସାହିତ୍ୟରୁ ଅତ୍ୟାଧୁନିକ ସାହିତ୍ୟର ସୃଷ୍ଟି । ସମୟର ପ୍ରବାହରେ ସମାଜ ସହ ତାଳ ଦେଇ ସାହିତ୍ୟ ଆଗେଇ ଚାଲିଛି । ଆଉ ସାହିତ୍ୟକୁ ଉନ୍ନତର ପାଦ ଦେଶରେ ପହଂଚାଇବା ପାଇଁ ଯେଉଁ ମାନଙ୍କର ଅବଦାନ ରହିଛି ସେମାନଙ୍କୁ ଆମେ କେବେ ଭୁଲି ପରିବା ନାହିଁ ।

ଆମ ଐତିହ୍ୟ ସଂସ୍କୃତି ପରମ୍ପରା ଆଦିକୁ ପାଥେୟ କରି, ଆଧୁନିକତାକୁ ଆଧାର କରି ଆମକୁ ଆଗେଇବାକୁ ପଡିବ । ଓଡ଼ିଆ ସାହିତ୍ୟର ଇତିହାସ ଆମକୁ ସବୁବେଳେ ମନେ ପକାଇ ଦେବ ଆମ ଭାଷା, ଆମ କଥା, ଆମ ସଂସ୍କୃତି ।

ଆମେ ଓଡ଼ିଆ, ଆମ ଭାଷା ଓଡ଼ିଆ

ସାରା ରାଇଜରେ ଆମେ ବଢିଆ

ଆମ ଭାଷା ଓଡ଼ିଆ

ଆମ ଭାଷା ଓଡ଼ିଆ !!

ଶିକ୍ଷୟତ୍ରୀ, ଜଗତସିଂହପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମୟର ଖେଳ



ପ୍ରଜ୍ଞାଭାରତୀ ପାଣି

ବାସ୍ତବରେ ସମୟ ଏକ ହେଲେ ମଧ୍ୟ ଏହାର ସ୍ୱରୂପ ବ୍ୟକ୍ତି ବିଶେଷରେ ଅଲଗା ହେଇଥାଏ । କାହା ପାଇଁ ସମୟ ଗୋଲାପର ପାଖୁଡ଼ା ପରି ତ ପୁଣି କାହା ପାଇଁ ସମୟ ସେହି ଗୋଲାପର କଣ୍ଟା ପରି । ପରିସ୍ଥିତି ଗୋଟିଏ ହେଲେ ବି ସମୟର ପ୍ରଭାବ ଯୋଗୁଁ ପରିସ୍ଥିତିର ଫଳ ଅଲଗା ହେଇଥାଏ । ଉଦାହରଣ ସ୍ୱରୂପ ବନ୍ୟାଯୋଗୁଁ ନିଶ୍ଚିତ ରୂପେ ଉପକୂଳବର୍ତ୍ତୀ ଅଞ୍ଚଳରେ ଅନେକ କ୍ଷତି ହୁଏ କିନ୍ତୁ ପୁଣି ବନ୍ୟା ଦ୍ୱାରା ଯେଉଁ ପଟୁମାଟି ଜମିରେ ପଡେ, ସେଥିପାଇଁ ଚାଷ ମଧ୍ୟ ଭଲ ହେଇଥାଏ । ଅନ୍ୟ ଏକ ଉଦାହରଣ ଭାବେ ଆମେ ଏହି ଶୀତ ଦିନର ପରିବେଶ ମଧ୍ୟ ନେଇ ପାରିବା । ଗୋଟିଏ ଧନୀ ଲୋକ ଘରେ ଅର୍ଥାତ୍ ଶୀତବସ୍ତ୍ର ଥିବା ଲୋକ ପାଇଁ ଶୀତଦିନ କୌଣସି ପ୍ରଭାବ ପକାଇ ପାରୁ ନଥିବା ବେଳେ ସେହି ଶୀତଦିନ ଗୋଟିଏ ଗରିବ ଲୋକ ପାଇଁ ଯନ୍ତ୍ରଣାର କାରଣ ସାଜିଥାଏ । ସମୟ ପ୍ରଭାବରେ ଧନୀ ବି ଗରିବ ହେଇଯାଏ ପୁଣି ଗରିବ ବି ଧନୀ ହେବା କିଛି ଅସମ୍ଭବ ନୁହଁ । ଶୁଣାଯାଏ ସମୟ ଠିକ୍ ଥିଲେ ଅସମ୍ଭବ ବି ସହଜ ଲାଗେ ତ ପୁଣି ସମୟ ଖରାପ ଥିଲେ ସହଜ ମଧ୍ୟ ଅସମ୍ଭବ ଲାଗେ । କିନ୍ତୁ ବୋଧହୁଏ ସମୟ କର୍ମ ଫଳର ହିଁ ଅନ୍ୟ ନାମ । ସମୟ କାହାର ନୁହଁ । କିନ୍ତୁ ଉଦ୍ୟୋଗୀ ବ୍ୟକ୍ତି ପାଇଁ ସମୟକୁ ନିଜର କରିବା କିଛି ଅସମ୍ଭବ କଥା ନୁହଁ । ବେଳେବେଳେ ଦେଖାଯାଏ ଅସଫଳ ବ୍ୟକ୍ତି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସମୟକୁ ହିଁ ଦୋଷ ଦେଇଥାଏ । କିନ୍ତୁ ପ୍ରକୃତରେ ଉପଯୁକ୍ତ ଭାବରେ କଠୋର ପରିଶ୍ରମ ତଥା ସମୟର ସଦୁପଯୋଗ କରୁଥିବା ବ୍ୟକ୍ତି ପାଇଁ ସମୟ ଆଶୀର୍ବାଦ ହୋଇ ଆସିଥାଏ । ଆମେ ସମୟର ରକ୍ଷା କରିଲେ ସମୟ ନିଶ୍ଚିତ ଭାବରେ ଆମର ରକ୍ଷା କରିବ । ବେଳେ ବେଳେ ସମୟ କ୍ରୁର ରୂପ ଧାରଣ କରେ, କିନ୍ତୁ ଏଇଥିରେ ଆମେ ଆଦୌ ବିଚଳିତ ହେବା ଉଚିତ୍ ନୁହଁ । ଆମକୁ ଏଥିରେ ଆମ ପୂର୍ବ କର୍ମର ଫଳକୁ ଚିନ୍ତା କରି ବର୍ତ୍ତମାନର କର୍ମକୁ ସଜାଡି ନେବାକୁ ପଡ଼ିବ । ଏବଂ ଆମକୁ ସବୁ ଖରାପ ଭିତରେ ଭଲ, ଅସମ୍ଭବ ଭିତରେ ସମ୍ଭବ ଓ ଦୁଃଖ ଭିତରେ ସୁଖର ନ୍ୟୁନତମ ପ୍ରତିଶତର ଆଶାକୁ ଖୋଜିବାକୁ ପଡ଼ିବ । ସମୟ ଚଞ୍ଚଳା । ଗୀତାରେ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ପଚାରିଥିଲେ ପାର୍ଥ ଏମିତି ଏକ ଉକ୍ତି କୁହନ୍ତୁ ଯାହାକୁ ଦେଖି ସୁଖୀ ବ୍ୟକ୍ତି ଦୁଃଖୀ ହୋଇଯିବ ଏବଂ ଦୁଃଖୀ ବ୍ୟକ୍ତି ଦେଖିଲେ ଖୁସି ହୋଇଯିବ, ଶ୍ରୀକୃଷ୍ଣ କହିଲେ, "ଏ ସମୟ ଚାଲିଯିବ ।" ନିଶ୍ଚିତ ଭାବରେ ଏହାକୁ ଶୁଣିବା ପରେ ଦୁଃଖୀ ଲୋକଟିଏ ଆଶ୍ୱସ୍ତି ଅନୁଭବ କରିବ ପୁଣି ସୁଖୀଲୋକଟିଏ କେଉଁ ପ୍ରକାରର ଦୁଃଖ ପାଇବା ଚିନ୍ତାରେ ପଡ଼ିବ । କିନ୍ତୁ ଦିନ ପରେ ରାତି, ଜନ୍ମ ପରେ ମୃତ୍ୟୁ ଏ ତ ପ୍ରକୃତିର ନିୟମ । ଏସବୁ ନିୟମ ଠାରୁ ତ ସ୍ୱୟଂ ଭଗବାନ ମଧ୍ୟ ଉର୍ଦ୍ଧ୍ୱକୁ ଉଠି ପାରିନାହାନ୍ତି । ଶ୍ରୀକୃଷ୍ଣଙ୍କ ପରି ଯୋଗୀ ପୁରୁଷଙ୍କୁ ବଂଶରେ ପାଇ ମଧ୍ୟ ଯଦୁବଂଶ ଦିନେ ପତନର ଶିକାର ହେଇଛି । ପ୍ରକୃତିର ନିୟମ ଅନୁସାରେ ତଥା ଆମକୁ ଅଗୋଚର ଆମ ଗତକର୍ମର ଫଳ ସମୟ ଆମକୁ କିପରି ଦେବ ଏହା କେବଳ ସମୟକୁ ହିଁ ଜଣା । ଆମ ହାତରେ କେବଳ ବର୍ତ୍ତମାନର କର୍ମ କରିବାର ସମୟ ଅଛି । ତେଣୁ ସମୟର ଖେଳରେ ସେ ହି ବିଜେତା ହେବାର ଯୋଗ୍ୟ ଯିଏ ସମୟର ସଦୁପଯୋଗ କରି, ନିଜର କର୍ମକୁ ଈଶ୍ୱର ପ୍ରଦର୍ଶିତ ମାର୍ଗରେ ଚଲାଇ, କର୍ମ ଫଳକୁ ସମୟ ଠାରୁ ବି ବଳବାନ୍ ଈଶ୍ୱରଙ୍କ ହାତରେ ଛାଡ଼ିଥାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନେତାଜୀଙ୍କ ଫାଇଭ୍ ଡି

ଡି ଫର ଡଷ୍ଟର, ଡି ଫର ଡଗ୍, ଡଙ୍କି, ଡଲ, ଡ୍ୟାମ, ...... ଇତ୍ୟାଦି କେତେ କଣ ଇଂରାଜୀ ଶବ୍ଦ ଆଉ ସେଗୁଡିକର ଅର୍ଥ ସାଧାରଣତଃ ପ୍ରି - ପ୍ରାଇମେରୀ ପିଲାମାନଙ୍କ ଠାରୁ ଆରମ୍ଭ କରି ବଡ ମାନଙ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ଜାଣିଛନ୍ତି ମାତ୍ର ନେତାଜୀଙ୍କ ଫାଇଭ୍ ଡି ବିଷୟରେ ସମସ୍ତେ ଅବଗତ ଥିବେ କି ନାହିଁ ଜାଣିନି । ତଥାପି ଯେଉଁ ପାଞ୍ଚଟି ଡି'ର ଶବ୍ଦ ସମୂହ ଓ ସେଗୁଡିକର ଅର୍ଥ ସବୁକୁ ଜୀବନରେ ମର୍ମେ ମର୍ମେ ବୁଝି ନିଜର ମହାନ ଦେଶପ୍ରେମ ବଳରେ ନେତାଜୀ ମହାନ ବୀର ହୋଇପାରିଥିଲେ । ଆମ ରାଜ୍ୟ ଓଡିଶାର କଟକ ଓଡିଆ ବଜାରରେ ଜନ୍ମିତ ନେତାଜୀ ଖାଲି ଆମ ରାଜ୍ୟରେ ନୁହେଁ ଆମ ଦେଶରେ ନୁହେଁ ଇଂରେଜ ଶାସନ ସମୟରେ ସାରା ବିଶ୍ୱରେ ଚହଳ ପକାଇ ଦେଇଥିଲେ । ଦିଲ୍ଲୀ ଚଲୋ ଡାକରା ଦେଇଥିଲେ, ଆଜାଦ୍ ହିନ୍ଦ ଫୌଜ ଗଢିଥିଲେ, ତମେ ମୋତେ ରକ୍ତ ଦିଅ ମୁଁ ତମକୁ ସ୍ୱାଧୀନତା ଦେବି ବୋଲି ବୀରବାଣୀ ଶୁଣାଇଥିଲେ ଏମିତି କେତେ କଣ ତାଙ୍କ ବୀରତ୍ୱର କାହାଣୀ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ।



ଅଭିମନ୍ୟୁ ବେହେରା

ମଣିଷର କର୍ମ ମଣିଷକୁ ବଡ କରି ଗଡିତୋଳେ ବୋଲି ସମସ୍ତେ ଜାଣିଛନ୍ତି । ସେଇ କର୍ମ ମଣିଷକୁ ମହାନ କରି ସାଧାରଣରୁ ଅସାଧାରଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

କରିଥାଏ ମଧ୍ୟ । ସେଇ ଅସାଧାରଣ ବୀର ବ୍ୟକ୍ତିତ୍ୱ ନେତାଜୀଙ୍କ ଜୀବନକାହାଣୀ ପଛରେ ଫାଇଭ୍ ଡ୍'ର ମହତ୍ୱ ବହୁତ ଅଛି ଯାହାକୁ ସେ ଆନ୍ତରିକତା ସହ ବୁଝିଥିଲେ ଆଉ ଜୀବନର ପ୍ରତ୍ୟେକ କାର୍ଯ୍ୟକଳାପରେ ସେସବୁକୁ ପ୍ରୟୋଗ କରିଥିଲେ । ସେଗୁଡିକ ହେଉଛି - ଡି ଫର ଡିଉଟି, ଡିସିପ୍ଲିନ୍, ଡିଭୋସନ୍, ଡିଟରମିନେସନ୍, ଡିସକ୍ରିମନେସନ ଅର୍ଥାତ୍ କର୍ତ୍ତବ୍ୟ, ଶୃଙ୍ଖଳା, ଭକ୍ତି, ଦୃଢସିଦ୍ଧାନ୍ତ ଆଉ ପକ୍ଷପାତିତା ।

ମହାଭାରତକୁ ଅନୁଧ୍ୟାନ କଲେ ଉକ୍ତ ପାଞ୍ଚଟି ଗୁଣ ବୋଧହୁଏ ପଞ୍ଚୁପାଣ୍ଡବଙ୍କ ବ୍ୟକ୍ତିତ୍ୱ ନିକଟରେ ଭରପୁର ଥିଲା । ପ୍ରତ୍ୟକ ପାଣ୍ଡବଙ୍କ ପାଖରେ ଏହି ଗୁଣ ଗୁଡିକ ପରିଲକ୍ଷିତ ହେଉଥିବା ବେଳେ ପକ୍ଷପାତିତା ନଥିବା ବିଶେଷ ଗୁଣ ଧର୍ମରାଜ ଯୁଧିଷ୍ଠିରଙ୍କ ପାଖରେ ଦେଖା ଯାଉଥିଲା । ଅନ୍ୟାୟ କ୍ଷେତ୍ରରେ ସେ ନିଜର ଆତ୍ମୀୟ ହୁଅନ୍ତୁ କି ଅନ୍ୟ କେହି ହୁଅନ୍ତୁ କାହାରି ପ୍ରତି ପକ୍ଷପାତିତା ନୀତି ଅବଲମ୍ବନ କରୁ ନଥିଲେ । ସେହିପରି ଦୃଢ ସିଦ୍ଧାନ୍ତରେ ଭୀମ, ଅର୍ଜୁନଙ୍କ ସମକକ୍ଷ ବୀର ମହାଭାରତରେ ବିରଳ ଥିଲେ । ତତ୍ ସହିତ କର୍ତ୍ତବ୍ୟ, ଶୃଙ୍ଖଳା, ଭକ୍ତି, ଭାବନା ଅନ୍ୟ ପାଣ୍ଡବ ମାନଙ୍କ ସମେତ ପ୍ରାୟ ସମସ୍ତଙ୍କ ପାଖରେ ଦେଖା ଯାଉଥିଲା । ଏହି ପାଞ୍ଚଟି ଗୁଣ ଯୋଗୁ ହୁଏତ ମହାଭାରତରେ ଅନ୍ୟାୟୀ କୌରବଙ୍କ ବିରୁଦ୍ଧରେ ପାଣ୍ଡବଙ୍କ ଜୟଲାଭ ସୁନିଶ୍ଚିତ ହୋଇଥିଲା । ଉକ୍ତ ଦୃଷ୍ଟିକୋଣରୁ ବିଚାର କଲେ ଅଜେୟ ଅମର ନେତାଜୀଙ୍କ ପାଖରେ ପଞ୍ଚୁପାଣ୍ଡବଙ୍କର ସମସ୍ତ ଗୁଣ ଭରପୁର ଥିଲା । ତା ହୋଇ ନଥିଲେ ଅନ୍ୟାୟୀ ଅଧର୍ମୀ ବର୍ବର ବ୍ରିଟିଶ ଜାତି କବଳରୁ ପରାଧିନ ଦେଶମାତୃକାକୁ କଣ ଉଦ୍ଧାର କରି ପାରିଥାନ୍ତେ ! ସ୍ୱଦେଶ ପ୍ରତି ତାଙ୍କର ସର୍ବଦା ଭକ୍ତି ରହିଛି, ନା ସେ କେବେ ଦେଶ ପ୍ରତି କର୍ତ୍ତବ୍ୟରେ କେବେ ଅବହେଳା କରିଛନ୍ତି, ଦୃଢ ସିଦ୍ଧାନ୍ତରେ ଉପନୀତ ହୋଇ ନିଜକୁ ଦୃଢ କରିବା ସହିତ ଦେଶବାସୀଙ୍କୁ ଦୃଢ ରହିବା ପାଇଁ ଆହ୍ୱାନ ଦେଇଛନ୍ତି । ପ୍ରତ୍ୟେକ କାର୍ଯ୍ୟରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୃଙ୍ଖଳା ତାଙ୍କ ଜୀବନର ଚୀର ସହଚର ଥିଲା ଆଉ ରହିଲା ପକ୍ଷପାତିତା, ଦେଶର ଇଂରେଜ ବୀରୋଧୀ ଆନ୍ଦୋଳନ ବେଳେ ବିଭିନ୍ନ ନେତୃବୃନ୍ଦଙ୍କ ଭିନ୍ନ ଭିନ୍ନ ଆହ୍ୱାନକୁ ସେ ସମ୍ମାନ ଦେଇଛନ୍ତି କିନ୍ତୁ କେବେ କୌଣସି ପ୍ରତି ପକ୍ଷପାତିତା ନୀତି ଅବଲମ୍ବନ କରି ନାହାନ୍ତି ବରଂ ତାର ଘୋର ବିରୋଧ କରିଛନ୍ତି । ସେ ପଞ୍ଚୁପାଣ୍ଡବ ହୁଅନ୍ତୁ କି ନେତାଜୀ ହୁଅନ୍ତୁ ଆଜିର ସମାଜରେ ଆଜିର ଜୀବନ ମହାଭାରତ ଯୁଦ୍ଧରେ ଜିତିବାକୁ ହେଲେ, ସମାଜରେ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ହେଲେ ନେତାଜୀଙ୍କ ଫାଇଭ୍ ଡି କୁ ବିଝିବାର ଯଥେଷ୍ଟ ଆବଶ୍ୟକତା ଅଛି । ଖାଲି ଶାରୀରିକ ବଳ ଶକ୍ତି କ୍ଷମତା ଥିଲେ ହେବନି ବରଂ ନିଜ ଭିତର ନୈତିକ ସାହାସ ବଢାଇବାକୁ ହେଲେ ଆମେ ଫାଇଭ୍ ଡି କୁ ଠିକ୍ ଭାବରେ ବୁଝିବା ଆଉ ସେ ସବୁକୁ ଦୈନନ୍ଦିନ ଜୀବନରେ ଉପଯୋଗ କରିବା ବିଧେୟ । ତେବେ ତାଙ୍କପ୍ରତି ଥିବା ସମ୍ମାନ ଭଲପାଇବା ଠିକ୍ ରୂପେ ପରିପ୍ରକାଶ ହୋଇ ପାରିବ ଓ ଚୀନ୍, ପାକିସ୍ତାନ ପରି ସୀମା ସେ ପାରିର ବର୍ବରତା ସମୟରେ ତାଙ୍କ ନୀତିକୁ ଧେୟ କରି ଶତ୍ରୁ ଦମନ କରିବାରେ ଦେଶ ସକ୍ଷମ ହୋଇ ପାରିବ ଯେମିତି ଭିନ୍ନ ଏକ ଆଜାଦ୍ ହୀନ୍ଦ ଫୌଜ ଗଠନର ମନ ନେଇ ଦିଲ୍ଲୀ ଚଲୋର ହୃଦୟ ନେଇ ......... ।

ଅଧ୍ୟକ୍ଷ – ମାଇଁ ପ୍ଲାନେଟ୍ ପବ୍ଲିକ୍ ସ୍କୁଲ
ସ୍ୱାମପାଟଣା,କେନ୍ଦୁଝର
ମୋ - ୯୯୩୮୧୭୦୭୯

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଭ୍ରମ ଧାରଣା

ସେଦିନ ମୂଳା ଅଷ୍ଟମୀ । ପଶ୍ଚିମ ଓଡିଶାରେ ମା'ମାନେ କରନ୍ତି ନିର୍ଜଳା ଉପବାସ । କାହିଁକି ନା ପୁଅଝିଅଙ୍କ ଶୁଭମନାସି ସେମାନେ କରନ୍ତି ପୁଅ ଜୀଉନ୍ତିଆ ଓଷା । ଜଣେ ଆଗନ୍ତୁକ ଆସି ଦେଖିଲେ, ମା'ମାନେ ରାତିରେ ଓଷା ସ୍ଥଳରେ ନାନା ବିଧିରେ ପୂଜା କରିସାରି ଶେଷକୁ ଚାଉଳ ପକାନ୍ତି ଠାକୁରଙ୍କ ଉପରେ । ଜଣ ଜଣ କରି ଅମୁକର ପୁଅଟିଏ ହଉ ବୋଲି ହୁଳହୁଳି ପକେଇ ଚାଉଳ ବନ୍ଦାନ୍ତି, ହେଲେ କେହି ଜଣେ ବି କହୁ ନଥାନ୍ତି ଯେ ଅମୁକ ସମୁକ ଘରେ ଝିଅଟିଏ ହଉ । କି ବିଡମ୍ବନା ସତେ ! !

ସମାଜରେ ଧନୀ ଗରିବ ଶିକ୍ଷିତ ଅଶିକ୍ଷିତ ସମସ୍ତେ ଚାହାଁନ୍ତି ପୁଅ । ଗୁଡି ଗମ୍ଭୀରା ଯାଇ ମାନସିକ ରଖନ୍ତି ପୁଅ ହେଲେ ଭୋଗ ବଢ଼େଇବେ ଛତ୍ର ଦେବେ, ପାଟ ଦେବେ ଘଣ୍ଟି ଘଣ୍ଟ ଅଳଙ୍କାର ଆଦି ଠାକୁରଙ୍କୁ ଦେବେ । ହେଲେ, ଝିଅପାଇଁ ମାନସିକ ରଖିବା କାହିଁ ଜାଣିନି ଏପର୍ଯ୍ୟନ୍ତ । ଯଦିପୁଅ ଜନ୍ମନେଲା ତ ଘରେ କେତେ ଆନନ୍ଦ ଉତ୍ସବ, ମିଠା ପିଠାରେ ଭସେଇ ଦେବେ ଖୁସି ମନରେ । ଆଉ ଝିଅଟେ ହେଲା ତ ମନମାରି ଲୋକ ଦେଖାଣିଆ ଖୁସି । ଲାଗେ, ଯେମିତି ହିମାଳୟ ଆସି ମୁଣ୍ଡ ଉପରେ ଲଦି ହେଇଗଲା । କେତେ ଏମିତି ଲୋକ ଅଛନ୍ତି ସେମାନେ ତିନି ଝିଅ ହେଲା ପରେ ବି ପୁଅଟେ ପାଇଁ ବାଟ ଦେଖନ୍ତି । ସତେ ଯେମିତି ପୁଅଟେ ନହେଲେ ବେଦ ପୋଥି ଅଶୁଦ୍ଧ ହେଇଯାଉଛି । ବଂଶ ପିତୃଲୋକଙ୍କୁ ମୁକ୍ତି ମିଳେନି । ଲୋକଙ୍କ ଏ ଭବନା ଝିଅଙ୍କୁ ହୀନ ଦେଖିବା ମୂଳ କାରଣ ।



ସତ୍ୟନାରାୟଣ ମିଶ୍ର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କନ୍ୟାଭ୍ରୂଣ ହତ୍ୟା, ଗର୍ଭନଷ୍ଟ ଭଳି ଅମାନୁଷିକ କାର୍ଯ୍ୟ ବି କରିବାକୁ ପଛନ୍ତି ନାହିଁ କେତେକ । ମନର ଭ୍ରମକୁ ଦୂର କରି ଥରେ ଭାବି ଦେଖିଲେ, ପୁଅ ଆଉ ଝିଅ କଣ ସମାନ ନୁହନ୍ତି କି ?

ଆଜିକାଲି ଝିଅମାନେ ପୁଅଙ୍କ ଠାରୁ କେଉଁ କାମରେ କମ ? ସେମାନେ ଜଳ ସ୍ଥଳ ଆକାଶ ସବୁ କ୍ଷେତ୍ରରେ ପୁଅଙ୍କ ଭଳି କାର୍ଯ୍ୟଦକ୍ଷତା ପ୍ରତିପାଦନ କରୁଛନ୍ତି । ଡାକ୍ତର ଇଂଜନିୟର, ପୋଲିସ, ସୈନ୍ୟ, ପାଇଲଟ୍, ଭଳି ଅନେକ ପଦପଦବୀରେ ଅବସ୍ଥାପିତା ଏମାନେ । ଅନେକ ଦୁଃସାହସିକ କାମରେ ପୁଅଙ୍କ ଠାରୁ ବି ଆଗୁଆ ଏମାନେ । କଳା ସଙ୍ଗୀତ ନୃତ୍ୟ ଗୀତରେ ଦେଶ ପାଇଁ ସୁନାମ ଆଣିଛନ୍ତି ଅନେକ ମହିଳା । କ୍ରୀଡା କ୍ଷେତ୍ରରେ ବି କଣ କମ୍ କି ? ଜନନୀ ଭଗିନୀ ଜାୟା ଦୁହିତା ଚାରି ରୂପରେ ନାରୀ ।

ଯଦି ସଂସାରରେ କେବଳ ପୁଅ ସଂଖ୍ୟା ବଢିବ ଝିଅ ସଂଖ୍ୟା କମିବ ସୃଷ୍ଟିର ନିୟମ ଭଙ୍ଗୁର ହେବା ସ୍ୱାଭାବିକ । କଥାରେ ଅଛି, "ଯେତେ ଭାଇ ସେତେ ଘର, ଯେତେ କନିଆଁକୁ ସେତେ ବର ।" କନିଆଁ ଯଦି ନାହିଁ ତ ବର ବର୍ବାଦ୍ ହେବା ନିଶ୍ଚିତ । ଗୀତାରେ ଭଗବାନ କହିଛନ୍ତି, "ବର୍ତ୍ତମାନ ଯଦି ସଂସାର ପୁରୁଷ ଶୂନ୍ୟହୁଏ ତେବେ ବି ସୃଷ୍ଟି ବଞ୍ଚିବ, କିନ୍ତୁ ନାରୀ ଶୂନ୍ୟ ସୃଷ୍ଟି ଅସମ୍ଭବ ।" ତେବେ ସେସବୁ କଥା ଛାଡି ଏବେ ସମୟ ଆସିଛି ଦମ୍ପତିଙ୍କ ମାନସିକ ସ୍ତରରେ ପ୍ରସ୍ତୁତି । ପୁଅ ହେଉ କି ଝିଅ ମାତ୍ର ଦୁଇରେ ସୀମିତ କରିବା । ଏମାନଙ୍କୁ ଉତ୍ତମ ଶିକ୍ଷାଦୀକ୍ଷା ଦେଇ ଜଣେ ସୁନାଗରିକ ଭାବେ ଗଢିବା । ଅଯଥା ପୁଅ ପୁଅ ବୋଲି ଅପେକ୍ଷା କରି ମାନସିକ ଅବସ୍ଥା ଦୁର୍ବଳ କରିବା କାହିଁକି ? ଯିଏ ଯାହା କହୁ ଆମେ କହିବା ଏଇ ଝିଅ ହିଁ ଆମ ପୁଅ । ଇଏ ଆମର ସବୁକିଛି ।

ଆମ ଦୃଷ୍ଟିରେ ପୁଅ ଝିଅ ସମାନ୍ ।କେବଳ ଲୋଡ଼ା ୟା ପ୍ରତି ଈଶ୍ୱରଙ୍କ ଆଶୀର୍ବାଦ । ଚିର ସବୁଜ ନିରାମୟ ଜୀବନ ବଞ୍ଚନ୍ତୁ ଏମାନେ । ଏମାନେ ଆମ ପାଇଁ ହୀରା ମୋତି । ଆମ ଆଖିର ଜ୍ୟୋତି ।

ସିଂଧେକେଲା ବଲାଙ୍ଗୀର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ମାର୍ଚ୍ଚ ୨୦୨୧

ଲେଖା ପଠାଇବାର ଶେଷ ତାରିଖ : ୩ ମାର୍ଚ୍ଚ ୨୦୨୧

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ । ଆଜିକାଲି ମୋବାଇଲ୍‌ରେ ମଧ୍ୟ ସହଜରେ ଓଡ଼ିଆରେ ଟାଇପ୍ କରିବା ସମ୍ଭବ ହେଲାଣି, ଚେଷ୍ଟା କରିଦେଖନ୍ତୁ ।

ହ୍ୱାଟ୍‌ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।




ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି କେବଳ Microsoft Word File ରେ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan